


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-348 ◆TUESDAY ◆16 JUNE 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୩୪୮ ◆ମଙ୍ଗଳବାର ◆୧୬ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ବୁଝାମଣା ଚୂଡ଼ାନ୍ତ

# ଖୋଲିଲା ହର୍ମୁଜ

### ୧୪ଟି ପ୍ରସଙ୍ଗ ଉପରେ ସହମତ ହେଲେ ଆମେରିକା-ଇରାନ

■ ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି): ସାମରିକ ସଂଘର୍ଷ ବନ୍ଦ କରିବା ଲାଗି ଶେଷରେ ରାଜି ହୋଇଛନ୍ତି ଇରାନ ଏବଂ ଆମେରିକା। ଦୀର୍ଘ ଦିନ ଧରି ଚାଲିଥିବା ଆଲୋଚନା ପରେ ସେମାନେ ସହମତ ହୋଇଥିବା ସୂଚନା ଦେଇଛନ୍ତି। ଆସନ୍ତା ଶୁକ୍ରବାର ଦିନ ଜେନେଭାରେ ଏହି ଚୁକ୍ତି ସ୍ୱାକ୍ଷରିତ ହେବ। ଏହାସହିତ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଘୋଷଣା କରିଛନ୍ତି ଯେ ବୁଝାମଣା ଚୂଡ଼ାନ୍ତ ହୋଇଥିବାରୁ ହର୍ମୁଜ ସମୁଦ୍ର ପଥକୁ ସମସ୍ତ ଜାହାଜ ପାଇଁ ଖୋଲି ଦିଆଯାଇଛି। ସେଠାରେ ଆଉ କୌଣସି ଅବରୋଧ ନାହିଁ। ଉଭୟ ଇରାନ ଏବଂ ଆମେରିକା ହର୍ମୁଜକୁ ସଂପୂର୍ଣ୍ଣ ରୂପେ

### ୧୯ରେ ଜେନେଭାରେ ହେବ ଚୁକ୍ତି ସମାରୋହ

ଅବରୋଧମୁକ୍ତ କରିଛନ୍ତି। ବିଶ୍ୱର ପ୍ରାୟ ଏକ-ପଞ୍ଚମାଂଶ ତୈଳ କାରବାର ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥ ଦେଇ ହୋଇଥାଏ।




ଚୁକ୍ତି ଅନୁଯାୟୀ, ଇରାନ ଏହି ପ୍ରଣାଳୀକୁ ବାଣିଜ୍ୟିକ ଜାହାଜ ଚଳାଚଳ ପାଇଁ ମୁକ୍ତ କରିବ ଏବଂ ଆମେରିକା ଇରାନର ବନ୍ଦରଗୁଡ଼ିକ ଉପରୁ କଟକଣା ହଟାଇବ। ଏହାଦ୍ୱାରା ଭାରତ ଭଳି ଅଶୋଧିତ ତୈଳ ଆମଦାନୀକାରୀ ଦେଶଗୁଡ଼ିକ ଉପକୃତ ହେବେ।

ଦୀର୍ଘ ତିନି ମାସରୁ ଅଧିକ ଦିନର ବିବାଦ ପରେ ଆମେରିକା ଏବଂ ଇରାନ ମଧ୍ୟରେ ଶାନ୍ତି ଚୁକ୍ତି ସଂପର୍କରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ସଂପର୍କରେ ପ୍ରଥମେ ସୂଚନା ଦେଇଥିବା ବେଳେ ଆମେରିକା ଏବଂ ଇରାନ ମଧ୍ୟ ପ ଏହାକୁ ନିଶ୍ଚିତ କରିଛନ୍ତି। ବୁଝାମଣା ଅନୁଯାୟୀ ଉଭୟ ଦେଶ ମଧ୍ୟରେ ସମସ୍ତ ▶ପୃଷ୍ଠା-୭

## ରାଇରଙ୍ଗପୁରରେ ଲଜ୍ଜା

# ନାବାଳିକାକୁ ଗଣଦୁଷ୍କର୍ମ ପରେ ଘର ଆଗରେ ଫିଙ୍ଗିଦେଲେ

■ ରାଇରଙ୍ଗପୁର, ୧୫।୬ (ସମିସ): ମୟୂରଭଞ୍ଜରେ ପୁଣି ଲଜ୍ଜା। ୧୨ ବର୍ଷର ଜଣେ ନାବାଳିକାକୁ ଗଣଦୁଷ୍କର୍ମ କରିବା ପରେ ଘର ଆଗରେ ଫିଙ୍ଗିଦେଇ ଚାଲିଗଲେ ଦୁର୍ବୃତ୍ତ। ରାଇରଙ୍ଗପୁର ଟାଉନ୍ ଥାନା ଅଞ୍ଚଳରେ ଘଟିଥିବା ଏପରି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ପୀଡ଼ିତାଙ୍କୁ ରାଇରଙ୍ଗପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ସଂପର୍କରେ ଆଜି ପୀଡ଼ିତାଙ୍କ ବାପା ରାଇରଙ୍ଗପୁର ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। କିନ୍ତୁ ପୁଲିସ ଗଣଦୁଷ୍କର୍ମ ଅଭିଯୋଗକୁ ଖଣ୍ଡନ କରିଛି। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତର ୪ ଦିନ ପୂର୍ବରୁ ଜିଲ୍ଲାରେ ଏଭଳି ଏକ ଜଘନ୍ୟ ଅପରାଧକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।



### ନାବାଳିକା ରାଇରଙ୍ଗପୁର ମେଡିକାଲରେ ଭର୍ତ୍ତି

### ରାଇରଙ୍ଗପୁର ଟାଉନ ଥାନାରେ ପୀଡ଼ିତା ବାପାଙ୍କ ଏତଲା

### ଗଣଦୁଷ୍କର୍ମ ଅଭିଯୋଗକୁ ପୁଲିସର ଖଣ୍ଡନ

ପୀଡ଼ିତାଙ୍କ ବାପାଙ୍କ ସୂଚନାନୁଯାୟୀ, ରବିବାର ପୂର୍ବାହ୍ନରେ ତାଙ୍କର ଦୁଇ ନାବାଳିକା ଝିଅ ଶୌଚ ହେବା ପାଇଁ ଘର ନିକଟସ୍ଥ ନାଳକୁ ଯାଇଥିଲେ। ଏହି ସମୟରେ କିଛି ଯୁବକ ବାଇକ୍‌ରେ ସାନଝିଅକୁ ଟେକି ନେଇ ଏକ ନିଛାଟିଆ ସ୍ଥାନରେ ଗଣଦୁଷ୍କର୍ମ କରିଥିଲେ। ବଡ଼ ଝିଅ ଏହି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇବା ପରେ ପରିବାର ଲୋକ ଖୋଜାଖୋଜି ଆରମ୍ଭ କରିଥିଲେ। ଦୀର୍ଘ ସମୟ ପରେ ପ୍ରାୟ ରାତି ପ୍ରାୟ ୧୦ଟାରେ ଯୁବକମାନେ ନାବାଳିକାକୁ ମୁମୂର୍ଷୁ ଅବସ୍ଥାରେ ଘର ନିକଟ ରାସ୍ତାରେ ଫିଙ୍ଗି ଫେରାର୍ ହୋଇଯାଇଥିଲେ। ଚେତାଶୂନ୍ୟ ଅବସ୍ଥାରେ ପରିବାରଲୋକ ତାଙ୍କୁ ଉଦ୍ଧାର କରିବା ସହ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଇଥିଲେ। ଅଭିଯୁକ୍ତମାନେ ନାବାଳିକାକୁ ଅମାନୁଷିକ ଭାବେ ମାଡ଼ ମାରିଥିବା ମଧ୍ୟ ତାଙ୍କ ବାପା ଓ ବଡ଼ ଭଉଣୀ କହିଛନ୍ତି। ରାଇରଙ୍ଗପୁର ମେଡିକାଲରେ ପୀଡ଼ିତାଙ୍କ ଚିକିତ୍ସା ଚାଲିଥିବା ବେଳେ ତାଙ୍କ ନିକଟରେ ଦୁଇଜଣ ମହିଳା ପୁଲିସ ରହିଛନ୍ତି। ଅପରପକ୍ଷେ, ଏହି ଘଟଣାରେ ସମ୍ପୃକ୍ତ ୪ଜଣ ଦୁର୍ବୃତ୍ତଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଥିବାର ସୂଚନା ମିଳିଛି।

ତେବେ ଗଣଦୁଷ୍କର୍ମ ଅଭିଯୋଗକୁ ପୁଲିସ ଖଣ୍ଡନ କରିଛି। ନାବାଳିକାକୁ ତାଙ୍କ ପୁରୁଷବନ୍ଧୁ ଦୁଷ୍କର୍ମ କରିଛି ବୋଲି ଅତିରିକ୍ତ ଏସ୍‌ପି ଦୀପକ କୁମାର ଗୋଚ୍ଛାୟତ କହିଛନ୍ତି। ଟାଉନ ଥାନାଧିକାରୀ ଜ୍ୟୋତିପ୍ରକାଶ ▶ପୃଷ୍ଠା-୭

# 'ସୋମନାଥ ସ୍ୱାଭିମାନ ଯାତ୍ରା'ର ଶୁଭାରମ୍ଭ

■ ଭୁବନେଶ୍ୱର, ୧୫।୬ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି(ସୋମବାର) ଭୁବନେଶ୍ୱରଠାରେ ଐତିହାସିକ 'ସୋମନାଥ ସ୍ୱାଭିମାନ ଯାତ୍ରା-୨୦୨୬'ର ଶୁଭାରମ୍ଭ କରିଛନ୍ତି।

### ସହସ୍ରାଧିକ ଶ୍ରଦ୍ଧାଳୁଙ୍କୁ ନେଇ ଗୁଜରାଟ ଅଭିମୁଖେ ବାହାରିଲା ସ୍ୱତନ୍ତ୍ର ଟ୍ରେନ୍

### ଭୁବନେଶ୍ୱରରୁ ଗଲା ପବିତ୍ର ବିନ୍ଦୁ ସାଗର ଜଳ ଓ କେଦାରଗୌରୀ ମାଟି



ଓଡ଼ିଶାର ପ୍ରାୟ ୧୧୦୦ରୁ ଉଦ୍ଧ୍ୱର୍ ଭକ୍ତଙ୍କୁ ନେଇ ଗୁଜରାଟର ସୋମନାଥଙ୍କ ଧାମ ଅଭିମୁଖେ ଯାତ୍ରା କରିବାକୁ ଥିବା ଏହି ସ୍ୱତନ୍ତ୍ର ଟ୍ରେନ୍ ତୀର୍ଥ ଯାତ୍ରାକୁ ମୁଖ୍ୟମନ୍ତ୍ରୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରି କହିଛନ୍ତି ଯେ ଏହା କେବଳ ଏକ ରେଳ ଯାତ୍ରା ନୁହେଁ; ବରଂ ଆମର ଆସ୍ଥା, ଭକ୍ତି ଏବଂ ସାଂସ୍କୃତିକ ସ୍ୱାଭିମାନର ଏକ ମହାଯାତ୍ରା। ଏହି ତୀର୍ଥଯାତ୍ରା ସାରା ଦେଶରେ ଆୟୋଜିତ ହେଉଥିବା ମହାନ ରାଷ୍ଟ୍ରୀୟ ସଂକଳ୍ପ 'ସୋମନାଥ ସ୍ୱାଭିମାନ ପର୍ବ'ର ଏକ ଗୌରବମୟ ଅଂଶ, ଯାହା ଭାରତୀୟ ଇତିହାସର ଦୁଇଟି ପ୍ରମୁଖ ▶ପୃଷ୍ଠା-୭

# ବଢ଼ିବନି ଖରାଛୁଟି

### ୧୭ରେ ଖୋଲିବ ସ୍କୁଲ

■ ଭୁବନେଶ୍ୱର, ୧୫।୬ (ସମିସ): ରାଜ୍ୟରେ ପାଣିପାଗ ଅନୁକୂଳ ରହିଛି। ଗ୍ରୀଷ୍ମ ପ୍ରବାହ କମିଥିଲାବେଳେ ମୌସୁମୀ ପହଞ୍ଚି ସାରିଛି। ଏଣୁ ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଆସନ୍ତା ୧୮ ତାରିଖରୁ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହେବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ବର୍ଷା ହୋଇଥିବାରୁ ▶ପୃଷ୍ଠା-୭

## ଚାମେଲି ଓଝାଙ୍କୁ ଆକ୍ରମଣ ଘଟଣା

# ପାର୍ଥସାରଥୀଙ୍କୁ ବାନ୍ଧିଲା ପୁଲିସ

■ କେନ୍ଦ୍ରାପଡ଼ା/ମହାକାଳପଡ଼ା, ୧୫।୬ (ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲି ଓଝା ଓ ବ୍ଲକ ପ୍ରଶାସନ ମଧ୍ୟରେ ଜୁନ ୧୦ରେ ଘଟିଥିବା ବିବାଦକୁ ନେଇ ରାଜନୈତିକ ଓ ପ୍ରଶାସନିକ ଚର୍ଚ୍ଚା ଥମିବାର ନାମ ନେଉନାହିଁ। ଏହି ଘଟଣାରେ ଚାମେଲିଙ୍କ ହାତରୁ ମୋବାଇଲ ଛଡ଼ାଇଥିବା ପାର୍ଥସାରଥୀ ସାମନ୍ତରାୟଙ୍କୁ ମହାକାଳପଡ଼ା ପୁଲିସ ଗିରଫ କରିଛି। ସରପଞ୍ଚଙ୍କ ଅଭିଯୋଗ ଆଧାରରେ ପୁଲିସ ମଙ୍ଗଳପୁର ଗ୍ରାମରୁ ପାର୍ଥଙ୍କୁ ଗିରଫ କରିଛି। ତାଙ୍କ ନାମରେ ପୂର୍ବରୁ ଥାନାରେ ଏନେଇ ମାମଲା ରୁଜୁ ହୋଇଥିଲା।

### ଏନ୍‌ଏଚ୍‌ଆର୍‌ସିରେ ପହଞ୍ଚିଲା ମାମଲା

### ବଡି କ୍ୟାମେରାକୁ ନେଇ ସୋଫିଆଙ୍କ ପ୍ରଶ୍ନ

### ଚାମେଲିଙ୍କ ବିରୋଧୀ ଗୋଷ୍ଠୀ ସକ୍ରିୟ

ଅପରପକ୍ଷେ, ଏହି ଘଟଣା ଏବେ ଜାତୀୟ ମାନବ ଅଧିକାର ଆୟୋଗ (ଏନଏଚଆରସି)ଙ୍କ ନିକଟରେ ପହଞ୍ଚିଛି। ମାନବାଧିକାର ସୁରକ୍ଷାକର୍ମୀ ଭଜମନ ବିଶ୍ୱାଳ ଏନେଇ ଏନ୍‌ଏଚ୍‌ଆର୍‌ସିରେ ଏକ ବିସ୍ତୃତ ଅଭିଯୋଗ ଦାଖଲ କରିଛନ୍ତି। ଚାମେଲି ଓ ତାଙ୍କ ଭାଇ ସୂର୍ଯ୍ୟକାନ୍ତଙ୍କୁ ବେଆଇନ ଭାବେ ଗିରଫ, ମାଡ଼ ଓ ଜୀବନରୁ ମାରିଦେବା ଧମକ ଦିଆଯାଇଥିବା ନେଇ ଅଭିଯୋଗପତ୍ରରେ ଦର୍ଶାଯାଇଛି। ସେହିପରି, ଥାନାର ସିସିଟିଭି ଫୁଟେଜ ସଂରକ୍ଷଣ, ଘଟଣାର ନିରପେକ୍ଷ ତଦନ୍ତ, ସମ୍ପୃକ୍ତ ପୁଲିସ ଅଧିକାରୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ଓ ପୀଡ଼ିତ ଭାଇ-ଭଉଣୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରାଯାଇଛି। ସେହିପରି, ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଚାମେଲିଙ୍କ ▶ପୃଷ୍ଠା-୭


# ୨୦ରେ ଓଡ଼ିଶା ଆସିବେ ମୋଦୀ

■ ଭୁବନେଶ୍ୱର, ୧୫।୬ (ସମିସ): ରାଜ୍ୟରେ ଡବଲ ଇଞ୍ଜିନ ସରକାରକୁ ୨ ବର୍ଷ ପୂରିଛି। ଏହି ଅବସରରେ ଆସନ୍ତା ୨୦ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାରେ ଏକ ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ ହେବ ଏବଂ ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବେ।

### ମୟୂରଭଞ୍ଜରେ ଜନସଭାକୁ ସମ୍ବୋଧନ

### ରାଷ୍ଟ୍ରପତିଙ୍କ ଗାଁ ଲୋକଙ୍କ ସହ ଆଲୋଚନା

ଏ ସଂକ୍ରାନ୍ତରେ ବିଜେପି ପକ୍ଷରୁ ବୁଧବାର ଦିଆଯାଇଥିବା ବିଧିବଦ୍ଧ ସୂଚନା ଅନୁସାରେ, ପ୍ରଧାନମନ୍ତ୍ରୀ ମୟୂରଭଞ୍ଜର ପାହାଡ଼ପୁରରେ ହେଲିପ୍ୟାଡ୍‌ରେ ଅବତରଣ କରିବେ। ସେଠାରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗାଁ ପରିଦର୍ଶନରେ ଯିବେ। ଉକ୍ତ ଗ୍ରାମରେ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତାଇ ରାଷ୍ଟ୍ରପତିଙ୍କ ପରିବାର ଓ ଗାଁ ଲୋକଙ୍କ ସହ ଚର୍ଚ୍ଚା ଆଲୋଚନା କରିବେ। ଏହାପରେ ସେ ଦାଣ୍ଡବୋସ୍‌ରେ ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂରଣ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ସେଠାରେ ସେ ଏକ ଜନସଭାକୁ ସମ୍ବୋଧିତ କରିବା ପରେ ଓଡ଼ିଶାରୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଦଳ ପକ୍ଷରୁ କୁହାଯାଇଛି।




## ଉପଗ୍ରହ ଚିତ୍ରରୁ ନିରାଶ କଲା ମୌସୁମୀ

# ଆକାଶରୁ ମେଘ ଉଭାନ

■ ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି): ଜୁନ୍ ମାସ ଅଧା ବିତିଯାଇଥିଲେ ମଧ୍ୟ ଦେଶର ଅଧିକାଂଶ ଅଞ୍ଚଳରେ ମୌସୁମୀ ବର୍ଷାର ଦେଖା ମିଳୁନାହିଁ। ଇନ୍‌ସାଟ୍ ୩ଡ଼ିଏସ୍ ଉପଗ୍ରହ ଚିତ୍ର ଆଧାରରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡ଼ି) ପ୍ରଦାନ କରିଥିବା ସୂଚନା ଦେଶବାସୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଇନ୍‌ସାଟ୍ ୩ଡ଼ିଏସ୍‌ର ସଦ୍ୟତମ ଚିତ୍ରରେ ଦେଶର ଅର୍ଦ୍ଧାଧିକ ଅଞ୍ଚଳରୁ ମୌସୁମୀ ମେଘ ପ୍ରାୟ ଉଭାନ ହୋଇ ଯାଇଛି। ଅନ୍ୟପକ୍ଷରେ ଜୁନ୍ ୪ ତାରିଖରୁ ୧୫ ତାରିଖ ମଧ୍ୟରେ ସାରା ଦେଶରେ ପ୍ରାକ୍ ମୌସୁମୀ ବର୍ଷା ଓ ମୌସୁମୀ ବର୍ଷା ପରିମାଣ ୬୪% କମ୍ ରେକଡର୍ ହୋଇଛି। କେରଳ, ତାମିଲନାଡୁ ସହ ଉତ୍ତର ପୂର୍ବ ଭାରତର କିଛି ଅଞ୍ଚଳ ବ୍ୟତୀତ ସାରା ଦେଶରେ ମୌସୁମୀ ବର୍ଷା କମିଥିବା ଏହି ସୂତ୍ରରୁ ସୂଚନା ମିଳିଛି।

ପାଣିପାଗ ବିଶେଷଜ୍ଞମାନଙ୍କ ସୂଚନା ଅନୁସାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦେଶର କିଛି ଅଞ୍ଚଳକୁ ପ୍ରବେଶ କରିଥିଲେ ମଧ୍ୟ ଏହାର ଅଗ୍ରଗତି ହଠାତ୍ ମନ୍ଥର ହୋଇଯାଇଛି। ଯେଉଁ ସମୟରେ ଦେଶର ପ୍ରାୟତଃ ସବୁ ଅଞ୍ଚଳ ମୌସୁମୀ ମେଘରେ ଆବୃତ୍ତ ରହିବା କଥା, ସେହି ସମୟରେ ଆକାଶରେ ଘନ ମେଘର ପରିମାଣ ବହୁତ ରହିଛି। ଆଇଏମ୍‌ଡ଼ି ସୂଚନା ଅନୁସାରେ ଜୁନ୍ ୪ରୁ ୧୫ ମଧ୍ୟରେ ଦେଶରେ ସାଧାରଣତଃ ୫୩.୭ ମିଲିମିଟର ବର୍ଷା ହେବା କଥା, ମାତ୍ର ଏହି ସମୟରେ ମାତ୍ର ୧୯.୨ ମିଲିମିଟର ବର୍ଷା ରେକଡର୍ ହୋଇଛି। ଯାହା ଫଳରେ ଧାନ, ସୋୟାବିନ୍, କପା, ଡ଼ାଲିଜାତୀୟ ଫସଲର ବୁଣାବୁଣି କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି।




ଏହି ସ୍ଥିତି ନିମନ୍ତେ ବାୟୁମଣ୍ଡଳର ଊର୍ଦ୍ଧ୍ୱସ୍ତରରେ ପବନ ପ୍ରବାହର ପରିବର୍ତ୍ତନକୁ ଦାୟୀ କରିଛନ୍ତି ପାଣିପାଗବିଜ୍ଞାନୀ। ଏହାଛଡ଼ା ପ୍ରଶାନ୍ତ ମହାସାଗରରେ ବିକଶିତ ହେଉଥିବା ଏଲ୍-ନିନୋ ପରିସ୍ଥିତି ମୌସୁମୀ ବର୍ଷାକୁ ଦୁର୍ବଳ ▶ପୃଷ୍ଠା-୭

# ବ୍ରିଟେନରେ ୧୬ ବର୍ଷରୁ କମ୍ ପିଲାଙ୍କ ପାଇଁ ସୋସିଆଲ ମିଡିଆ ସମ୍ପୂର୍ଣ୍ଣ ନିଷିଦ୍ଧ

**ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ, ମାଲେସିଆରେ ମଧ୍ୟ କଟକଣା ରହିଛି**

ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି): ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ସୁରକ୍ଷିତ ରଖିବା ପାଇଁ ବ୍ରିଟେନ ସରକାର ଏକ ବଡ଼ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସୋସିଆଲ ମିଡିଆର ବ୍ୟବହାରକୁ ବ୍ରିଟେନ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରିଛି। ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ ଏବଂ ମାଲେସିଆ ପରେ ଏଭଳି କଠୋର ପଦକ୍ଷେପ ନେବାରେ ବ୍ରିଟେନ ବିଶ୍ୱର ଚତୁର୍ଥ ଦେଶ ପାଲଟିଛି। ବ୍ରିଟେନ ପ୍ରଧାନମନ୍ତ୍ରୀ କେର୍ ଷ୍ଟାରମର ଏହି ପ୍ରତିବନ୍ଧକ ଘୋଷଣା କରି କହିଛନ୍ତି ଯେ, ବେପରୁଆ ପ୍ରଯୁକ୍ତିବିଦ୍ୟା କାରଣରୁ ପିଲାମାନଙ୍କ ପିଲାଦିନ ନଷ୍ଟ ହେବାକୁ ଦିଆଯିବ ନାହିଁ। ଏହି ନିଷ୍ପତ୍ତି ପିଲାମାନଙ୍କୁ ସେମାନଙ୍କର ସ୍ୱାଭାବିକ ପିଲାଦିନ ଫେରାଇ ଆଣିବାରେ ସାହାଯ୍ୟ କରିବ। ଅଷ୍ଟ୍ରେଲିଆ ଆଦର୍ଶରେ ବ୍ରିଟେନ ମଧ୍ୟ ୧୦ଟି ପ୍ରମୁଖ ପ୍ଲାଟଫର୍ମ ଉପରେ ପ୍ରତିବନ୍ଧକ ଲଗାଇବାକୁ ଯାଉଛି। ଏଥିମଧ୍ୟରେ ଟିକଟକ୍, ସ୍ନାପଚାଟ୍, ଇନଷ୍ଟାଗ୍ରାମ, ୟୁଟ୍ୟୁବ୍, ରେଡିଟ୍, ଟ୍ୱିଚ୍, ଏକ୍ସ (ଟ୍ୱିଟର), ଥ୍ରେଡ୍ସ, ଫେସ୍‌ବୁକ ଏବଂ କିକ୍ ସାମିଲ ରହିଛି। ନୂତନ ନିୟମ ଅନୁଯାୟୀ, ଗେମିଂ ଆପ୍‌ଗୁଡ଼ିକରେ ଅଜଣା ଲୋକଙ୍କ ସହ କଥାବାର୍ତ୍ତା ଏବଂ ଲାଇଭ୍-ଷ୍ଟ୍ରିମିଂ ଉପରେ ମଧ୍ୟ ପ୍ରତିବନ୍ଧକ ଲଗାଯିବ। ଏହାସହ ବୟସ୍କ କିଶୋରମାନଙ୍କ ପାଇଁ ସୋସିଆଲ ମିଡିଆ ସମୟ ସୀମା (କରଫ୍ୟୁ) ଏବଂ ଏଆଇ ଚାଟବୋଟ୍ ବ୍ୟବହାର ଉପରେ ନିୟନ୍ତ୍ରଣ ଆଣିବାକୁ ସରକାର ବିଚାର କରୁଛନ୍ତି। ସରକାରଙ୍କ ପକ୍ଷରୁ କରାଯାଇଥିବା ଏକ ୩-ମାସିଆ ସର୍ଭେରେ ପ୍ରାୟ ୧ ଲକ୍ଷ ୧୬ ହଜାର ଲୋକ ନିଜର ମତ ଦେଇଥିଲେ। ଏଥିମଧ୍ୟରୁ ୯୦ ପ୍ରତିଶତ ଅଭିଭାବକ ୧୬ ବର୍ଷରୁ କମ୍ ପିଲାଙ୍କ ପାଇଁ ସୋସିଆଲମିଡିଆବ୍ୟାନ୍‌କରିବାସପକ୍ଷରେମତଦେଇଛନ୍ତି।





# ପଞ୍ଜାବ ନିର୍ବାଚନ ପୂର୍ବରୁ ଭଗବନ୍ତ ମାନ୍‌ଙ୍କୁ ଝଟ୍‌କା

**ମୁଖ୍ୟମନ୍ତ୍ରୀଙ୍କୁ 'ଗୁରୁ-ବିରୋଧୀ' ଘୋଷଣା କଲା ଅକାଳ ତଖ୍ତ**

ଅମୃତସର,୧୫।୬(ଏଜେନ୍ସି): ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟି (ଇଇଚ) ନେତା ଭଗବନ୍ତ ମାନ୍?ଙ୍କ ଅଡୁଆ ବଢ଼ିଯାଇଛି। ଶିଖ୍ ସମ୍ପ୍ରଦାୟର ସର୍ବୋଚ୍ଚ ସଂଗଠନ 'ଅକାଳ ତଖ୍ତ' ଭଗବନ୍ତ ମାନ୍‌ଙ୍କୁ 'ଗୁରୁ-ବିରୋଧୀ' ଘୋଷଣା କରିଛି। ଏହା ସହ ସମଗ୍ର ଶିଖ୍ ସମ୍ପ୍ରଦାୟ ବା 'ପନ୍ଥ'କୁ ମୁଖ୍ୟମନ୍ତ୍ରୀଙ୍କ ସହ କୌଣସି ସମ୍ପର୍କ ନରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଶିଖ୍ ଗୁରୁମାନଙ୍କ ଫଟୋ ଉପରେ ମଦ ସିଞ୍ଚନ କରିବାର ଏକ ଭିଡିଓ ସାମ୍ନାକୁ ଆସିବା ପରେ ମାନ୍‌ଙ୍କୁ ଚଳିତ ବର୍ଷ ଜାନୁଆରୀ ୧୫ରେ ଅକାଳତଖ୍ତସମନକରିଥିଲା। ମୁଖ୍ୟମନ୍ତ୍ରୀ ଏହି ଭିଡିଓକୁ ନକଲି ଏବଂ ଏଆଇ-ଜେନେରେଟେଡ୍ ବୋଲି କହିଥିଲେ। ଭିଡିଓଟି ଅସଲି କି ନକଲି ତାର ପ୍ରମାଣ ଦେବାକୁ ଅକାଳ ତଖ୍ତ ମାନ୍‌ଙ୍କୁ ୬ ମାସ ସମୟ ଦେଇଥିଲା, କିନ୍ତୁ କୌଣସି ଜବାବ ନମିଳିବାରୁ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଦୁଇଟି ଲାବୋରେଟୋରୀରେ ଏହାର ଫରେନ୍ସିକ ଯାଞ୍ଚ କରାଯାଇଥିଲା। ଯାଞ୍ଚରୁ ଏହି ଭିଡିଓଟି ସମ୍ପୂର୍ଣ୍ଣ ଅସଲି ଏବଂ ଏଥିରେ କୌଣସି ଏଆଇ ବ୍ୟବହାର କରାଯାଇନଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ଅକାଳ ତଖ୍ତରେ ଠିଆ ହୋଇ ମିଛ କହିଛନ୍ତି ବୋଲି କୁହାଯାଇଛି।

# ଅଭିନେତ୍ରୀ ସଞ୍ଚିତାଙ୍କ ଆତ୍ମହତ୍ୟା



ନୂଆଦିଲ୍ଲୀ,୧୫।୬(ଏଜେନ୍ସି): ଟେଲିଭିଜନ ଜଗତରୁ ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି। ଜନପ୍ରିୟ ଧାରାବାହିକ 'କୁମକୁମ ଭାଗ୍ୟ' ଏବଂ 'ୱାଗ୍‌ଲେ କି ଦୁନିଆ'ର ଅଭିନେତ୍ରୀ ସଞ୍ଚିତା ଉଗାଲେଙ୍କର ମାତ୍ର ୨୨ ବର୍ଷ ବୟସରେ ନିଧନ ହୋଇଛି। ଗତ ରବିବାର ସନ୍ଧ୍ୟାରେ ସେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୁମ୍ବାଇ ନିକଟସ୍ଥ ନାଲାସୋପାରା ଇଷ୍ଟର ଆଚୋଲେ ଗ୍ରାମରେ ଥିବା ନିଜ ବାସଭବନରେ ରବିବାର ସନ୍ଧ୍ୟା ୬ଟାରୁ ୬:୩୦ ମଧ୍ୟରେ ଏହି ଅଭାବନୀୟ ଘଟଣା ଘଟିଛି। ପୋଲିସ ସୂଚନା ଅନୁଯାୟୀ, ସଞ୍ଚିତା ନିଜ ଶୋଇବା ଘର ଭିତରୁ ବନ୍ଦ କରି ଏକ ଶାଢ଼ୀ ସାହାଯ୍ୟରେ ସିଲିଂ ଫ୍ୟାନ୍‌ରେ ଝୁଲି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ଡାକ୍ତରଖାନା ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଞ୍ଚିତାଙ୍କ ପିତା ମଚ୍ଛିନ୍ଦ୍ର ଉଗାଲେଙ୍କ ଅଭିଯୋଗ ଆଧାରରେ ଆଚୋଲେ ପୋଲିସ ଜୁନ ୧୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଆତ୍ମହତ୍ୟାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ସଞ୍ଚିତା ଟେଲିଭିଜନ, ଓଟିଟି ଏବଂ ଚଳଚ୍ଚିତ୍ର ଜଗତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ସଂଘର୍ଷ କରୁଥିଲେ।

# ପଶ୍ଚିମବଙ୍ଗରେ ଯୁବକଙ୍କୁ ପିଟି ପିଟି ହତ୍ୟା

ନୂଆଦିଲ୍ଲୀ,୧୫।୬(ଏଜେନ୍ସି): ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ସାଙ୍କିଜାହାନ ଗ୍ରାମରେ ଜଣେ କେରଳର ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗରେ ପୋଲିସ ୫ ଜଣଙ୍କୁ ଗିରଫ କରିବା ସହ ୨ ଜଣ ନାବାଳକଙ୍କୁ ଅଟକ ରଖିଛି। ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ନାବାଳକ ଦ୍ୱୟଙ୍କୁ ସୁଧାର ଗୃହକୁ ପଠାଇ ଦିଆଯାଇଛି। ମୃତ ଯୁବକ ସୁକଦେବ ଓରଫ ସନ୍ଦୀପ, କେରଳରେ କାମ କରୁଥିବା ପଶ୍ଚିମବଙ୍ଗର ଜଣେ ପ୍ରବାସୀ ଶ୍ରମିକ ହୀରାଲାଲ ଦାସଙ୍କ ନିମନ୍ତ୍ରଣ କ୍ରମେ ତାଙ୍କ ଗାଁକୁ ବୁଲିବାକୁ ଆସିଥିଲେ। ଗତ ଜୁନ ୯ ତାରିଖରେ ସେ ସ୍ଥାନୀୟ ବଜାରରେ ଭିଡ଼ ଯୋଗୁଁ ହୀରାଲାଲଙ୍କଠାରୁ ଅଲଗା ହୋଇ ରାସ୍ତା ଭୁଲିଯାଇଥିଲେ। ସେ ସାଙ୍କିଜାହାନ ଗ୍ରାମରେ ପହଞ୍ଚିବା ପରେ ସ୍ଥାନୀୟ ଲୋକେ ତାଙ୍କ ଗତିବିଧିକୁ ସନ୍ଦେହ କରିଥିଲେ। ସୁକଦେବ ଓଡ଼ିଆ, ବଙ୍ଗଳା କିମ୍ବା ହିନ୍ଦୀ ଭଲ ଭାବେ କହିପାରୁନଥିବାରୁ ଗ୍ରାମବାସୀଙ୍କ ପ୍ରଶ୍ନର ଉତ୍ତର ଦେଇପାରିନଥିଲେ। ଏହାପରେ ତାଙ୍କୁ ଜଣେ ଅପରାଧୀ ସନ୍ଦେହ କରି ଗ୍ରାମବାସୀମାନେ ବାନ୍ଧି ନିର୍ଦ୍ଦୟ ଭାବେ ପିଟି ପିଟି ହତ୍ୟା କରିଥିଲେ।

# 'ଟ୍ରାନ୍ସଜେଣ୍ଡର ସଂଶୋଧନ ଆଇନ' ବିରୋଧୀ ମାମଲା ହାଇକୋର୍ଟଙ୍କ ଶୁଣାଣି ଉପରେ ସୁପ୍ରିମକୋର୍ଟଙ୍କ ରୋକ

ନୂଆଦିଲ୍ଲୀ,୧୫।୬(ଏଜେନ୍ସି): ସୁପ୍ରିମକୋର୍ଟ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇ 'ଟ୍ରାନ୍ସଜେଣ୍ଡର ଅଧିକାର ସୁରକ୍ଷା ସଂଶୋଧନ ଆଇନ, ୨୦୨୬'ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରୁଥିବା ଦେଶର ୪ଟି ହାଇକୋର୍ଟଙ୍କ ଶୁଣାଣି ପ୍ରକ୍ରିୟା ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ ଆବେଦନ ଆଧାରରେ ରାଜସ୍ଥାନ, ଦିଲ୍ଲୀ, କର୍ଣ୍ଣାଟକ ଏବଂ କେରଳ ହାଇକୋର୍ଟଙ୍କୁ ନୋଟିସ୍ ଜାରି କରିଛନ୍ତି। ବିଭିନ୍ନ ଅଦାଲତରୁ ଭିନ୍ନ ଭିନ୍ନ ରାୟ ଆସିବାର ଆଶଙ୍କା ଏଡ଼ାଇବା ପାଇଁ ସମସ୍ତ ମାମଲାକୁ ସୁପ୍ରିମକୋର୍ଟଙ୍କୁ ସ୍ଥାନାନ୍ତର କରିବାକୁ କେନ୍ଦ୍ର ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅନୁରୋଧ କରିଥିଲେ। ନ୍ୟାୟାଳୟ ଏହି ମାମଲାଗୁଡ଼ିକୁ ଏକତ୍ର କରି ଆସନ୍ତା ଜୁଲାଇ ମାସରେ ଶୁଣାଣି କରିବେ। କିନ୍ନର ଓ ରୂପାନ୍ତରୀତ କର୍ମୀମାନଙ୍କ ମତରେ, ୨୦୨୬ର ଏହି ସଂଶୋଧନ ଆଇନ ସର୍ବୋଚ୍ଚ ଅଦାଲତଙ୍କ ୨୦୧୪ର 'ନାଲସା' (ଏନ୍‌ଏଏଲ୍‌ଏସ୍‌ଏ) ମାମଲାର ଐତିହାସିକ ରାୟକୁ କ୍ଷୁର୍ଣ୍ଣ କରୁଛି।

# ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେଙ୍କୁ ଚାପୁଡ଼ା

ଜୟପୁର,୧୫।୬(ଏଜେନ୍ସି): ରାଜସ୍ଥାନର ଜୟପୁର ସ୍ଥିତ ଶହୀଦ ସ୍ମାରକୀଠାରେ ଚାଲିଥିବା ଏକ ବିକ୍ଷୋଭ ପ୍ରଦର୍ଶନ ବେଳେ ପ୍ରବଳ ଉତ୍ତେଜନା ଦେଖାଦେଇଛି। କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରତିଷ୍ଠାତା ଅଭିଜିତ ଦୀପକେଙ୍କୁ ଏକ ଯୁବକ ସର୍ବସମ୍ମୁଖରେ ଚାପୁଡ଼ା ମାରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ସେଠାରେ ଉପସ୍ଥିତ ଥିବା ଦଳୀୟ ସମର୍ଥକମାନେ ଉକ୍ତ ଯୁବକକୁ କାବୁ କରି ନିର୍ଦ୍ଦମ ମାଡ଼ ମାରିଛନ୍ତି। ଆକ୍ରମଣ କରିଥିବା ଯୁବକ ଜଣକ ଅଭିଜିତଙ୍କ ବିରୋଧରେ 'ସେ ଦେଶକୁ ବିଭ୍ରାନ୍ତ କରୁଛନ୍ତି' ବୋଲି ଅଭିଯୋଗ ଆଣିଛି। ନିଟ୍ ପେପର ଲିକ୍, ଶିକ୍ଷା ବ୍ୟବସ୍ଥାରେ ସୁଧାର, ବେକାରୀ ଏବଂ ଯୁବପିଢ଼ିଙ୍କ ବିଭିନ୍ନ ସମସ୍ୟାକୁ ନେଇ ଏହି ବିଶାଳ ପ୍ରତିବାଦ ସଭାର ଆୟୋଜନ କରାଯାଇଥିଲା। ପ୍ରତିବାଦ ସଭାରେ ସ୍ଲୋଗାନ ଦିଆଯାଉଥିବା ବେଳେ କିଛି ଯୁବକଙ୍କ ମଧ୍ୟରେ ହାତାହାତି ମଧ୍ୟ ହୋଇଥିଲା, ଯାହା ପରେ ପୋଲିସ ଜଣକୁ ଗିରଫ କରିଛି।



# ବୁଝାମଣା ସତ୍ତ୍ୱେ ମତଭେଦ

**୧୨ ବିଲିୟନ ଡଲାର ପାଣ୍ଠିକୁ ନେଇ ବିବାଦ**

ତେହେରାନ ,୧୫।୬(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୁଇ ଦେଶ ମଧ୍ୟରେ ଶାନ୍ତି ଚୁକ୍ତି ସମ୍ପନ୍ନ ହୋଇଥିବା ଘୋଷଣା କରିବାର କିଛି ସମୟ ପରେ, ପ୍ରସ୍ତାବିତ ଚୁକ୍ତିର ସର୍ତ୍ତାବଳୀ ଏବଂ ଇରାନର ଅଟକ ରହିଥିବା ବିପୁଳ ପରିମାଣର ଅର୍ଥରାଶି ମୁକ୍ତ କରିବା ପ୍ରସଙ୍ଗକୁ ନେଇ ଉଭୟ ଦେଶର ଅଧିକାରୀଙ୍କ ମଧ୍ୟରେ ମତପାର୍ଥକ୍ୟ ପ୍ରକାଶ ପାଇଛି। ଇରାନର ବୈଦେଶିକ ମନ୍ତ୍ରୀ ଏବଂ ସରକାରୀ ଗଣମାଧ୍ୟମର ସୂଚନା ଅନୁଯାୟୀ, ୧୪-ଦଫା ବିଶିଷ୍ଟ ପ୍ରାଥମିକ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ମାତ୍ରେ ଆମେରିକା ପକ୍ଷରୁ ନୌସେନା ଅବରୋଧ ହଟାଯିବ। ଏହା ସହିତ ଇରାନର ଅଟକ ଥିବା ପ୍ରାୟ ୨୫ ବିଲିୟନ ଡଲାରର ସମ୍ପତ୍ତି ମୁକ୍ତ କରାଯିବ, ଯେଉଁଥିରେ ସିଧାସଳଖ ନଗଦ ଅର୍ଥ ଏବଂ ଆଞ୍ଚଳିକ ଆର୍ଥିକ ସହାୟତା ସାମିଲ ରହିଛି। ଚୂଡ଼ାନ୍ତ ଆଲୋଚନା ପୂର୍ବରୁ ଆମେରିକା ପ୍ରଥମ ପର୍ଯ୍ୟାୟରେ ୧୨ ବିଲିୟନ ଡଲାର ପ୍ରଦାନ କରିବ ଏବଂ ପରବର୍ତ୍ତୀ ସମୟରେ ୩୦୦ ବିଲିୟନ ଡଲାରର ପୁନଃନିର୍ମାଣ ଯୋଜନା ଉପସ୍ଥାପନ କରିବ ବୋଲି ଇରାନ ଦାବି କରିଛି।

ଅପରପକ୍ଷରେ, ଆମେରିକାର ପ୍ରଶାସନ ଏବଂ ହ୍ୱାଇଟ୍ ହାଉସ୍ ସୂତ୍ରରୁ ଏହି ଦାବିକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରାଯାଇଛି। ଆମେରିକା ଅଧିକାରୀଙ୍କ ମତରେ, ଇରାନ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ସତ୍ୟ ନୁହେଁ। ଏହି ଚୁକ୍ତିଟି କାର୍ଯ୍ୟଦକ୍ଷତା ଭିତ୍ତିକ ଅଟେ, ଅର୍ଥାତ୍ ଇରାନ ନିଜର ପ୍ରତିଶ୍ରୁତି ରକ୍ଷା ନକରିବା ପର୍ଯ୍ୟନ୍ତ କୌଣସି ଅର୍ଥରାଶି ମୁକ୍ତ କରାଯିବ ନାହିଁ। ଆଗାମୀ ୬୦ ଦିନର ଆଲୋଚନା କାଳ ମଧ୍ୟରେ କୌଣସି ଅଗ୍ରୀମ ଅର୍ଥ ପ୍ରଦାନ କରାଯିବାର ବ୍ୟବସ୍ଥା ନାହିଁ ବୋଲି ଆମେରିକା ସ୍ପଷ୍ଟ କରିଛି। ଶାନ୍ତି ଚୁକ୍ତିକୁ ନେଇ ଦୁଇ ଦେଶ ମଧ୍ୟରେ ସହମତି ପ୍ରକାଶ ପାଇଥିଲେ ମଧ୍ୟ ଆର୍ଥିକ କାରବାର ଏବଂ ସର୍ତ୍ତାବଳୀକୁ ନେଇ ଦ୍ୱନ୍ଦ୍ୱ ଜାରି ରହିଛି। ଆଗାମୀ ଦିନରେ ହେବାକୁ ଥିବା ଆନୁଷ୍ଠାନିକ ଆଲୋଚନା ପରେ ହିଁ ଏହି ଆର୍ଥିକ ବିବାଦର ସମାଧାନ କିପରି ହେବ, ତାହା ସ୍ପଷ୍ଟ ହେବ। କେବଳ ଏତିକି ନୁହେଁ, ଇରାନ କହିଛି ଯେ ହର୍ମୁଜ ଦେଇ ଯାଉଥିବା ଜାହାଜରୁ ଏହା ଶୁଳ୍କ ଆଦାୟ କରିବ। କିନ୍ତୁ ଆମେରିକା କହୁଛି ଯେ କୌଣସି ଜାହାଜ ଉପରୁ ଶୁଳ୍କ ଆଦାୟ କରାଯାଇପାରିବ ନାହିଁ।



ବ୍ରିଟେନ, ଜର୍ମାନୀ, ଇଟାଲୀ ଏବଂ ଫ୍ରାନ୍ସ ଭଳି ପ୍ରମୁଖ ଦେଶଗୁଡ଼ିକ ଏହି ଶାନ୍ତି ପ୍ରକ୍ରିୟାକୁ ସ୍ୱାଗତ କରିବା ସହ ଇରାନ ଉପରୁ କଟକଣା ହଟାଇବାକୁ ପ୍ରସ୍ତୁତି ପ୍ରକାଶ କରିଛନ୍ତି। ତେବେ ଇରାନର ସାମରିକ କାର୍ଯ୍ୟକଳାପ ଯୋଗୁଁ ଭବିଷ୍ୟତରେ ହେବାକୁ ଥିବା କ୍ଷୟକ୍ଷତିର ଭରଣା ପାଇଁ ଏହି ଅଟକ ପାଣ୍ଠିକୁ ବ୍ୟବହାର କରାଯାଇପାରେ ବୋଲି ଆମେରିକା ପୂର୍ବରୁ ସଙ୍କେତ ଦେଇଥିଲା, ଯାହାକୁ ଇରାନ ତୀବ୍ର ବିରୋଧ କରିଛି। ବିଶ୍ୱ ଅର୍ଥନୀତି ଏବଂ ଶକ୍ତି ବଜାର ପାଇଁ ଏହି ଶାନ୍ତି ଚୁକ୍ତି ଏକ ବଡ଼ ଆଶ୍ୱସ୍ତି ଆଣିଥିଲେ ମଧ୍ୟ ଆର୍ଥିକ କାରବାରକୁ ନେଇ ସୃଷ୍ଟି ହୋଇଥିବା ମତଭେଦ ଚୁକ୍ତିର ସଫଳ ରୂପାୟନ ପାଇଁ ଏକ ବଡ଼ ଆହ୍ୱାନ ପାଲଟିଛି। ଇତିମଧ୍ୟରେ ଇରାନ କହିଛି ଯେ ଆମେରିକା ସହ ହେବାକୁ ଥିବା ଚୁକ୍ତିରେ ଲେବାନନ ମଧ୍ୟ ସାମିଲ ରହିଛି। ଏଠାରେ ମଧ୍ୟ କୌଣସି ସାମରିକ କାର୍ଯ୍ୟାନୁଷ୍ଠାନ ହେବନାହିଁ। ଲେବାନନ ଉପରେ ଇସ୍ରାଏଲ ଆକ୍ରମଣ କଲେ ଇରାନ ଏହାର ମୁକାବିଲା କରିବ ଏବଂ ଇସ୍ରାଏଲ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ବାଧ୍ୟ ହେବ।

ଅନ୍ୟପକ୍ଷରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଇରାନ-ଆମେରିକା ବୁଝାମଣା ସତ୍ତ୍ୱେ ତାଙ୍କ ଦେଶ ଲେବାନନ ଏବଂ ସିରିଆରୁ ସେନା ପ୍ରତ୍ୟାର କରିବ ନାହିଁ। ଏହାକୁ ନେଇ ଇରାନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି।

# ଟିଏମ୍‌ସି ବିଦ୍ରୋହୀଙ୍କ ନୂଆ ଠିକଣାରେ ଝଡ଼

**ମିଶ୍ରଣ ନେଇ 'ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ'ରେ ମତଭେଦ**

ନୂଆଦିଲ୍ଲୀ,୧୫।୬(ଏଜେନ୍ସି): ମମତାଙ୍କ ତୃଣମୂଳ କଂଗ୍ରେସର ୨୦ ଜଣ ବିଦ୍ରୋହୀ ସାଂସଦ ଏକ ଅଖ୍ୟାତ ଆଞ୍ଚଳିକ ଦଳ 'ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ' (ଏନସିପିଆଇ) ସହ ମିଶ୍ରଣ କରିବାକୁ ଘୋଷଣା କରିଛନ୍ତି। ଏହି ପଦକ୍ଷେପ ପରେ ନିର୍ବାଚନୀ ମଇଦାନରେ ସେଭଳି କୌଣସି ପ୍ରଭାବ ପକାଇ ପାରିନଥିବା ଏହି କ୍ଷୁଦ୍ର ଦଳଟି ହଠାତ ଜାତୀୟ ରାଜନୀତିର କେନ୍ଦ୍ରବିନ୍ଦୁ ପାଲଟିଛି। ଗତକାଲି ବିଦ୍ରୋହୀ ସାଂସଦ ଲୋକସଭା ବାଚସ୍ପତିଙ୍କୁ ଭେଟି ମିଶ୍ରଣ କଥା କହିଥିଲେ। ତେବେ ଏହାକୁ ନେଇ ସିଟିଜନ ପାର୍ଟିରେ ମତଭେଦ ଦେଖାଦେଇଛି। ପାର୍ଟିର ସଭାପତି ଏହାକୁ ନେଇ ନିରବ ରହିଥିବା ବେଳେ ଏହାର ସାଧାରଣ ସଂପାଦକ ସାଇକତ ଦାସ କହିଛନ୍ତି ଯେ ତାଙ୍କ ପାର୍ଟିକୁ ଏସଂପର୍କରେ କେହି ଜଣାଇ ନାହାନ୍ତି। ଆମ ପାର୍ଟିକୁ ନେଇ ଜଣାଇ ସେମାନେ କେମିତି ଏଥିରେ ମିଶିଗଲେ ବୋଲି ସେ ପ୍ରଶ୍ନ କରିଛନ୍ତି।

ଭାରତୀୟ ନିର୍ବାଚନ କମିସନଙ୍କ ତଥ୍ୟ ଅନୁଯାୟୀ, ଏହି ଦଳଟି ୨୦୨୩ ମସିହା ଜାନୁଆରୀ ୨୦ ତାରିଖରେ ପଶ୍ଚିମବଙ୍ଗରେ ଏକ ପଞ୍ଜୀକୃତ ଅଣ-ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ଭାବେ ଆତ୍ମପ୍ରକାଶ କରିଥିଲା। ପଶ୍ଚିମବଙ୍ଗର ହାଓଡ଼ା ଜିଲ୍ଲାର ବାନୀପୁର ଅଞ୍ଚଳରେ ଏହାର ମୁଖ୍ୟ କାର୍ଯ୍ୟାଳୟ ରହିଛି। ଉତ୍ତୀୟ କୁଣ୍ଡୁ ଏହି ଦଳର ସଭାପତି ଥିବାବେଳେ ତାଙ୍କ ପତ୍ନୀ ଶିଉଳୀ କୁଣ୍ଡୁ ଦଳର କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଏହି ଆଞ୍ଚଳିକ ଦଳଟିକୁ ମୋଟ ୧ ଲକ୍ଷ ୧୩ ହଜାର ଟଙ୍କାର ପାଣ୍ଠି ସହାୟତା ମିଳିଥିବା ସରକାରୀ ନଥିପତ୍ରରୁ ଜଣାପଡ଼ିଛି। ପଶ୍ଚିମବଙ୍ଗରେ ପଞ୍ଜୀକୃତ ହୋଇଥିଲେ ମଧ୍ୟ ଏହି ଦଳଟି ୨୦୨୩ ମସିହାରେ ତ୍ରିପୁରା ବିଧାନସଭା ନିର୍ବାଚନ ମାଧ୍ୟମରେ ନିଜର ନିର୍ବାଚନୀ ଯାତ୍ରା ଆରମ୍ଭ କରିଥିଲା। ଆଦିବାସୀ ସମ୍ପ୍ରଦାୟର ସ୍ୱାର୍ଥ ରକ୍ଷା ପାଇଁ ଦଳ ୭ଟି ଆସନରେ ପ୍ରାର୍ଥୀ ଦେଇଥିଲେ ହେଁ ୪ ଜଣଙ୍କ ନାମାଙ୍କନ ପତ୍ର ନାକଚ ହୋଇଯାଇଥିଲା। ପ୍ରତିଦ୍ୱନ୍ଦ୍ୱିତା କରିଥିବା ଅବଶିଷ୍ଟ ପ୍ରାର୍ଥୀମାନେ ମୋଟ ମିଶାଇ ମାତ୍ର ୧,୧୯୮ଟି ଭୋଟ ପାଇବାରେ ସକ୍ଷମ ହୋଇଥିଲେ। ନିର୍ବାଚନ ପରେ ଦଳୀୟ କାର୍ଯ୍ୟାଳୟ ବନ୍ଦ ହୋଇଯିବା ସହ ଶୀର୍ଷ ନେତୃତ୍ୱ ସ୍ଥାନୀୟ ପ୍ରାର୍ଥୀମାନଙ୍କ ସହ ସମସ୍ତ ଯୋଗାଯୋଗ ବିଚ୍ଛିନ୍ନ କରିଦେଇଥିଲେ ବୋଲି ପୂର୍ବତନ ପ୍ରାର୍ଥୀମାନେ ଅଭିଯୋଗ କରିଛନ୍ତି। ଆର୍ଥିକ ସଙ୍କଟ କାରଣରୁ ଦଳ ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନରେ ମଧ୍ୟ ଭାଗ ନେଇପାରିନଥିଲା।

ଏଭଳି ଏକ ଦୁର୍ବଳ ସାଂଗଠନିକ ଭିତ୍ତିଭୂମି ଥିବା ଦଳ ସହ ତୃଣମୂଳ କଂଗ୍ରେସର ଦୁଇ-ତୃତୀୟାଂଶ ସାଂସଦ ହାତ ମିଳାଇଛନ୍ତି। ତ୍ରିପୁରା ନିର୍ବାଚନ ପରେ ପ୍ରାୟ ନିଷ୍କ୍ରିୟ ହୋଇଯାଇଥିବା ଏହି ରାଜନୈତିକ ସଂଗଠନ ଏବେ ଭାରତୀୟ ସଂସଦର ଏକ ପ୍ରମୁଖ ଶକ୍ତି ଭାବେ ଉଭା ହୋଇଛି। ବିଦ୍ରୋହୀ ସାଂସଦମାନଙ୍କର ଏହି ଆକସ୍ମିକ ନିଷ୍ପତ୍ତି ପଶ୍ଚିମବଙ୍ଗ ସମେତ ଜାତୀୟ ରାଜନୀତିରେ ଆଗାମୀ ଦିନରେ ଏକ ବଡ଼ ଧରଣର ପରିବର୍ତ୍ତନର ସଙ୍କେତ ଦେଉଛି।

# ନିଟ୍ ପୋର୍ଟାଲ୍‌ରେ ସାଇବର ଠକେଇ

ଅହମଦାବାଦ,୧୫।୬(ଏଜେନ୍ସି): ନିଟ୍ ପରୀକ୍ଷା ପୋର୍ଟାଲ୍ ସହ ଜଡିତ ଏକ ବଡ଼ ସାଇବର ଠକେଇ ଘଟଣାର ପର୍ଦ୍ଦାଫାସ କରିଛି ଅହମଦାବାଦ ସାଇବର ଅପରାଧ ଶାଖା। ଏହି ମାମଲାରେ ବିହାରର ଗୟା ଜିଲ୍ଲାର ଜଣେ ୧୯ ବର୍ଷୀୟ ଯୁବକଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଦୁର୍ବଳ ପାସୱାର୍ଡ ଭାଙ୍ଗି ତିନିଶହରୁ ଅଧିକ ନିଟ୍ ପରୀକ୍ଷାର୍ଥୀଙ୍କ ଖାତାରେ ବେଆଇନ ପ୍ରବେଶ କରିଥିବା ଅଭିଯୋଗ ହୋଇଛି। ସେ ପରୀକ୍ଷାର୍ଥୀଙ୍କ ବ୍ୟାଙ୍କ ବିବରଣୀ ବଦଳାଇ ଫେରସ୍ତ ହେଉଥିବା ଶୁଳ୍କ ଟଙ୍କାକୁ ନିଜ ଖାତାକୁ ସ୍ଥାନାନ୍ତର କରୁଥିଲା। ପ୍ରତ୍ୟେକ ଛାତ୍ରଙ୍କ ଠାରୁ ପ୍ରାୟ ସତରଶହ ଟଙ୍କା ଲେଖାଏଁ ଫେରସ୍ତ ରାଶି ହଡ଼ପ କରାଯାଇଥିବା ବେଳେ ପ୍ରାୟ ଏକଶହ ପଚାଶ ଜଣ ଛାତ୍ର ଏଥିରେ ପ୍ରଭାବିତ ହୋଇଛନ୍ତି। ଜାତୀୟ ପରୀକ୍ଷା ସଂସ୍ଥାର ସୂଚନା ଆଧାରରେ ପୋଲିସ ଅଭିଯୁକ୍ତଙ୍କୁ ଠାବ କରି ଗିରଫ କରିଛି। ଘଟଣା ପରେ ଜାତୀୟ ପରୀକ୍ଷା ସଂସ୍ଥା ପୋର୍ଟାଲ୍‌ର ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିଛି। ଛାତ୍ରଛାତ୍ରୀଙ୍କ ତଥ୍ୟ ସୁରକ୍ଷା ପାଇଁ ଦୁଇ-ସ୍ତରୀୟ ପ୍ରମାଣୀକରଣ ବ୍ୟବସ୍ଥା ଲାଗୁ କରାଯାଇଛି।

# ଭାରତୀୟସେନାର ନୂତନ ପୋଷାକ ନିୟମ

**ବ୍ରିଟିଶ ଅମଳର ପରମ୍ପରାର ଅନ୍ତ**


ନୂଆଦିଲ୍ଲୀ,୧୫।୬(ଏଜେନ୍ସି): ଭାରତୀୟ ସେନା ପକ୍ଷରୁ ସାମରିକ ପରମ୍ପରାକୁ ଭାରତୀୟ ସଂସ୍କୃତି ଅନୁଯାୟୀ ରୂପାନ୍ତରିତ କରିବା ପାଇଁ 'ସେନା ପୋଷାକ ନିୟମାବଳୀ-୨୦୨୬' ଜାରି କରାଯାଇଛି। ଏହି ନୂତନ ନିୟମ ମାଧ୍ୟମରେ ବ୍ରିଟିଶ ଶାସନ କାଳର କେତେକ ପରମ୍ପରାକୁ ହଟାଇବା ସହ ସେନା କର୍ମଚାରୀଙ୍କ ପୋଷାକ ଏବଂ ଶୃଙ୍ଖଳାକୁ ଅଧିକ କଠୋର କରାଯାଇଛି। ଅଧିକାରୀମାନଙ୍କ ଆନୁଷ୍ଠାନିକ ପୋଷାକରେ ପାରମ୍ପରିକ 'ବନ୍ଦୀ ଜ୍ୟାକେଟ୍' ସାମିଲ କରାଯାଇଛି। ମହିଳାଙ୍କ ପାଇଁ ନର୍ଦ୍ଦିଷ୍ଟ କାର୍ଯ୍ୟକ୍ରମରେ ଶାଢ଼ୀ ଏବଂ ସାଧାରଣ ରଙ୍ଗର କୁର୍ତ୍ତା-ସଲୱାର ପିନ୍ଧିବାକୁ ଅନୁମତି ମିଳିଛି। ପୋଷାକର ନାମକରଣରୁ ବ୍ରିଟିଶ ଅମଳର 'ରୟାଲ' ଶବ୍ଦକୁ ହଟାଇ ଦିଆଯାଇଛି। ଏହା ସହିତ ପାଉଚ୍ ବେଲ୍ଟ ଏବଂ ଖଣ୍ଡା ବା ତରବାରୀ ବ୍ୟବହାର କରିବାର ବାଧ୍ୟତାବାଧକତାକୁ ହ୍ରାସ କରାଯାଇଛି। ନୂତନ ଶୀତକାଳୀନ ପୋଷାକ ଲାଗୁ କରାଯାଇଛି, ଯେଉଁଥିରେ ଆଙ୍ଗୋଲା ସାର୍ଟ, ବ୍ୟାଟେଲ ଜ୍ୟାକେଟ୍ ଏବଂ ଟୋପି ରହିବ। ନିଶର ସର୍ବାଧିକ ଲମ୍ବ ୧୨ ସେଣ୍ଟିମିଟର ମଧ୍ୟରେ ସୀମିତ ରହିବ। ୟୁନିଫର୍ମ ପିନ୍ଧିବା ସମୟରେ ଅତର କିମ୍ବା ବଡ଼ି ସ୍ପ୍ରେ ବ୍ୟବହାର କରିବା ନିଷେଧ। ମହିଳା କର୍ମଚାରୀମାନେ ଲିପଷ୍ଟିକ, ନେଲପଲିସ, ବିନ୍ଦି କିମ୍ବା ନାକଫୁଲି ପିନ୍ଧିପାରିବେ ନାହିଁ। ବିବାହିତ ମହିଳାମାନେ ସିନ୍ଦୂର ଲଗାଇପାରିବେ, କିନ୍ତୁ ତାହା ଟୋପି ଭିତରେ ଲୁଚି ରହିବା ଆବଶ୍ୟକ।

# ୭୦ କ୍ଷେପଣାସ୍ତ୍ର, ୬୦୦ ଡ୍ରୋନ୍ ମାଡ଼



**ରୁଷର ଭୟଙ୍କର ଆକ୍ରମଣ**

କିଭ୍/ମସ୍କୋ, ୧୫।୬ (ଏଜେନ୍ସି): ରୁଷ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଭୟଙ୍କର ରୂପ ନେଇଛି। ଗତକାଲି ବିଳମ୍ବିତ ରାତିରେ ରୁଷ ପକ୍ଷରୁ ୟୁକ୍ରେନ ଉପରେ ଏକ ବଡ଼ଧରଣର ଆକାଶମାର୍ଗରୁ ଆକ୍ରମଣ କରାଯାଇଛି। ରୁଷ ସେନା କିଭ୍ ସମେତ ବିଭିନ୍ନ ଅଞ୍ଚଳକୁ ଟାର୍ଗେଟ୍ କରି ୭୦ଟି ମିସାଇଲ୍ ଏବଂ ୬୧୧ଟି ଆତ୍ମଘାତୀ ଡ୍ରୋନ୍ ମାଡ଼ କରିଛି। ତେବେ ୟୁକ୍ରେନର ଏୟାର ଡିଫେନ୍ସ ସିଷ୍ଟମ ଏଥିରୁ ୫୦ଟି ମିସାଇଲ୍ ଓ ୫୮୨ଟି ଡ୍ରୋନକୁ ଆକାଶରେ ହିଁ ଧ୍ୱଂସ କରିଦେଇଥିବା ଦାବି କରିଛି। ରୁଷର ଏହି ମହାଆକ୍ରମଣର କଡ଼ା ଜବାବ ଦେଇଛି ୟୁକ୍ରେନ। ରୁଷ ସୀମା ଭିତରକୁ ପଶି ୟୁକ୍ରେନ ଡ୍ରୋନ୍ ଗୁଡ଼ିକ ଏକ ବଡ଼ ଇନ୍ଧନ ଡିପୋ ଏବଂ ବାରୁଦ ତିଆରି କରୁଥିବା କେମିକାଲ୍ ଫ୍ୟାକ୍ଟ୍ରି ଉପରେ ବୋମାମାଡ଼ କରିଛନ୍ତି। ଏହି ଆକ୍ରମଣ ଯୋଗୁଁ ରୁଷର ତେଲ ଡିପୋରେ ଭୟାବହ ନିଆଁ ଲାଗିଯାଇଛି। "ରୁଷ ଯେଉଁ ପର୍ଯ୍ୟନ୍ତ ଯୁଦ୍ଧ ବନ୍ଦ ନକରିବ, ସେପର୍ଯ୍ୟନ୍ତ ଆମର ଏଭଳି ଦୂରଗାମୀ ପ୍ରତିଶୋଧମୂଳକ ଆକ୍ରମଣ ଜାରି ରହିବ ବୋଲି ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି କହିଛନ୍ତି।



# ରାମ ମନ୍ଦିର ଦାନପାତ୍ରରୁ ୨୦୦ କୋଟିରୁ ଅଧିକ ଚୋରି; ସନ୍ଦେହଘେରରେ ୫୦ କର୍ମଚାରୀ

ଅଯୋଧ୍ୟା: ୧୫।୬(ଏଜେନ୍ସି): ଅଯୋଧ୍ୟାର ଶ୍ରୀରାମ ମନ୍ଦିରରୁ ଏକ ବଡ଼ ଧରଣର ଆର୍ଥିକ ଅନିୟମିତତା ମାମଲା ସାମ୍ନାକୁ ଆସିଛି। ପ୍ରାରମ୍ଭିକ ଆକଳନ ଅନୁଯାୟୀ, ମନ୍ଦିରର ଦାନପାତ୍ରରୁ ପ୍ରାୟ ୨୦୦ କୋଟିରୁ ଅଧିକ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଟଙ୍କା ଗଣତି କାର୍ଯ୍ୟରେ ନିୟୋଜିତ ଥିବା ପ୍ରାୟ ୫୦ ଜଣ କର୍ମଚାରୀ ବର୍ତ୍ତମାନ ସନ୍ଦେହ ଘେରରେ ଅଛନ୍ତି। ପୁଲିସ ଓ ସ୍ପେଶାଲ ଟାସ୍କ ଫୋର୍ସ ଏପର୍ଯ୍ୟନ୍ତ ୫ ଜଣ କର୍ମଚାରୀଙ୍କ ନିକଟରୁ ପ୍ରାୟ ୨ କୋଟି ଟଙ୍କା ନଗଦ, ଏକ ଦାମୀ ଗାଡ଼ି ଏବଂ ୩ଟି ଆଇଫୋନ ଜବତ କରିସାରିଛି। ଏହି ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ତଦନ୍ତ ସମିତି ଗଠନ କରାଯାଇଛି, ଯାହା ଆଗାମୀ ୧୫ ଦିନ ମଧ୍ୟରେ ତାର ରିପୋର୍ଟ ପ୍ରଦାନ କରିବ। ମନ୍ଦିର ପରିସରରେ ୧୪ଟି ସ୍ଥାନରେ ଦାନପାତ୍ର ରଖାଯାଇଛି। ଗର୍ଭଗୃହ ଏବଂ ଦର୍ଶନ ପଥରୁ ସଂଗୃହିତ ନଗଦ ଟଙ୍କାକୁ ମନ୍ଦିର ଭିତରେ ଥିବା ଏକ ଅତି ଗୋପନୀୟ କକ୍ଷକୁ ନିଆଯାଇଥାଏ, ଯେଉଁଠାରେ ବାହାର ଲୋକଙ୍କ ପ୍ରବେଶ ନିଷେଧ। ଏହି କକ୍ଷରେ ଟଙ୍କା ଗଣତି ପାଇଁ ୩ଟି ସ୍ତରରେ ୫୦ ଜଣ କର୍ମଚାରୀ କାର୍ଯ୍ୟ କରନ୍ତି, ଯେଉଁଥିରେ ଘରୋଇ ସଂସ୍ଥାର ୨୪ ଜଣ ଗଣତି କର୍ମଚାରୀ, ଟ୍ରଷ୍ଟର ୧୨ ଜଣ ପର୍ଯ୍ୟବେକ୍ଷକ ଏବଂ ବ୍ୟାଙ୍କ ତଥା ଅଡିଟ୍ ଦଳର ୧୪ ଜଣ ସଦସ୍ୟ ସାମିଲ ଥାନ୍ତି। ମାସିକ ମାତ୍ର ୧୪,୫୦୦ ଟଙ୍କା ଦରମା ପାଉଥିବା କେତେକ କର୍ମଚାରୀ ଗତ ୫ ବର୍ଷ ମଧ୍ୟରେ ହଠାତ କୋଟିପତି ହୋଇଯିବା ପରେ ଏହି ସ୍କାମ ସାମ୍ନାକୁ ଆସିଥିଲା। ସେମାନଙ୍କର ବିଳାସପୂର୍ଣ୍ଣ ଜୀବନଶୈଳୀ, ଦାମୀ ଗାଡ଼ି ଏବଂ ଜମି କିଣାବିକା ଅନ୍ୟ ସହକର୍ମୀମାନଙ୍କ ମନରେ ସନ୍ଦେହ ସୃଷ୍ଟି କରିଥିଲା। ପରେ ଏହି ବିଷୟଟି ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। ମାମଲାର ଗମ୍ଭୀରତାକୁ ଦେଖି କେନ୍ଦ୍ର ସରକାରଙ୍କ ଜଣେ ବରିଷ୍ଠ ଆଇ.ପି.ଏସ. ଅଧିକାରୀ ସ୍ୱତନ୍ତ୍ର ବିମାନ ଯୋଗେ ଅଯୋଧ୍ୟା ପହଞ୍ଚି ସିଧାସଳଖ କେନ୍ଦ୍ରକୁ ରିପୋର୍ଟ ପଠାଉଛନ୍ତି। ଏହାସହ ରାଜ୍ୟ ଶାସନ ପକ୍ଷରୁ ଗଠିତ ବିଶେଷ ତଦନ୍ତ ସମିତି (ଏସ୍‌ଆଇଟି)ରେ ଲକ୍ଷ୍ନୌ କମିଶନର ବିଜୟ ବିଶ୍ୱାସ ପନ୍ତ (ଆଇଏଏସ), ଆଇଜି କିରଣ ଏସ. (ଆଇପିଏସ) ଏବଂ ଅର୍ଥ ବିଭାଗର ବିଶେଷ ସଚିବ ନୀଳରତନ ସାମିଲ ଅଛନ୍ତି। ଏହି ଦଳ ମନ୍ଦିରର ଆର୍ଥିକ କାରବାର, ଅଡିଟ୍ ଏବଂ ଅପରାଧିକ ଦିଗର ଗଭୀର ତଦନ୍ତ କରୁଛି। ତେବେ ମନ୍ଦିର ନିର୍ମାଣ ସମିତିର ଅଧ୍ୟକ୍ଷ ନୃପେନ୍ଦ୍ର ମିଶ୍ର ଏହି ବିବାଦରୁ ନିଜକୁ ଦୂରେଇ ରଖି କହିଛନ୍ତି ଯେ ସେ କେବଳ ନିର୍ମାଣ କାର୍ଯ୍ୟ ସହ ଜଡ଼ିତ, ଟ୍ରଷ୍ଟର ଆଭ୍ୟନ୍ତରୀଣ କାର୍ଯ୍ୟ ସହ ତାଙ୍କର କୌଣସି ସମ୍ପର୍କ ନାହିଁ। କୋଟି କୋଟି ଶ୍ରଦ୍ଧାଳୁଙ୍କ ଆସ୍ଥାର କେନ୍ଦ୍ରବିନ୍ଦୁ ଥିବା ଶ୍ରୀରାମ ମନ୍ଦିରରୁ ଏଭଳି ଅର୍ଥ ହେରଫେର ଅଭିଯୋଗ ସ୍ଥାନୀୟ ସନ୍ଥ ସମାଜ ଏବଂ ଦେଶବାସୀଙ୍କୁ ବ୍ୟଥିତ କରିଛି।

# ବାବୁ ଖୋଜୁଛନ୍ତି ବିଜିନେସ୍ କ୍ଲାସ୍

**ରାଜକୋଷରୁ ଅପବ୍ୟୟ ହେଉଛି ବିପୁଳ ଅର୍ଥ**

**ବାବୁଙ୍କୁ ତାଗିଦ୍ କରି ଚିଠି ଲେଖିଲା ଅର୍ଥ ବିଭାଗ**

ଭୁବନେଶ୍ୱର ୧୫।୬ (ସମିସ): ରାଜ୍ୟ ସରକାରଙ୍କ ଅଧିନରେ କାର୍ଯ୍ୟରତ ସର୍ବ ଭାରତୀୟ ସେବାର ଅଧିକାରୀମାନେ (ଦରମା ସ୍ତର -୧୪ କିମ୍ବା ତଦୂର୍ଦ୍ଧ) ବିମାନରେ ବିଜିନେସ୍ କ୍ଲାସ ବା କ୍ଲବ୍ କ୍ଲାସରେ ଯାତ୍ରା କରିପାରିବେ । ସରକାରୀ କାର୍ଯ୍ୟ ଓ ଏଲ୍‌ଟିସି ସମୟରେ ମଧ୍ୟ ସେମାନେ ଏହି ସୁବିଧା ନେଇପାରିବେ । ୨୦୨୪ ମସିହା ଡିସେମ୍ବର ମାସରେ ଅର୍ଥ ବିଭାଗ ପକ୍ଷରୁ ଏଭଳି ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା । ଏ ବାବଦ ସମସ୍ତ ଖର୍ଚ୍ଚ ରାଜ୍ୟ ରାଜକୋଷରୁ ଭରଣାର ବ୍ୟବସ୍ଥା ରହିଛି । ମାତ୍ର ଉପସାଗରୀୟ ଯୁଦ୍ଧ ଓ ଦେଶରେ ତୈଳ ସଙ୍କଟକୁ ଆଖିରେ ରଖି ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ରାଜ୍ୟ ସରକାର ଖର୍ଚ୍ଚ କାଟକୁ ଗୁରୁତ୍ୱ ଦେଇଛନ୍ତି । ବିଦେଶ ଯାତ୍ରା ସହ ଅନ୍ୟାନ୍ୟ ବ୍ୟୟ ହ୍ରାସ ପାଇଁ ମୁଖ୍ୟମନ୍ତ୍ରୀ ପ୍ରାଥମିକତା ଦେଇଛନ୍ତି । ଏପରିକି ମୁଖ୍ୟମନ୍ତ୍ରୀ ଏଥିପାଇଁ ନିଜ କାରକେଡ୍‌କୁ ମଧ୍ୟ କମାଇଛନ୍ତି । ମାତ୍ର ପେଞ୍ଚପାଞ୍ଚରେ ମାହିର କୁହାଯାଉଥିବା କିଛି ସରକାରୀବାବୁ ଗଳାବାଟ ଦେଇ ସରକାରୀ ନିୟମକୁ ଫାଙ୍କୁଥିବା ଅଭିଯୋଗ ହୋଇଛି । ଗନ୍ତବ୍ୟସ୍ଥଳକୁ ସିଧାସଳଖ ଯାତ୍ରା ପରିବର୍ତ୍ତେ ବୁଲିବୁଲି ଭିନ୍ନଭିନ୍ନ ଏୟାର ଲାଇନ୍ସ ଜରିଆରେ ଯାତ୍ରା କରୁଛନ୍ତି । ଏହାଦ୍ୱାରା ରାଜକୋଷରୁ ଅଧିକ ଅର୍ଥ ବ୍ୟୟ ହେଉଛି, ସମୟ ବି ଅପଚୟ ହେଉଛି । ଯାହାକୁ ନେଇ ଚିନ୍ତାପ୍ରକଟ କରିଛି ଅର୍ଥ ବିଭାଗ । ଏଥିପାଇଁ ଅଧିକାରୀମାନଙ୍କୁ ଅର୍ଥ ବିଭାଗ ପକ୍ଷରୁ ତାଗିଦ୍ କରାଯାଇଛି

ରାଜ୍ୟ ସରକାରରେ କାର୍ଯ୍ୟ କରୁଥିବା ସ୍କେଲ- ୧୪ କିମ୍ବା ତା' ଠାରୁ ଅଧିକସ୍ତରର ଦରମା ପାଉଥିବା ସର୍ବଭାରତୀୟ ସେବାର ଅଧିକାରୀମାନଙ୍କୁ ଏଲ୍‌ଟିସି ସମୟରେ ବିଜିନେସ କ୍ଲାସ ଓ କ୍ଲବ୍ କ୍ଲାସ ବିମାନ ଯାତ୍ରା ସୁବିଧା ଯୋଗାଇ ଦିଆଯାଉଛି । ସେହିପରି ସରକାରୀ କାର୍ଯ୍ୟରେ ଅନ୍ୟ ସହରକୁ ଯାତ୍ରା ସମୟରେ ମଧ୍ୟ ସେମାନଙ୍କୁ ଅନୁରୂପ ସୁବିଧା ମିଳିଥାଏ । ମାତ୍ର ସରକାରୀ ବାବୁମାନେ ଏହା ଅପବ୍ୟବହାର କରୁଥିବା ଅଭିଯୋଗ ହୋଇଛି । ଭୁବନେଶ୍ୱର ବିମାନବନ୍ଦରରୁ ମୁମ୍ବାଇ ସିଧା ବିମାନ ଉପଲବ୍ଧ ଥିଲେ ହେଁ ବିଜିନେସ କ୍ଲାସ ଓ କ୍ଲବ୍ କ୍ଲାସରେ ଯାତ୍ରା ପାଇଁ ଭୁବନେଶ୍ୱରରୁ ଦିଲ୍ଲୀ ଓ ଦିଲ୍ଲୀରୁ ମୁମ୍ବାଇ ଯାତ୍ରା କରୁଛନ୍ତି । ଫଳରେ ସରକାରୀ ଖର୍ଚ୍ଚର ଅପବ୍ୟବହାର ହେଉଥିବା ବେଳେ ଅନାବଶ୍ୟକ ଯାତ୍ରା ଯୋଗୁଁ ସମ୍ପୃକ୍ତ ଅଧିକାରୀଙ୍କ ସମୟ ନଷ୍ଟ ହେଉଛି । ଏହାକୁ ନେଇ ଚିନ୍ତାବ୍ୟକ୍ତ କରିଛି ଅର୍ଥ ବିଭାଗ ଓ ଏ ସଂକ୍ରାନ୍ତରେ ଏକ ନିର୍ଦ୍ଦେଶନାମା ମଧ୍ୟ ଜାରି କରାଯାଇଛି । ଯାତ୍ରା ଉତ୍ପତ୍ତିସ୍ଥଳ ଠାରୁ ଗନ୍ତବ୍ୟସ୍ଥଳକୁ ସିଧାସଳଖ ବିମାନ ଉପଲବ୍ଧ ଥିଲେ, ବିମାନଯାତ୍ରା ପାଇଁ ହକଦାର ସରକାରୀ ଅଧିକାରୀମାନେ ସରକାରୀ ଗସ୍ତ ପାଇଁ ସିଧାସଳଖ ବିମାନ ସେବା ବ୍ୟବହାର କରିବାକୁ ବାଧ୍ୟ ବିଜନେସ୍ କ୍ଲାସର ପ୍ରାବଧାନ ନ ଥିଲେ, ପ୍ରିମିୟମ୍ ଇକୋନୋମି ଓ ଇକୋନୋମି କ୍ଲାସ୍ ଟିକଟରେ ଯାତ୍ରା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

**ଅସହ୍ୟ ହେଲା ସ୍ତ୍ରୀ ସହ ଅନୈତିକ ସଂପର୍କ**

# ସାଙ୍ଗକୁ ମାରି ପୋତିଦେଲା

**ମାଟି ତଳୁ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର**

**ଅଭିଯୁକ୍ତ ସାଙ୍ଗ ଗିରଫ**

ଉଦଳା/ନୀଳଗିରି, ୧୫।୬(ସମିସ): ସ୍ତ୍ରୀ ସହ ସାଙ୍ଗର ଅନୈତିକ ସଂପର୍କ ଧରିବା ପରଠାରୁ ରାଗରେ ରକ୍ତ ଚାଉଳ ଚୋବାଉଥିଲା । ପ୍ରତିଶୋଧ ନେବା ପାଇଁ ଉଚିତ ସମୟକୁ ଚାହିଁ ବସିଥିଲା । ଶେଷରେ ସୁଯୋଗ ଦେଖି ସାଙ୍ଗକୁ ଅପହରଣ କରିନେଇ ମାରିଦେଲା । ଖାଲି ସେତିକି ନୁହେଁ, ପ୍ରମାଣ ଲୁଚାଇବା ପାଇଁ ଶବକୁ ମାଟି ଖୋଲି ପୋତି ଦେଲା । ବାଲେଶ୍ୱର ଜିଲ୍ଲା ବରହମପୁର ଥାନା ପୁଲିସ ଆଜି ଏପରି ଏକ ଜଘନ୍ୟ ହତ୍ୟାକାଣ୍ଡ ଉପରକୁ ପରଦା ହଟାଇବା ସହ ଅଭିଯୁକ୍ତ ସାଙ୍ଗକୁ ଗିରଫ କରିଛି । ସେ ହେଲା, ବରହମପୁର ଥାନା ଅନ୍ତର୍ଗତ ଗବପାଳ ଗ୍ରାମର ବୀରେନ ମଢ଼େଇ । କେସିପୁର ପଞ୍ଚାୟତ ଜାମୁନା ଅଞ୍ଚଳର ବୀରେନ୍ଦ୍ର ବେହେରାଙ୍କୁ ଅପହରଣ କରି ହତ୍ୟା କରିଥିବା ଅଭିଯୋଗରେ ପୁଲିସ ତାକୁ ଗିରଫ କରିଛି । ଅପରପକ୍ଷେ, ପୁଲିସ୍ ଆଜି ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ବଡ଼ସିଙ୍ଗାରିଆରେ ଏକ ନିଛାଟିଆ ରାସ୍ତାକଡ଼ରୁ ମାଟି ଖୋଳି ବୀରେନ୍ଦ୍ରଙ୍କ ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି ।

ସୂଚନାନୁଯାୟୀ, ବୀରେନ ଓ ବୀରେନ୍ଦ୍ର ଭଲ ସାଙ୍ଗ ଥିଲେ । ଅଧିକାଂଶ ସମୟରେ ଦୁହେଁ ଦୁହିଁଙ୍କ ଘରକୁ ଯା'ଆସ କରନ୍ତି । ଏହି ଯା'ଆସ ଭିତରେ ବୀରେନଙ୍କ ସ୍ତ୍ରୀ ସହ ବୀରେନ୍ଦ୍ରର ଅନୈତିକ ସଂପର୍କ ଗଢ଼ି ଉଠିଥିଲା । ବେଶ୍ କିଛି ଦିନ ଲୁଚାଛପାରେ ସଂପର୍କ ଚାଲିବା ପରେ ଘଟଣା ପଦାକୁ ଆସିଥିଲା । ଏହାକୁ ନେଇ ଗାଁରେ ବୈଠକ ବସିବା ସହ ଆପୋଷ ବୁଝାମଣା ହୋଇଥିଲା । ସରପଞ୍ଚଙ୍କ ସମେତ ଗ୍ରାମର ଭଦ୍ରଲୋକଙ୍କ ସାମ୍ନାରେ ସମାଧାନ କରାଯାଇ ୫୦ହଜାର ଟଙ୍କା କୋର୍ଟ ପେପର୍ ମାଧ୍ୟମରେ ପୈଠ କରିଥିଲେ ବୀରେନ୍ଦ୍ର । କିନ୍ତୁ ବୀରେନ୍ ଏଥିରେ ସନ୍ତୁଷ୍ଟ ନଥିଲେ । ସେ ପ୍ରତିଶୋଧ ନିଆଁରେ ଅହରହ ଜଳୁଥିଲେ । ବୀରେନକୁ ହତ୍ୟା କରିବା ପାଇଁ ସୁଯୋଗ ଅପେକ୍ଷାରେ ଥିଲେ । ଯୋଜନା ମୁତାବକ, ଗତ ମାସ ୨୫ତାରିଖରେ ଏକ ଡମ୍ଫର ଚଳାଇବା ପାଇଁ ବୀରେନ୍ଦ୍ରଙ୍କୁ କପ୍ତିପଦା ଡକାଇଥିଲେ ବୀରେନ । ବୀରେନ୍ଦ୍ର କପ୍ତିପଦା ଅଭିମୁଖେ ଯାଉଥିବା ବେଳେ ଜାମୁନା ଛକରୁ ବୀରେନ ତାଙ୍କୁ ଏକ ବାଇକ୍‌ରେ ଅପହରଣ କରିନେଇଥିଲେ । ସେବେଠାରୁ ଆଉ ବୀରେନ୍ଦ୍ରଙ୍କର ଆଉ ଖୋଜଖବର ମିଳିନଥିଲା । ଏପଟେ, ଚାରିଆଡ଼େ ଖୋଜାଖୋଜି କରି ନିରାଶ ହେବା ପରେ ବୀରେନ୍ଦ୍ରଙ୍କ ପରିବାରଲୋକ ଥାନାର ଆଶ୍ରୟ ନେଇଥିଲେ । ଗତ ମାସ ୩୧ ତାରିଖରେ ତାଙ୍କ ସ୍ତ୍ରୀ ସାବିତ୍ରୀ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲା । ପୁଲିସ ଏହାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଥିଲା । ଅଭିଯୁକ୍ତ ବୀରେନ୍‌କୁ ଅଟକ ରଖି ପଚରାଉଚରା କରିବାରୁ ସେ ସବୁ ମାନି ଯାଇଥିଲା । ପରେ ତା' ସୂଚନା ଆଧାରରେ ପୁଲିସ ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ବଡ଼ସିଙ୍ଗାରିଆରେ ଏକ ନିଛାଟିଆ ରାସ୍ତା କଡ଼ରେ ମାଟି ଖୋଳି ବୀରେନଙ୍କ ଗଳିତ ଶବ ଜବତ କରିଥିଲା ।

**ଡାକ୍ତରୀ ଛାତ୍ରୀଙ୍କ ରହସ୍ୟଜନକ ମୃତ୍ୟୁ ଘଟଣା**

# ଚନ୍ଦ୍ରିକାଙ୍କ ଘରେ ବାରଙ୍ଗ ପୁଲିସର ତଦନ୍ତ

ଉଦଳା, ୧୫।୬ (ସମିସ): ତ୍ରି-କୋଣୀୟ ପ୍ରେମକୁ କେନ୍ଦ୍ର କରି ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ମୃତ୍ୟୁ ଘଟଣାରେ ବାରଙ୍ଗ ପୁଲିସ୍ ତଦନ୍ତକୁ ଜୋରଦାର



କରିଛି । ଏହି ଘଟଣାରେ ପୁଲିସ ଅଭିଯୁକ୍ତ ପ୍ରେମିକ ଭୀମସେନ ଟୁଡୁକୁ ଗିରଫ କରିସାରିଥିବା ବେଳେ ଆଜି ଚନ୍ଦ୍ରିକାଙ୍କ ଘରେ ପହଞ୍ଚି ତଦନ୍ତ କରିଛି । ବାରଙ୍ଗ ଥାନାର ୪ଜଣିଆ ଟିମ୍ ଗତରାତିରେ ଉଦଳାରେ ପହଞ୍ଚି ତଦନ୍ତ କରିଥିଲେ । ଚନ୍ଦ୍ରିକାଙ୍କ ବାପା, ମା'ଙ୍କ ସହ ମାମୁ, ମାଇଁ ଓ ମାମୁ ଝିଅଙ୍କୁ ପଚରାଉଚରା କରିଥିବା ବେଳେ ଆଜି ତଦନ୍ତକାରୀ ଟିମ ପୁଣି ଚନ୍ଦ୍ରିକାଙ୍କ ଘରକୁ ଯାଇ ପଚରାଉଚରା କରିଥିଲା । ପୁଲିସ ଚନ୍ଦ୍ରିକାଙ୍କ ଘରେ ପ୍ରାୟ ସାଢ଼େ ୪ ଘଣ୍ଟା ଧରି ତଦନ୍ତ କରିଥିଲା । ଚନ୍ଦ୍ରିକାଙ୍କ ଭାଇଙ୍କ ସମେତ ତାଙ୍କ ମାଆ ଓ ବାପାଙ୍କୁ ମଧ୍ୟ ପଚରାଉଚରା କରିଥିଲା । ସମସ୍ତଙ୍କ ବୟାନ ରେକର୍ଡ କରାଯାଇଛି । ଚନ୍ଦ୍ରିକା ଓ ଭୀମସେନଙ୍କ ସମ୍ପର୍କ, ସମ୍ପର୍କରେ ତିକ୍ତତା ଭଳି ଅନେକ ଦିଗ ଉପରେ ପଚରାଉଚରା କରାଯାଇଥିବା ଜଣାପଡ଼ିଛି ।

# ଗଛରେ ପିଟିହେଲା ବାଇକ୍ ଭାଇ-ଭଉଣୀ ମୃତ

ବେଲଗୁଣ୍ଠା,୧୫।୬(ସମିସ):ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଥାନା ଅଧୀନ ଭଞ୍ଜନଗର-ସୋରଡ଼ା ରାସ୍ତାର ଦୁବୁଲୁଣ୍ଡା ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଭାଇ-ଭଉଣୀଙ୍କ ଜୀବନ ଯାଇଛି । ଏକ ଦ୍ରୁତଗାମୀ ବାଇକ୍ ଭାରସାମ୍ୟ ହରାଇ ରାସ୍ତାକଡ଼ ଗଛରେ ପିଟି ହେବାରୁ ଏହି ଅଘଟଣ ଘଟିଛି । ମୃତକଦ୍ୱୟ ହେଲେ, କଇଣ୍ଡି ଗ୍ରାମର ସନ୍ନ୍ୟାସୀ ନାଇକଙ୍କ ପୁଅ ଶିଶିର ନାଇକ (୧୮) ଓ ଝିଅ ଲିପି ନାଇକ(୧୬) ।

ସୂଚନା ଅନୁଯାୟୀ, ରବିବାର ଭାଇ-ଭଉଣୀ ଏକ ବାଇକ୍‌ରେ ମାମୁଘର ବଡ଼ବୋରସିଂ ପଞ୍ଚାୟତ ଡିମିରିପଲ୍ଲୀକୁ ଯାଉଥିଲେ । ଅପରାହ୍ଣରେ କଣ୍ଟେଇପଲ୍ଲୀ ନିକଟସ୍ଥ ଦୁବୁଲୁଣ୍ଡା ଘାଇ ପାଖ ବୁଲାଣିରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଦୁଇଜଣ ଯାକ ରାସ୍ତା ଉପରକୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ । ୧୦୮ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ତୁରନ୍ତ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଶିଶିରକୁ ଡାକ୍ତର ମୃତ ଘୋଷଣା କରିଥିଲେ । ଲିପିକୁ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଲିପିର ମଧ୍ୟ ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ସନ୍ନ୍ୟାସୀଙ୍କ ଅଭିଯୋଗ ଆଧାରରେ ଗାଙ୍ଗପୁର ପୁଲିସ ନମ୍ବର ୨୭୨/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ଅପରପକ୍ଷେ, ଏହି ଦୁଃଖଦ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି ।

# ଘରକୁ ଧକ୍କା ଦେଇ ଓଲଟିଲା ସ୍କର୍ପିଓ

**ଜଣେ ମୃତ, ୬ ଗୁରୁତର**

ତୁରୁମୁଙ୍ଗା, ୧୫।୬ (ସମିସ): କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥର ରାଞ୍ଜିବିଜୟୱାଡ଼ା ରାସ୍ତାର ବଡ଼ବିଲ ନିକଟରେ ରବିବାର ଭୋର୍‌ର ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଏକ ସ୍କର୍ପିଓ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଘରକୁ ଧକ୍କା ଦେଇ ଓଲଟି ପଡ଼ିବାରୁ ୬ରୁ ଅଧିକ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି । ଦୁର୍ଘଟଣା ପରେ ଗାଡ଼ି ତଳେ ଚାପି ହୋଇ ଜଣଙ୍କର ମୃତ୍ୟୁ ଘଟିଛି । ମୃତକ ହେଲେ, ଘଟଗାଁ ଥାନା କୁସୁନପୁରର ସେକ୍ ମହିମୁଦିନ ଅହମ୍ମଦ(୩୧) । ସ୍କର୍ପିଓରେ ଏକ ପରିବାର ରାଇରଙ୍ଗପୁରରୁ ଏକ ବିବାହ ଉତ୍ସବରେ ଯୋଗ ଦେଇ ଫେରୁଥିବା ବେଳେ ଗାଡ଼ିର ପଛ ଚକା ଫାଟି ଯିବାରୁ ହଠାତ୍ ନିୟନ୍ତ୍ରଣ ହରାଇଥିଲା । ଗାଡ଼ିଟି ରାସ୍ତାକଡ଼ରେ ଥିବା ଏକ ଘରକୁ ଧକ୍କା ଦେଇ ଓଲଟି ପଡ଼ିଥିଲା । ଦୁର୍ଘଟଣା ସମୟରେ ଘରେ ପରିବାର ସଦସ୍ୟମାନେ ଶୋଇଥିଲେ । ସୌଭାଗ୍ୟବଶତଃ ସମସ୍ତେ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଦୁର୍ଘଟଣା ପରେ ଗାଡ଼ି ଭିତରେ ଫସି ରହିଥିବା ଆହତଙ୍କୁ ସ୍ଥାନୀୟ ଲୋକେ ଏବଂ ଅଗ୍ନିଶମବାହିନୀ ଉଦ୍ଧାର କରି ଚିକିତ୍ସା ପାଇଁ ପାଟଣା ଓ ପରେ କେନ୍ଦୁଝର ମେଡିକାଲକୁ ପଠାଇଥିଲେ । ଆହତମାନେ ହେଲେ, ଏସ୍.କେ ମହମ୍ମଦ (୧୯), ଏସ୍.କେ ୱାସିମ ଖାନ(୩୫), ଖତେଜା ବିବି(୩୫) ଓ ଅନ୍ୟ ୩ ଜଣଙ୍କ ପରିଚୟ ମିଳିପାରିନାହିଁ । ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା ।

**ମହିଳା ସରପଞ୍ଚଙ୍କୁ ନିର୍ଯାତନା, ରଜରେ ରାଇରଙ୍ଗପୁରରେ ଗଣଦୁଷ୍କର୍ମ**

# ମହିଳା ଓ ନାବାଳିକାଙ୍କ ସୁରକ୍ଷା ପ୍ରସଙ୍ଗରେ ବର୍ଷିଲା ବିଜେଡି




**ତୁରନ୍ତ ନିରପେକ୍ଷ ତଦନ୍ତ ଓ କଠୋର କାର୍ଯ୍ୟାନୁଷ୍ଠାନ ଦାବି**

ଭୁବନେଶ୍ୱର,୧୫।୬(ସମିସ): ରାଜ୍ୟରେ ମହିଳା ଓ ନାବାଳିକାଙ୍କ ଉପରେ ବଢୁଥିବା ଅପରାଧ ଘଟଣାକୁ ନେଇ ସରକାରଙ୍କ ଉପରେ ବର୍ଷିଛି ବିଜେଡି । ମୁଖ୍ୟତଃ ନିକଟରେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଅଞ୍ଚଳରେ ଜଣେ ୧୩ ବର୍ଷୀୟା ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇଥିବା ଅଭିଯୋଗ ଓ କେନ୍ଦ୍ରାପଡ଼ା ଜିଲ୍ଲାର ସରପଞ୍ଚ ଚାମେଲୀ ଓଝାଙ୍କୁ ଆକ୍ରମଣ ଘଟଣାକୁ ନେଇ ଦଳ ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି । ରଜ ପର୍ବ ଭଳି ଆନନ୍ଦର ମାହୋଲ୍ ସମୟରେ ଏଭଳି ଜଘନ୍ୟ ଘଟଣା ସମଗ୍ର ଓଡ଼ିଶାବାସୀଙ୍କୁ ମର୍ମାହତ କରିଛି ଏବଂ ମହିଳା ଓ ଶିଶୁଙ୍କ ସୁରକ୍ଷା ପ୍ରତି ସରକାରଙ୍କ ଦାୟିତ୍ୱବୋଧ ନେଇ ଗମ୍ଭୀର ପ୍ରଶ୍ନ ସୃଷ୍ଟି କରିଛି ବୋଲି ବିଜେଡି କହିଛି । ମହିଳା ଓ ନାବାଳିକାଙ୍କ ଉପରେ ଘଟୁଥିବା ଅପରାଧ ମାମଲାର ଶୀଘ୍ର ବିଚାର ପାଇଁ ଫାଷ୍ଟ ଟ୍ରାକ୍ କୋର୍ଟଗୁଡ଼ିକୁ ଅଧିକ ସକ୍ରିୟ କରାଯିବା ସହ ମହିଳା ଓ ଶିଶୁଙ୍କ ସୁରକ୍ଷା ପାଇଁ ଥିବା ସମସ୍ତ ଯୋଜନା ଓ ପାଣ୍ଠିର ସଠିକ୍ ବ୍ୟବହାର ସୁନିଶ୍ଚିତ କରାଯାଉ ଦଳ ପକ୍ଷରୁ ଦାବି କରାଯାଇଛି । ଏହାସହିତ ମହିଳାଙ୍କ ସୁରକ୍ଷା, ସମ୍ମାନ ଓ ନ୍ୟାୟ ପ୍ରସଙ୍ଗରେ କୌଣସି ପ୍ରକାରର ଅବହେଳା ଗ୍ରହଣୀୟ ନୁହେଁ । ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳ ସାରା ଓଡ଼ିଶାରେ ଏହି ପ୍ରସଙ୍ଗରେ ଆନ୍ଦୋଳନକୁ ଆହୁରି ଜୋରଦାର କରିବ ବୋଲି ଦଳ ପକ୍ଷରୁ କୁହାଯାଇଛି ।

ସୋମବାର ଦଳ ପକ୍ଷରୁ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ, ବିଜୁ ମହିଳା ଜନତା ଦଳର ଉପସଭାପତି ଭାରତୀ ସିଂହ ଏବଂ ପୂର୍ବତନ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମୀନତି ବେହେରା ପ୍ରମୁଖ ସରକାରଙ୍କୁ ନାରୀ ସୁରକ୍ଷା ପ୍ରସଙ୍ଗରେ କାଠଗଡ଼ାରେ ଠିଆ କରିଛନ୍ତି । ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ କହିଛନ୍ତି ଯେ ରାଜ୍ୟ ସରକାର ଦୁଇ ବର୍ଷ ପୂର୍ତ୍ତି ଉତ୍ସବ ଓ ପ୍ରଚାରରେ ବ୍ୟସ୍ତ ଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଅବନତି ଘଟୁଛି । ରଙ୍ଗ ପରିବର୍ତ୍ତନ, ନାମ ପରିବର୍ତ୍ତନ, ଫଳକ ଉନ୍ମୋଚନ ଏବଂ ବଡ଼ ବଡ଼ ହୋର୍ଡିଂ ଲଗାଇବା ଦ୍ୱାରା ବିକାଶ ହୁଏ ନାହିଁ । ରାଜ୍ୟର ମହିଳା ଓ ନାବାଳିକାମାନେ ସୁରକ୍ଷିତ ରହିବା ହିଁ ସରକାରର ସବୁଠାରୁ ବଡ଼ ସଫଳତା ହେବା ଉଚିତ ।

ବିଜୁ ମହିଳା ଜନତା ଦଳର ଉପସଭାପତି ଭାରତୀ ସିଂହ କହିଥିଲେ ଯେ ଦୁଇ ବର୍ଷର ଶାସନ କାଳ ମଧ୍ୟରେ ମହିଳାମାନଙ୍କ ମନରେ ସୁରକ୍ଷା ଓ ବିଶ୍ୱାସର ଭାବନା କମିଯାଇଛି । ଗୋଟେ ପଟେ ସରକାର ନାରୀ ସଶକ୍ତୀକରଣର କଥା କହୁଥିବା ବେଳେ ଅନ୍ୟପଟେ ମହିଳା ଓ ନାବାଳିକାଙ୍କ ଉପରେ ଅପରାଧ ଓ ନିର୍ଯାତନାର ଘଟଣା ବଢ଼ି ଚାଲିଛି । ସେ ନିର୍ଭୟା ଫଣ୍ଡ, ୱାନ୍ ଷ୍ଟପ୍ ସେଣ୍ଟର ଓ ସଚେତନତା କାର୍ଯ୍ୟକ୍ରମଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥିଲେ । ପୂର୍ବତନ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମୀନତି ବେହେରା ଦାବି କରିଥିଲେ ଯେ ରାଇରଙ୍ଗପୁର ଘଟଣାର ତୁରନ୍ତ ଓ ନିରପେକ୍ଷ ତଦନ୍ତ କରାଯାଉ । ପୀଡ଼ିତାଙ୍କୁ ଉନ୍ନତ ଚିକିତ୍ସା, ମାନସିକ ପରାମର୍ଶ ଏବଂ ଆବଶ୍ୟକ ଆର୍ଥିକ ସହାୟତା ଯୋଗାଇ ଦିଆଯିବା ସହ ଦୋଷୀମାନଙ୍କ ବିରୋଧରେ କଠୋରତମ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି ।

**ସରପଞ୍ଚ ଚାମେଲି ଓଝା ପ୍ରସଙ୍ଗ**

# କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିବ ଯୁବ କଂଗ୍ରେସ

ଭୁବନେଶ୍ୱର,୧୫।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ତିଖିରି ପଞ୍ଚାୟତ ସରପଞ୍ଚ ଚାମେଲି ଓଝାଙ୍କୁ ନ୍ୟାୟ ଦେବା ଦାବିରେ ଆସନ୍ତା ୧୭ ତାରିଖ ଦିନ କେନ୍ଦ୍ରାପଡା ଜିଲ୍ଲା ଯୁବ କଂଗ୍ରେସ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିବ । ଆଜି (ସୋମବାର) ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଜଣେ ସଂଗ୍ରାମୀ, ସାହସିନୀ ଏବଂ ଜନପ୍ରିୟ ମହିଳା ଯୁବ ସରପଞ୍ଚ ଚାମେଲୀ ଓଝାଙ୍କ ବିରୋଧରେ ରାଜ୍ୟ ସରକାରଙ୍କର ସମଗ୍ର ପ୍ରଶାସନ ଲାଗିପଡିବା ଦୁର୍ଭାଗ୍ୟଜନକ । ସେ ତାଙ୍କ ପଞ୍ଚାୟତର ସମସ୍ୟାକୁ ନେଇ ମହାକାଳପଡା ବିଡିଓଙ୍କ ପାଖରେ ଦାବି ଉପସ୍ଥାପନ କରୁଥିବାବେଳେ ବିଡିଓ ତାଙ୍କ ନାମରେ ମିଥ୍ୟା ମକଦ୍ଦମା ରୁଜୁ କରିଛନ୍ତି । ସ୍ଥାନୀୟ ବିଧାୟକଙ୍କ ଚାପରେ ବିଡିଓ ଉଦ୍ଦେଶ୍ୟମୂଳକ ଭାବେ ଚାମେଲିଙ୍କୁ ହଇରାଣ ହରକତ କରୁଥିଲେ । ତାଙ୍କୁ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ନିର୍ବାହରେ ବିଡିଓ ବାଧକ ସାଜିଥିଲେ । ସେଦିନ ବିଧାୟକଙ୍କ ଇଙ୍ଗିତରେ ବ୍ଲକ କାର୍ଯ୍ୟାଳୟରେ କିଛି ବିଜେପି ଗୁଣ୍ଡା ଚାମେଲୀଙ୍କୁ ଫୋନ ଛଡାଇବାସହ ତାଙ୍କୁ ଦୁର୍ବ୍ୟବହାର କରିଥିଲେ । ଚାମେଲିଙ୍କ ଫୋନ୍‌ରେ କ'ଣ ଏପରି କଥା ରହିଛି ଯେ ତାଙ୍କ ଫୋନ୍‌କୁ ପୁଲସ ଜବତ କରିଛ ବୋଲି ଯୁବ କଂଗ୍ରେସ ପ୍ରଶ୍ନ କରିଛି ।

କଂଗ୍ରେସ ଅଭିଯୋଗ କରିଛି ଯେ ଚାମେଲିଙ୍କ ସାନ ଭାଇଙ୍କୁ ବିନା କାରଣରେ ଜେଲ୍‌ରେ ଭର୍ତ୍ତି କରାଯାଇଛି । ଚାମେଲିଙ୍କୁ ବ୍ଲକରେ ଅପମାନିତ କରାଯାଇ ବଳପୂର୍ବକ ଥାନା ଭିତରକୁ ଅଣାଗଲା ଏବଂ ଥାନାରେ ଚାମେଲିଙ୍କୁ ଶାରୀରିକ ନିର୍ଯାତନା ଦିଆଯାଇଛି । ପୁଲିସ ନିଜ ଦୋଷକୁ ଘୋଡ଼ାଇବା ପାଇଁ ଚାମେଲିଙ୍କ ନାମରେ ପୁଲିସକୁ କାମୁଡ଼ିଦେବା ଏବଂ ଧମକ ଦେବା ଭଳି ମିଥ୍ୟା ଅଭିଯୋଗ ଯୋଡ଼ା ଯାଇଛି । ବାସ୍ତବରେ ମହାକାଳପଡ଼ା ବିଜେପି ବିଧାୟକ, ମହାକାଳପଡା ବିଡିଓ, ଥାନା ଅଧିକାରୀଙ୍କ ଚକ୍ରବ୍ୟୂହରେ ଚାମେଲିଙ୍କୁ ଫସେଇ ଦିଆଯାଇଛି ବୋଲି ଯୁବ କଂଗ୍ରେସ କହିଛି । ଚାମେଲୀ ମହାକାଳପଡା ବିଧାୟକଙ୍କ ନାମରେ ଯେଉଁ ସଂଗୀନ ଅଭିଯୋଗ ଆଣିଛନ୍ତି, ସେ କଥାକୁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଡିଜିପି ବିଚାରକୁ ନେଲେ ନାହିଁ । ଜଣେ ମହିଳା ସରପଞ୍ଚଙ୍କୁ ବିଜେପି ବିଧାୟକ କେଉଁଭଳି ଭାବରେ ଲାଞ୍ଛିତ, ହଇରାଣ ହରକତ କରୁଥିଲେ ଏବଂ ମାନସିକ ନିର୍ଯାତନା ଦେଉଥିଲେ ତାହା ଖୋଲାଖୋଲି ଭାବେ ସରପଞ୍ଚ ଚାମେଲି ଗଣମାଧ୍ୟମରେ ପ୍ରକାଶ କରିଛନ୍ତି । ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଚାମେଲିଙ୍କ ଦେହ ସାରା କ୍ଷତ ରହିଛି । ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉଦ୍‌ବେଗଜନକ ହେଉଥିବାବେଳେ ଜିଲ୍ଲା ଏସ୍‌ପି ଏବଂ ଜିଲ୍ଲା ମୁଖ୍ୟ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସଲାସୁତୁରାରେ ଚାମେଲିଙ୍କ ଉପରେ ଆକ୍ରମଣର କୌଣସି ପ୍ରମାଣ ନାହିଁ ବୋଲି କୁହାଯିବା ଦୁର୍ଭାଗ୍ୟଜନକ । ଚାମେଲିଙ୍କୁ ଡାକ୍ତରଖାନାରୁ ଘୋଷାରି ଘୋଷାରି ଜୋର୍‌ଜବରଦସ୍ତ କୋର୍ଟକୁ ନେବା ଘଟଣାକୁ ମଧ୍ୟ ଓଡ଼ିଶାବାସୀ ଗଣମାଧ୍ୟମରେ ଦେଖିଛନ୍ତି । ଚାମେଲି ନିଜର ଜୀବନ ପ୍ରତି ବିପଦ ଅଛି ବୋଲି ବାରମ୍ବାର ଗଣମାଧ୍ୟମରେ କହୁଛନ୍ତି । ସୁତରାଂ ନାରୀଶକ୍ତି ବନ୍ଦନର ଡିଣ୍ଡିମ ପିଟୁଥିବା ବିଜେପିର ଅସଲ ମୁଖା ଏହି ଘଟଣାରେ ପର୍ଦ୍ଦାଫାସ ହୋଇଛି ବୋଲି ଯୁବ କଂଗ୍ରେସ କହିଛି ।

**ଗୁଳୁଗୁଳିରେ ରଜ ମଉଜ**

# ବିନା ବର୍ଷାରେ ଆଗକୁ ବଢୁଛି ମୌସୁମୀ

ଭୁବନେଶ୍ୱର,୧୫।୬(ସମିସ): ଓଡ଼ିଶାର ଗଣପର୍ବ ରଜ ପାଳନ କରାଯାଉଛି । ଓଦା ମାଟି ସାଙ୍ଗକୁ ମେଘୁଆ ପାଗରେ ରଜ ପାଳନର ସ୍ୱତନ୍ତ୍ର ଅନୁଭୂତି ରହିଛି । ହେଲେ ପହିଲି ରଜରୁ ଆରମ୍ଭ କରି ରଜ ସଂକ୍ରାନ୍ତି ଯାଇ ସାରିଥିଲେ ମଧ୍ୟ ରାଜ୍ୟର କାଁ ଭାଁ ଅଞ୍ଚଳରେ ବର୍ଷା ଛାଡ଼ି ଦେଲେ ବାକି ସବୁଆଡ଼େ ଗରମ ଗୁଳୁଗୁଳିରେ ଲୋକେ ଅସ୍ତବ୍ୟସ୍ତ ହେଉଛନ୍ତି । ବର୍ଷାର ଅଭାବରେ ଜୁନ୍ ମାସରେ ମଧ୍ୟ ବୈଶାଖ ଭଳି ତାତି ଲାଗୁଛି । ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ରଜ ସମୟରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ତାପମାତ୍ରା ୩୮-୪୨ ଡିଗ୍ରୀ ସେଲସିୟସ୍ ରହିଛି । ଆଜି ୪୨.୫ ଡିଗ୍ରୀ ସହ ବୌଦ୍ଧ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ରହିଥିବା ବେଳେ ୪୧.୬ ଡିଗ୍ରୀ ସହ ସମ୍ବଲପୁରରେ ମଧ୍ୟ ଅଧିକ ତାତି ଅନୁଭୂତ ହୋଇଛି । ଏହାସହ ହୀରାକୁଦରେ ୪୧.୫ ଓ ଝାରସୁଗୁଡ଼ାରେ ତାପମାତ୍ରା ୪୧.୨ ଡିଗ୍ରୀ ରେକର୍ଡ ହୋଇଛି । ଏହା ବ୍ୟତୀତ ଉପକୂଳବର୍ତ୍ତୀ ଜିଲ୍ଲାରେ ତାପମାତ୍ରା ୩୬.୩୮ ମଧ୍ୟରେ ରହିଥିବା ବେଳେ ଆର୍ଦ୍ରତା ୬୦-୮୦ ପ୍ରତିଶତ ରହୁଥିବା ହେତୁ ଭୀଷଣ ଗୁଳୁଗୁଳି ହେଉଛି ।

ତାତି ଓ ଗୁଳୁଗୁଳି ଯୋଗୁଁ ପଶ୍ଚିମ ଓଡ଼ିଶାର କେତେକ ଜିଲ୍ଲାରେ ହିଟ୍ ୱେଭ ପରି ପରିସ୍ଥିତି ସୃଷ୍ଟି ହୋଇଛି । ଭୁବନେଶ୍ୱର, କଟକ, ସମ୍ବଲପୁର, ବଲାଙ୍ଗିର, ବରଗଡ଼, କେନ୍ଦୁଝର ଆଦି ସ୍ଥାନରେ ଦିନ ବେଳେ ପ୍ରଖର ଖରାରେ ଘର ବାହାରକୁ ବାହାରିବା କଷ୍ଟକର ହୋଇପଡ଼ିଛି । ରାତିର ତାପମାତ୍ରା ମଧ୍ୟ କମ୍ ହେଉନଥିବାରୁ ଲୋକେ ଅସହ୍ୟ ଗୁଳୁଗୁଳିରେ ହନ୍ତସନ୍ତ ହେଉଛନ୍ତି ।

ଅନ୍ୟପଟେ ସୋମବାର ସୁଦ୍ଧା ରାଜ୍ୟର ଆଉ କିଛି ଅଞ୍ଚଳକୁ ମୌସୁମୀ ଅଗ୍ରସର ହୋଇଥିବା ନେଇ ଆଇଏମ୍‌ଡି କହିଛି । ପଶ୍ଚିମ ଓଡ଼ିଶାକୁ ଛାଡ଼ି ଦେଲେ ବାକି ରାଜ୍ୟର ପ୍ରାୟ ୭୦ ପ୍ରତିଶତରୁ ଅଧିକ ଅଞ୍ଚଳକୁ ମୌସୁମୀ ଅଗ୍ରସର ହୋଇ ସାରିଥିବା ଆଇଏମ୍‌ଡି କହିଛି । ହେଲେ ମୌସୁମୀ ବାୟୁ ଆସିବା ଓ ଯେଉଁ ସ୍ଥାନକୁ ଏହା ଅଗ୍ରସର ହୋଇଛି, ସେଠାରେ ବର୍ଷା ନ ହେବାକୁ ନେଇ ଦ୍ୱାନ୍ଦ୍ୱାତ୍ମକ ସ୍ଥିତି ସୃଷ୍ଟି ହୋଇଛି । ଉଦାହରଣ ଭାବେ ଭୁବନେଶ୍ୱରରେ ମୌସୁମୀ ପ୍ରବେଶ କରି ସାରିଥିବା ନେଇ ଆଇଏମ୍‌ଡି କହୁଥିବା ବେଳେ ଏଠାରେ ବର୍ଷା ଦେଖା ନ ମିଳିବା ସ୍ଥିତିକୁ ଆହୁରି ଗୋଳମାଳିଆ କରିଛି । ପାଣିପାଗ କେନ୍ଦ୍ର କହିଛି ଯେ ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ତାତି ସାଙ୍ଗକୁ ଗୁଳୁଗୁଳି ଜାରି ରହିବ । ଏହି ସମୟରେ ଅପରାହ୍ଣ ପରେ କିଛି କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା କରାଯାଇଛି ।

**ଖରିଫ ଚାଷ ଉପରେ ଏଲ୍-ନିନୋ ପ୍ରଭାବର ସମୀକ୍ଷା**

# ଜଳ ସୁବିନିଯୋଗ ପାଇଁ ଗଠନ ହେବ ଟାସ୍କ ଫୋର୍ସ



ଭୁବନେଶ୍ୱର, ୧୫।୬(ସମିସ): ଖରିଫ ଋତୁ ଫସଲ ପାଇଁ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଆଜି ଲୋକସେବା ଭବନରେ ଅନୁଷ୍ଠିତ ହୋଇଛି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ଆଗମନରେ ବର୍ଷାର ସ୍ଥିତି, ଆକଳନ ଏବଂ ଏଲ୍-ନିନୋ ଜନିତ ସମ୍ଭାବ୍ୟ ପ୍ରଭାବର ମୁକାବିଲା ସମ୍ପର୍କରେ ଆଲୋଚନା କରାଯାଇଛି । ପାଣିପାଗ ବିଭାଗର ଆକଳନ ଅନୁଯାୟୀ ସାରା ଦେଶରେ ଏଲ-ନିନୋ ପ୍ରଭାବ ଅନୁଭୂତ ହେବ । ଏହାର ପ୍ରଭାବରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇପାରେ । ପୂର୍ବ ବର୍ଷଗୁଡ଼ିକର ତଥ୍ୟକୁ ବିଶ୍ଳେଷଣ କଲେ ଓଡ଼ିଶାରେ ଏହାର ପ୍ରଭାବ ବିଶେଷ ପଡ଼ିବ ନାହିଁ ବୋଲି ଆକଳନ କରାଯାଇଛି । ଅର୍ଥାତ୍ ଏଲ୍-ନିନୋ ପ୍ରଭାବରେ ବର୍ଷା ସ୍ୱାଭାବିକଠାରୁ କିଛି ମାତ୍ରାରେ କମିପାରେ, ବଢ଼ିପାରେ ବା ସ୍ୱାଭାବିକ ରହିପାରେ । ମାତ୍ର ଏଥିପାଇଁ ପୂର୍ଣ୍ଣ ପ୍ରସ୍ତୁତ ସ୍ୱରୂପ ବର୍ଷାର ସ୍ଥିତି, ଜଳଭଣ୍ଡାରରେ ଜଳସ୍ତର, କୃଷି କାର୍ଯ୍ୟକଳାପ ଓ ଜଳ ସମ୍ପଦର ନିରନ୍ତର ସମୀକ୍ଷା ସହ ଆବଶ୍ୟକ ପୂର୍ବ ପ୍ରସ୍ତୁତି ଗ୍ରହଣ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ବୈଠକରେ ସାମଗ୍ରିକ ଜଳ ପରିଚାଳନା ଓ ଜଳସେଚନ କାର୍ଯ୍ୟକ୍ରମର ନିରନ୍ତର ସମୀକ୍ଷା ଏବଂ ଆବଶ୍ୟକ ପରାମର୍ଶ ପ୍ରଦାନ ପାଇଁ ଏକ ସ୍ୱତନ୍ତ୍ର ଟାସ୍କ ଫୋର୍ସ କମିଟି ଗଠନ କରିବାକୁ ନିଷ୍ପତ୍ତି ହୋଇଛି । ଏହି କମିଟି ଜଳ ଉପଲବ୍ଧତା, ଖରିଫ୍ ଓ ରବି ପାଇଁ ଜଳସେଚନ ପ୍ଲାନିଂ, ଜଳସେଚନ କ୍ଷମତା ବୃଦ୍ଧି ଏବଂ ଜଳର ସୁବିନିଯୋଗ ପାଇଁ ଚାଷୀଙ୍କୁ ସଚେତନ କରାଯିବ । ଜଳ ସଂପଦ ବିଭାଗ ନୋଡାଲ ବିଭାଗ ଭାବେ କାର୍ଯ୍ୟ କରିବା ସହିତ କୃଷି ବିଭାଗ ଓ ସଂପୃକ୍ତ ଅନ୍ୟ ବିଭାଗର ସଚିବ ତଥା ବରିଷ୍ଠ ଅଧିକାରୀମାନେ ସଦସ୍ୟ ରହିବେ ।

ଏହି ଅବସରରେ ଏଲ୍-ନିନୋର ମୁକାବିଲା ପାଇଁ କୃଷି ବିଭାଗର ପ୍ରସ୍ତୁତି ସମ୍ପର୍କରେ ବିଭାଗୀୟ ଶାସନ ସଚିବ ସଚିବ ରାମଚନ୍ଦ୍ର ଯାଦବ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ତାଙ୍କ ସୂଚନା ଅନୁଯାୟୀ, ଚଳିତ ଖରିଫରେ ପ୍ରାୟ ୫୭.୮୮ ଲକ୍ଷ ହେକ୍ଟର ଜମିରେ ଚାଷ କରାଯିବ । ତନ୍ମଧ୍ୟରୁ ୩୯.୦୪ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇବାକୁ ଲକ୍ଷ୍ୟ ରହିଛି । ସେହିପରି ୨ ଲକ୍ଷ ୬୬ ହଜାର ୭୮୦ କ୍ୱିଣ୍ଟାଲ ବିହନ ଯୋଗାଇବା ସହ ସାର ଉପଲବ୍ଧତା ସମ୍ପର୍କରେ ଆଲୋଚନା ହୋଇଛି । ବୈଠକରେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ, ଆଇଏମ୍‌ଡି ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି, ଓୟୁଏଟି କୁଳପତିଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ ।

# ବଡ଼ଭାଇକୁ ଟାଙ୍ଗିଆରେ ହାଣି ହତ୍ୟାକଲା ସାନ

ଅନୁଗୋଳ, ୧୫।୬(ସମିସ): ଅନୁଗୋଳ ଜିଲ୍ଲା ପୁରୁଣାକୋଟ ଥାନା ଅନ୍ତର୍ଗତ ପୁକୁଣ୍ଡା ଗାଁରେ ଏକ ଆପରାଧିକ ଘଟଣା ଘଟିଛି । ପାରିବାରିକ କଳହକୁ କେନ୍ଦ୍ର କରି ସାନଭାଇ ନିଜ ବଡ଼ଭାଇକୁ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି । ସୋମବାର ସକାଳେ ପୁରୁଣାକୋଟ ଥାନା ପୁକୁଣ୍ଡା ଗ୍ରାମର ୩ ଭାଇ ଲକ୍ଷ୍ମଣ ସିଠ, ଟିଟୁ ସିଠ ଏବଂ ବିପିନି ସିଠଙ୍କ ମଧ୍ୟରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଝଗଡ଼ା ହୋଇଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ଟିଟୁ ସିଠ ଏକ ଟାଙ୍ଗିଆରେ ଲକ୍ଷ୍ମଣଙ୍କୁ ଆକ୍ରମଣ କରିଥିଲା । ଫଳରେ ଲକ୍ଷ୍ମଣ ଗୁରୁତର ଆହତ ହୋଇଥିଲେ । ପରିବାରଲୋକେ ତାଙ୍କୁ ତୁରନ୍ତ ଡାକ୍ତରଖାନା ନେଇଯାଇଥିଲେ । ପରେ ବିପିନି ଏକ ଟାଙ୍ଗିଆରେ ଟିଟୁଙ୍କ ବେକକୁ ହାଣି ଦେଇଥିଲେ । ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଛି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି ।

# ପୋଲ ତଳକୁ ଖସିପଡ଼ିଲା ବାଇକ୍; ୨ ମୃତ

ନୀଳଗିରି,୧୫।୬(ସମିସ): ବାଲେଶ୍ୱର ଜିଲ୍ଲା ବରହମପୁର ଥାନା ଶେରଗଡ଼ ନୀଳଗିରି ଝରଣଘାଟି ରାସ୍ତା ୧୯ନମ୍ବର ରାଜ୍ୟରାଜପଥର ତେଲିପାଳ ନିକଟରେ ଏକ ବାଇକ୍ ଦୁର୍ଘଟଣା ଘଟିଛି। ଏଥିରେ ୨ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ପହିଲି ରଜ ରାତ୍ରି ପ୍ରାୟ ୧୦ ଘଟିକା ସମୟରେ ୨ ବାଇକଆରୋହୀ ତଥା ନୀଳଗିରି ଥାନା ଶ୍ୟାମସୁନ୍ଦରପୁର ପଞ୍ଚାୟତ ଖୁମକୁଟ ଅଞ୍ଚଳର ରାମଦାସ ସୋରେନଙ୍କ ପୁଅ ଦିଲ୍ଲୀପ୍ (୩୦) ଓ ଶଙ୍କରା ମୁର୍ମୁଙ୍କ ପୁଅ ନରେନ୍ଦ୍ର (୪୦) ମୟୂରଭଞ୍ଜ



ଉଦଳା ବନ୍ଧୁ ଘରୁ ଯାଇ ସେଠାରେ କାମ ସାରି ନିଜ ଗାଁ ଖୁମକୁଟକୁ ଫେରୁଥିବା ବେଳେ ୧୯ନମ୍ବର ରାଜ୍ୟରାଜପଥର ତେଲିପାଳ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ପୂର୍ତ୍ତ ବିଭାଗ ଏକ ରାସ୍ତାରେ ପୋଲ ନିର୍ମାଣ ଚାଲିଥିବା ବେଳେ ସେଠାରେ ଠିକାଦାରଙ୍କ ଦ୍ୱାରା ଏକ ଡାଇଭର୍ସନ ରାସ୍ତା ନିର୍ମାଣ ହୋଇଛି। ଏହି ବାଇକ୍ ଆରୋହୀଙ୍କ ଅସାବଧାନତା କାରଣରୁ ରାସ୍ତା ଜାଣି ନପାରି ପୋଲ ତଳକୁ ଖସି ମର୍ମନ୍ତୁଦ ଦୁର୍ଘଟଣା ହୋଇଥିଲା। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ୨ ବାଇକଆରୋହୀଙ୍କୁ ନୀଳଗିରି ଡାକ୍ତରଖାନାକୁ ଅଣାଯାଇଥିଲେ ହେଁ ଡାକ୍ତର ମୃତଘୋଷଣା କରିଥିଲେ। ବରହମପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ବାଇଟିକୁ ଜବତ୍ କରିଥିଲେ।

# ସରକାରଙ୍କ ବିଫଳତା ବିରୋଧରେ ବର୍ଷିଲା କଂଗ୍ରେସ

ରେମୁଣା,୧୫।୬(ସମିସ)




କେନ୍ଦ୍ର ରାଜ୍ୟ ସରକାରଙ୍କ ବିଫଳତା ବିରୁଦ୍ଧରେ ବର୍ଷିଛି କଂଗ୍ରେସ। ରେମୁଣା ନିର୍ବାଚନ ମଣ୍ଡଳୀ କଂଗ୍ରେସ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶାବାସୀ ୨୦୨୪ ନିର୍ବାଚନରେ ଓଡ଼ିଶାରେ ବିଜେପି ସରକାରୁ କ୍ଷମତା ଦେଇଥିଲେ। ଆଶା ଥିଲା ବିଜେପି ଆସିଲେ ସୁଶାସନ ଦେବ। ହେଲେ ଦୁଃଖ ଦୁର୍ଦ୍ଦଶା ଦୂର ହେବାର ତ ଦୂରର କଥା ଏହି ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପୂର୍ବରୁ ଲୋକମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ରେମୁଣା କଂଗ୍ରେସ ପକ୍ଷରୁ କୁହାଯାଇଛି। ଟାଟା ପାୱାର ସ୍ମାର୍ଟ ମିଟର ଲଗେଇ ଜନ ସାଧାରଣଙ୍କୁ ଶୋଷଣ ଆରମ୍ଭ କରିଛି ଓ ୩୦୦ ୟୁନିଟ ବିଜୁଳି ଛାଡ଼ ପ୍ରତିଶ୍ରୁତିରେ ବିଫଳ , ବିଭିନ୍ନ ଭତ୍ତା ବଣ୍ଟନରେ ୩ ମାସ ହେଲା ବର୍ତ୍ତମାନ ସରକାର ବିଫଳ ହୋଇଛି, ଦୁଇ ବର୍ଷ ଧରି ନୂଆ ଭତ୍ତା ଯୋଜନାରେ ଗୋଟିଏବି ଭତ୍ତା ମଞ୍ଜୁର ହୋଇନି, ଚାଷୀ ମାନଙ୍କର ଅଭାବ ଧାନ ବିକ୍ରି ସହିତ ୧୦ ରୁ ୧୫ କେଜି କଟଣି ଛାଟଣୀ, ଆଇନ ଶୃଙ୍ଖଳା ସମ୍ପୂର୍ଣ ବିପର୍ଯ୍ୟସ୍ତ , ଥାନାରେ ବିଜେପିର ଦଳୀୟ ଭିତ୍ତିକ କାର୍ଯ୍ୟ ଚାଲିଥିବାବେଳେ କଂଗ୍ରେସ କର୍ମୀ ଏହାକୁ ପ୍ରତିବାଦ କରିଲେ ମିଛ ମକଦ୍ଦମାରେ ଜେଲ ପଠାଯାଉଛି, ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ, ରେମୁଣା ଏନଏସି ତୁଳନାତ୍ମକ ଭାବେ ଅନ୍ୟ ଏନଏସି କିମ୍ବା ପୌରପାଳିକା ତୁଳନାରେ ବହୁ ଗୁଣ ଅଧିକ ହୋଲଡିଙ୍ଗ ଟ୍ୟାକ୍ସ ଧାର୍ଯ୍ୟ କରିଥିବାବେଳେ ସାଧାରଣ ଜନତା ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି, ବିଜେପି ଓଡିଶା ଯୁବମୋର୍ଚ୍ଚା ସଭାପତି ଫକୀର ମୋହନ ସେନାପତିଙ୍କୁ ଇଂରେଜର ଦଲାଲ ବୋଲି ମନ୍ତବ୍ୟ ଦେବା, ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ, ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳରେ ରାସ୍ତା ଘାଟ ବିପର୍ଯ୍ୟସ୍ତ, ବେକାରୀ ସମସ୍ୟା ଉତ୍କଟ, ବର୍ଷକୁ ୨ କୋଟି ଯୁବକ ଯୁବତୀଙ୍କୁ ଚାକିରି ଦେବା ପ୍ରତିଶ୍ରୁତିରେ ବିଫଳ, ସୁଭଦ୍ରା ଯୋଜନାରେ ଏକ କାଳୀନ ୫୦ହଜାର ଟଙ୍କା ଦେବାରେ ବିଫଳ, ଗରିବ ଲୋକଙ୍କ ପାଇଁ ରେସନ କାର୍ଡ ନଥିବା ବେଳେ ପେଟ୍ରୋଲ ଡିଜେଲ ଓ ଗ୍ୟାସର ଅହେତୁକ ଦର ବୃଦ୍ଧି, ବାଲି ମାଟି ମାଫିଆଙ୍କ ଗୁଣ୍ଡାରାଜ, ନାରୀ ସମ୍ମାନରେ ପ୍ରହସନ, ରାଜ୍ୟର ସମସ୍ତ ବ୍ଲକ ଅଫିସ ବିଜେପିର ଦଳୀୟ ଅଫିସରେ ପରିଣତ ହୋଇଛି କହି କଂଗ୍ରେସ ବର୍ଷିଥିଲା। ଉକ୍ତ ସମସ୍ୟା ଗୁଡିକର ଶୀଘ୍ର ସ୍ଥାୟୀ ସମାଧାନ ନ ହେଲେ ଆଗାମୀ ଦିନରେ ବଡଧରଣର ଆନ୍ଦୋଳନ କରିବ ବୋଲି ରେମୁଣା କଂଗ୍ରେସ ଚେତାବନୀ ଦେଇଛି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ବ୍ଲକ ସଭାପତି କହେଁଇ ଚରଣ ଦାସ, ପୂର୍ବତନ ସଭାପତି ତରୁଣ ଦାସ, ଜିଲ୍ଲା ଉପ ସଭାପତି ଜୁବୁଲି ପଣ୍ଡା,ଜିଲ୍ଲା ସାଧାରଣ ସମ୍ପାଦକ କେଶବ ଚନ୍ଦ୍ର ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀକାନ୍ତ ପତି, ଏନଏସି ସଭାପତି ସେକ ହେଦାୟତ, ଉପସଭାପତି ମଜହର ଖାଁ, ଜିଲ୍ଲା ସମ୍ପାଦକ ଅଜୟ କୁମାର ଜେନା, ୩୬ ନମ୍ବର ଜୋନ ସଭାପତି ରବୀନ୍ଦ୍ର ମଣ୍ଡଳ, ୨୭ ନମ୍ବର ଜୋନ ସଭାପତି ନିରଞ୍ଜନ ଦାସ, ମହିଳା କଂଗ୍ରେସ ନେତ୍ରୀ କୁମୁଦିନି ଦାସ, ଏମଡି ମଞ୍ଜର ଖାଁ, ଭାଗବତ ବିଶ୍ୱାଳ, ସନ୍ତୋଷ କୁମାର ପଣ୍ଡା, ଅଜୟ ବିଶ୍ୱାଳ, ଓଡିଶା ରାଜ୍ୟ କୃଷକ ବିକାଶ ସମବାୟ ସମିତି ନିର୍ଦ୍ଦେଶକ ତଥା କୃଷକ ନେତା ନିରଞ୍ଜନ ବେହେରାଙ୍କ ସହିତ ବହୁ କର୍ମୀ ଉପସ୍ଥିତ ଥିଲେ।

# ଲାଞ୍ଚ ନେବା ଅଡିଓ ବଢ଼ାଇଲା ଅଡୁଆ; ଥାନାରେ ମାମଲା

ଜଳେଶ୍ୱର ବ୍ଲକ,୧୫।୬(ସମିସ): ଜଳେଶ୍ୱର ଅଞ୍ଚଳରେ ଚାଲିଛି ବାଲି, ମାଟି ଓ ପଥର ମାଫିଆଙ୍କ ରାଜ। ପ୍ରଶାସନିକ ଅଧିକାରୀ, ମାଫିଆ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ମଧୁଚନ୍ଦ୍ରିକାରେ ଚାଲିଛି ସମସ୍ତ କାରବାର। ଯାହାର ଏକ ଅଡିଓ ଏବେ ଘୂରି ଚାଲିଛି ମୋବାଇଲରୁ ମୋବାଇଲ। ବିଭିନ୍ନ ଚୋରା ଗାଡ଼ି ଜବତ ପରେ ମାଫିଆ, ପ୍ରଶାସନିକ ଅଧିକାରୀ ଓ ଗାଡ଼ି ମାଲିକଙ୍କ ସହିତ ଗଣମାଧ୍ୟମ ପ୍ରତିନିଧି କିପରି ମୂଲଚାଲ କରାଉଛନ୍ତି ତା'ର ଅଡିଓରୁ ଜଣାପଡ଼ିଛି। ଓଡିଓ ଅନୁଯାୟୀ ଜଳେଶ୍ୱର ତହସିଲ ସୁପରଭାଇଜର ଶରତ ବେହେରାଙ୍କ ନାମରେ ଏଭଳି ଅଭିଯୋଗ ହୋଇଛି। ଦୀର୍ଘ ବର୍ଷ ଧରି ଜଳେଶ୍ୱର ତହସିଲରେ କାର୍ଯ୍ୟ କରୁଥିବା ସେହି ବାବୁଙ୍କ ବଦଳି ହେଉନାହିଁ। ପୂର୍ବରୁ ମଧ୍ୟ ଶରତ ବେହେରା ଅର୍ଥ ନେଇ ଜଣେ ଶିକ୍ଷୟିତ୍ରୀଙ୍କୁ ହରିଜନ ଜାତି ସାର୍ଟିଫିକେଟ ପ୍ରଦାନ କରିଥିବା ଅଭିଯୋଗ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ସରକାରୀ କାର୍ଯ୍ୟାନୁଷ୍ଠାନ ଶୂନ। ତହସିଲ କର୍ମଚାରୀଙ୍କ ସହିତ ଜବତ ହୋଇଥିବା ମାଟି



ଗାଡ଼ି ଛାଡ଼ି ଦେବା ପାଇଁ ଡିଲ୍ ହେଉଥିବାର ଏହି ଅଡିଓରେ ୨୦ ହାଜରରୁ ମୂଲଚାଲ ଆରମ୍ଭ ହୋଇ ୭୦ ହଜାର ଟଙ୍କାର ଡିଲ୍ ହେଉଛି। ଏହି ଅଡିଓ ସମ୍ପର୍କରେ ପ୍ରଶ୍ନର ଉତ୍ତରରେ ଶରତ ବେହେରାଙ୍କୁ ଯୋଗା ଯୋଗ କରିବାରୁ ସେ କହିଛନ୍ତି କି ଏ ଅଡିଓ ମୋର ନୁହେଁ। ଜଳେଶ୍ୱର ତହସିଲଦାରଙ୍କୁ ପଚାରିବାରୁ ସେ କହିଛନ୍ତି ଅଡିଓରେ କଥା ହେଉଥିବା ବ୍ୟକ୍ତିମାନେ ଆମର ଷ୍ଟାଫ୍ ନୁହନ୍ତି। ଏଭଳି ତହସିଲଦାରଙ୍କ ନାମ ନେଇ ଯିଏ ଅର୍ଥ ଉପାର୍ଜନ କରୁଛନ୍ତି ତାହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ମାତ୍ର ଶରତ ବେହେରାଙ୍କ ଫୋନ୍ ରେକର୍ଡ ଯାଞ୍ଚ କଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଦାବି ହେଉଛି। ଅପରପକ୍ଷରେ ନନ୍ଦିକା ଗ୍ରାମର ଅଧିପ କୁମାର ଭୂୟାଁ ଏକ ସରକାରୀ ପ୍ରକଳ୍ପରେ ମାଛ ଚାଷ ପାଇଁ ପୋଖରୀ ଖନନ କରି ପୋଖରୀରୁ ବାହାର କରାଯାଇଥିବା ମାଟି ଟ୍ରାକ୍ଟରରେ ବୋହି ଆଡ଼ି ବନ୍ଧ କରୁଥିବା ବେଳେ ଜଳେଶ୍ୱର ତହସିଲ କର୍ତ୍ତୃପକ୍ଷ ୬ଗୋଟି ଟ୍ରାକ୍ଟର ମେ ମାସ ୨୭ ତାରିଖରେ ଜବତ କରି ତାଙ୍କ ଠାରୁ ୭୦ ହଜାର ଟଙ୍କା ନେଇଥିଲେ। ୪ଟି ଟ୍ରାକ୍ଟର ଛାଡ଼ି ଦେଇଥିଲେ। ବାକି ୨ଟି ଟ୍ରାକ୍ଟର ଡବ୍ଲୁବି ୩୫୩୫ ୧୩ ଏବଂ ଡବ୍ଲୁ ୩୨୮୮୭୬ ଗାଡିକୁ ଛାଡ଼ିନଥିଲେ। ଯାହାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଏବଂ ଟଙ୍କା ଶୋଷଣରେ ଶିକାର ହୋଇଥିବା ଟ୍ରାକ୍ଟର ମାଲିକ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଥାନାରେ ମାମଲା ଦେବାରୁ ତହସିଲ କର୍ତ୍ତୃପକ୍ଷ ତରବରିଆ ଭାବେ ବାକି ଦୁଇଟି ଟ୍ରାକ୍ଟରକୁ ୩୪୪/୨୦୨୬ ରେ ଏକ ମାମଲା ରୁଜୁ କରି କୋର୍ଟ ପରିସରକୁ ପଠାଇ ଦେଇଥିବା ଜଣାପଡ଼ିଛି। ଏଠାରେ ସାଧାରଣରେ ପ୍ରଶ୍ନ ଉଠିଛି ଯେ ଦୀର୍ଘ ୨୦ ଦିନ ଧରି କାହିଁକି ଗାଡ଼ି ଗୁଡିକୁ ତହସିଲ ପରିସରେ ପକାଇ ରଖିଥିଲେ ବାକି ୪ ଗୋଟି ଗାଡି କେଉଁ ଆଧାରରେ ଛାଡ଼ିଦେଇଥିଲେ ତାହା ମଧ୍ୟ ସାର୍ବଜନୀନ ହେବାର ଆବଶ୍ୟକତା ରହିଛି। ଏହି ଘଟଣାରେ ଜିଲ୍ଲାପାଳ ଓ ଏସ୍‌ପି ନିଜେ ତଦନ୍ତ କରିବାର ଆବଶ୍ୟକତା ରହିଛି ବୋଲି ଅଭିଯୋଗକାରୀ କହିଛନ୍ତି।

# ଚିଙ୍ଗୁଡ଼ି ଘେରିରୁ ଶ୍ରମିକଙ୍କ ମୃତଦେହ ଉଦ୍ଧାର

ଚନ୍ଦନେଶ୍ୱର,୧୫।୬ (ସମିସ): ଭୋଗରାଇ ବ୍ଲକ୍ ଟୁକୁରୀହାଜିରା ପଞ୍ଚାୟତର ରଣକୋଠ ଗାଁ ନିକଟସ୍ଥ ଏକ ଚିଙ୍ଗୁଡ଼ି ଘେରିରୁ ରବିବାର ସକାଳେ ଜଣେ ୫୫ ବର୍ଷୀୟ ଶ୍ରମିକଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଉଦ୍ଧାର ହୋଇଛି। ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଥିବା ବେଳେ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ମୃତକ ହେଲେ ମୟୂରଭଞ୍ଜ ଜିଲ୍ଲା ବେତନଟୀ ଅଞ୍ଚଳର ରାମଚନ୍ଦ୍ର ମଲ୍ଲିକ (୫୫)। ସୂଚନା ଅନୁସାରେ, ରାମଚନ୍ଦ୍ର ତାଙ୍କ ଝିଅଙ୍କ ଘର ଭୋଗରାଇ ବ୍ଲକର କୀର୍ତ୍ତନିଆ ଗ୍ରାମରେ ରହୁଥିଲେ ଏବଂ ସ୍ଥାନୀୟ ଅଞ୍ଚଳରେ ଶ୍ରମିକ ଭାବେ କାମ କରୁଥିଲେ। ଗତ ଦୁଇ ବର୍ଷ ଧରି ସେ ମାଟିକେଞ୍ଚା ଗ୍ରାମର ଶ୍ରୀତମ ବାଣୁଆ (କୁନା) ଙ୍କ ରଣକୋଠ ବୁଢ଼ୀପୋଲ



ନିକଟସ୍ଥ ଚିଙ୍ଗୁଡ଼ି ଘେରିରେ କାର୍ଯ୍ୟରତ ଥିଲେ। ଶନିବାର ସେ ଚିଙ୍ଗୁଡ଼ି ଘେରିରୁ ମାଛ ନେଇ ଝିଅଙ୍କ ଘରକୁ ଯାଇଥିଲେ ଏବଂ ପରେ ପୁଣି ଘେରିକୁ ଫେରିଥିବା ଜଣାପଡ଼ିଛି। ରବିବାର ସକାଳେ ଉକ୍ତ ଚିଙ୍ଗୁଡ଼ି ଘେରିରେ ତାଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପରିବାର ସଦସ୍ୟଙ୍କୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। କେଉଁ ପରିସ୍ଥିତିରେ ରାମଚନ୍ଦ୍ରଙ୍କ ମୃତ୍ୟୁ ଘଟିଲା, ସେ ନେଇ ପରିବାର ପକ୍ଷରୁ ସନ୍ଦେହ ପ୍ରକାଶ ପାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ପୁଲିସ ତଦନ୍ତ ପରେ ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି।

● ବ୍ୟବସାୟୀଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

# ଲୁଟି ନେଲେ ୬ଲକ୍ଷ ଟଙ୍କା ସହ ୧୪ଲକ୍ଷର ସୁନା ଅଳଙ୍କାର

ନୀଳଗିରି,୧୫।୬(ସମିସ): ଜଣେ ବ୍ୟବସାୟୀଙ୍କ ଘରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ରବିବାର ରାତିରେ ଏହି ଘଟଣା ଘଟିଛି। ପରିବାର ଲୋକେ ସଜନାଗଡ଼ ମା' ଭୂଧାରଚଣ୍ଡୀଙ୍କ ପୀଠ ସମ୍ମୁଖରେ ରଜ ପର୍ବ ଉପଲକ୍ଷେ ମେଳା ଲାଗିଥିବାରୁ ବଜାରରେ ଥିବା ତାଙ୍କର ଲୁଗାଦୋକାନକୁ ତାଙ୍କର ଲୁଗାଦୋକାନକୁ ଯାଇଥିଲେ। ଲୁଗା ଦୋକାନ ବନ୍ଦ କରି ରାତ୍ରି ୧୦ ଘଟିକା ସମୟରେ ଘରକୁ ଫେରିବା ବେଳେକୁ ଘର ସାମ୍ନାରେ ଥିବା ଗେଟରେ ତାଲାଭଙ୍ଗା ହୋଇଥିବା ଦେଖିବାକୁ ପାଇଥିଲେ। ପରେ ଘର ଭିତରେ ପଶିବା ବେଳକୁ ଆଲମିରା ଭାଙ୍ଗି ୬ଲକ୍ଷ ୨୦ ହଜାର ଟଙ୍କା, ୧୪ଲକ୍ଷର



ସୁନା ଗହଣା ନଥିବାର ଦେଖିବାକୁ ପାଇଥିଲେ। ଆସବାବପତ୍ର ସବୁ ବିଛାଡି ହୋଇ ପ?ଥିବା ବେଳେ ଚୋର ଘର ପଛପଟେ ଦେଇ ଆସିଥିବା ଅନୁମାନ କରାଯାଉଛି। ଏନେଇ ସମସ୍ତ ପରିବାର ଲୋକ ଯାଇଥିଲେ। ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତ କଳାକନା ବୁଲାଇଥିଲେ। ନୀଳଗିରି ବ୍ଲକ୍ ସଜନନାଗଡ ପଞ୍ଚାୟତ ବେହେରାସାହି ଗ୍ରାମ ତଥା ୧୯ ନଂ ରାଜ୍ୟ ରାଜପଥ ସେରଗଡ ନୀଳଗିରି ଝରଣଘାଟି ରାସ୍ତା ପାଶ୍ୱର୍ରେ ଶତ୍ରୁଘନ ଦାସଙ୍କ ନିଜର ଘର। ଶ୍ରୀ ଦାସ ଓ ସମସ୍ତ ପରିବାର ଲୋକେ ରବିବାର ସନ୍ଧ୍ୟାରେ ବଜାରରେ ଥିବା ନୀଳଗିରି ଥାନାରେ ଅଭିଯୋଗ ହୋଇଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ପୁଲିସ ନଂ ୨୭୧/୨୬ରେ ମାମଲା ରୁଜୁ କରି ସୋମବାର ଘଟଣାସ୍ଥଳକୁ ଡାଇ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରିବାର ସୂଚନା ଦେଇଛନ୍ତି ନୀଳଗିରି ଥାନାର ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ।

# ପୁରୁଣା ପରମ୍ପରାର ପୁନରୁଦ୍ଧାର; ଜମିଲା ରଜ ଦୋଳିର ଆସର

ଔପଦା,୧୫।୬(ସମିସ): ଆଧୁନିକତା ଓ ଇଣ୍ଟରନେଟ୍‌ର ଚକାଚଉନ୍ଧରେ ମଣିଷ ନିଜର ଅତୀତ ତଥା ପୁରୁଣା କଳା, ସଂସ୍କୃତି ଓ ପରମ୍ପରାକୁ ଭୁଲିବାକୁ ବସିଥିବା ବେଳେ ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକରୁ ଏକ ଶୁଭଙ୍କର ଚିତ୍ର ସାମ୍ନାକୁ ଆସିଛି। ଆଘିରାପଦା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କମାରପାଳ ଗ୍ରାମବାସୀ ଓଡ଼ିଆ ସଂସ୍କୃତି ଓ ସାମାଜିକ ଐକ୍ୟକୁ ବଜାୟ ରଖିବା ପାଇଁ ଏକ ପ୍ରଶଂସନୀୟ ପ୍ରୟାସ କରିଛନ୍ତି। ଗ୍ରାମର ଉପରସାହି ଗୁଣ୍ଡୁଣା ପଡ଼ିଆ ମଝିରେ ଥିବା ଏକ ବହୁ ପୁରାତନ ବଟ ବୃକ୍ଷ ମୂଳରେ ପୁଣି ଥରେ ପୁରୁଣା ପରମ୍ପରା ଜୀବିତ ହୋଇଉଠିଛି। ଗ୍ରାମର ପ୍ରମୁଖ ବ୍ୟକ୍ତି ବିଶେଷ ଯଥା ବସନ୍ତ ନାୟକ, ସଚିକାନ୍ତ ବେହେରା, ପ୍ରଦୀପ ପୁଷ୍ଟି, ଚଗୁଲୁ ଯେନା, ଲକ୍ଷ୍ମୀଧର ଦାସ ଓ ଶ୍ରୀଧର ସାହୁଙ୍କ ସମେତ ଅନେକ



ଗ୍ରାମବାସୀ ଏକତ୍ରିତ ହୋଇ ଏହି ବଟବୃକ୍ଷ ଚାରିପାଖରେ ପାରମ୍ପରିକ ରଜ ଦୋଳି ଲଗାଇ ପୂର୍ବ ଗୌରବକୁ ଫେରାଇ ଆଣିବାକୁ ଅଣ୍ଟା ଭିଡ଼ିଛନ୍ତି।

ଏହି ସାରସ୍ୱତ ତଥା ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ତଥା ସାମ୍ବାଦିକ ଅଶୋକ କୁମାର ପ୍ରଧାନ, ଯୁବ ସମାଜସେବୀ ମହେଶ୍ୱର ପାତ୍ର, ରୂପାଥାଳିଆ ସମ୍ପାଦକ ନିରଞ୍ଜନ ପ୍ରସାଦ ବାରିକ, ସମାଜସେବୀ ଅକ୍ଷୟ କୁମାର ବାରିକ, ଅଧାପିକା ରଞ୍ଜିତା ପଲେଇ, ସରକାରୀ ଓକିଲ ଜୟଶ୍ରୀ ବେହେରା, ବିଶ୍ୱ ବନ୍ଦିତା ମହାନ୍ତି, ସତ୍ୟ ରଞ୍ଜନ ରାଉତ ଓ ବାପୁନ ସିଂ ପ୍ରମୁଖ ଅତିଥି ଭାବେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ପୀଠରେ ଏକ ସ୍ଥାୟୀ ମଣ୍ଡପ ପ୍ରତିଷ୍ଠା ପାଇଁ ନିଜ ପାଣ୍ଠିରୁ ୩ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ଘୋଷଣା କରିଥିଲେ।

# ୬୭ ୟୁନିଟ ରକ୍ତ ସଂଗୃହୀତ

ପଞ୍ଚଲିଙ୍ଗେଶ୍ୱର,୧୫।୬(ସମିସ): ବାଲେଶ୍ୱର ବାହାନଗା ତାହାରପୁର ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ରଜ ସଂକ୍ରାନ୍ତି ଉପଲକ୍ଷେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ଆନୁଷ୍ଠାନିକ ଭାବେ କେନ୍ଦୁଝରର ଉପଜିଲ୍ଲାପାଳ ସରୋଜ କୁମାର ମଲ୍ଲିକ ଶୁଭ ଉଦଘାଟନ କରିଥିଲେ। ଉପସ୍ଥିତ ରକ୍ତଦାତାମାନଙ୍କୁ ଶ୍ରୀ ମଲ୍ଲିକ ଶୁଭେଚ୍ଛା ଜଣାଇଥିଲେ। ଶିବିରରୁ ମୋଟ ୬୭ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ମିଶାଇ ୯ଥର କ୍ଲବ ତରଫରୁ ରକ୍ତଦାନ ଶିବିର କରାଯାଇଛି। ତେଣୁ କ୍ଲବ ପକ୍ଷରୁ ସଭାପତି କାର୍ତ୍ତିକ ଦାଶ,




ସେକ୍ରେଟାରୀ ଗଦାଧର ପାତ୍ର, ବାସୁଦେବ ଖୁଣ୍ଟିଆ, ମନୋଜ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବୁଢ଼ାଚଣ୍ଡୀ ପ୍ରିମିୟମ ଲିଗ୍ ସଟ ଗ୍ରାଉଣ୍ଡ କ୍ରିକେଟ୍

ଜଳେଶ୍ୱର ବ୍ଲକ,୧୫।୬(ସମିସ): ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଆରୁହା ଗ୍ରାମରେ ୮ ବର୍ଷରୁ ୧୨ ବର୍ଷ ମଧ୍ୟରେ ପିଲାମାନଙ୍କୁ ନେଇ ବୁଢ଼ାଚଣ୍ଡୀ ପ୍ରିମିୟମ ଲିଗ୍ ସଟ ଗ୍ରାଉଣ୍ଡ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରିକେଟ ମ୍ୟାଚରେ ଦେବାଶିଷ ହଣ୍ଟର ୱାରିୟର, ଏସ୍‌ବିଏସ୍ ଆରୁହା, ଦାସ ଫ୍ୟାମିଲି ଓ ଏସ୍‌ଏସ୍ କିଲର୍ ମୋଟ ୪ ଟିମ ଅଂଶ ଗ୍ରହଣ କରିଥିଲେ। ଆଜି ଫାଇନାଲ ମ୍ୟାଚରେ ଦେବାଶିଷ ହଣ୍ଟର ୱାରିୟର



ସହିତ ଏସ୍‌ବିଏସ୍ ଆରୁହା ମଧ୍ୟରେ ହୋଇଥିଲା। ଏସ୍‌ବିଏସ ଆରୁହା ୪ ୱିକେଟରେ ଜିତି ନେବା ସହିତ ଟ୍ରଫି ଅର୍ଜନ କରିବାରେ ସଫଳ ହୋଇଥିଲା। ବେଷ୍ଟ ଫିଲଡର୍ ଭାବେ ମନ୍ଦିପ ବେହେରା, ବେଷ୍ଟ ବ୍ୟାଟ୍ସ ମ୍ୟାନ ଭାବେ ଦୀପକ ନାଗ ଓ ବେଷ୍ଟ ବୋଲର ଭାବେ ସ୍ୱାଧୀନ ଭୂୟାଁଙ୍କୁ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଖେଳକୁ ଅମ୍ପାୟାର ଭାବେ ଦୀପକ କୁମାର ବେହେରା ଜ୍ୟୋତି ରଞ୍ଜନ ମହାପାତ୍ର ପରିଚାଳନା କରିଥିଲେ।

## ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଚନ୍ଦନେଶ୍ୱର ଯାତ୍ରୀ ନିବାସ ଅଚଳ

# ମୁଖ୍ୟ ଫାଟକରେ ତାଲା, ନିରାଶରେ ଫେରୁଛନ୍ତି ପର୍ଯ୍ୟଟକ

ଚନ୍ଦନେଶ୍ୱର,୧୫।୬(ସମିସ)

ଜନସାଧାରଣଙ୍କ ସୁବିଧା ଓ ପର୍ଯ୍ୟଟନର ବିକାଶ ପାଇଁ ଲକ୍ଷଲକ୍ଷ ଟଙ୍କା ବ୍ୟୟ କରି ନିର୍ମାଣ କରାଯାଇଥିବା ଚନ୍ଦନେଶ୍ୱର ଯାତ୍ରୀ ନିବାସ ଆଜି ଅବହେଳା ଓ ପ୍ରଶାସନିକ ଉଦାସୀନତାର ଶିକାର ହୋଇ ବନ୍ଦ ହୋଇ ପଡ଼ିଛି। ଏକ ସମୟରେ ଶତାଧିକ ପର୍ଯ୍ୟଟକ, ତୀର୍ଥଯାତ୍ରୀ ଓ ସାଧାରଣ ଲୋକଙ୍କ ଆଶ୍ରୟସ୍ଥଳ ଭାବେ ପରିଚିତ ଏହି ଯାତ୍ରୀ ନିବାସ ଆଜି ତାଲାବନ୍ଦ ଅବସ୍ଥାରେ ଭୂତକୋଠିର ରୂପ ନେଇଛି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀ ଓ ପର୍ଯ୍ୟଟକମାନେ ନିରାଶ ହୋଇ ଫେରୁଥିବା ଦେଖାଯାଉଛି। ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ୍ ଅନ୍ତର୍ଗତ ହୁଗୁଳି ଗ୍ରାମପଞ୍ଚାୟତର ବାଡ଼ସରିସା ଗ୍ରାମରେ ଅବସ୍ଥିତ ଏହି ଯାତ୍ରୀ ନିବାସ ୨୦୦୩ ମସିହାରେ ତତ୍କାଳୀନ ରାଜ୍ୟସଭା ସାଂସଦ ତଥା ଭୋଗରାଇ ମାଟିର ବରପୁତ୍ର ପ୍ରଫେସର ଡ. ମନ୍ମଥ ନାଥ ଦାସଙ୍କ ଆଞ୍ଚଳିକ ଉନ୍ନୟନ



ପାଣ୍ଠିରୁ ୬୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲା। ତିନି ମହଲା ବିଶିଷ୍ଟ ଏହି ସୁଦୃଶ୍ୟ ଭବନରେ ୧୦ଟି କୋଠରି, ୪ଟି ସଭାଗୃହ, ରୋଷେଇ ଘର ଓ ଶୌଚାଳୟ ଭଳି ଆବଶ୍ୟକ ସୁବିଧା ରହିଥିଲା। ୨୫ ମାର୍ଚ୍ଚ ୨୦୦୩ ତାରିଖରେ ଏହାର ଉଦ୍‌ଘାଟନ ହୋଇଥିଲା ଏବଂ ପର୍ଯ୍ୟଟନ ବିଭାଗ ଅଧୀନରେ ପରିଚାଳିତ ହେଉଥିଲା। ଚନ୍ଦନେଶ୍ୱର ଏକ ପ୍ରମୁଖ ଶୈବପୀଠ ଏବଂ ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ବର୍ଷସାରା ଏଠାକୁ ହଜାର ହଜାର ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ସ୍ୱଳ୍ପ ମୂଲ୍ୟରେ ରାତ୍ରୀଯାପନର ସୁବିଧା ମିଳୁଥିବାରୁ ଏହି ଯାତ୍ରୀ ନିବାସ ସମସ୍ତଙ୍କ ପ୍ରଥମ ପସନ୍ଦ ଥିଲା। ଏହାଛଡ଼ା ବିବାହ, ବ୍ରତଘର, ସାମାଜିକ ଓ ସାଂସ୍କୃତିକ ସଭାସମିତି ପାଇଁ ମଧ୍ୟ ଏହା ବ୍ୟବହୃତ ହେଉଥିଲା। ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବହୁ ଲୋକ ଏଠାରେ ଆଶ୍ରୟ ନେଉଥିଲେ। ବିଶ୍ୱପ୍ରସିଦ୍ଧ ବାବା ଚନ୍ଦନେଶ୍ୱରଙ୍କ ଚଡ଼କ ମେଳା ଓ ଶ୍ରାବଣ ପୂର୍ଣ୍ଣିମା ଭଳି ବଡ଼ ଉତ୍ସବ ସମୟରେ ନିୟୋଜିତ ଶହଶହ ପୁଲିସ କର୍ମଚାରୀ ମଧ୍ୟ ଏଠାରେ ରହୁଥିଲେ।

କିନ୍ତୁ ଦୁଃଖର ବିଷୟ, ଏହି ଗୁରୁତ୍ୱପୂର୍ଣ୍ଣ ଯାତ୍ରୀ ନିବାସରେ ନିଯୁକ୍ତ ୮ ଜଣ କର୍ମଚାରୀଙ୍କ ମଧ୍ୟରୁ ୭ ଜଣ ଅବସର ନେବା ପରେ ସେମାନଙ୍କ ସ୍ଥାନରେ ନୂତନ କର୍ମଚାରୀ ନିଯୁକ୍ତି ହୋଇନଥିଲା। ପରବର୍ତ୍ତୀ ସମୟରେ ଏକମାତ୍ର ଜଗୁଆଳି ଅଚ୍ୟୁତାନନ୍ଦ ବେହେରା ମଧ୍ୟ ଅବସର ନେବା ପରେ ଗତ ପ୍ରାୟ ତିନି ବର୍ଷ ଧରି ଏହି ଯାତ୍ରୀ ନିବାସ ସମ୍ପୂର୍ଣ୍ଣ ବନ୍ଦ ହୋଇ ପଡ଼ିଛି। ଆଜି ମୁଖ୍ୟ ଫାଟକରେ ତାଲା ଝୁଲୁଛି ଏବଂ ଭିତରର ସମ୍ପତ୍ତି ଅଯତ୍ନ ଓ ଅବହେଳାରେ ନଷ୍ଟ ହେବାକୁ ବସିଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଲକ୍ଷଲକ୍ଷ ଟଙ୍କାର ସରକାରୀ ସମ୍ପତ୍ତି ଦିନକୁ ଦିନ ଜରାଜୀର୍ଣ୍ଣ ହେଉଥିବା ବେଳେ ପ୍ରଶାସନ ନୀରବ ଦର୍ଶକ ସାଜିଛି। ଯାତ୍ରୀ ନିବାସରେ ଜେନେରେଟର ସୁବିଧା ନଥିବାରୁ ବିଦ୍ୟୁତ୍ ବିଭ୍ରାଟ ସମୟରେ ସମଗ୍ର ପରିସର ଅନ୍ଧାରରେ ରହୁଛି। ନିୟମିତ ରକ୍ଷଣାବେକ୍ଷଣ ଓ ସୁରକ୍ଷାର ଅଭାବ ଯୋଗୁଁ ଭବନଟି ଧୀରେଧୀରେ କ୍ଷୟିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ପର୍ଯ୍ୟଟନ କ୍ଷେତ୍ରର ବିକାଶ ଓ ତୀର୍ଥଯାତ୍ରୀଙ୍କ ସୁବିଧା ଦୃଷ୍ଟିରୁ ଏହି ଯାତ୍ରୀ ନିବାସର ଗୁରୁତ୍ୱ ଅପରିସୀମ। ତେଣୁ ତୁରନ୍ତ ଆବଶ୍ୟକୀୟ କର୍ମଚାରୀ ନିଯୁକ୍ତି, ମରାମତି ଓ ଆଧୁନିକୀକରଣ କରି ଏହାକୁ ପୁନର୍ବାର କାର୍ଯ୍ୟକ୍ଷମ କରିବା ପାଇଁ ସ୍ଥାନୀୟ ଗ୍ରାମବାସୀ, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଏବଂ ପର୍ଯ୍ୟଟନପ୍ରେମୀମାନେ ଦୃଢ଼ ଦାବି ଉଠାଇଛନ୍ତି।

ସେମାନଙ୍କ ମତରେ, ଯଦି ଏହି ଯାତ୍ରୀ ନିବାସକୁ ପୁନଃ ଚାଲୁ କରାଯାଏ, ତେବେ କେବଳ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ଉପକୃତ ହେବେ ନାହିଁ, ବରଂ ସ୍ଥାନୀୟ ଅର୍ଥନୀତି, ବ୍ୟବସାୟ ଓ ପର୍ଯ୍ୟଟନ କ୍ଷେତ୍ର ମଧ୍ୟ ନୂତନ ଗତି ପାଇବ। ବର୍ତ୍ତମାନ ଜନସାଧାରଣଙ୍କ ପ୍ରଶ୍ନ ଲୋକଙ୍କ ଟଙ୍କାରେ ନିର୍ମିତ ଏହି ମୂଲ୍ୟବାନ ସମ୍ପତ୍ତି ଆଉ କେତେଦିନ ତାଲାବନ୍ଦ ଅବସ୍ଥାରେ ରହିବ ଏବଂ କେବେ ଏହା ପୁନର୍ବାର ଜନସେବାରେ ନିୟୋଜିତ ହେବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ରଜ ପାଇଁ ଚଳଚଞ୍ଚଳ ଗାଁ ଦାଣ୍ଡ



ଲଙ୍ଗଳେଶ୍ୱର,୧୫।୬(ସମିସ): ଓଡ଼ିଶାର ଗଣପର୍ବ ରଜ ଲାଗି ଗାଁଠୁ ସହର ସବୁଠି ଆନନ୍ଦ ଉଲ୍ଲାସ। ରବିବାର ପହିଲି ରଜ ପାଇଁ ସବୁଠି ସଜବାଜ ଦେଖିବାକୁ ମିଳିଥିଲା। ପରମ୍ପରା ଅନୁସାରେ କୁଆରି ଝିଅମାନେ ନୂଆ ପୋଷାକ ପରିଧାନ କରି ମନ୍ଦିର ଦର୍ଶନ କରିବା ପରେ ପିଠା ପଣା ଖାଇ ଗୁରୁଜନଙ୍କ ଆର୍ଶୀବାଦ ନେଇ ରଜ ଦୋଳିର ମଜା ନେଇଥିଲେ। ବାଲିଆପାଳ, ଲଙ୍ଗଳେଶ୍ୱର, କାଳିପଦା ଇନ୍ଦିପଡ଼ା, କୁଣ୍ଡଳି ଅଞ୍ଚଳରେ ଘରେ ଘରେ ଆମ୍ବ, ପଣସ ସହିତ ପୋଡ଼ ପିଠାର ବାସ୍ନା ରଜକୁ ଦ୍ୱିଗୁଣିତ କରିଛି। ଏବେ ବଜାରରେ ବିଭିନ୍ନ ପ୍ରକାରର ମସଲା ତିଆରି ରଜ ପାନ ଯୁବତୀ ମାନଙ୍କୁ ଅଧିକ ଆକର୍ଷିତ କରିଛି। ବାଲିଆପାଳ ଜଗନ୍ନାଥ ମନ୍ଦିର, ଲଙ୍ଗଳେଶ୍ୱର ଶୈବ ପୀଠ ଅନେକ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି।

# ରଜ ପାଇଁ ଉତ୍ସବମୁଖର ଗାଁରୁ ସହର

କେନ୍ଦୁଝର,୧୫।୬(ସମିସ): ରଜ ପାଇଁ ସାରା ଜିଲ୍ଲା ଏବେ ଉତ୍ସବମୁଖର ହୋଇଛି। ଗାଁ ଗହଳି, ସହର ଯେଉଁଠି ଦେଖିଲେ ରଜର ମାହୋଲ। ପିଠା ପଣାଠାରୁ ଆରମ୍ଭ କରି ନାନା ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତି ହୋଇଛି। ରଜଗୀତ ପ୍ରତିଯୋଗିତା ଆୟୋଜନ କରାଯାଇଥିବା ଜଣାପଡ଼ିଛି। ରଜ ସଂକ୍ରାନ୍ତି ଅବସରରେ ଦୋଳିରେ ଯୁବତୀ, ମହିଳା ଓ ଶିଶୁମାନଙ୍କର ଭିଡ଼ ପରିଲକ୍ଷିତ ହୋଇଛି। ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ସୀତାବିଞ୍ଜି



ସମେତ ବୀଣାଝରି, ଗଦାଧରପୁର, ଉପରଡିହା, ବିସ୍ତାପାଳ, ରାଇସୁଆଁ ହର୍ଷପୁର, ସେଣ୍ଡକାପ, ଟଭାସରୁଆ, ପୁରୁଣାବଜାର ଢିପାସାହି, ଝାରବେଲଦା, ଖିରେଇଟାଙ୍ଗିରୀ, ମଇଦାନକେଲ, ଧନୁର୍ଜୟପୁର ସମେତ ଅନେକ ସ୍ଥାନରେ ରଜ ଦୋଳି ଲାଗିଛି। ପଟାଦୋଳି, ଖାଇଦୋଳି, ଚକ୍ରି ଦୋଳି, ରାମଦୋଳିରେ ଯୁବକ ଯୁବତୀ ଓ କିଶୋର କିଶୋରୀମାନେ ଦୋଳି ଖେଳର ମଜା ଉଠାଇଥିବାବେଳେ ନୂତନ ବସ୍ତ୍ର ପରିଧାନ କରି ଦୋଳି ଖେଳୁଥିବାର ଦୃଶ୍ୟ ଉତ୍ସବର ମାହୋଲ ସୃଷ୍ଟି କରିଛି। ବିଭିନ୍ନ ସଂକ୍ରାନ୍ତିରେ ଦିନ ତମାମ ବିଭିନ୍ନ ଦୋଳି ନିକଟରେ ଲୋକଙ୍କର ଭିଡ଼ ଦେଖିବାକୁ ମିଳିଛି। ବିଶେଷକରି ମହିଳା ମାନଙ୍କ ଭିଡ଼ ଦେଖିବାକୁ ମିଳିଛି। କିଛି ସ୍ଥାନରେ ରଜବତୀ ବିବାହ ସମ୍ପନ୍ନ ହୋଇଛି। କେନ୍ଦୁଝର ଜିଲ୍ଲାରେ ରଜପର୍ବ ଆହୁରି ଦୁଇ ତିନିଦିନ ଧରି ପାଳିତ ହେବାକୁ ଥିବାରୁ ରଜ ଆସର ଜମିବ ବୋଲି କୁହାଯାଉଛି। ମହିଳାଠାରୁ ପୁରୁଷ, ଛୋଟଠାରୁ ବଡ଼ ଏବଂ ଯୁବକ ଯୁବତୀଙ୍କ ରଜପର୍ବକୁ ସରସସୁନ୍ଦର ଭାବେ ପାଳନ ପାଇଁ ମସଗୁଲ। ଘରେ ଘରେ ନୂତନ ବସ୍ତ୍ର ଓ ସୁଖାଦ୍ୟ ଭୋଜନରେ ସମସ୍ତେ ବ୍ୟସ୍ତ। ବନ୍ଧୁବାନ୍ଧବଙ୍କର ଉପସ୍ଥିତି ରଜ ମାହୋଲକୁ ଆହୁରି ଉଷ୍ମ କରିଦେଇଛି। ପ୍ରଥମ ରଜ ଦିନ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦୋଳିପୂଜା ପରେ ରଜମଉଜ ଆରମ୍ଭ ହୋଇଥିଲା। କେତେକ ସ୍ଥାନରେ ସ୍ଥାନରେ ରାତ୍ରୀ ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ, ରଜଦୋଳି ଗୀତ ପ୍ରତିଯୋଗିତା ଆୟୋଜିତ ହୋଇଛି। ସେହିପରି ଦୋଳି ନିକଟରେ କୁମାରୀ ଓ ଛୋଟ ଛୋଟ ପିଲାଙ୍କର ଭିଡ଼ ଲାଗିଥିବାବେଳେ ତାସ୍ ଓ ପଶାପାଲିରେ ଗ୍ରାମାଞ୍ଚଳ ଆନନ୍ଦମୁଖର ହୋଇଛି। କେତେକ ସ୍ଥାନରେ ରଜପାନର ମଜା ନେବା ପାଇଁ ବୟସ୍କ ପୁରୁଷ ଓ ମହିଳାମାନେ ଭିଡ଼ ଜମାଇଥିବା ପରିଲକ୍ଷିତ ହେଉଛି। କେନ୍ଦୁଝର ଜିଲ୍ଲାର ୮/୧୦ଟି ସ୍ଥାନରେ ଏହି ରଜପର୍ବ ଆଉ ତିନି ଚାରିଦିନ ଧରି ପାଳନ ହେବାକୁ ଥିବାବେଳେ ଜିଲ୍ଲାର ପର୍ଯ୍ୟଟନପୀଠ ମା' ତାରିଣୀ ପୀଠ ଘଟଗାଁ, ସାନଘାଗରା, ବଡ଼ଘାଗରା, ସୀତାବିଞ୍ଜି, ସିଦ୍ଧମଠ, ଗୋନାସିକା ଆଦି ସ୍ଥାନମାନଙ୍କରେ ରଜସଂକ୍ରାନ୍ତିରେ ଲୋକଙ୍କ ଭିଡ଼ ଅଧିକ ହୋଇଛି।

## ଦୋଳିର ମଜା ନେଲେ ଛୋଟରୁ ବଡ଼

ଚମ୍ପୁଆ,୧୫।୬(ସମିସ) : ଚମ୍ପୁଆ ଅଞ୍ଚଳରେ ପବିତ୍ର ରଜ ପର୍ବକୁ ନେଇ ଦେଖାଦେଇଛି ବ୍ୟାପକ ଉତ୍ସାହ। ଗାଁ ଦାଣ୍ଡରେ ରଜ ଦୋଳିର ଆସର



ଜମିଥିବା ବେଳେ ଛୋଟ ପିଲାଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଦୋଳି ଖେଳି ପର୍ବର ଆନନ୍ଦ ଉପଭୋଗ କରୁଛନ୍ତି। ବିଶେଷକରି ଯୁବତୀମାନେ ନୂଆ ପୋଷାକ ପରିଧାନ କରି ପାଦରେ ଅଳତା ଲଗାଇ ଏବଂ ପାରମ୍ପରିକ ଗୀତର ତାଳେ ତାଳେ ରଜ ଦୋଳିର ଭରପୂର ମଜା ନେଉଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ, ବିଭିନ୍ନ ଗ୍ରାମର ଖେଳ ପଡ଼ିଆରେ ଯୁବକ ଓ ଯୁବତୀମାନେ କ୍ରିକେଟ ଖେଳରେ ମାତିଥିବା ନଜରକୁ ଆସିଛି। ରଜ ଛୁଟିର ଅବସରକୁ ଉପଭୋଗ କରିବା ସହ ସାମାଜିକ ସମ୍ପ୍ରିତି, ଭାଇଚାରା ଓ ମନୋରଞ୍ଜନର ବାର୍ତ୍ତା ଦେଇଛି ଏହି କ୍ରୀଡ଼ା କାର୍ଯ୍ୟକ୍ରମ। ରଜ ପର୍ବ ଅବସରରେ ଘରେ ଘରେ ପୋଡ଼ ପିଠା ସହ ରଜ ପାନରେ ମହକୁଛି।

## ତାରିଣୀ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ

ଘଟଗାଁ,୧୫।୬(ସମିସ): ଘଟଗାଁର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ରଜ ସଂକ୍ରାନ୍ତି ଉପଲକ୍ଷେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଭକ୍ତ ମା ତାରିଣୀଙ୍କୁ ଦର୍ଶନ କରିଥିଲେ। ମା'ଙ୍କ ପୂଜକ ଶ୍ୟାମ ସୁନ୍ଦର ଦେହୁରୀ, ନଟବର ଦେହୁରୀ, ରବି ନାରାୟଣ ଦେହୁରୀ, ପ୍ରଦୀପ ଦେହୁରୀ, ରବି ନାରାୟଣ ଦେହୁରୀ, ରାଜ କିଶୋର ଦେହୁରୀ, ସଦାନନ୍ଦ ଦେହୁରୀଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଉପସ୍ଥିତ ରହି ଭୋର ୫ଟାରୁ ମା'ଙ୍କ ମାର୍ଜନା, ବଡ଼ସିଂହାର ବେଶ, ମଙ୍ଗଳ ଆଳତୀ ଓ ସୁନାବେଶ କରିଥିଲେ। ସକାଳ ୬ଟାରେ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ମା'ଙ୍କ ମୁଖ୍ୟ ଫାଟକ ଖୋଲାଯାଇଥିଲା। ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବାରିକେଡ୍ ଓ ରୌଦ୍ର ଦାଉରୁ ରକ୍ଷା ପାଇଁ ତାରପୋଲିନ ବ୍ୟବସ୍ଥା ହୋଇଥିଲା। ଶ୍ରଦ୍ଧାଳୁ କେବଳ ଦୁଇଟି ନଡ଼ିଆ ନେଇ ମାଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ଭକ୍ତଙ୍କ ୧୦୮ ମାନସିକ ନଡ଼ିଆ ମନ୍ଦିର ପରିସରରେ ଥିବା ଦୁଆରସୁଣୀ ମନ୍ଦିର ନିକଟରେ ପୂଜା ହୋଇଥିଲା। ସେହିପରି ଶୃଙ୍ଖଳିତ ଦର୍ଶନ ପାଇଁ ଭୋଗ ଡାଲା ଧାଡ଼ି ଓ ସାଧାରଣ ଦର୍ଶନ ଧାଡ଼ିର ବ୍ୟବସ୍ଥା ହୋଇଥିଲା। ବଜାରର ବିଭିନ୍ନ ପାର୍ଶ୍ୱରେ ଲୋକଙ୍କ ଭିଡ଼ ଯୋଗୁଁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ରଜ ସଂକ୍ରାନ୍ତିରେ ଦେବୋତ୍ତର କମିଶନର ଭୁବନେଶ୍ୱର ସତ୍ୟ ନାରାୟଣ ଷଡ଼ଙ୍ଗୀ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ଘଟଗାଁ ଆସି ମା'



ତାରିଣୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଘଟଗାଁ ଥାନା ଅଧିକାରୀ ଶୁଭ୍ରାନ୍ତ ଜେନା, ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ସଂଜୀବ ମହାପାତ୍ର, ଦେବୋତ୍ତର ଡିଭିଜିନାଲ ନିରୀକ୍ଷକ ଦକ୍ଷିଣ ମାରାଣ୍ଡିଙ୍କ ସମେତ ମନ୍ଦିର କର୍ମଚାରୀ, ପୁଲିସ କର୍ମଚାରୀ, ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଳୁଙ୍କୁ ସହଯୋଗ କରିଥିଲେ।

## ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମରେ ସାମିଲ୍ ହେଲେ ମୁଖ୍ୟମନ୍ତ୍ରୀ



କେନ୍ଦୁଝର,୧୫।୬(ସମିସ): ଭୋଟର ସଂଶୋଧନ ଅଭିଯାନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମିଲ୍ ହୋଇ ନିଜ ଗାଁ ରାଇକଳାରେ ପରିଗଣନା ଫର୍ମ ପୂରଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇ ସମସ୍ତେ ଏଭଳି କାର୍ଯ୍ୟକ୍ରମରେ ସାମିଲ୍ ହୋଇ କର୍ମଚାରୀଙ୍କୁ ସହଯୋଗ କରିବାକୁ ବାର୍ତ୍ତା ଦେଇଥିଲେ। ଫଳରେ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ ହୋଇପାରିବ ବୋଲି କହିଥିଲେ। କେନ୍ଦୁଝର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଶାଳ ସିଂହଙ୍କ ଉପସ୍ଥିତିରେ ଏହି ସମଗ୍ର ପ୍ରକ୍ରିୟା ବେଶ୍ ସୁରୁଖୁରୁରେ ଶେଷ ହୋଇଛି।

ଭୋଟର ତାଲିକା ସଂଶୋଧନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଏହି ସକ୍ରିୟ ଭାଗିଦାରୀ ସାଧାରଣ ଜନତାଙ୍କ ମଧ୍ୟରେ ଏକ ସକାରାତ୍ମକ ବାର୍ତ୍ତା ପହଞ୍ଚାଇବ। ଏହା ଦ୍ୱାରା ନାଗରିକମାନେ ନିଜର ଭୋଟର ବିବରଣୀକୁ ସଠିକ୍ ଓ ଅପ୍‌ଡେଟ୍ (ସଦ୍ୟତନ) ରଖିବା ପାଇଁ ଅଧିକ ସଚେତନ ଓ ଅନୁପ୍ରାଣିତ ହେବେ ବୋଲି ଆଶା କରାଯାଉଛି। ଶେଷରେ, ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ଓ ସ୍ୱଚ୍ଛ କରିବା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ଯୋଗ୍ୟ ଭୋଟରଙ୍କୁ ଏହି ଅଭିଯାନରେ ସାମିଲ ହେବାକୁ ଅନୁରୋଧ କରାଯାଇଛି। ଏଥିସହିତ ସଂଶୋଧନ ପ୍ରକ୍ରିୟା ସମୟରେ ଘରକୁ ଘର ବୁଲୁଥିବା ବିଏଲ୍ଓମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପ୍ରଶାସନ ସମସ୍ତଙ୍କୁ ନିବେଦନ କରିଛି।

## ମଦ ଜବତ, ୨ ଗିରଫ



ଆନନ୍ଦପୁର,୧୫।୬(ସମିସ): ଆନନ୍ଦପୁର ପୁଲିସ ଏସ୍‌ଡିପିଓ କମଳ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ରାମଚନ୍ଦ୍ରପୁର ଥାନା ଅଧିକାରୀ ଚୋରା ଦେଶୀ ଓ ବିଦେଶୀ ମଦ ବିକ୍ରି ଦୋକାନରେ ଧରପଗଡ଼ କରି ୨ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ସେମାନଙ୍କଠାରୁ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରିଛି। ଗିରଫ ଦ୍ୱୟ ହେଲେ ଯାଜପୁର ଜିଲ୍ଲା ଟମକା ଥାନା କୁସୁମଝରି ଗ୍ରାମର ବାପୁନ ମୁଣ୍ଡା ଓ କୋରେଇ ଅନ୍ତର୍ଗତ ରାଉତପଡ଼ା ଗ୍ରାମର ଗିରିଧାରୀ ଖୁଣ୍ଟିଆ। ଉଭୟଙ୍କ ନାମରେ ମାମଲା ରୁଜୁକରି ଆନନ୍ଦପୁର କୋର୍ଟକୁ ଚାଲାଣ କରାଯାଇଛି।

## ରଜ ଛୁଟିରେ ଘର ନୁହେଁ; ମନ୍ଦିର ସେବାରେ ଉପଜିଲ୍ଲାପାଳ

ଚମ୍ପୁଆ,୧୫।୬(ସମିସ): ଚମ୍ପୁଆସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଚାଲିଥିବା ଅନ୍ନପ୍ରସାଦ ସେବା କାର୍ଯ୍ୟକ୍ରମରେ ଦେବତ୍ତର ବିଭାଗର ନିର୍ବାହୀ ଅଧିକାରୀ ତଥା ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ସାମିଲ୍ ହୋଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ତାଙ୍କ ସେବା ମନୋଭାବ ଓ ନିଷ୍ଠା ଏବେ ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଜଣେ ପରିବେଶବିତ୍ ଭାବେ ପରିଚିତ ଶ୍ରୀ ପରିଡ଼ା ରଜ ଛୁଟି ସମୟରେ ଘରକୁ ନଯାଇ ମହାପ୍ରଭୁଙ୍କ ସେବାରେ ନିଜକୁ ସମର୍ପିତ କରିଥିବା ଦେଖିବାକୁ ମିଳିଛି। ସକାଳୁ ସେ ନିଜେ ବଜାରକୁ ଯାଇ ଅନ୍ନପ୍ରସାଦ ପ୍ରସ୍ତୁତି ପାଇଁ ଆବଶ୍ୟକ ପନିପରିବା ଓ ବିଭିନ୍ନ ସାମଗ୍ରୀ କିଣିବା ସହ ସମସ୍ତ ବ୍ୟବସ୍ଥାର



ତଦାରଖ କରିଥିଲେ। ପରେ ମନ୍ଦିର ପରିସରରେ ପୂଜାରୀ ଓ ସେବାୟତଙ୍କ ସହ ବସି ପରିବା କାଟିବା, ରୋଷେଇ ପାଇଁ ପ୍ରସ୍ତୁତି କରିବା ଭଳି କାର୍ଯ୍ୟରେ ମଧ୍ୟ ସାମିଲ ହୋଇଥିଲେ। ଏହି ସେବା କାର୍ଯ୍ୟରେ ଚମ୍ପୁଆ ମହିଳା ମହାବିଦ୍ୟାଳୟର ଅଧକ୍ଷ ଓ କିଛି ସହୃଦୟ ବ୍ୟକ୍ତି ମଧ୍ୟ ସହଯୋଗର ହାତ ବଢ଼ାଇଥିଲେ। ସୋମବାର ରଜ ସଂକ୍ରାନ୍ତି ଅବସରରେ ଅନ୍ନପ୍ରସାଦ ସେବାରେ ମୋଟ ୧୪୪ ଜଣ ଭକ୍ତ ସାମିଲ ହୋଇଥିଲେ।

## ତୁରୁମୁଙ୍ଗା ପ୍ରିମିୟର ଲିଗ୍ ଉଦ୍‌ଘାଟିତ
## ସାଇ ଏକାଦଶ ଓ ଶ୍ରୀ ଗଣେଶ ଏକାଦଶ ବିଜୟୀ

ତୁରୁମୁଙ୍ଗା,୧୫।୬(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଷ୍ଟାଡିୟମରେ ସୋମବାର ତୁରୁମୁଙ୍ଗା ପ୍ରିମିୟର ଲିଗ୍ (ଟିପିଏଲ୍) ଉଦ୍‌ଘାଟିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ନେଇ ଖେଳାଳି ଓ କ୍ରିକେଟପ୍ରେମୀଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା। ଉଦ୍‌ଘାଟନୀ ମ୍ୟାଚ୍ ଗିରିଜାଶଙ୍କର ଏକାଦଶ ଓ ସାଇ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଗିରିଜାଶଙ୍କର ଏକାଦଶ ୯୧ ରନ ସଂଗ୍ରହ କରିଥିଲା। ଜବାବରେ ସାଇ ଏକାଦଶ ଦମଦାର ପ୍ରଦର୍ଶନ କରି ୯୨ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ତୁରୁମୁଙ୍ଗା ୱାରିୟର ଓ ଶ୍ରୀ ଗଣେଶ ଏକାଦଶ ମଧ୍ୟରେ ଖେଳାଯାଇଥିଲା। ରୋମାଞ୍ଚକର ମୁକାବିଲାରେ ଶ୍ରୀ ଗଣେଶ ଏକାଦଶ ବିଜୟ ହାସଲ କରିଥିଲା। ମ୍ୟାଚକୁ ଅମ୍ପାୟାର ଭାବେ ଦେବିଦ୍ୟୁତି



ସାହୁ ଓ ମନୋଜ ସାହୁ ପରିଚାଳନା କରିଥିବା ବେଳେ ତପନ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ଖେଳ ପରିଚାଳନାରେ ଇନ୍ଦ୍ରଜିତ ସାହୁ, ସୁନୀଲ ସାହୁ, ନୂତନ ସାହୁ, ଅଭୟ ରଞ୍ଜନ ବେହେରା, ରତିରଞ୍ଜନ ପୃଷ୍ଟି, ବାବିଲାଲ ସାହୁ ଓ ଅଗସ୍ତି ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ।

## ବୋଲେରୋ ଓଲଟି ୨ ଗୁରୁତର

ତୁରୁମୁଙ୍ଗା,୧୫।୬(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ବାଉଁଶୁଳି-ଉଖୁଣ୍ଡା ରାସ୍ତାର ବାଉଁଶୁଳି ନିକଟରେ ଏକ ବୋଲେରୋ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଓଲଟି ପଡ଼ିବାରୁ ଦୁଇଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଗାଡ଼ିଟି କେନ୍ଦୁଝରରୁ ଅର୍ଶଳା ଅଭିମୁଖେ ଯାଉଥିବା



ବେଳେ ଏହି ଦୁର୍ଘଟଣା ଘଟିଛି।ସୂଚନା ଅନୁସାରେ, ବୋଲେରୋ ଗାଡ଼ିଟି ବାଉଁଶୁଳି ନିକଟରେ ନିୟନ୍ତ୍ରଣ ହରାଇଥିଲା। ଫଳରେ ଗାଡ଼ିଟି ରାସ୍ତା କଡ଼କୁ ଖସି ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଭିତରେ ଫସି ରହିଥିବା ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ଦୁର୍ଘଟଣାରେ ଦୁଇଜଣ ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ଯାତ୍ରୀମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଗୁରୁତର ଆହତଙ୍କୁ ଚିକିତ୍ସା ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଥିଲା। ତୁରୁମୁଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର ତଦନ୍ତ କରିବା ସହ ଦୁର୍ଘଟଣା ଗ୍ରସ୍ତ ଗାଡି କୁ ଜବତ କରିଛି।

## ଉଦୟପୁର ବାବୁ ସାହିରେ ରଜ ମହୋତ୍ସବ

ତୁରୁମୁଙ୍ଗା,୧୫।୬(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ୍‌ର ଐତିହାସିକ ଗ୍ରାମ ଉଦୟପୁର ବାବୁ ସାହିରେ ୩ ଦିନିଆ ରଜ ମହୋତ୍ସବ ରବିବାର ଉଦ୍‌ଘାଟିତ ହୋଇଯାଇଛି। ସନ୍ଧ୍ୟାରେ ନୃତ୍ୟ ସଂଗୀତର ଆୟୋଜନ କରାଯାଇଛି। ଖାଇ ଦୋଳି, ପଟା ଦୋଳି, ଚକ୍ରଦୋଳିରେ ବସି ଗ୍ରାମବାସୀ ରଜ ମନାଉଥିବା ଦେଖିବାକୁ ମିଳିଛି। ପୂର୍ବାହ୍ନରେ ସମାଜସେବୀ ତଥା ପୂର୍ବତନ ସାହାରପଡ଼ା ବ୍ଲକ୍ ଅଧ୍ୟକ୍ଷା କିରଣବାଳା ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରଜ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ରଜ ମହୋତ୍ସବ କମିଟି ପକ୍ଷରୁ ହରପ୍ରିୟା ଦେଓ, ଶାନ୍ତିଲତା



ଦେଓ, ସସ୍ମିତା ରଣା, ଭଗବତୀ ପରିଡ଼ା, ବୈଦେହୀ ଦେଓ, ହରିହର ପରିଡ଼ା, ବିମ୍ବାଧର ନାଏକ, ଜଗନ୍ନାଥ ମହାରଣା ଓ ଅନ୍ୟମାନେ ରଜ ମହୋତ୍ସବ ପରିଚାଳନା କରୁଛନ୍ତି। ରଜବତୀ ବାହା ପରେ ଏହି ରଜ ମହୋତ୍ସବ ଉଦ୍‌ଯାପିତ ହେବ। ରଜ ମହୋତ୍ସବ ପାଇଁ ହଜାର ହଜାର ଲୋକଙ୍କ ସମାଗମ ହେବା ସହ ପାନ ଖାଇ ଦୋଳି ଖେଳି ରଜପର୍ବକୁ ବେଶ ଉପଭୋଗ କରିଥିଲେ।

## କେନାଲ ଖନନକୁ ନେଇ ଅସନ୍ତୋଷ
# ନ୍ୟାୟାଳୟର ଦ୍ୱାରସ୍ଥ ହେଲେ ଚାଷୀ

ଆନନ୍ଦପୁର,୧୫।୬(ସମିସ)

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ହେଉଥିବା କାଡ଼ା କେନାଲ କାର୍ଯ୍ୟକୁ ନେଇ ଚାଷୀ ଓ ପାଣି ପଞ୍ଚାୟତ କର୍ମକର୍ତ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ଆନନ୍ଦପୁର ବ୍ଲକ୍ ହରିଡ଼ାପାଳ ପଞ୍ଚାୟତ ପାଇକଚାଟରା ଗାଁର ଚାଷୀଙ୍କ ପାଇଁ ସରକାରଙ୍କ ପକ୍ଷରୁ କାଡ଼ା କେନାଲ ମାଧ୍ୟମରେ ଚାଷ ଜମିକୁ ଜଳଯୋଗାଣ ପାଇଁ ଯୋଜନା ହୋଇଥିଲେ ମଧ୍ୟ ବିଭାଗୀୟ ତଦାରଖ ଅଭାବରୁ ଏହି କାର୍ଯ୍ୟ ମନମାନିରେ ଚାଲିଛି ଏଥିପାଇଁ ସରକାର ଲକ୍ଷାଧିକ ଟଙ୍କା ବ୍ୟୟ ବରାଦ କରିଥିବା ବେଳେ କେନାଲ କାମ ନିମ୍ନମାନର ହେଉଥିବା ଏବଂ ଭିନ୍ନ ଉଦ୍ଦେଶ୍ୟ ରଖି କିଛି ମୁଷ୍ଟିମେୟ ଲୋକ କାମ କରୁଥିବା ଅଭିଯୋଗ ହୋଇଛି। ଗାଁରେ କେନାଲ ନିର୍ମାଣକୁ ନେଇ ଦୀର୍ଘ ଦିନରୁ ଅସନ୍ତୋଷ ଲାଗିରହିଛି। ଗ୍ରାମର ବହୁ ଚାଷୀ ଆନନ୍ଦପୁର ଉପଜିଲ୍ଲାପାଳ, ଭଦ୍ରକର କାଡ଼ା ଅଫିସ୍ ଓ କେନ୍ଦୁଝର ଜିଲ୍ଲାପାଳଙ୍କ



ନିକଟରେ ଲିଖିତ ଅଭିଯୋଗ କରିବା ପରେ ସୁଫଳ ନମିଳିବାରୁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଘଟଣାକୁ ନେଇ ଗତ ମଙ୍ଗଳବାର ଭୁବନେଶ୍ୱର କାଡ଼ା ଅଫିସ୍‌ର ଉଚ୍ଚ ପଦସ୍ଥ ଅଧିକାରୀମାନେ ଆସି ଘଟଣାର ଅନୁଧ୍ୟାନ କରିଥିଲେ। ଅଧିକାରୀମାନେ କେନାଲ କାମ କରୁଥିବା ଠିକାଦରଙ୍କୁ ସୁହାଇଲା ଭଳି ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ତୀବ୍ର ହୋଇଛି। କେନାଲ ନିର୍ମାଣ ବଙ୍କା ହେଉଥିବା, ଏଥିରେ ଲାଗୁଥିବା ଲୁହାଛଡ଼ର ତାଳମେଳ ରହୁନଥିବା, କେତେ ଟଙ୍କାର କାମ ଏବଂ କିଏ ଠିକାଦାର ସ୍ପଷ୍ଟ ନହେବା ଏବଂ ସୂଚନାଫଳକ ନଥିବା ଅଭିଯୋଗ ହୋଇଛି। ଏ ନେଇ କେତେକ ଚାଷୀ ମୁଖ୍ୟମନ୍ତ୍ରୀଙ୍କ ଠାରେ ଅଭିଯୋଗ କରିଛନ୍ତି କେନ୍ଦୁଝର ଜିଲ୍ଲପାଳ ଉଚିତ ପଦକ୍ଷେପ ଗ୍ରହଣ କରି ଚାଷୀଙ୍କ ସମସ୍ୟା ସମାଧାନ କରିବାକୁ ଚାଷୀ କ୍ଷମାକର ମାଝୀ, ନିରାକାର ନାଏକ, ସନ୍ତୋଷ ଜେନା, ବିନୋଦ ଜେନା, ନନ୍ଦ ପରିହାଡ଼ି, ଗୋଲଖ ବିହାରୀ ମାଝୀ, ଅନନ୍ତ ରାଉତ, ବଟକୃଷ୍ଣ ରାଉତ, ଗୌରଙ୍ଗ ବାରିକ, ଜଳଧର ମାଝୀ, ବିଦ୍ୟାଧର ଘଡ଼େଇ, ଅଶୋକ ରାଉତ, ପ୍ରତାପ ମାଝୀ ପ୍ରମୁଖ ଦାବି କରିଛନ୍ତି।


## ରତିକାନ୍ତଙ୍କୁ ଶ୍ରେଷ୍ଠ ସମାଜସେବୀ ସମ୍ମାନ

ହାଟଡ଼ିହୀ,୧୫।୬(ସମିସ): ବିଜେଡି ରାଜ୍ୟ ସମ୍ପାଦକ ତଥା ହାଟଡ଼ିହୀ ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ ରାଉତଙ୍କୁ ଶ୍ରେଷ୍ଠ ସମାଜସେବୀ ସମ୍ମାନରେ ସମ୍ମାନିତ କରାଯାଇଛି। ରଜ ମହୋତ୍ସବ ଉପଲକ୍ଷେ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ କପାଳୀକ୍ଷେତ୍ର ନିମାପଡ଼ାଠାରେ ଅନୁଷ୍ଠିତ ଶ୍ରୀଜଗନ୍ନାଥ ଆଞ୍ଚଳିକ ରଜ ମହୋତ୍ସବରେ ସମାଜସେବା କ୍ଷେତ୍ରରେ ରତିକାନ୍ତଙ୍କ ନିରନ୍ତର ସେବା, ଜନହିତକର କାର୍ଯ୍ୟ ଏବଂ ମାନବିକତାର ପରିଚୟ ପାଇଁ ଶ୍ରେଷ୍ଠ ସମାଜସେବୀ ସମ୍ମାନ ୨୦୨୬ ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କୁ ଉତ୍ତରୀୟ, ମାନପତ୍ର, ପୁଷ୍ପଗୁଚ୍ଛ ଏବଂ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଯୁବ ବିଜେଡି ନେତା ଲାଲା ସ୍ୱାଇଁଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଉପସ୍ଥିତ ଅତିଥିବୃନ୍ଦ ରତିକାନ୍ତ ରାଉତଙ୍କ ସମାଜସେବା ଅବଦାନକୁ ପ୍ରଶଂସା କରିବା ସହିତ ଦୀର୍ଘଦିନ ଧରି ସମାଜର ବିଭିନ୍ନ ବର୍ଗର ଲୋକଙ୍କ ସୁଖଦୁଃଖରେ ସାମିଲ ହେବା ଏବଂ ଅସହାୟ, ଦରିଦ୍ର ଓ ଆବଶ୍ୟକତା ଥିବା ଲୋକଙ୍କ ପାଇଁ ନିରନ୍ତର କାର୍ଯ୍ୟ କରୁଥିବା ନେଇ ଉପସ୍ଥିତ ଅତିଥିବୃନ୍ଦ ପ୍ରଶଂସା କରିଥିଲେ। ରତିକାନ୍ତଙ୍କ ସେବାଭାବ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି। ରଜ ମହୋତ୍ସବରେ ପାରମ୍ପରିକ ଦୋଳି ଖେଳ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ, ଲୋକକଳା ପ୍ରଦର୍ଶନ ଏବଂ ପିଠାପଣାର ଆସର ଓ




ବିଭିନ୍ନ ସାମାଜିକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି, ସାମାଜିକ କର୍ମୀ ଓ ଶତାଧିକ ଦର୍ଶକ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ବାସ୍ତବରେ ସବୁ କଥାର ଦୁଇଟି ଦିଗ ଥାଏ - ବିଜ୍ଞାନ ଓ ମତାମତ । ପ୍ରଥମଟି ସୃଷ୍ଟି କରେ ଜ୍ଞାନ ଓ ଦ୍ୱିତୀୟଟି ଅଜ୍ଞାନ ।
-ହିପୋକ୍ରାଟ୍‌ସ୍

ସକାଳ THE SAKALA

## ବିଶ୍ୱ ଆଶ୍ୱସ୍ତ, ତଥାପି...

ଇରାନ୍ ଓ ଆମେରିକା ବହୁପ୍ରତୀକ୍ଷିତ ଶାନ୍ତିଚୁକ୍ତିର ସର୍ତ୍ତାବଳୀରେ ହସ୍ତାକ୍ଷର କରିବା ପାଇଁ ସମ୍ମତ ହେବା ପରେ ଦୀର୍ଘ ଚାରିମାସ ଧରି ଚାଲିଥିବା ମଧ୍ୟପ୍ରାଚ୍ୟ ଯୁଦ୍ଧର ସାମୟିକ(୬୦ ଦିନିଆ)ବିରତି ସମ୍ଭାବନା ସୃଷ୍ଟି ହୋଇଛି । ଇରାନ୍‌ର ସମସ୍ତ ବନ୍ଦର ଓ ସାମରିକ ଘାଟିରୁ ଆମେରିକା ନୌସେନାକୁ ତତ୍କାଳ ପ୍ରତ୍ୟାହାର ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି । ଇରାନ୍‌ର ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦ ମଧ୍ୟ ଶାନ୍ତିଚୁକ୍ତି ପାଇଁ ସକାରାତ୍ମକ ସନ୍ଦେଶ ଦେଇଛି । ଆସନ୍ତା ୧୯ ତାରିଖରେ ସ୍ୱିଜରଲ୍ୟାଣ୍ଡରେ ଏହି ଐତିହାସିକ ଶାନ୍ତିଚୁକ୍ତି ସ୍ୱାକ୍ଷର ହେବ ବୋଲି ମଧ୍ୟସ୍ଥତା କରୁଥିବା ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ସୂଚନା ଦେଇଛନ୍ତି । ଇସ୍ରାଏଲ୍ ପ୍ରରୋଚନାରେ ଆମେରିକାର ଇରାନ୍ ଉପରେ ଅବାଞ୍ଛିତ ସାମରିକ କାର୍ଯ୍ୟାନୁଷ୍ଠାନରୁ ସୃଷ୍ଟ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରଭାବିତ ହୋଇଥିବା ସମଗ୍ର ବିଶ୍ୱ ଏହି ଯୁଦ୍ଧବିରତି ଘୋଷଣାରେ ଆଶ୍ୱସ୍ତ ହୋଇଛି । କିନ୍ତୁ ଯୁଦ୍ଧବିରତି ସର୍ତ୍ତଭିତ୍ତିକ ହୋଇଥିବାରୁ ଏବଂ ସର୍ତ୍ତାବଳୀର ବିସ୍ତୃତ ବିବରଣୀ ସାର୍ବଜନିନ ହୋଇ ନଥିବାରୁ ଶାନ୍ତିଚୁକ୍ତିର ସ୍ଥାୟୀତ୍ୱ ସମ୍ପର୍କରେ ସନ୍ଦେହ ରହିଛି । ତେଣୁ ମଧ୍ୟପ୍ରାଚ୍ୟ ସଙ୍କଟ ସମ୍ପୂର୍ଣ୍ଣ ଟଳି ଯାଇଛି ବୋଲି କୁହାଯାଇପାରିବ ନାହିଁ । ଏହା କିନ୍ତୁ ସ୍ୱୀକାର କରିବାକୁ ହେବ ଯେ ଏଭଳି ସାମୟିକ ଚୁକ୍ତି ଉଭୟ ପକ୍ଷ ସମେତ ଅବଶିଷ୍ଟ ବିଶ୍ୱ ଅର୍ଥନୀତି ପାଇଁ ଅତ୍ୟାବଶ୍ୟକ ଥିଲା ।

ସାର୍ବଜନିନ ହୋଇଥିବା ପ୍ରସ୍ତାବିତ ଶାନ୍ତିଚୁକ୍ତିର କେତେକ ପ୍ରାରମ୍ଭିକ ସର୍ତ୍ତ ଅନୁଯାୟୀ ତୈଳ ବାଣିଜ୍ୟର ମୁଖ୍ୟ ପଥ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍' ଅବରୋଧ ଓ ଶୁଳ୍କମୁକ୍ତ ହେବ; ଆମେରିକା ଓ ମିତ୍ରରାଷ୍ଟ୍ର ନିକଟରେ ଥିବା ଇରାନ୍‌ର ୨୪୦୦ କୋଟି ଡଲାର ବନ୍ଧନମୁକ୍ତ ହେବ; ଶାନ୍ତିଚୁକ୍ତି ସ୍ୱାକ୍ଷର ହେବାର ୬୦ ଦିନ ମଧ୍ୟରେ ଇରାନ୍‌ର ଯୁଦ୍ଧବିଧ୍ୱସ୍ତ ଭିତ୍ତିଭୂମିର ପୁନରୁଦ୍ଧାର ଓ ବିକାଶ ପାଇଁ ଆମେରିକା ଓ ସହଯୋଗୀ ରାଷ୍ଟ୍ରମାନେ ୩୦, ୦୦୦ କୋଟି ଡଲାର ନିବେଶ କରିବେ; ବର୍ତ୍ତମାନ ଇରାନ୍‌ର ତୈଳ ରପ୍ତାନୀ ଉପରେ ଥିବା କଟକଣା ହଟିବ ଏବଂ ଚୂଡ଼ାନ୍ତ ବୁଝାମଣା ନ ହେବା ପର୍ଯ୍ୟନ୍ତ ଇରାନ୍ ଉପରେ ଆଉ କୌଣସି ନୂଆ କଟକଣା ଲାଗିବ ନାହିଁ; ଇରାନ୍ ମଧ୍ୟ ଆଣବିକ ସମ୍ପଦକୁ ଅସ୍ତ୍ରନିର୍ମାଣରେ ବିନିଯୋଗ କରିବ ନାହିଁ, କିନ୍ତୁ ସ୍ୱାଭାବିକ ଆଣବିକ ବିକାଶ କାର୍ଯ୍ୟକ୍ରମ ଜାରି ରଖିପାରିବ ।

ଇରାନ୍‌କୁ ଶୂନ୍ୟ ଆଣବିକ ଶକ୍ତିସମ୍ପନ୍ନ କରିବା ଆମେରିକା ଓ ଇସ୍ରାଏଲ ପକ୍ଷରୁ ମିଳିତ ଆକ୍ରମଣର ମୂଳ ଉଦ୍ଦେଶ୍ୟ ଥିଲା । ଏଥିରେ ଆମେରିକା ଓ ଇସ୍ରାଏଲ୍ ଯେ ଅସଫଳ ହୋଇଛନ୍ତି ତାହା ସ୍ୱୀକାର୍ଯ୍ୟ । ଆମେରିକା ଓ ଇସ୍ରାଏଲ୍ ମିଳିତ ଭାବେ ଇରାନ୍‌ର ଯେତିକି ଭିତ୍ତିଭୂମି ଧ୍ୱଂସ କରିଛନ୍ତି ତା'ଠାରୁ ଅଧିକ ମୂଲ୍ୟର ଆମେରିକୀୟ ସାମରିକ ଓ ଶକ୍ତି ଭିତ୍ତିଭୂମି ଇରାନ୍‌ର ପାଲଟା ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଛି । ଇରାନ୍‌କୁ ସାମରିକ ସହିତ ଅର୍ଥନୈତିକ ଭାବେ ଦୁର୍ବଳ କରିବା ଏହି ଯୁଦ୍ଧର ଆଉ ଏକ ଲକ୍ଷ୍ୟ ଥିଲା । କିନ୍ତୁ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ' ଅବରୋଧ କରି ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରର ଅର୍ଥନୀତିକୁ ଇରାନ୍ ତୁଳନାତ୍ମକ ଭାବେ ଅଧିକ ଦୁର୍ବଳ କରିଦେଇଛି । ଅଧିକନ୍ତୁ ଭୂରାଜନୀତି ଓ ବିଶ୍ୱ କୂଟନୀତିରେ ଆମେରିକା-ଇସ୍ରାଏଲ୍ ତୁଳନାରେ ଇରାନ୍ ଅପେକ୍ଷାକୃତ ଉନ୍ନତ ସ୍ଥିତିରେ ରହିଛି । ଆଗାମୀ ଦିନରେ ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଏହା ଟ୍ରମ୍ପଙ୍କ ବିରୋଧରେ ଜନଅସନ୍ତୋଷ ସୃଷ୍ଟି କରିବାକୁ ଥିବାରୁ ଶାନ୍ତିଚୁକ୍ତିରେ ସ୍ୱାକ୍ଷର କରିବାକୁ ସେ ତୁରନ୍ତ ରାଜି ହୋଇଯାଇଥିବା କୁହାଯାଉଛି ।

ଆଗାମୀ ୬୦ଦିନ ଆମେରିକା, ଇସ୍ରାଏଲ୍, ଇରାନ୍, ସମଗ୍ର ମଧ୍ୟପ୍ରାଚ୍ୟ ଏବଂ ସର୍ବୋପରି ବିଶ୍ୱ ଇତିହାସ ପାଇଁ ନିର୍ଣ୍ଣାୟକ ଓ ଘଡ଼ିସନ୍ଧି ମୁହୂର୍ତ୍ତ ହେବ । ବାରାକ ଓବାମାଙ୍କ ଅମଳରେ ଆମେରିକା-ଇରାନ୍ ମଧ୍ୟରେ ସ୍ୱାକ୍ଷର ହୋଇଥିବା ଏବଂ ୨୦୧୮ରେ ଟ୍ରମ୍ପ ପ୍ରତ୍ୟାହାର କରିନେଇଥିବା 'ଯୁଗ୍ମ ସଘନ କାର୍ଯ୍ୟକାରୀ ଯୋଜନା(ଜେସିପିଓଏ) ଏବଂ ଜାତିସଂଘ ସୁରକ୍ଷା ପରିଷଦର '୨୨୩୧ ସଂକଳ୍ପ'କୁ ଇରାନ୍ ପୁଣି ଥରେ ଲାଗୁ କରିବାକୁ ଯଦି ଏହି ସମୟ ଭିତରେ ଅଡ଼ି ବସିବ କି ନାହିଁ ତା'ଉପରେ ଅନେକକିଛି ନିର୍ଭର କରୁଛି । 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍'ରେ ମାତ୍ରାଧିକ ବିଦେଶୀ ବା ବାହ୍ୟ ଆଧିପତ୍ୟକୁ ଇରାନ୍‌ର ମୌଳବାଦୀ ଶାସକ ଓ ସାମରିକ ଗୋଷ୍ଠୀ କେତେଦୂର ଗ୍ରହଣ କରିବ ତାହା ମଧ୍ୟ ଆଉ ଏକ ପ୍ରଶ୍ନ । ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଇସ୍ରାଏଲ୍ ମୁଖ୍ୟ ପକ୍ଷ ହୋଇଥିଲେ ହେଁ ଶାନ୍ତିଚୁକ୍ତିରେ ପକ୍ଷଭୁକ୍ତ ହୋଇନାହିଁ । ତେଣୁ ପୁଣି ଥରେ ବେରୁଟ୍ ଉପରେ ଆକ୍ରମଣ କରିଛି । ଇସ୍ରାଏଲ୍ ଚାପରେ ଯଦି ଶାନ୍ତିଚୁକ୍ତି ସ୍ୱାକ୍ଷର ହେବାର ଅବ୍ୟବହିତ ପୂର୍ବରୁ ଇରାନ୍‌ର ଆଣବିକ ନିରୋଧୀ ସର୍ତ୍ତ ପ୍ରାଥମିକତା ପାଏ ତେବେ ଇରାନ୍ ସେଥିରେ ରାଜି ହୋଇ ନ ପାରେ । ବୁଝାମଣାରେ ଲେବାନନ୍‌କୁ ପ୍ରସଙ୍ଗ ନ କରିବା ପାଇଁ ଇସ୍ରାଏଲ୍ ଅଡ଼ି ବସିଛି । ଅପରପକ୍ଷରେ ଲେବାନନ୍ ପଛରେ ଇରାନ୍ ଛିଡ଼ା ହୋଇଛି । ତେଣୁ ଆଗାମୀ ଦିନରେ ଲେବାନନ୍ ଉପରେ ଇସ୍ରାଏଲ୍ ଆକ୍ରମଣ କଲେ ଇରାନ୍ ପୁଣି ଥରେ ଯୁଦ୍ଧଭୂମିକୁ ପୁଣି ଓହ୍ଲାଇବା ଅସ୍ୱାଭାବିକ ନୁହେଁ । ଅଧିକନ୍ତୁ ଶାନ୍ତିଚୁକ୍ତିକୁ ଭଣ୍ଡୁର ନ କରିବା ଏବଂ ଆଗାମୀ ଦିନରେ ଦୀର୍ଘସ୍ଥାୟୀ କରିବା ପାଇଁ ଇସ୍ରାଏଲ୍ ଉପରେ ଆମେରିକା କେତେ କଟକଣା ଲାଗୁ କରିପାରିବ ତା' ଉପରେ ଯୁଦ୍ଧବିରତିର ଆୟୁଷ ନିର୍ଭର କରିବ । ଇରାନ୍‌ର ଅର୍ଥରାଶି ବନ୍ଧନମୁକ୍ତ ହେବା ପରେ ଯାଇ ଚୁକ୍ତି ସ୍ୱାକ୍ଷର ହେବ ବୋଲି ଇରାନ୍‌ର ଉପବୈଦେଶିକ ମନ୍ତ୍ରୀ କହିବା ମଧ୍ୟ ଶାନ୍ତିଚୁକ୍ତିର ସ୍ୱାକ୍ଷରରେ ଅନିଶ୍ଚିତତା ସୃଷ୍ଟି କରୁଛି ।

ଏହି ସାମୟିକ ଯୁଦ୍ଧବିରତି ଘୋଷଣା ପରେ କିଏ କେତେ ଲାଭରେ ରହିଲା, କିଏ କାହା ତୁଳନାରେ କେତେ କ୍ଷତି ସହିଲା ସେ ବିଷୟରେ ସ୍ୱାଭାବିକ ଭାବେ ଚର୍ଚ୍ଚା ଓ ଅଙ୍କକଷା ଆରମ୍ଭ ହୋଇଯାଇଛି । ଆସନ୍ତା ୧୯ ତାରିଖରେ ଯଦି ଶାନ୍ତିଚୁକ୍ତି ବିନା ବାଧା ଓ ବିନା ଦ୍ୱିଧାରେ ସ୍ୱାକ୍ଷରିତ ହୁଏ ତେବେ ଯୁଦ୍ଧପକ୍ଷଭୁକ୍ତ ରାଷ୍ଟ୍ର ବ୍ୟତୀତ ଭାରତର ଇନ୍ଧନ ଓ ସାର ବଜାର ପାଇଁ ସବୁଠାରୁ ବଡ଼ ଆଶ୍ୱସ୍ତିକର ହେବ । କିନ୍ତୁ ବିଶ୍ୱଗୁରୁ ଦୌଡ଼ରେ ଥିବା ଭାରତ ହାତରୁ ପାକିସ୍ତାନ ବାଜି ମାରି ନେଇଗଲା - ଏହି ଅବସୋସ ଚିରକାଳ ରହିଯିବ । ପାକିସ୍ତାନ ନିଜର 'ଆତଙ୍କବାଦୀ ରାଷ୍ଟ୍ର' ଧାରଣାକୁ 'ଶାନ୍ତିଦୂତ'ରେ ପରିବର୍ତ୍ତନ କରିବାରେ ସଫଳ ହେବ, ଯାହା ଭାରତ ପାଇଁ ଆନ୍ତର୍ଜାତିକ କୂଟନୀତିରେ ଏକ ପ୍ରଭୂତ କ୍ଷତି ।

## ଓଡ଼ିଶାର ପ୍ରାକୃତିକ ବୈଭବ: ୨୦୩୬ ପାଇଁ ଦୃଷ୍ଟିକୋଣ

ଡକ୍ଟର ସୁନ୍ଦର ନାରାୟଣ ପାତ୍ର

ଭାରତର ପୂର୍ବ ଭାଗରେ ଅବସ୍ଥିତ ଓଡ଼ିଶାର କ୍ଷେତ୍ରଫଳ ୧, ୫୫, ୭୦୭ ବର୍ଗ କିଲୋମିଟର(କିମି), ଯାହା ଭାରତର ମୋଟ ଭୌଗୋଳିକ କ୍ଷେତ୍ରଫଳର ୪.୮୭% । ଏହାର ତିନି-ଚତୁର୍ଥାଂଶ ଅଞ୍ଚଳ ପର୍ବତମାଳା ଦ୍ୱାରା ଆଚ୍ଛାଦିତ ହୋଇଥିବା ବେଳେ ୫୭୪.୭୧ କିମି ଦୈର୍ଘ୍ୟବିଶିଷ୍ଟ ସାମୁଦ୍ରିକ ଉପକୂଳ ରହିଛି । ରାଜ୍ୟରେ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ବାହୁଦା, ବଂଶଧାରା, ନାଗାବଳୀ, ଇନ୍ଦ୍ରାବତୀ, ଋଷିକୂଲ୍ୟା ସମେତ ଅନେକ ନଦୀ ମଧ୍ୟରୁ ଅଧିକାଂଶ ବଙ୍ଗୋପସାଗରକୁ ପ୍ରବାହିତ ହୁଏ । ଭାରତୀୟ ବନ ସର୍ବେକ୍ଷଣର ସଦ୍ୟତମ ରିପୋର୍ଟ ୨୦୨୩ ଅନୁଯାୟୀ, ଓଡ଼ିଶାରେ ଜଙ୍ଗଲ ପରିମାଣ ହେଉଛି ୫୨, ୪୩୩.୫୬ ବର୍ଗ କିମି, ଅର୍ଥାତ୍ ରାଜ୍ୟ ଭୌଗୋଳିକ କ୍ଷେତ୍ରଫଳର ୩୩. ୬୭% । ତିରିଶଟି ଜିଲ୍ଲା ମଧ୍ୟରୁ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂପୁର, ପୁରୀ ଓ ଗଞ୍ଜାମ ଆଦି ଛଅଟି ଉପକୂଳ ଜିଲ୍ଲା ।

ପର୍ବତ, ପାହାଡ଼, ଉପତ୍ୟକା, ଘାଟି, ସମୁଦ୍ର, ଝରଣା, ନଦୀ, ଜଳପ୍ରପାତ, ଆର୍ଦ୍ରଭୂମି, ହ୍ରଦ, ପୋଖରୀ, ଉପକୂଳ ଇତ୍ୟାଦିର ଅପୂର୍ବ ବୈଶିଷ୍ଟ୍ୟରେ ଆମ ରାଜ୍ୟ ଆଶୀର୍ବାଦପ୍ରାପ୍ତ, ଯାହା ଅନନ୍ୟ ଜୈବ ବିବିଧତା ଏବଂ ବନ୍ୟଜୀବଙ୍କ ପାଇଁ ସ୍ୱର୍ଗ ଭୂମି ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର । ୬, ୭୯୩.୦୫୮ ବର୍ଗ କିମି ପରିବ୍ୟାପ୍ତ ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନ ସମେତ ୧୯ ଟି ସଂରକ୍ଷିତ ଅଞ୍ଚଳ ରାଜ୍ୟର ମୋଟ ଭୌଗୋଳିକ କ୍ଷେତ୍ରଫଳର ୪.୩୬% । ଓଡ଼ିଶା ଭାରତୀୟ ଉପମହାଦେଶରେ ବନ୍ୟଜୀବଙ୍କ ବୈଭବ ଭଣ୍ଡାର ମଧ୍ୟରୁ ଗୋଟିଏ । ଶାଳ ସମେତ ଅସଂଖ୍ୟ ଜାତୀୟ ଉଦ୍ଭିଦ ସହିତ ରଙ୍ଗୀନ ଅର୍କିଡ୍ (ଚିତ୍ରା ବା ମଦାଙ୍ଗ) ଓଡ଼ିଶାର ଜଙ୍ଗଲକୁ ଶୋଭାମଣ୍ଡିତ କରେ । ହାତୀ, ବାଘ, ହରିଣ, ମୃଗ, ସରୀସୃପ, ଝିଟିପିଟି, ପାଙ୍ଗୋଲିନ୍(ବଜ୍ରକାପ୍ତା), ମୟୂର ଏବଂ ଅନ୍ୟାନ୍ୟ ବନ୍ୟ ପ୍ରାଣୀ ଓଡ଼ିଶାର ଜଙ୍ଗଲରେ ମୁକ୍ତ ଭାବରେ ବିଚରଣ କରନ୍ତି; ଡଲଫିନ୍, କୁମ୍ଭୀର, କଇଁଛ, ନୀଳ ରକ୍ତ କଙ୍କଡ଼ା ଏବଂ ଅସଂଖ୍ୟ ଜଳଜୀବ ଏଠାରେ ସେମାନଙ୍କର ସର୍ବୋତ୍ତମ ଆଶ୍ରୟସ୍ଥଳ ପାଆନ୍ତି; ସ୍ଥାନୀୟ ତଥା ଦୂରଦୂରାନ୍ତରୁ ଆସୁଥିବା ପ୍ରବାସୀ ପକ୍ଷୀମାନେ ଏଠାରେ ସେମାନଙ୍କର ନିରାପଦ ସ୍ୱର୍ଗ ପାଆନ୍ତି ।

ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ, ଯେଉଁଠାରେ ତିନୋଟି ଦେଶୀୟ କୁମ୍ଭୀର ଯଥା ଘଡ଼ିଆଳ ବା ଥଣ୍ଟିଆ (ସାତକୋଶିଆ), ମଗର ବା ଗୋମୁହା (ସାତକୋଶିଆ, ଶିମିଳିପାଳର ଜଶିପୁର) ଏବଂ ବଉଳା ବା ଲୁଣାପାଣି (ଭିତରକନିକା) ଦେଖିବାକୁ ମିଳେ । ଓଡ଼ିଶାରେ ୪୭୯ ଜାତୀୟ ପକ୍ଷୀ, ୮୬ ଜାତୀୟ ସ୍ତନ୍ୟପାୟୀ ପ୍ରାଣୀ, ୧୯ ଜାତୀୟ ଉଭୟଚର ପ୍ରାଣୀ ଏବଂ ୧୧୦ ଜାତୀୟ ସରୀସୃପ ଅଛନ୍ତି । ଏହି ରାଜ୍ୟ ବିଲୁପ୍ତପ୍ରାୟ ଅଲିଭ୍ ରିଡଲେ କଇଁଛ ଏବଂ ଇରାବାଡି ଡଲଫିନ୍ ପାଇଁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାକୃତିକ ଆବାସସ୍ଥାନ । ଦକ୍ଷିଣ ଓଡ଼ିଶାର କୋରାପୁଟ ଜିଲ୍ଲାକୁ ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ(ଏଫଏଓ) ଦ୍ୱାରା ବିଶ୍ୱ କୃଷି ଐତିହ୍ୟ ସ୍ଥଳ ଭାବରେ ଚିହ୍ନଟ କରାଯାଇଛି, ଯାହା ବିଶ୍ୱର ଅନ୍ୟ ତିନୋଟି ସ୍ଥାନ ସହିତ ଅନ୍ତର୍ଭୁକ୍ତ । ଅନ୍ୟ ସ୍ଥାନଗୁଡ଼ିକ ପେରୁ, ଚୀନ୍ ଓ ଫିଲିପାଇନ୍ସରେ ଅବସ୍ଥିତ ।

ଜଙ୍ଗଲ କ୍ଷୟ, ଖଣି ଓ ଶିଳ୍ପ କାର୍ଯ୍ୟକଳାପ ଏବଂ କୃଷି ପ୍ରସାରଣ ଦ୍ୱାରା ଓଡ଼ିଶାର ଜଙ୍ଗଲ ପରିସଂସ୍ଥା ବହୁଳ ଭାବରେ ପ୍ରଭାବିତ ହୋଇଛି । ଯାହାଫଳରେ ବନ୍ୟପ୍ରାଣୀମାନେ ଖାଦ୍ୟ ଓ ଜଳ ସନ୍ଧାନରେ ମାନବବସତିରେ ପ୍ରବେଶ କରିବାକୁ ବାଧ ହେଉଛନ୍ତି ଏବଂ ଅବୈଧ ଚୋରାଚାଲାଣ ତଥା ଆକ୍ରମଣର ଶିକାର ହେଉଛନ୍ତି । ଓଡ଼ିଶାରେ ମଣିଷ-ପ୍ରାଣୀ ସଂଘର୍ଷ ଏକ ଗମ୍ଭୀର ଏବଂ କ୍ରମ ବୃଦ୍ଧି ପାଉଥିବା ସଙ୍କଟ । ଏହା ଗତ ପାଞ୍ଚ ବର୍ଷ ମଧ୍ୟରେ ପ୍ରାୟ ୮୦୦ ଲୋକଙ୍କ ଜୀବନ ନେଇଛି ଏବଂ ପ୍ରାୟ ୨, ୦୦୦ ଆହତ ହୋଇଛନ୍ତି । ସେଭଳି ଗତ ୫ ବର୍ଷ ମଧ୍ୟରେ ହାତୀ ଓ ବାଘ ସମେତ ୨, ୮୩୨ ବନ୍ୟ ପ୍ରାଣୀଙ୍କ ମୃତ୍ୟୁ ଘଟିଛି । ଏହି ଅଞ୍ଚଳଗୁଡ଼ିକରେ କ୍ରମାଗତ ମାନବୀୟ କାର୍ଯ୍ୟକଳାପ ଯୋଗୁଁ ବନ୍ୟପ୍ରାଣୀଙ୍କ ପ୍ରାକୃତିକ ଆବାସସ୍ଥାନ ସଙ୍କୁଚିତ ହେଉଛି । ପ୍ରକୃତି ସଂରକ୍ଷଣ ପାଇଁ ଆନ୍ତର୍ଜାତିକ ସଂଘ(ଆଇୟୁସିଏନ୍) ରେଡ୍ ଡାଟା ବୁକ ବା ଲାଲ କିତାବରେ ଓଡ଼ିଶାର ଅନେକ ପ୍ରକାରର ଉଦ୍ଭିଦ ଏବଂ ପ୍ରାଣୀ 'ବିପଦଗ୍ରସ୍ତ', 'କ୍ଷୁର୍ଣ୍ଣ', 'ବିପନ୍ନ' ଓ 'ବିରଳ' ଭାବରେ ତାଲିକାଭୁକ୍ତ ହୋଇ ସାରିଲେଣି । ସମୟ ସହିତ ଆହୁରି ଅନେକ ଜୀବ ଜାତି ଏହି ତାଲିକାରେ ଯୋଡ଼ି ହୋଇପାରନ୍ତି ବୋଲି ଆଶଙ୍କା କରାଯାଉଛି । ଜଙ୍ଗଲରେ ବନ୍ୟଜୀବଙ୍କୁ ସୁରକ୍ଷିତ ରଖିବାରେ ପରିବେଶ ଏପର୍ଯ୍ୟନ୍ତ ଅନୁକୂଳ ଥିବାରୁ ଏହାର ପରିସଂସ୍ଥା -ପୁନରୁଦ୍ଧାର ପାଇଁ ତୁରନ୍ତ ହସ୍ତକ୍ଷେପ ଆବଶ୍ୟକ ।

ଓଡ଼ିଶାରେ ବିପୁଳ ସମୃଦ୍ଧ ଖଣିଜ ପଦାର୍ଥ ରହିଛି, ଯାହା ଦେଶର ପ୍ରାୟ ଏକ-ପଞ୍ଚମାଂଶ । ରାଜ୍ୟରେ କ୍ରୋମାଇଟ୍, ନିକେଲ, ବକ୍ସାଇଟ୍, ଲୌହ ଓ କୋଇଲାର

### ମୋ ସ୍ୱପ୍ନର ଓଡ଼ିଶା

ଉଲ୍ଲେଖନୀୟ ଭଣ୍ଡାର ରହିଛି, ଯାହା ଭାରତର ଏହି ଖଣିଜ ପଦାର୍ଥର ମୋଟ ଭଣ୍ଡାରର ଯଥାକ୍ରମେ ପ୍ରାୟ ୮୩%, ୯୨%, ୫୫%, ୩୮% ଓ ୨୬% । ଅନ୍ୟାନ୍ୟ ଖଣିଜ ପଦାର୍ଥଗୁଡ଼ିକ ହେଉଛି ଚାଇନା ମାଟି, ଡୋଲୋମାଇଟ୍, ଫାୟାରକ୍ଲେ, ଗ୍ରାଫାଇଟ୍, ରତ୍ନପଥର, ଚୂନପଥର, ବିରଳ ମୃତ୍ତିକା, ହୀରା, ତମ୍ବା, ସୀସା, ଟାଇଟାନିୟମ୍ ଇତ୍ୟାଦି । ଖଣି ଏବଂ ଶିଳ୍ପ କାର୍ଯ୍ୟକଳାପ ନିଯୁକ୍ତି ସୃଷ୍ଟି କରେ ଏବଂ ମୋଟ ଘରୋଇ ଉତ୍ପାଦ(ଜିଡିପି)ରେ ଅଧିକ ଅବଦାନ ରଖେ । ମୋଟ ରାଜ୍ୟ ଘରୋଇ ଉତ୍ପାଦ(ଜିଏସ୍‌ଡିପି)ରେ ଶିଳ୍ପ କ୍ଷେତ୍ରର ରାଜ୍ୟର ଅଂଶ ୨୦୧୪-୧୫ ରେ ୩୫.୮ ପ୍ରତିଶତ ଥିଲା ବେଳେ କୃଷି କ୍ଷେତ୍ରରେ ୨୧.୩ ପ୍ରତିଶତ ଥିଲା । ବର୍ତ୍ତମାନ ଓଡ଼ିଶାର ଜିଏସ୍‌ଡିପି ମୁଖ୍ୟତଃ ଏହାର ଶିଳ୍ପ କ୍ଷେତ୍ର ଦ୍ୱାରା ପରିଚାଳିତ, ଯାହା ରାଜ୍ୟର ଅର୍ଥନୀତିରେ ପ୍ରାୟ ୪୩% ବୃଦ୍ଧି ପାଇଛି । ଅପରପକ୍ଷରେ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟକଳାପରେ ହ୍ରାସ ଘଟିଛି, ଯାହା ପ୍ରାୟ ୧୯.୬% ଅଟେ । ଅବଶିଷ୍ଟ ବଳକା ସେବା କ୍ଷେତ୍ର (୩୬%) ଦ୍ୱାରା ଭରଣା କରାଯାଇଛି ।

ଶିଳ୍ପ କ୍ଷେତ୍ର ବଡ଼ ଧରଣର ଖଣି କାର୍ଯ୍ୟ (କୋଇଲା, ଲୁହା ଖଣି, ବକ୍ସାଇଟ୍) ଏବଂ ଦ୍ରୁତ ବିସ୍ତାରଶୀଳ ଉତ୍ପାଦନ ଇକୋସିଷ୍ଟମ ବା ପରିସଂସ୍ଥା ଦ୍ୱାରା ପରିଚାଳିତ । କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପ ଫସଲ ଚାଷ, ପଶୁପାଳନ, ବନୀକରଣ ଓ ମାଛ ଆମଦାନୀ ଅନ୍ତର୍ଭୁକ୍ତ କରେ । ସେବା କ୍ଷେତ୍ର ବାଣିଜ୍ୟ, ପର୍ଯ୍ୟଟନ, ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ଆର୍ଥିକ ସେବାକୁ ଅନ୍ତର୍ଭୁକ୍ତ କରେ । ଓଡ଼ିଶା ଅର୍ଥନୈତିକ ସର୍ଭେ ୨୦୨୪-୨୫ ଅନୁଯାୟୀ, ଓଡ଼ିଶାର ଖଣି କ୍ଷେତ୍ର ଭାରତର ଖଣିଜ ଉତ୍ପାଦନର ପ୍ରାୟ ୨୫%, ଯାହା ଏହାକୁ ଜାତୀୟ ଅର୍ଥନୀତିରେ ଏକ ପ୍ରମୁଖ ଅବଦାନକାରୀ କରିଥାଏ । ବୃହତ କୋଇଲା ଖଣି କ୍ଷେତ୍ର ଯୋଗୁଁ ଓଡ଼ିଶା ଭାରତରେ ଏକ ପ୍ରମୁଖ କୋଇଲା-ଆଧାରିତ ବିଦ୍ୟୁତ୍ ଉତ୍ପାଦନକାରୀ ରାଜ୍ୟ ।

ଏହିପରି କାର୍ଯ୍ୟକଳାପ ସହିତ ଜଡ଼ିତ ସମସ୍ୟାଗୁଡ଼ିକ ହେଉଛି ପରିବେଶ ପ୍ରଦୂଷଣ, ବାୟୁ ଏବଂ ଜଳ ଗୁଣବତ୍ତାର ମାନ ହ୍ରାସ, ଜଙ୍ଗଲ ଅଞ୍ଚଳ କ୍ଷୟ, ସମୃଦ୍ଧ ଜୈବ ବିବିଧତା ଏବଂ ସ୍ଥାନୀୟ ଆଦିବାସୀ ସମେତ ବିଭିନ୍ନ ସମ୍ପ୍ରଦାୟର ଅଧିବାସୀଙ୍କର ପ୍ରାକୃତିକ ବାସସ୍ଥାନର ସଙ୍କୋଚନ । ତଥାପି ବିକାଶମୂଳକ କାର୍ଯ୍ୟକଳାପର ବର୍ଦ୍ଧିତ ଚାହିଦା ପୂରଣ କରିବା ପାଇଁ ଖଣିଜ ପଦାର୍ଥଗୁଡ଼ିକୁ ବ୍ୟବହାର କରିବାକୁ ପଡ଼ିଥାଏ । ତେଣୁ ଓଡ଼ିଶା ଆକ୍ରମଣାତ୍ମକ ଭାବରେ ଖଣି ଏବଂ ଶିଳ୍ପ ପ୍ରକଳ୍ପଗୁଡ଼ିକୁ ଆଗକୁ ବଢ଼ାଇ ଆସୁଛି । କିନ୍ତୁ ପରିବେଶଗତ ଅବକ୍ଷୟର ମୂଲ୍ୟରେ ଖଣିଜ ବିକାଶର ଆର୍ଥିକ ଲାଭ ପ୍ରତିକୂଳ ହୋଇପଡ଼େ । କାରଣ ଏହା ପରିବେଶଗତ ସ୍ଥାୟୀତ୍ୱକୁ କ୍ଷତି ପହଞ୍ଚାଏ । ଭାରତର ପ୍ରମୁଖ ଖଣିଜ ଭଣ୍ଡାରଗୁଡ଼ିକ ସମୃଦ୍ଧ ଜଙ୍ଗଲ ଥିବା ଅଞ୍ଚଳଗୁଡ଼ିକରେ ହିଁ ପ୍ରାୟତଃ ଅବସ୍ଥିତ ।

ରାଜ୍ୟ ବାରମ୍ବାର ପାଣିପାଗ ଅନିୟମିତତା, ଘୂର୍ଣ୍ଣିବାତ୍ୟା ଏବଂ ଝଡ଼ ଭଳି ପ୍ରାକୃତିକ ବିପର୍ଯ୍ୟୟର ଶିକାର ହେଉଛି । ୧୯୯୯ ମସିହାରେ ମହାବାତ୍ୟା, ୨୦୧୩ ମସିହାରେ ଫାଇଲିନ, ୨୦୧୪ ମସିହାରେ ହୁଦହୁଦ, ୨୦୧୮ରେ ତିତଲି ଓ ଫେଥାଇ, ୨୦୧୯ରେ ଦାୟେ ଓ ବୁଲବୁଲ, ୨୦୨୦ରେ ଆମଫାନ, ୨୦୨୧ରେ ଯାସ, ୨୦୨୪ରେ ଦାନା, ୨୦୨୫ରେ ମୋନ୍ଥା ଭଳି ବାତ୍ୟା ସହିତ ନିୟମିତ ବ୍ୟବଧାନରେ ବନ୍ୟା ଓ ମରୁଡ଼ିର ଶିକାର ହୋଇ ଚାଲିଛି । ବିଶ୍ୱ ତାପମାତ୍ରା ବୃଦ୍ଧି ସହିତ ଏପରି ବିପର୍ଯ୍ୟୟ ଆହୁରି ଅଧିକ ଥର ଘଟିବାର ଆଶଙ୍କା ରହିଛି । ଏହା ଦେଶର ସବୁଠାରୁ ଉତ୍ତପ୍ତ ରାଜ୍ୟ ମଧ୍ୟରୁ ଗୋଟିଏ ।

ମହାତ୍ମା ଗାନ୍ଧୀ ଆଧୁନିକ ପ୍ରଦୂଷଣକାରୀ ଶିଳ୍ପ ଅପେକ୍ଷା ପ୍ରାକୃତିକ ଜୈବ-ସମ୍ପଦ ଉପରେ ଆଧାରିତ କୁଟୀର ଶିଳ୍ପକୁ ପସନ୍ଦ କରିଥିଲେ, ଯାହା ପରିବେଶ-ଅନୁକୂଳ ଏବଂ ପ୍ରଦୂଷଣମୁକ୍ତ ଅଟେ । ବିଳାସପୂର୍ଣ୍ଣ ଆଧୁନିକ ଜୀବନଶୈଳୀର ବର୍ଦ୍ଧିତ ଚାହିଦା ପୂରଣ କରିବା ପାଇଁ ଅତ୍ୟଧିକ ପ୍ରାକୃତିକ ସମ୍ପଦ ବ୍ୟବହାର ଅଧିକ ଅପଚୟ ସୃଷ୍ଟି ସହିତ ଜଡ଼ିତ । ଏହି ଅପଚୟ ବା ବର୍ଜ୍ୟବସ୍ତୁ ପରିବେଶ ପ୍ରଦୂଷଣର ଏକ କାରଣ ହୋଇଥାଏ । ତେଣୁ ରାଜ୍ୟକୁ ରେଖୀୟ ଅର୍ଥନୀତି ଅପେକ୍ଷା ବୃତ୍ତାକାର ଅର୍ଥନୀତି ଗ୍ରହଣ କରିବାକୁ ପଡ଼ିବ । ସ୍ୱତନ୍ତ୍ର ଉତ୍କଳ ଗଠନର ୧୦୦ ବର୍ଷ ପୂରଣ କରିବା ବେଳକୁ ଏହାର ପ୍ରାକୃତିକ ବୈଭବକୁ ପୁନର୍ବାର ହାସଲ କରିବା ପାଇଁ ୨୦୩୬ ପାଇଁ ଏକ ବାସ୍ତବବାଦୀ ଦୃଷ୍ଟିକୋଣ ରଖିବା ଉଚିତ । ସ୍ଥାନୀୟ ସମ୍ପ୍ରଦାୟର ଅଂଶଗ୍ରହଣ ସହିତ ପରିବେଶ ଅନୁକୂଳ ବିକାଶ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ସହିତ ପ୍ରକୃତି ଏବଂ ପରିବେଶ ଅନୁକୂଳ ବିକାଶ କାର୍ଯ୍ୟକଳାପ ପାଇଁ ଦଶ ବର୍ଷର ଦୀର୍ଘକାଳୀନ କାର୍ଯ୍ୟ ଯୋଜନା ସହିତ ଏକ ବ୍ଲୁପ୍ରିଣ୍ଟ ଆଙ୍କିବା ଉଚିତ ।

(ସଭାପତି, ଓଡ଼ିଶା ପରିବେଶ ସମିତି)
ଭୁବନେଶ୍ୱର, ମୋ: ୯୭୭୭୮୦୦୪୦୮

## ଫୁଟବଲ: ଚମତ୍କାର ଗୋଲକରୁ 'ଏଆଇ'ର ବିସ୍ମୟ

ରଞ୍ଜନ କୁମାର ରାୟ

ଇତିମଧ୍ୟରେ ଫୁଟ୍‌ବଲ୍‌ର ବିଶ୍ୱ ମହାକୁମ୍ଭ କୁହାଯାଉଥିବା 'ଫିଫା' ବିଶ୍ୱକପ୍ ଆମେରିକା, କାନାଡ଼ା ଓ ମେକ୍ସିକୋରେ ଆରମ୍ଭ ହୋଇଛି । ବିଶ୍ୱର ସବୁଠୁ ଲୋକପ୍ରିୟ ଖେଳ ଭାବେ ଫୁଟବଲ ଆଜି କୋଟି କୋଟି ଲୋକଙ୍କ ହୃଦୟରେ ସ୍ଥାନ ପାଇଛି । ବିଶ୍ୱକପରୁ ଆରମ୍ଭ କରି ଗ୍ରାମର ମାଟିଆ ଖେଳପଡ଼ିଆ ପର୍ଯ୍ୟନ୍ତ ଫୁଟବଲର ଆକର୍ଷଣ ସର୍ବତ୍ର ଦେଖିବାକୁ ମିଳେ । ଆଜି ଆମେ ଯେଉଁ ସୁନ୍ଦର, ହାଲୁକା ଓ ବିଜ୍ଞାନସମ୍ମତ ଫୁଟବଲ ଦେଖୁଛୁ, ତାହା ପଛରେ ରହିଛି ଶତାବ୍ଦୀ ଧରି ଚାଲିଥିବା ବିକାଶ ଓ ପରିବର୍ତ୍ତନର ଏକ ଦୀର୍ଘ ଇତିହାସ ।

ପ୍ରାଚୀନ ଚୀନ, ଗ୍ରୀସ ଓ ରୋମ ସଭ୍ୟତାରେ ମଧ୍ୟ ବଲ୍ ଆଧାରିତ ଖେଳର ଉଲ୍ଲେଖ ମିଳେ । ସେହି ସମୟରେ ବଲ୍‌ଗୁଡ଼ିକ ପଶୁମାନଙ୍କର ମୂତ୍ରାଶୟ, ଚମଡ଼ା କିମ୍ବା କପଡ଼ାରେ ତିଆରି ହେଉଥିଲା । ସେଗୁଡ଼ିକର କୌଣସି ନିର୍ଦ୍ଦିଷ୍ଟ ଆକାର କିମ୍ବା ଓଜନ ନଥିଲା । ଫଳରେ ଖେଳର ଧାରା ଓ ବଲ୍‌ର ଗତି ଅନିଶ୍ଚିତ ରହୁଥିଲା । ଊନବିଂଶ ଶତାବ୍ଦୀରେ ଇଂଲଣ୍ଡରେ ଆଧୁନିକ ଫୁଟବଲର ନିୟମ ପ୍ରଣୟନ ହେବା ସହିତ ବଲ୍‌ର ଆକୃତି ଓ ମାନ ନିର୍ଦ୍ଧାରଣର ଆବଶ୍ୟକତା ଅନୁଭୂତ ହେଲା । ସେହି ସମୟର ଫୁଟବଲଗୁଡ଼ିକ ଗାଈର ଚମଡ଼ାରେ ତିଆରି ହେଉଥିଲା ଏବଂ ଭିତରେ ପଶୁର ମୂତ୍ରାଶୟ କିମ୍ବା ରବର ଟ୍ୟୁବ୍ ରହୁଥିଲା । ବଲ୍‌ର ମୁହଁ ଏକ ଚମଡ଼ା ଫିତା ଦ୍ୱାରା ବନ୍ଧାଯାଉଥିଲା । ବର୍ଷା ସମୟରେ ଏହି ଚମଡ଼ା ପାଣି ଶୋଷଣ କରି ଭାରୀ ହୋଇଯାଉଥିଲା, ଯାହା ଖେଳାଳିମାନଙ୍କ ପାଇଁ ମୁଣ୍ଡରେ ବଲ୍ ମାରିବାକୁ ବିପଦଜନକ କରିଦେଉଥିଲା । କ୍ରମେ ପ୍ରଯୁକ୍ତି ବିଦ୍ୟାର ଉନ୍ନତି ସହିତ ଫୁଟବଲର ଗଠନରେ ବଡ଼ ପରିବର୍ତ୍ତନ ଆସିଲା । ୧୯୬୦ ଦଶକରେ ସିନ୍ଥେଟିକ୍ ସାମଗ୍ରୀ ବ୍ୟବହାର ଆରମ୍ଭ ହେଲା । ଏହା ବଲ୍‌କୁ ଅଧିକ ଜଳରୋଧକ, ହାଲୁକା ଓ ଦୀର୍ଘସ୍ଥାୟୀ କରିବାରେ ସକ୍ଷମ ହେଲା । ଏହି ସମୟରେ ଫୁଟବଲର ଆକାର, ପରିଧି ଓ ଓଜନକୁ ଆନ୍ତର୍ଜାତିକ ମାନଦଣ୍ଡ ଅନୁଯାୟୀ ନିର୍ଦ୍ଧାରଣ କରାଗଲା । ଆଧୁନିକ ଫୁଟବଲ ଭିତରେ ଅନେକ ସ୍ତର ରହିଥାଏ । ବାହ୍ୟ ଆବରଣ, ଫୋମ୍ ସ୍ତର, କପଡ଼ା ଲେୟର ଓ ଭିତର ରବର ବ୍ଲାଡର ମିଶି ଏକ ସମ୍ପୂର୍ଣ୍ଣ ବଲ୍ ତିଆରି ହୁଏ । ଏହି ଗଠନ ବଲ୍‌ର ଗତି, ନିୟନ୍ତ୍ରଣ, ବାଉନ୍ସ ଓ ସ୍ଥାୟୀତ୍ୱକୁ ପ୍ରଭାବିତ କରେ ।

ବର୍ତ୍ତମାନ 'ଫିଫା' ଅନୁମୋଦିତ 'ସାଇଜ୍-୫' ଫୁଟବଲର ପରିଧି ୬୮ରୁ ୭୦ ସେଣ୍ଟିମିଟର ଏବଂ ଓଜନ ୪୧୦ରୁ ୪୫୦ ଗ୍ରାମ । ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଏହି ମାନର ବଲ୍ ବ୍ୟବହୃତ ହୁଏ । ଶିଶୁ ଓ କିଶୋର ଖେଳାଳିଙ୍କ ପାଇଁ ସାଇଜ୍-୩ ଓ ସାଇଜ୍-୪ ବଲ୍ ବ୍ୟବହାର କରାଯାଏ । ଫୁଟବଲର ଗଠନ ମଧ୍ୟ ସମୟ ସହିତ ବଦଳିଛି । ପାରମ୍ପରିକ ଭାବେ ୩୨ଟି ପ୍ୟାନେଲର ସମନ୍ୱୟରେ ବଲ୍ ତିଆରି ହେଉଥିଲା । ଏଥିରେ ୨୦ଟି ଷଡ଼ଭୁଜ ଓ ୧୨ଟି ପଞ୍ଚଭୁଜ ପ୍ୟାନେଲ ରହୁଥିଲା । ଏହି ଡିଜାଇନ୍‌ର ବଲ୍‌କୁ ଏକ ସଂପୂର୍ଣ୍ଣ ଗୋଲାକାର ଆକୃତି ଦେଇଥିଲା ଏବଂ ଦଶନ୍ଧି ଧରି ଏହା ଫୁଟବଲର ପ୍ରତୀକ ହୋଇ ରହିଥିଲା ।

ପ୍ରତି ଚାରି ବର୍ଷରେ ବିଶ୍ୱକପ୍ ପାଇଁ ଆଡିଡାସ୍ ଏକ ନୂଆ ବଲ୍ ପ୍ରସ୍ତୁତ କରିଥାଏ । ୨୦୦୬ ପରେ 'ଫିଫା' ବିଶ୍ୱକପ୍‌ରେ ବ୍ୟବହୃତ ବଲ୍‌ରେ ନୂଆ ନୂଆ ପ୍ରୟୋଗ ଦେଖିବାକୁ ମିଳିଲା । ପ୍ୟାନେଲ ସଂଖ୍ୟା କମାଯାଇ ବଲ୍‌କୁ ଅଧିକ ମସୃଣ କରାଗଲା । ୨୦୧୦ ବିଶ୍ୱକପ୍‌ର 'ଜାବୁଲାନି' ବଲ୍ କେବଳ ଆଠଟି ପ୍ୟାନେଲରେ ତିଆରି ହୋଇଥିଲା । ଏହାର ଗତି ଓ ବାୟୁଗତିବିଜ୍ଞାନକୁ ନେଇ ବହୁ ଆଲୋଚନା ହୋଇଥିଲା । ପରବର୍ତ୍ତୀ ବିଶ୍ୱକପ୍‌ଗୁଡ଼ିକରେ ମଧ୍ୟ ଉନ୍ନତ ପ୍ରଯୁକ୍ତି ବିଦ୍ୟା, ସେନ୍‌ସର ସହ ବିଭିନ୍ନ ଡିଜାଇନର ବଲ୍ ବ୍ୟବହାର କରାଯାଇଛି । ୨୦୨୬ ବିଶ୍ୱକପ୍ ପାଇଁ ନିର୍ମିତ 'ଟ୍ରାଇଅନ୍‌ଡା' ବଲ୍ ବିଜ୍ଞାନ, ଗଣିତ ଓ ଇଞ୍ଜିନିୟରିଂ, ଏଆଇ ଓ ଅତ୍ୟାଧୁନିକ ସେନ୍ସର ପ୍ରଯୁକ୍ତିର ଏକ ଚମତ୍କାର ଉଦାହରଣ । ଫୁଟବଲ୍ ଇତିହାସରେ ପ୍ରଥମ ଥର ପାଇଁ 'ଟ୍ରାଇଅନ୍‌ଡା'ର ସେନ୍ସର ପ୍ରତି ସେକେଣ୍ଡରେ ୫୦୦ ଥର ତଥ୍ୟ ପଠାଇପାରିବ । ଏହାଦ୍ୱାରା ରେଫରି ଓ ଭିଡିଓ ରେଫରି (ଭିଏଆଇଆର୍) ଦ୍ରୁତ ଏବଂ ଅଧିକ ସଠିକ୍ ନିଷ୍ପତ୍ତି ନେଇପାରିବେ । ଅଫସାଇଡ୍, ହ୍ୟାଣ୍ଡବଲ୍ ଏବଂ ବିଭିନ୍ନ ବିବାଦୀୟ ମୁହୂର୍ତ୍ତଗୁଡ଼ିକର ନିରାକରଣ ଅଧିକ ସହଜ ହେବ ବୋଲି ଆଶା କରାଯାଉଛି । ଫୁଟବଲ ଇତିହାସରେ ଅନେକ ନିଷ୍ପତ୍ତି ବିବାଦ ସୃଷ୍ଟି କରିଛି । ୧୯୮୬ ବିଶ୍ୱକପ୍‌ରେ ଡିଏଗୋ ମାରାଡୋନାଙ୍କ 'ହ୍ୟାଣ୍ଡ ଅଫ୍ ଗଡ୍' ଗୋଲ୍ ହେଉ କିମ୍ବା ୨୦୧୦ରେ ଫ୍ରାଙ୍କ ଲ୍ୟାମ୍ପାର୍ଡଙ୍କ ଅସ୍ୱୀକୃତ ଗୋଲ୍, ଏଭଳି ଘଟଣା ଫୁଟବଲ୍ ପ୍ରଶାସନକୁ ଅଧିକ ସ୍ୱଚ୍ଛ ବ୍ୟବସ୍ଥା ଖୋଜିବାକୁ ବାଧ କରିଥିଲା । 'ଟ୍ରାଇଅନ୍‌ଡା' ସେହି ପ୍ରୟାସର ଏକ ନୂତନ ଅଧ୍ୟାୟ ।


ଫୁଟବଲର ଆକାର ଓ ଗଠନର ଏହି ବିକାଶ ଖେଳର ଗୁଣବତ୍ତାକୁ ନୂଆ ଉଚ୍ଚତାକୁ ନେଇଯାଇଛି । ପ୍ରାଚୀନ ଚମଡ଼ାର ବଲ୍‌ରୁ ଆରମ୍ଭ କରି ଆଜିର ସ୍ମାର୍ଟ ବଲ୍ ପର୍ଯ୍ୟନ୍ତ ଯାତ୍ରା ପ୍ରମାଣ କରେ ଯେ ଖେଳ ଓ ପ୍ରଯୁକ୍ତି ପରସ୍ପରର ପରିପୂରକ । ଭବିଷ୍ୟତରେ ଏହା ଆହୁରି ଉନ୍ନତ ହେବାର ସମ୍ଭାବନା ରହିଛି । ଫୁଟବଲର ଏହି କ୍ରମବିକାଶ କେବଳ ଏକ ଖେଳ ସାମଗ୍ରୀର ପରିବର୍ତ୍ତନର କାହାଣୀ ନୁହେଁ; ବରଂ ମାନବ ସୃଜନଶୀଳତା, ବୈଜ୍ଞାନିକ ଚିନ୍ତାଧାରା ଓ ଖେଳ ପ୍ରତି ଅଦମ୍ୟ ଭଲପାଇବାର ଏକ ଜୀବନ୍ତ ପ୍ରମାଣ । ତେବେ ଏକ ପ୍ରଶ୍ନ ମଧ୍ୟ ଉଠୁଛି ଯେ ପ୍ରଯୁକ୍ତି ବିଦ୍ୟାର ମାତ୍ରାଧିକ ପ୍ରୟୋଗର ଖେଳର ମାନବୀୟ ଆବେଗ ଓ ସ୍ୱାଭାବିକତା କେତେଦୂର ଅବିକୃତ ରହିପାରିବ? ଅତ୍ୟଧିକ ପ୍ରଯୁକ୍ତି ହସ୍ତକ୍ଷେପ ଖେଳକୁ ଯାନ୍ତ୍ରିକ କରିଦେବ ବୋଲି କେତେକ କ୍ରୀଡ଼ା ବିଶେଷଜ୍ଞ ଆଶଙ୍କା ପ୍ରକଟ କରିଛନ୍ତି । ଯଦି ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ନ୍ୟାୟସଙ୍ଗତ ନିଷ୍ପତ୍ତି, ଖେଳାଳିଙ୍କ ପ୍ରଦର୍ଶନ ବିଶ୍ଳେଷଣ ଓ ଦର୍ଶକଙ୍କ ଅନୁଭୂତିକୁ ଉନ୍ନତ କରିପାରେ ତେବେ ତାହାକୁ ସ୍ୱାଗତ କରିବା ଉଚିତ । ମୂଳ କଥା ହେଉଛି, ପ୍ରଯୁକ୍ତି ବିଦ୍ୟା ଖେଳକୁ ନିୟନ୍ତ୍ରଣ କରିବା ପାଇଁ ନୁହେଁ, ବରଂ ଖେଳକୁ ଅଧିକ ନିର୍ଭୁଲ ଓ ଆକର୍ଷଣୀୟ କରିବା ପାଇଁ ବ୍ୟବହୃତ ହେଉ । ୨୦୨୬ ବିଶ୍ୱକପ୍‌ରେ 'ଟ୍ରାଇଅନ୍‌ଡା'ର ସଫଳତା କେବଳ ଏକ ବଲ୍‌ର ସଫଳତା ହେବ ନାହିଁ, ଏହା ଖେଳ ଓ ପ୍ରଯୁକ୍ତିର ଭବିଷ୍ୟତ ସମ୍ପର୍କର ଏକ ନୂଆ ଦିଗ ନିର୍ଦ୍ଧାରଣ କରିବ ।

ଭୁବନେଶ୍ୱର, ମୋ: ୯୬୯୨୦୮୩୯୦୪

## ପତିପତ୍ନୀ: ସମାନ ମାନସିକ ବିଶୃଙ୍ଖଳା

ଶ୍ରୀନନ

### ବିଜ୍ଞାନ ବାର୍ତ୍ତା



ପୃଥିବୀର ପ୍ରାୟ ସବୁ ସମାଜରେ ପତିପତ୍ନୀ ସଂପର୍କ ଅତିନିବିଡ଼ । ସେମାନଙ୍କ ମନ ଗୋଟିଏ ବୋଲି କୁହାଯାଏ । ଏହି ଉକ୍ତିର ସତ୍ୟତା ଏବେ ପ୍ରମାଣିତ ହୋଇଛି ତାଇୱାନ, ଡେନମାର୍କ ଓ ସ୍ୱିଡେନ୍‌ସରେ ଅନୁଷ୍ଠିତ ୫ ନିୟୁତରୁ ଅଧିକ ଦମ୍ପତିଙ୍କ ଉପରେ ହୋଇଥିବା ଏକ ଆର୍ନ୍ତଜାତିକ ଅଧ୍ୟୟନରୁ । ତହିଁରୁ ଜଣାପଡ଼ିଛି ଯେ ଅଧିକାଂଶ ସ୍ଥଳେ ସେମାନଙ୍କ ମାନସିକ ବିଶୃଙ୍ଖଳା ପ୍ରାୟ ଗୋଟିଏ ପ୍ରକାର । ନିକଟରେ (ସେପ୍ଟେମ୍ବର ୨୦୨୫) 'ନେଚର ହ୍ୟୁମାନ ବିହେଭିୟର' ପତ୍ରିକାରେ ପ୍ରକାଶିତ ଏହି ଗବେଷଣାର ଫଳାଫଳରେ ଏକଥା ସୂଚୀତ କରାଯାଇଛି ।

ତଦନୁଯାୟୀ ପତିପତ୍ନୀମାନଙ୍କ ମଧ୍ୟରୁ ଯଦି ଜଣେ କୌଣସି ପ୍ରକାର ମାନସିକ ବିଶୃଙ୍ଖଳା ଭୋଗ କରେ ଅନ୍ୟଜଣକଠାରେ ତାହା କିମ୍ବା ସେଥିସହିତ ସଂପୃକ୍ତ ଅନ୍ୟ କୌଣସି ଲକ୍ଷଣ ପ୍ରକଟିତ ହେବାର ଆଶଙ୍କା ବେଶ ଅଧିକ । ଏହି ମାନସିକ ବିଶୃଙ୍ଖଳାଗୁଡ଼ିକ ମଧ୍ୟରେ ଅଛି ସିଜୋଫେନିଆ, ମାନସିକ ଚାପ, ସ୍ମରଣଶକ୍ତି ହୀନତା, ଦୁଶ୍ଚିନ୍ତା ଇତ୍ୟାଦି । ସ୍ଥାନ, କାଳ, ପାତ୍ର ନିର୍ବିଶେଷରେ ସବୁ ସାମାଜିକ ବ୍ୟବସ୍ଥା ପାଇଁ ଏହା ପ୍ରଯୁଜ୍ୟ । ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଏହା ବୃଦ୍ଧି ପାଏ ।

ଉପରୋକ୍ତ ଅଧ୍ୟୟନ ଅନୁସାରେ ଏହାର କାରଣ ନିମ୍ନୋକ୍ତ ମତେ ଅଟେ - ଭାରତ ଭଳି କେତେକ ଦେଶକୁ ବାଦ ଦେଲେ ଅନ୍ୟ ସବୁଠାରେ ଲୋକେ ଜୀବନସାଥୀ ବାଛିଥା'ନ୍ତି ନିଜ ଭଳି ମାନସିକତା ଥିବା ବ୍ୟକ୍ତିଙ୍କୁ । ଅତଏବ ସେମାନଙ୍କ ମାନସିକ ଅବସ୍ଥା ପରସ୍ପରକୁ ପ୍ରଭାବିତ କରେ । ପତିପତ୍ନୀ ଦୈନନ୍ଦିନ ଜୀବନ ବିତାଇଥା'ନ୍ତି ପ୍ରାୟତଃ ଏକା ଭଳି ପରିବାର ମଧ୍ୟରେ । ସେମାନେ ଏକପ୍ରକାର ଘର ଚଳାଇବାର ଚାପ, ଅର୍ଥନୈତିକ ଚାପ, ପାରିବାରିକ ଦାୟିତ୍ୱ ଆଜିର ସମ୍ମୁଖୀନ ହୋଇଥା'ନ୍ତି । ଏହା ସେମାନଙ୍କ ମସ୍ତିଷ୍କର ସମାନ ଅଂଶକୁ ପ୍ରଭାବିତ କରେ । ଅତଏବ ସେମାନଙ୍କ ମାନସିକତା ଏକାପ୍ରକାର ହେବାକୁ ଲାଗେ । ବିଶେଷ କରି, ମାନସିକ ବିଶୃଙ୍ଖଳା । ପ୍ରଥମେ ଏହା କମ୍ ହୋଇଥିବାରୁ ଜଣାପଡ଼େ ନାହିଁ । କିନ୍ତୁ ଚିକିତ୍ସା କରା ନ ଗଲେ କ୍ରମଶଃ ତାହା ଅଧିକ ହୁଏ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଉପରୋକ୍ତ ଅଧ୍ୟୟନ ଅନୁସାରେ ଯଦି କୌଣସି ପିତାମାତା ଉଭୟଙ୍କଠାରେ ଏକପ୍ରକାର ମାନସିକ ବିଶୃଙ୍ଖଳା ଦେଖାଯାଏ, ସେମାନଙ୍କ ସନ୍ତାନସନ୍ତତିଙ୍କଠାରେ ମଧ୍ୟ ତାହା ପ୍ରକଟିତ ହେବାର ଆଶଙ୍କା ଅଧିକ । କେତେକ ସମାଜରେ ଗୋଟିଏ ପରିବାର ମଧ୍ୟରେ ଅନେକ ସ୍ଥଳେ ରହନ୍ତି ବିଭିନ୍ନ ପିଢ଼ିର ସଂପର୍କୀୟ ମାନେ । ସେମାନଙ୍କଠାରେ ଏପ୍ରକାର ବିଶୃଙ୍ଖଳା ମଧ୍ୟ ଶିଶୁମାନଙ୍କୁ ପ୍ରଭାବିତ କରିପାରେ । ଆମ ଦେଶରେ ୨୦୧୩ ମସିହାରେ ହୋଇଛି ଏକ ଅନୁରୂପ ଅଧ୍ୟୟନ । ଏଥିରୁ ଜଣାପଡ଼ିଛି ଯେ ସ୍ୱାମୀ ମଦ୍ୟପ ହୋଇଥିଲେ ୬୫ ରୁ ୭୦ ଶତାଂଶ ପତ୍ନୀଙ୍କଠାରେ ମାନସିକ ବିଶୃଙ୍ଖଳା ଦେଖାଯାଏ । ସେମାନେ ଦୁଶ୍ଚିନ୍ତା, ମାନସିକ ଚାପ, ସ୍ମରଣ ଶକ୍ତି ହୀନତାର ଶିକାର ହୋଇଥା'ନ୍ତି । ଏମାନଙ୍କ ଦାମ୍ପତ୍ୟ ଜୀବନର ସୁଖ ମଧ୍ୟ କମ୍ ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ରଥ ପୂର୍ବରୁ ସମ୍ପୂର୍ଣ୍ଣ ହେବନି ଧର୍ମଶାଳା

**ସ୍ୱଳ୍ପ ମୂଲ୍ୟରେ ଶ୍ରୀକ୍ଷେତ୍ରେ ରହଣି ସ୍ୱପ୍ନ ଲମ୍ବୁଛି**

**ପରିକ୍ରମା ମାର୍ଗ ଖୋଲା ଆକାଶ ତଳେ ପାହୁଛି ରାତି**

ପୁରୀ,୧୫।୬(ସମିସ): ପୁରୀ ସହରରେ ଭକ୍ତଙ୍କୁ ସ୍ୱଳ୍ପ ମୂଲ୍ୟରେ ମିଳିବ ରହଣି ସୁବିଧା। ପକେଟକୁ ସୁହାଇଲା ଭଳି ଅର୍ଥ ଦେଇ ଧର୍ମଶାଳାରେ ରହିପାରିବେ। ମହାପ୍ରଭୁଙ୍କ ଦର୍ଶନ ହେଉ ଅବା ବୁଲିବା ପାଇଁ ଆସୁଥିବା ବ୍ୟକ୍ତିଙ୍କୁ ଆଉ ରାତି କାଟିବା ଲାଗି ଚିନ୍ତା କରିବାକୁ ପଡ଼ିବନି। ମାତ୍ର ୧୦୦ରୁ ୧୫୦ ଟଙ୍କା ମଧ୍ୟରେ ପାଇପାରିବେ ଗୋଟିଏ ବେଡ୍। ପୁରୀକୁ ଆସୁଥିବା ଶ୍ରଦ୍ଧାଳୁମାନେ ଯେପରି ଭଲ ଅନୁଭୂତି ନେଇ ଫେରିବେ ସେଥିପାଇଁ ବାସେଳିସାହି ମୌଜାରେ ଏକ ଧର୍ମଶାଳା ତିଆରି କରାଯିବା ପାଇଁ ହୋଇଥିଲା ନିଷ୍ପତ୍ତି। ଦୁଇବର୍ଷ ମଧ୍ୟରେ ଏହା ସମ୍ପୂର୍ଣ୍ଣ କରିବାକୁ ଅବଧି ରହିଥିଲା। ଇତିମଧ୍ୟରେ ୪ ବର୍ଷ ହେଲାଣି କାମ ପୂର୍ଣ୍ଣାଙ୍ଗ ହୋଇପାରିନି। ସ୍ୱଳ୍ପ ମୂଲ୍ୟରେ ଶ୍ରୀକ୍ଷେତ୍ରରେ ରହଣି କରିବାର ସ୍ୱପ୍ନ ଲମ୍ବି ଚାଲିଛି। ଆସନ୍ତା ରଥଯାତ୍ରା ପୂର୍ବରୁ ବି ଏହା ସେବାରେ ଲାଗିପାରିବ ନାହିଁ। ଅନ୍ୟପକ୍ଷରେ ଏବେ ପରିକ୍ରମା ମାର୍ଗରେ ଖୋଲା ଆକାଶ ତଳେ ରାତି କାଟୁଛନ୍ତି ଶହଶହ ଭକ୍ତ। ପିଲାଛୁଆଙ୍କୁ ଧରି ଏଭଳି ସ୍ଥିତିରେ ରାତି କାଟୁଥିବାରୁ ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବୁଦ୍ଧିଜୀବୀ ଓ ଶ୍ରଦ୍ଧାଳୁ।

ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରତ୍ୟହ ପୁରୀକୁ ୫୦ରୁ ୬୦ ହଜାର ଶ୍ରଦ୍ଧାଳୁ ଆସିଥା'ନ୍ତି। ସେହିପରି ଅନେକ ପର୍ଯ୍ୟଟକ ମଧ୍ୟ ଆସନ୍ତି। ହେଲେ ଏମାନଙ୍କ ମଧ୍ୟରେ ଅନେକ ଭକ୍ତ ଥାଆନ୍ତି ଯେଉଁମାନେ ଗରିବ ତଥା ନିମ୍ନ ମଧ୍ୟବିତ୍ତ ଶ୍ରେଣୀର। ସେମାନେ ହୋଟେଲ, ଲଜ୍‌ରେ ଏତେ ଟଙ୍କା ଦେଇ ରହିବାକୁ ସକ୍ଷମ ନ ଥା'ନ୍ତି। ପୁରୀରେ ରାତି କଟାଇବାକୁ ଇଚ୍ଛା ଥିଲେ ବି ଆର୍ଥିକ ସ୍ଥିତି ସେମାନଙ୍କୁ ଏକାଧିକଥର ଭାବିବାକୁ ବାଧ୍ୟ କରିଥାଏ। ତେଣୁ ଏଭଳି ବାସ୍ତବତାକୁ ଉପଲବ୍ଧି କରି ପୂର୍ବ ସରକାର ଗରିବ ଶ୍ରେଣୀର ଭକ୍ତ, ପର୍ଯ୍ୟଟକ ବିଶେଷକରି ବରିଷ୍ଠ ନାଗରିକଙ୍କ ଲାଗି ଧର୍ମଶାଳା ତିଆରି କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୨୨ ଜୁଲାଇ ୧୯ ତାରିଖରେ ରାଜ୍ୟ କ୍ୟାବିନେଟ୍ ଏଥିରେ ମୋହର ଲଗାଇଥିଲା। ଏଥିପାଇଁ ୧୩୫ କୋଟି ୬୦ ଲକ୍ଷ ଟଙ୍କାକୁ କ୍ୟାବିନେଟ୍ ଅନୁମୋଦନ ଦେଇଥିବାବେଳେ ଅବଢ଼ା ଯୋଜନାରେ ନିର୍ମାଣ ହେବାକୁ ଥିବା ଏହି ଧର୍ମଶାଳା ୨ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ରହିଥିଲା। କ୍ୟାବିନେଟ୍‌ର ମଞ୍ଜୁର ପରେ ତୁରନ୍ତ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ଓବିସିସି ତତ୍ତ୍ୱାବଧାନରେ ଏହାର କାମ କରୁଛି ଶ୍ରୀଜୀକୃପା ପ୍ରୋଜେକ୍ଟ ଲିମିଟେଡ୍। ୨୦୨୨ ସେପ୍ଟେମ୍ବର ୨୩ ତାରିଖରେ ଠିକା ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବା ବେଳେ ୨ ବର୍ଷ ଅର୍ଥାତ୍ ୨୦୨୪ ସେପ୍ଟେମ୍ବର ୨୨ ତାରିଖରେ ଏହାକୁ ପୂର୍ଣ୍ଣାଙ୍ଗ କରିବା ଲାଗି ଚୁକ୍ତିବଦ୍ଧ ହୋଇଥିଲା।

ବାସେଳିସାହି ଥାନା ପଛପଟେ ପ୍ରାୟ ୧୦ ଏକର ଜମିରେ ଏହି ଧର୍ମଶାଳା ତିଆରି ଚାଲିଛି। ଓବିସିସି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜି ପ୍ଲସ୍ ଥ୍ରୀ ଷ୍ଟ୍ରକ୍‌ଚରରେ ଏହି ବିଲ୍ଡିଂରେ ୫ଟି ବ୍ଲକ୍ କରାଯାଇଛି। ପାଖାପାଖି ୮୦ ପ୍ରତିଶତ କାମ ସରିଲାଣି। ୪ଟି ବ୍ଲକ୍‌ର କିନ୍ତୁ ୯୦ ପ୍ରତିଶତ କାମ ସରିଛି। ରାସ୍ତା କାମ ଚାଲିଥିବାବେଳେ ରୁମ୍‌ଗୁଡ଼ିକରେ ଫ୍ୟାନ୍, ଲାଇଟ୍ ଲାଗୁଛି। ଏତଦ୍‌ବ୍ୟତୀତ ଅଣ୍ଡରଗ୍ରାଉଣ୍ଡ ରିଜର୍ଭର ଟ୍ୟାଙ୍କ (ୟୁଜିଟ୍), ସ୍ୱେରେଜ୍ କାମ ମଧ୍ୟ ଚାଲିଛି। ରୁମ୍‌ଗୁଡ଼ିକ ଭିନ୍ନଭିନ୍ନ ସାଇଜ୍‌ର ରହିଛି। ଗୋଟିଏ ରୁମ୍‌ରେ ୧୦ ଜଣ, ୮ ଜଣ ଏପରିକି, ୫ ଜଣ ରହିବା ଭଳି କୋଠରି ହୋଇଛି। ସବୁ କୋଠରିରେ ଶୌଚାଳୟ ସଂଯୁକ୍ତ ଅଛି। ପ୍ରାୟ ୩,୮୦୦ ଲୋକ ଏଠାରେ ରହିପାରିବେ। ବର୍ତ୍ତମାନ କାମ ଦ୍ରୁତଗତିରେ ଚାଲିଛି। ଆସନ୍ତା ଅଗଷ୍ଟ ୩୦ ସୁଦ୍ଧା କାମ ସମ୍ପୂର୍ଣ୍ଣ କରାଯାଇ ଏହାକୁ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯିବାର ଯୋଜନା ରହିଛି ବୋଲି ଓବିସିସିର ଜଣେ ଅଧିକାରୀ କହିଛନ୍ତି। ଅଧିକାରୀଙ୍କ ଏହି ସୂଚନା ଅନୁଯାୟୀ, ଆସନ୍ତା ରଥଯାତ୍ରା ବେଳକୁ ଏହା ସମ୍ପୂର୍ଣ୍ଣ ହୋଇ ନ ଥିବ। ତେବେ ଏହି ବିଳମ୍ବକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବୁଦ୍ଧିଜୀବୀ ଓ ଭକ୍ତ। ଶ୍ରୀକ୍ଷେତ୍ରରେ ଭକ୍ତଙ୍କୁ ସୁଲଭ ମୂଲ୍ୟରେ ରହଣି ସୁବିଧା ମିଳିବ ବୋଲି ଶୁଣିଆସୁଛୁ। ହେଲେ ଏହା କେବେ? ହୋଟେଲ, ଲଜ୍‌ରେ ସାଧାରଣ ଭକ୍ତଟିଏ ରହିବା ସମ୍ଭବ ନୁହେଁ। ଏପରିକି, ସୁପ୍ରିମ୍‌କୋର୍ଟ ମଧ୍ୟ ପୁରୀରେ ୬୦ ହଜାର ଭକ୍ତଙ୍କ ରହଣି ପାଇଁ ବ୍ୟବସ୍ଥା କରିବା ଲାଗି କହିଥିଲେ। କିନ୍ତୁ ଏହାକୁ ପ୍ରଶାସନ ଗୁରୁତ୍ୱ ଦେଲା ଭଳି ଲାଗୁ ନାହିଁ। ହୋଟେଲରେ ରହିବାକୁ ସାମର୍ଥ୍ୟ ନ ଥିବା ଶହଶହ ଭକ୍ତ ଏବେ ବଡ଼ଦାଣ୍ଡ, ପରିକ୍ରମା ପ୍ରକଳ୍ପ ପରିସର ଖୋଲା ଆକାଶ ତଳେ ପିଲାଛୁଆଙ୍କୁ ଧରି ରାତି କାଟୁଛନ୍ତି, ଯାହାକି ଦୁର୍ଭାଗ୍ୟଜନକ ବୋଲି ଅନେକ କହିଛନ୍ତି। ତୁରନ୍ତ ଏହି ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରି ଭକ୍ତଙ୍କ ସେବାରେ ଲଗାଇବା ପାଇଁ ମତ ଦେଇଛନ୍ତି ବୁଦ୍ଧିଜୀବୀ।

## ଖାଦାନରେ ବୁଡ଼ି ଯୁବକ ମୃତ



ଆନନ୍ଦପୁର,୧୫।୬(ସମିସ): ଘସିପୁରା ଥାନା ଭୋଳନୂଆଗାଁ ପଥର ଖାଦାନରେ ବୁଡ଼ି ଯୁବକଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଗ୍ରାମବାସୀଙ୍କ ସମେତ ପରିବାର ବର୍ଗ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଏବଂ ଜାତୀୟ ରାଜପଥ ଘେରଉ କରିବାରୁ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ କ୍ଷତିପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ଅବରୋଧ ପ୍ରତ୍ୟାହୃତ ହୋଇଛି। ଗତ ରବିବାର ଦିନ ଓସ୍ତପୁରା ପଥର ଖାଦାନରେ ବୁଡ଼ି ଯାଇଥିଲେ ଦୁଇଜଣ ଯୁବକ। ଜଣେ ଉଦ୍ଧାର ହୋଇଥିବା ବେଳେ ଖାଳିଆମେଣ୍ଟା ଗ୍ରାମର ରାମଚନ୍ଦ୍ର ବେହେରାଙ୍କ ପୁଅ ନିହାର ରଞ୍ଜନ ବେହେରା ନିଖୋଜ ହୋଇଯାଇଥିଲେ।

## ଦୂରଗାମୀ କ୍ରୁଜ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ବାଲେଶ୍ୱର, ୧୫।୬ (ସମିସ): ଆଜି ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଯୋଡ଼ି ହୋଇଯାଇଛି। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ଓଡ଼ିଶା ଉପକୂଳର ଡକ୍ଟର ଏପିଜେ ଅବଦୁଲ କଲାମ ଦ୍ୱୀପରୁ ଲମ୍ବ ଦୂରଗାମୀ ଭୂପୃଷ୍ଠକୁ ଆକ୍ରମଣ ପାଇଁ ଉଦ୍ଦିଷ୍ଟ କ୍ରୁଜ୍ କ୍ଷେପଣାସ୍ତ୍ର (ଲଙ୍ଗ ରେଞ୍ଜ ଲ୍ୟାଣ୍ଡ ଆଟକ କ୍ରୁଜ୍ ମିସାଇଲ ଏଲଆରଏଲଏସିଏମ)ର ସଫଳ ପରୀକ୍ଷଣ କରାଯାଇଛି। ଡିଆରଡିଓ ପକ୍ଷରୁ ଦିଆଯାଇଥିବା ପ୍ରେସ ବିଜ୍ଞପ୍ତି ଅନୁସାରେ, ଏଲଆରଏଲଏସିଏମ କ୍ଷେପଣାସ୍ତ୍ର ପରୀକ୍ଷଣ ସମୟରେ ନିର୍ଦ୍ଧାରିତ ସମସ୍ତ ଲକ୍ଷ୍ୟ ସଫଳତାର ସହ ପୂରଣ ହୋଇଛି। ଚାନ୍ଦିପୁରସ୍ଥିତ ଏକୀକୃତ ପରୀକ୍ଷଣ କେନ୍ଦ୍ର (ଆଇଟିଆର) ପକ୍ଷରୁ ମୁତୟନ ହୋଇଥିବା ବିଭିନ୍ନ ଟ୍ରାକିଂ ଉପକରଣ ମାଧ୍ୟମରେ କ୍ଷେପଣାସ୍ତ୍ରର ଗତିବିଧି ଓ କାର୍ଯ୍ୟକ୍ଷମତାର ସଫଳ ନିରୀକ୍ଷଣ କରାଯାଇଥିଲା। ଏହି ଲମ୍ବ ଦୂରଗାମୀ କ୍ରୁଜ୍ କ୍ଷେପଣାସ୍ତ୍ର ସମ୍ପୂର୍ଣ୍ଣଭାବେ ସ୍ୱଦେଶୀ ପ୍ରଯୁକ୍ତିରେ ବିକଶିତ ହୋଇଛି। କ୍ଷେପଣାସ୍ତ୍ରର ସମସ୍ତ ଉପ-ପ୍ରଣାଳୀ ଡିଆରଡିଓର ବିଭିନ୍ନ ପରୀକ୍ଷାଗାର ଏବଂ ଭାରତୀୟ ଶିଳ୍ପ ସଂସ୍ଥାଗୁଡ଼ିକର ସହଯୋଗରେ ଉନ୍ନତ କରାଯାଇଛି। ବେଙ୍ଗାଲୁରୁସ୍ଥିତ ଏରୋନଟିକାଲ୍ ଡେଭଲପମେଣ୍ଟ ଏଷ୍ଟାବ୍ଲିସମେଣ୍ଟ(ଏଡିଇ) ଏହି କ୍ଷେପଣାସ୍ତ୍ର ବିକାଶ ପ୍ରକଳ୍ପର ନୋଡାଲ୍ ଲାବରେଟୋରୀ ଭାବେ କାର୍ଯ୍ୟ କରିଛି। ଏହି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାକୁ ଡିଆରଡିଓର ବରିଷ୍ଠ ଅଧିକାରୀମାନଙ୍କ ସହ ଭାରତୀୟ ନୌସେନା ଓ ଭାରତୀୟ ବାୟୁସେନାର ପ୍ରତିନିଧିମାନେ ପ୍ରତ୍ୟକ୍ଷ ଭାବେ ନିରୀକ୍ଷଣ କରିଥିଲେ। କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା ପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓର ବୈଜ୍ଞାନିକ ଦଳ ଏବଂ ଏହା ସହ ଜଡ଼ିତ ଶିଳ୍ପ ଭାଗୀଦାରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ସଫଳତା ଭାରତର ସ୍ୱଦେଶୀ ପ୍ରତିରକ୍ଷା ପ୍ରଯୁକ୍ତି କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି। ପ୍ରତିରକ୍ଷା ସଚିବ ତଥା ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗର ସଚିବ ଏବଂ ଡିଆରଡିଓର ଅଧ୍ୟକ୍ଷ ରାଜେଶ କୁମାର ସିଂହ ପରୀକ୍ଷା ସମୟରେ ସମସ୍ତ କାର୍ଯ୍ୟକଳାପ ଉପରେ ନଜର ରଖିଥିଲେ। ପରୀକ୍ଷାର ସଫଳତା ପରେ ସେ ଏଥିରେ ସମ୍ପୃକ୍ତ ସମସ୍ତ ବୈଜ୍ଞାନିକ, ଇଞ୍ଜିନିୟର ଏବଂ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ସଫଳ ଉଡ଼ାଣ ପରୀକ୍ଷା ଭାରତର ଲମ୍ବ ଦୂରଗାମୀ କ୍ଷେପଣାସ୍ତ୍ର କ୍ଷମତାକୁ ଆହୁରି ସୁଦୃଢ଼ କରିବା ସହିତ ଦେଶର ଆତ୍ମନିର୍ଭର ପ୍ରତିରକ୍ଷା ବ୍ୟବସ୍ଥାକୁ ନୂତନ ଶକ୍ତି ପ୍ରଦାନ କରିବ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଖୋଲିଲା ହର୍ମୁଜ...

ସାମରିକ କାର୍ଯ୍ୟାନୁଷ୍ଠାନ ତୁରନ୍ତ ବନ୍ଦ ହେବ ଏବଂ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ବାଣିଜ୍ୟ ପଥ 'ହର୍ମୁଜ ପ୍ରଣାଳୀ'କୁ ସମ୍ପୂର୍ଣ୍ଣ ରୂପେ ଶୁଳ୍କମୁକ୍ତ ଓ ମୁକ୍ତ କରାଯିବ। ଆସନ୍ତା ଜୁନ ୧୯ ତାରିଖରେ ସୁଇଜରଲ୍ୟାଣ୍ଡର ଜେନେଭାରେ ଏହି ଚୁକ୍ତି ଆନୁଷ୍ଠାନିକ ଭାବେ ସ୍ୱାକ୍ଷରିତ ହେବ। ପାକିସ୍ତାନ, କାତାର, ସାଉଦି ଆରବ ଏବଂ ତୁର୍କୀ ଭଳି ଆଞ୍ଚଳିକ ମଧ୍ୟସ୍ଥିମାନଙ୍କ ସହାୟତାରେ ଏହି ମହତ୍ୱପୂର୍ଣ୍ଣ ବୁଝାମଣାପତ୍ର ପ୍ରସ୍ତୁତ କରାଯାଇଛି।

୧୪ଟି ପ୍ରସଙ୍ଗକୁ ନେଇ ଚୁକ୍ତିରେ ସହମତି ପ୍ରକାଶ ପାଇଛି। ଚୁକ୍ତିନାମା ଅନୁଯାୟୀ, ଲେବାନନ ସମେତ ସମସ୍ତ ସାମରିକ ସାମ୍ମୁଖ୍ୟରେ ଯୁଦ୍ଧକାଳୀନ ପରିସ୍ଥିତିର ଅବସାନ ଘଟିବ। ଆମେରିକା ଦ୍ୱାରା ଇରାନ ଉପରେ ଲଗାଯାଇଥିବା ସାମୁଦ୍ରିକ ଅବରୋଧକୁ ତିରିଶ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରାଯିବ। ଏଥିସହିତ ବିଦେଶରେ ଜବତ ଥିବା ଇରାନର ୨୫ ବିଲିୟନ ଡଲାରର ପାଣ୍ଠିକୁ ମୁକ୍ତ କରାଯିବ ଏବଂ ଚୂଡ଼ାନ୍ତ ଆଲୋଚନା ପୂର୍ବରୁ ଏହାର ଅଧା ଅଂଶ ଇରାନକୁ ହସ୍ତାନ୍ତର କରାଯିବ। ଇରାନ ଗଣମାଧ୍ୟମ ଅନୁସାରେ, ଏଥିରେ ୩୦୦ ବିଲିୟନ ଡଲାରର ଏକ ପୁନଃନିର୍ମାଣ ପ୍ୟାକେଜ ମଧ୍ୟ ସାମିଲ ଅଛି। ଏହି ଚୁକ୍ତିରେ ଇରାନର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ବାଦ୍ ଦିଆଯାଇଥିବା ବେଳେ ଆଗାମୀ ଷାଠିଏ ଦିନ ମଧ୍ୟରେ ପରମାଣୁ ପ୍ରସଙ୍ଗ ଏବଂ କଟକଣା ହଟାଇବା ନେଇ ଆଲୋଚନା ଜାରି ରହିବ। ଆଗାମୀ ୬୦ ଦିନର ମଧ୍ୟବର୍ତ୍ତୀକାଳୀନ ସମୟ ମଧ୍ୟରେ ଇରାନ ଆଣବିକ ଅସ୍ତ୍ର ନିର୍ମାଣ ନ କରିବା, ୟୁରାନିୟମ ସମୃଦ୍ଧୀକରଣ ବନ୍ଦ ରଖିବା ଏବଂ ଆଣବିକ ପ୍ରକଳ୍ପର ସମ୍ପ୍ରସାରଣ ନ କରିବାକୁ ପ୍ରତିଶ୍ରୁତି ଦେଇଛି।

ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହର୍ମୁଜ ସାମୁଦ୍ରିକ ବାଣିଜ୍ୟ ପଥକୁ ସ୍ୱାଭାବିକ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସେ ଏକ ସାକ୍ଷାତକାରରେ ସ୍ପଷ୍ଟ କରିଛନ୍ତି ଯେ ଯଦି ଇରାନ ପରମାଣୁ ଚୁକ୍ତିର ସର୍ତ୍ତ ପାଳନ କରିବାରେ ବିଫଳ ହୁଏ, ତେବେ ଆମେରିକା ପୁନର୍ବାର ସାମରିକ ଆକ୍ରମଣ କରିବାକୁ ପଛାଇବ ନାହିଁ। ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଆପତ୍ତି ସତ୍ତ୍ୱେ ଟ୍ରମ୍ପ ଏହି ଚୁକ୍ତିକୁ ସମର୍ଥନ କରି କହିଛନ୍ତି ଯେ ଏହାଦ୍ୱାରା ମଧ୍ୟପ୍ରାଚ୍ୟରେ ଏକ ବଡ଼ ପରମାଣୁ ମହାବିପତ୍ତିକୁ ଏଡ଼ାଇ ଦିଆଯାଇପାରିଛି। ଆସନ୍ତା ଜୁନ ୧୯ ତାରିଖରେ ହେବାକୁ ଥିବା ଆନୁଷ୍ଠାନିକ ସ୍ୱାକ୍ଷର ପୂର୍ବରୁ ବୈଷୟିକ ଏବଂ ପରିଚାଳନାଗତ ବିଷୟକୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ। ମଧ୍ୟପ୍ରାଚ୍ୟରେ ଦୀର୍ଘ ଦିନ ଧରି ଚାଲିଆସିଥିବା ଉତ୍ତେଜନାକୁ ପ୍ରଶମିତ କରିବା ଏବଂ ବିଶ୍ୱ ଶକ୍ତି ବଜାରକୁ ସ୍ୱାଭାବିକ କରିବା ଦିଗରେ ଏହି ଚୁକ୍ତି ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଆନ୍ତର୍ଜାତୀୟ ସମୁଦାୟ ଆଶା ପ୍ରକଟ କରିଛନ୍ତି। ଏହି ଶାନ୍ତି ପ୍ରକ୍ରିୟାର ସଫଳତା ଆଗାମୀ ଦିନରେ ଉଭୟ ଦେଶର ପ୍ରତିଶ୍ରୁତିବଦ୍ଧତା ଏବଂ ମଧ୍ୟସ୍ଥିମାନଙ୍କ ପର୍ଯ୍ୟବେକ୍ଷଣ ଉପରେ ନିର୍ଭର କରେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ଶାନ୍ତି ବୁଝାମଣାକୁ ସ୍ୱାଗତ କରିଛନ୍ତି।

### ନାବାଳିକାକୁ ଗଣଦୁଷ୍କର୍ମ...

ସ୍ୱାଇଁ କହିଛନ୍ତି, ଏହି ଘଟଣାରେ ସଂପୃକ୍ତ ୩ଜଣକୁ ଅଟକ ରଖି ପୁଲିସ ତଦନ୍ତ ଜାରି ରହିଛି। ଏହାସହ ବ୍ୟବହୃତ ମୋଟର ସାଇକେଲ ଜବତ ହୋଇଛି। ମୁଖ୍ୟ ଅଭିଯୁକ୍ତ ଓ ସାହାଯ୍ୟ କରିଥିବା ଆଉ ଜଣେ ବନ୍ଧୁ ଫେରାର ଅଛନ୍ତି। ଫେରାର୍ ଅଭିଯୁକ୍ତଙ୍କୁ ଧରିବାକୁ ଛାନଭିନ ଜାରି ରହିଛି ବୋଲି ସେ କହିଛନ୍ତି।

### 'ସୋମନାଥ ସ୍ୱାଭିମାନ...

ମାଇଲଖୁଣ୍ଟକୁ ସ୍ମରଣ କରାଉଛି। ପ୍ରଥମଟି ହେଉଛି, ବର୍ଷ ୧୦୨୬ ମସିହାରେ ମହମ୍ମଦ ଗଜନୀଙ୍କ ଦ୍ୱାରା ସୋମନାଥ ମନ୍ଦିର ଉପରେ ହୋଇଥିବା ପ୍ରଥମ ବର୍ବର ଆକ୍ରମଣର ୧୦୦୦ ବର୍ଷ ଏବଂ ଦ୍ୱିତୀୟଟି ହେଉଛି, ସ୍ୱାଧୀନତା ପରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରେରଣାରେ ଏହି ଭବ୍ୟ ମନ୍ଦିରର ପୁନଃ ପ୍ରତିଷ୍ଠାର ୭୫ତମ ପ୍ଲାଟିନମ୍ ଜୁବଲି।

ଏହି ବର୍ଷବ୍ୟାପୀ ସାଂସ୍କୃତିକ ମହୋତ୍ସବ ଅନ୍ତର୍ଗତ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ସାରା ଦେଶରେ ଏକ ବ୍ୟାପକ ଗଣ-ତୀର୍ଥଯାତ୍ରାର ବ୍ୟବସ୍ଥା କରାଯାଇଛି। ଯେଉଁଥିରେ ଓଡ଼ିଶାର ଏହି ସ୍ୱତନ୍ତ୍ର ଟ୍ରେନ ଭଳି ଲକ୍ଷ୍ନୌରୁ ୧ ହଜାର ୮ ଜଣ ଏବଂ ଦିଲ୍ଲୀରୁ ପ୍ରାୟ ୧୩୦୦ ଜଣ ଶ୍ରଦ୍ଧାଳୁ ମଧ୍ୟ ପବିତ୍ର ପ୍ରଭାସ ପାଟଣ ଅଭିମୁଖେ ବାହାରିଛନ୍ତି। ଓଡ଼ିଶା ଏବଂ ସୋମନାଥ ମଧ୍ୟରେ ଏକ ଅତୁଟ ଆଧ୍ୟାତ୍ମିକ ସେତୁ ସ୍ଥାପନ କରିବା ପାଇଁ ଏକାମ୍ର କ୍ଷେତ୍ରର ବିନ୍ଦୁସାଗରର ପବିତ୍ର ଜଳ ଏବଂ ପ୍ରାଚୀନ ଶୈବ ପରମ୍ପରାର ଜୀବନ୍ତ ପ୍ରତୀକ କେଦାରଗୌରୀ ମନ୍ଦିରର ପବିତ୍ର ମାଟି ଏହି ସ୍ୱତନ୍ତ୍ର ଟ୍ରେନ ମାଧ୍ୟମରେ ପ୍ରଭୁ ସୋମନାଥଙ୍କ ଚରଣରେ ଅର୍ପଣ ପାଇଁ ପଠାଯିବା ସହ ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କୁ "ଓଁ ନମଃ ଶିବାୟ' ପୁସ୍ତିକା ପ୍ରଦାନ କରାଯାଇଛି। ସୋମନାଥ ପୀଠରେ ଶ୍ରଦ୍ଧାଳୁମାନେ ମନ୍ଦିର ଦର୍ଶନ ସହ ଭବ୍ୟ ଆଳତି, ପବିତ୍ର ରୁଦ୍ରାଭିଷେକ, ଅଖଣ୍ଡ ଓଁକାର ଜପ ଏବଂ ମନ୍ଦିରର ସ୍ୱର୍ଣ୍ଣିମ ଇତିହାସକୁ ଜୀବନ୍ତ କରୁଥିବା ଆଧୁନିକ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ'ର ଏକ ଦିବ୍ୟ ଅନୁଭୂତିର ସାକ୍ଷୀ ହେବେ। କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ବାବୁ ସିଂ ଉପସ୍ଥିତ ଥିବା ବେଳେ ସଂସ୍କୃତି ବିଭାଗର କମିସନର ତଥା ଶାସନ ସଚିବ ଡ. ବିଜୟକେତନ ଉପାଧ୍ୟାୟ ସ୍ୱାଗତ ଭାଷଣ ଦେଇଥିଲେ।

### ବଢ଼ିବନି ଖରାଛୁଟି...

ସ୍କୁଲ୍ ଛୁଟି ବଢ଼ାଇବା ପାଇଁ କୌଣସି ନିଷ୍ପତ୍ତି ହୋଇନାହିଁ। ଯଦି ସ୍କୁଲ୍ ଖୋଲିଲା ବେଳକୁ ଗ୍ରୀଷ୍ମପ୍ରବାହ ବଢ଼ିଥିବ ବା ପିଲାଙ୍କ ସ୍କୁଲ୍ ଯିବାରେ ଅସୁବିଧା ଉପୁଜିଲେ, ସେମାନଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ତତ୍କାଳ ପଦକ୍ଷେପ ନିଆଯିବ। ଆସନ୍ତା ୧୮ ରେ ବିଦ୍ୟାଳୟ ଖୋଲିବା ପାଇଁ ବିଭାଗ ପକ୍ଷରୁ ପ୍ରସ୍ତୁତି କରାଯାଉଥିବା ମନ୍ତ୍ରୀ ଶ୍ରୀ ଗଣ୍ଡ ସ୍ପଷ୍ଟ କରିଛନ୍ତି।

### ଆକାଶରୁ ମେଘ...

କରିବା ଆରମ୍ଭ କରିଥିବା କୁହାଯାଉଛି। ରାଜସ୍ଥାନ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଛତିଶଗଡ଼, ବିହାର, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ, ଓଡ଼ିଶା ଓ ପଶ୍ଚିମବଙ୍ଗ ସମେତ ପ୍ରାୟ ୧୬ଟି ରାଜ୍ୟରେ ନିଅଣ୍ଟିଆ ବର୍ଷା ରେକର୍ଡ଼ ହୋଇଛି। ତେବେ ଆଗାମୀ କିଛି ଦିନ ମଧ୍ୟରେ ବଙ୍ଗୋପସାଗର ଓ ଆରବ ସାଗରରେ ଅନୁକୂଳ ପାଣିପାଗ ପରିସ୍ଥିତି ସୃଷ୍ଟି ହେବା ସହ ମୌସୁମୀ ବାୟୁ ପୁଣି ସକ୍ରିୟ ହୋଇପାରେ। ଏହା ହେଲେ ଦେଶର ବିଭିନ୍ନ ଅଞ୍ଚଳରେ ବର୍ଷାର ପରିମାଣ ବୃଦ୍ଧି ପାଇବ ଏବଂ କୃଷକଙ୍କୁ କିଛିଟା ଆଶ୍ୱସ୍ତି ମିଳିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ଉପଗ୍ରହ ଚିତ୍ରରେ ମୌସୁମୀ ମେଘର ଅନୁପସ୍ଥିତି ଓ ନିଅଣ୍ଟିଆ ବର୍ଷା ସାରା ଦେଶରେ କୃଷି, ଜଳସମ୍ପଦ ଏବଂ ଅର୍ଥନୀତି ପାଇଁ ବିପଦର ପୂର୍ବାଭାସ ବୋଲି କୁହାଯାଉଛି।

### ପାର୍ଥସାରଥୀଙ୍କୁ ବାନ୍ଧିଲା...

ଉପରେ ନଜର ରଖୁଥିବା ପୁଲିସ କର୍ମଚାରୀଙ୍କ ଦେହରେ ଲାଗିଥିବା ବଡି କ୍ୟାମେରାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ। ରବିବାର ଓଡ଼ିଶା ଜନତା କଂଗ୍ରେସର ଏକ ପ୍ରତିନିଧି ଦଳ ସହ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଚାମେଲିଙ୍କୁ ଭେଟିଥିଲେ ସୋଫିଆ। ଚିକିତ୍ସାଧୀନ ସରପଞ୍ଚଙ୍କୁ ଜଗିଥିବା ପୁଲିସ କର୍ମଚାରୀଙ୍କ ଦେହରେ ବଡି କ୍ୟାମେରା ଲଗାଯାଇଥିବା ଘଟଣାକୁ ନେଇ ସେ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଏହାଦ୍ୱାରା ଚାମେଲିଙ୍କ ବ୍ୟକ୍ତିଗତ ଗୋପନୀୟତା କ୍ଷୁଣ୍ଣ ହେଉଥିବା ଅଭିଯୋଗ କରିଥିଲେ। ସେହିପରି, ଚାମେଲିଙ୍କ ସହ ହୋଇଥିବା କଥିତ ଦୁର୍ବ୍ୟବହାର ଓ ପୁଲିସର ଆକ୍ରୋଶମୂଳକ ଆଚରଣକୁ ନିନ୍ଦା କରିବା ସହ ସମ୍ପୃକ୍ତ ବିଡିଓଙ୍କ ନିଲମ୍ବନ, ଚାମେଲିଙ୍କ ବିରୋଧରେ ଲାଗିଥିବା ଦଫା କୋହଳ, ସୁରକ୍ଷା ବ୍ୟବସ୍ଥା ଓ ତିଖିରି ପଞ୍ଚାୟତର ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବି କରିଥିଲେ। ସୋଫିଆ କହିଛନ୍ତି, ଜଣେ ୨୪ ବର୍ଷୀୟ ନିର୍ବାଚିତ ମହିଳା ସରପଞ୍ଚଙ୍କ ସହ ଏଭଳି ଅପମାନ, ନିର୍ଯାତନା ଓ ଉତ୍ପୀଡ଼ନ ଅତ୍ୟନ୍ତ ନିନ୍ଦନୀୟ। ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ସେ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟିଛନ୍ତି।

ଘଟଣାର ପାଞ୍ଚ ଦିନ ପରେ ଚାମେଲି ଓଝାଙ୍କ ବିରୋଧୀ ଶିବିର ମଧ୍ୟ ଏକାଠି ହୋଇଛି। ମହାକାଳପଡ଼ା ବ୍ଲକ ଚେୟାରମ୍ୟାନ ମୀରାରାଣୀ ମହାନ୍ତିଙ୍କ ନେତୃତ୍ୱରେ ପ୍ରାୟ ୫୦ରୁ ଅଧିକ ସମିତି ସଭ୍ୟ, ୱାର୍ଡ ସଭ୍ୟ ଓ ସରପଞ୍ଚ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ସମଗ୍ର ଘଟଣାର ନିରପେକ୍ଷ ତଦନ୍ତ ଦାବି କରିବା ସହ ଚାମେଲି କିଛି ରାଜନୈତିକ ବ୍ୟକ୍ତିଙ୍କ ପ୍ରଭାବରେ ଆସି ଜଣେ "ରାଜନୈତିକ ମୋହରା"ରେ ପରିଣତ ହୋଇଥିବା ଅଭିଯୋଗ ଆଣିଛନ୍ତି। ବିଧାୟକଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ପଛରେ ରାଜନୈତିକ ଇସାରା ଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି। ରାଜ୍ୟ ସମିତି ସଭ୍ୟ ସଂଘର ସମ୍ପାଦକ ସୁନୀଲ ପଣ୍ଡା ଏବଂ ବ୍ଲକ ଚେୟାରମ୍ୟାନ ମୀରାରାଣୀ ମହାନ୍ତି କହିଛନ୍ତି ଯେ ତିଖିରି ପଞ୍ଚାୟତ ପାଇଁ କୋଟିଏ ଟଙ୍କାରୁ ଅଧିକ ଉନ୍ନୟନମୂଳକ କାର୍ଯ୍ୟ ଗ୍ରହଣ କରାଯାଇଛି। ଏହି ଘଟଣାର ସତ୍ୟତା ଜାଣିବା ପାଇଁ ନିରପେକ୍ଷ ତଦନ୍ତ ଆବଶ୍ୟକ। ଏପରି ସ୍ଥିତିରେ ଚାମେଲିଙ୍କ ଅଭିଯୋଗ ଆଧାରରେ ମହାକାଳପଡ଼ା ପୁଲିସ ଅଭିଯୁକ୍ତ ପାର୍ଥସାରଥୀଙ୍କୁ ଗିରଫ କରିଛି।


**AFFIDAVIT**

By virtue of an affidavit sworn before the Executive Magistrate, Basta, Balasore, Odisha, I, Gohia Majhi, S/o Late Raghab Majhi, residing at At/PO-Gilajodi, P.S.-Singla, Dist.-Balasore, Odisha, do hereby declare that my name has been recorded in Aadhaar Card No. 4300 0347 5693 as Ruhia Majhi instead of my correct name, Gohia Majhi. Henceforth, Ruhia Majhi and Gohia Majhi shall be treated as one and the same person for all purposes.

**AFFIDAVIT**

By virtue of an affidavit sworn before Notary Kantamal dated 10/06/2026, I, Puja Meher, residence of Kamalpur, Dist- Subarnapur declare that I have changed my name from Pujarani Meher to Puja Meher. Henceforth, I shall be known as **Puja Meher** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, C.F. No: 41 on dated 04/11/2025, I **MANOJ KUMAR PATRA**, S/o Bhabani Patra resident of Flat No- 501, P-Block, Utkal Vatika, Jharpada, Po- Budheswari, P.S: Laxmisagar, Bhubaneswar Dist: Khurda, Odisha, PIN: 751006, declare that I have changed my minor Son's name from **LAKSHITH PATRA (Old Name)** to **LAKSHIT ANVIK PATRA (New Name)**. Henceforth, he shall be known as **LAKSHIT ANVIK PATRA** for all purposes.
Sd- **MANOJ KUMAR PATRA**

**AFFIDAVIT**

By virtue of an affidavit sworn before The EXECUTIVE MAGISTRATE, G.UDAYAGIRI, DIST: KANDHAMAL (ODISHA), dated: 06/05/2026, I, Ashrita Pradhan, resident of Village: Sipaeju, P.O.: Tiangia, P.S.: Raikia, Dist: Kandhamal, State: Odisha, PIN: 762100, declare that I have changed the name of my daughter from Swapnarani Mallick to Sapna Rani Mallick. Henceforth, she shall be known as **Sapna Rani Mallick** for all purposes.

**AFFIDAVIT**

I, Shraddha Kaushik, aged about 31 years, D/o- Mr Gouri Shankar Sharma, resident of At Flat No. 405, Irish Prakash Apartment, Lane No D-7, BJB Nagar, PS: Badagada, Bhubaneswar, PIN-751014, Odisha declared by this affidavit No. 08, dtd- 13/06/2026 that now onwards I shall be known as **SHRADHA KAUSHIK** for all future purposes.

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2026-T-286

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳ ଅଧୀନରେ 20Kରୁ ଅଧିକ TVU ଥିବା 02ଟି ଲେଭେଲ୍ କ୍ରସିଂ ଗେଟ୍ (RV-21 ଓ RV-169)ର ଇଣ୍ଟରଲକିଂ ସମ୍ବନ୍ଧିତ ବୈଦ୍ୟୁତିକ ସାଧାରଣ କାର୍ଯ୍ୟ । ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 8,98,333.48, EMD : ₹ 18,000/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ 6 (ଛଅ) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.03.07.2026 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ମଣ୍ଡଳ ରେଳ ପ୍ରବନ୍ଧକ (Elect.-G) / ସମ୍ବଲପୁର
PR-236/R/26-27

**ପଶ୍ଚିମ ରେଳବାଇ – ରତଲାମ ମଣ୍ଡଳ**

**ସିଗ୍ନାଲ ଏବଂ ଦୂରସଞ୍ଚାର ବିଭାଗ**

**ଇ-ଟେଣ୍ଡର ବିଜ୍ଞପ୍ତି**

**ଟେଣ୍ଡର ନଂ.: Snt-RTM-26-TELE-13, ତାରିଖ: 12.06.2026**

ପଶ୍ଚିମ ରେଳବାଇ, ରତଲାମ ମଣ୍ଡଳର ସିଗ୍ନାଲ ଏବଂ ଦୂରସଞ୍ଚାର ବିଭାଗ ପକ୍ଷରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଟେଣ୍ଡର ନଂ. Snt-RTM-26-TELE-13, ତାରିଖ 12.06.2026 ଅନୁଯାୟୀ 41ଟି ଲେଭେଲ କ୍ରସିଂ (LC) ଗେଟ୍‌ରେ CCTV କ୍ୟାମେରା ଏବଂ ମାନବଚାଳିତ ଅଣ-ଇଣ୍ଟରଲକ୍ଡ ଗେଟ୍ ସମ୍ବନ୍ଧୀୟ ଟେଲିକମ୍ ସାମଗ୍ରୀର ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କମିଶନିଂ କାର୍ଯ୍ୟ ପାଇଁ ଅନଲାଇନ୍ ଟେଣ୍ଡର ଆହ୍ୱାନ କରାଯାଇଛି। କାର୍ଯ୍ୟର ଆନୁମାନିକ ମୂଲ୍ୟ ଟ.7,06,40,785.77 (ସାତ କୋଟି ଛଅ ଲକ୍ଷ ଚାଳିଶ ହଜାର ସାତଶହ ପଞ୍ଚାଅଶି ଟଙ୍କା ଏବଂ ସତସ୍ତରୀ ପଇସା ମାତ୍ର) ନିର୍ଦ୍ଧାରଣ କରାଯାଇଛି। ଟେଣ୍ଡର ଦଲିଲର ମୂଲ୍ୟ ନିଲ୍ ଥିବାବେଳେ ଜମାନତ ରାଶି (EMD) ଟ.14,12,800/- ରହିଛି। କାର୍ଯ୍ୟ ସମାପନ ଅବଧି ୯ (ନଅ) ମାସ ନିର୍ଦ୍ଧାରିତ ହୋଇଛି। ଇ-ଟେଣ୍ଡର ଦାଖଲ କରିବାର ଶେଷ ତାରିଖ ଓ ସମୟ 15.07.2026 ଦିନ ଅପରାହ୍ନ 3.00 ଘଣ୍ଟା ପର୍ଯ୍ୟନ୍ତ ଏବଂ ଟେଣ୍ଡର ଖୋଲିବାର ତାରିଖ ଓ ସମୟ 15.07.2026 ଦିନ ଅପରାହ୍ନ 3.30 ଘଣ୍ଟା ପରେ ରହିଛି। ଅଫରର ବୈଧତା ଟେଣ୍ଡର ଖୋଲିବା ତାରିଖରୁ 60 ଦିନ ପର୍ଯ୍ୟନ୍ତ ରହିବ। ଆଗ୍ରହୀ ଟେଣ୍ଡରଦାତାମାନେ ଅଧିକ ବିବରଣୀ ପାଇଁ IREPS ୱେବସାଇଟ୍‌ରେ ଉପଲବ୍ଧ ଟେଣ୍ଡର ଦଲିଲ ଅବଲୋକନ କରିପାରିବେ।
ADM/6/1/102

Follow us on: twitter.com/WesternRly

**O/O CHIEF DISTRICT MEDICAL & PUBLIC HEALTH OFFICER**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION**
**NABARANGPUR**
e-mail- dhionab@gmail.com

10001/268/2627

Tender No- 5382– (Tender Name- **Supply of IEC Material** ) DATE-09.06.2026
Tender No- 5410 – (Tender Name- **AMC of Pest control services**) DATE-09.06.2026

Sealed tenders are invited from eligible bidders for providing the following requirements under (02) categories. **A. Supply of IEC Material, B. AMC of Pest control services** . Interested bidders may send their complete bid in double cover system (Technical & Financial).Bidders may apply for all or any of the above categories in separate envelops only. Combined bids will not be considered. Category of supply must be superscribed in the top of the Bid envelop and addressing clearly to the CDM&PHO,Nabarangpur. Detailed tender requirements may be downloaded from the **District website https://nabarangpur.odisha.gov.in/.** Last date of for receipt of Tender Paper is 03/07/2026 latest by 5.30 PM only through Speed post/Regd Post/Courier and the bids so received will be opened on 07.07.2026 at 10.30 AM & 11:30 AM . In the official chamber of the CDM&PHO, Nabarangpur. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.
Pre bid meeting- 20.06.2026 at 10.30 AM & 11:30 AM.

-sd-
CDM & PHO cum District Mission Director
NHM Nabarangpur

OIPR-10001/10081/1/26-27/0009

13001/880/2627
E-mail :- nacdharmagarh@gmail.com

**OFFICE OF THE**
**NOTIFIED AREA COUNCIL, DHARAMGARH.**
(Dt.)-KALAHANDI.

No. 2240 /DMH Dated.10.06.2026

**Quotation Call Notice**

| | | |
|---|---|---|
| Name of the work | : | Quotation Call Notice for Design, Supply, and Installation of a Clock Tower under Dharamgarh NAC. |
| No of works | : | 01 No |
| Tender notice no. & Date | : | 2237/DMH, Dt.10.06.2026 |
| Agency | : | As per eligibility |
| Period of Tender | : | 2 Months |
| Available of Documents | : | Dt.12.06.2026 to Dt.23.06.2026 (In Office Hours) at NAC Office Dharamgarh |
| Tender Paper Cost & EMD | : | Rs.5,000.00 & 10,000/- |
| Last date of receipt of bid documents | : | Upto 01:00 PM of Dt.24.06.2026 |
| Date of opening of Bid | : | 03:00 PM of Dt.24.06.2026 |
| Name and address of the Officer inviting the notice | : | Executive Officer, NAC, Dharamgarh, Kalahandi |

Executive Officer,
NAC, Dharamgarh

OIPR-13001/13163/1/26-27/0008

**GOVERNMENT OF ODISHA, "e"-PROCUREMENT NOTICE**
**OFFICE OF THE SUPERINTENDING ENGINEER, NAYAGARH (R&B) DIVISION, NAYAGARH**
**WORKS DEPARTMENT**
**Tender call Notice**
34001/345/2627
E-mail: pwdoffngd34@gmail.com

**Bid Identification No. S.E-Nayagarh (R&B) Division- Online 06/2026-27**

The Superintending Engineer, Nayagarh (R&B) Division, Nayagarh, on behalf of the Governor of Odisha inviting percentage rate bid in a single cover system in ONLINE MODE form eligible contractors for the construction of Building work as detailed in the table below:

1. Nature of Work : Building & Road Works.
2. No of Work : 5 Nos
3. Tender Cost & EMD : To be remitted online through a process as mentioned in DTCN.
4. Class of Contractor : As mentioned in DTCN
5. Availability of Bid Document on the Website : **From Dt. 20.06.2026 at 11.00 AM to Dt. 29.06.2026 Up to 5:00 pm.**
6. Date of opening of Bid : **Dt. 30.06.2026 at 11.00 AM**

They have to participate in ONLINE bidding only. Further details can be seen on the Website: https://tendersodisha.gov.in. Any Addendum / Corrigendum / Cancellation of tender can also be seen in the said website.

Superintending Engineer
Nayagarh (R&B) Division, Nayagarh

OIPR-34001/34138/1/26-27/0006

**Government of Odisha**
**Office of the Superintending Engineer,**
**Rural Works Division-II, Dhenkanal**
**Kamakhyanagar**
25001/393/2627
**E-Mail:** rw.kamakhyanagar@yahoo.co.in

**e-procurement Notice No 06 / Road Work / 2026-27**

1. **Name of the work** : Non plan Road Work
2. **Total No. of Works** : 1 (one) Nos
3. **Tender Cost** : Rs. 50.42 lakhs
4. **Class Contractor** : C & B equivalent
5. **Period of Completion** : 3 calendar months
6. **Availability of Tender online for bidding** : 17.06.2026 at 11.00 A.M to 23.06.2026 up to 5.00 P.M
7. **Last Date & Time of seeking tender clarification** : 22.06.2026 up to 4.00 PM
8. **Date & Time of opening of Bid** : 24.06.2026 at 11.00 AM

**Other Details can be seen from the website** http://tendersorissa.gov.in.

Superintending Engineer
Rural Works Division-II, Dkl
Kamakhyanagar

OIPR-25001/25094/1/26-27/0006

## ରଜ ସଂକ୍ରାନ୍ତିରେ ଆଖଣ୍ଡଳମଣି ପୀଠରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼

# ପ୍ରଶାସନିକ ଅବ୍ୟବସ୍ଥା; ଦର୍ଶନ ପାଇଁ ଭକ୍ତ ଠେଲାପେଲା

ଭଦ୍ରକ/ଆରଡ଼ି,୧୫।୬(ସମିସ)

ରଜ ସଂକ୍ରାନ୍ତି ଚଳିତ ବର୍ଷ ସୋମବାରରେ ପଡ଼ିଥିବାରୁ ଆରଡ଼ି ପୀଠର ବାବା ଆଖଣ୍ଡଳମଣିଙ୍କ ପାଖରେ ପୂଜାର୍ଚ୍ଚନା ଓ ଦର୍ଶନ ପାଇଁ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ଜମିଥିଲା ପୀଠରେ। ହେଲେ ପ୍ରଶାସନର ଘୋର୍ ଅବ୍ୟବସ୍ଥା ଯୋଗୁଁ ବାବାଙ୍କ ଦର୍ଶନ ତ ଦୂରର କଥା ପୀଠକୁ ସଂଯୋଗ କରୁଥିବା ଭଦ୍ରକ-ଆଖଣ୍ଡଳମଣି ମୁଖ୍ୟ ରାସ୍ତାର ସାଇନ୍ସ

- ଅଣନିଃଶ୍ୱାସୀ ହୋଇ ଚେତାଶୂନ୍ୟ ହେଲେ ମହିଳା ଓ ଶିଶୁ
- ଡହଡହ ଖରାରେ ୮ ଘଣ୍ଟା ଧରି ବ୍ୟାରିକେଡ୍‌ରେ ଚାଲିଲେ ଭକ୍ତ
- ପିଇବା ପାଣି ପାଇଁ ଡହଳବିକଳ; ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ
- ବାବାଙ୍କ ଦର୍ଶନ ନ ପାଇ ଅଧା ବାଟରୁ ଫେରିଗଲେ ହଜାର ହଜାର ଭକ୍ତ



ପାର୍କଠାରୁ ପ୍ରବେଶ ପଥ ଯାଏଁ ଦୀର୍ଘ ୨କିମି ରାସ୍ତାରେ ଶହଶହ ୪ଚକିଆ ଓ ୨ଚକିଆ ଗାଡ଼ି ଅଟକି ରହିବାରୁ ହଜାର ହଜାର ଭକ୍ତ ବାବାଙ୍କ ଦର୍ଶନ ନ ପାଇ ନିରାଶ ହୋଇ ଅଧା ବାଟରୁ ଫେରିଯାଇଥିଲେ। ସେହିପରି ପୀଠକୁ ଆସିଥିବା ଭକ୍ତଙ୍କ ପାଇଁ ଆବଶ୍ୟକ ଅନୁଯାୟୀ, ମୌଳିକ ବ୍ୟବସ୍ଥା ନ ଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ ଭକ୍ତମାନେ। ଏପରିକି ଦର୍ଶନ ପାଇଁ ଗୋଟିଏ ବ୍ୟାରିକେଡ୍‌ରେ ପୁରୁଷ, ମହିଳା ଯାଉଥିବାରୁ ଦୀର୍ଘ ସମୟ ଧରି ଭକ୍ତଙ୍କ ମଧ୍ୟରେ ଠେଲାପେଲା ଲାଗି ରହିଥିଲା। ଫଳରେ ଅଣନିଃଶ୍ୱାସୀ ହୋଇ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ ମହିଳା, ବୟସ୍କ ଓ ଶିଶୁମାନେ। ଏପରିକି ବ୍ୟାରିକେଡ୍ ଉପରେ ପାଲ ନ ଥିବାବେଳେ ପାଦଚଲା ରାସ୍ତାରେ ମ୍ୟାଟ ନ ଥିବାରୁ ଡହଡହ ଖରାରେ ତ୍ରାହି ତ୍ରାହି ଡାକିଥିଲେ ଭକ୍ତମାନେ।

ବିଶେଷକରି ପୀଠର କୌଣସି ସ୍ଥାନରେ ପାଣି ବ୍ୟବସ୍ଥା ନ ଥିବାବେଳେ ସୌନ୍ଦର୍ଯ୍ୟକରଣ ନାଁରେ ଗତ ୧ ମାସ ହେବ ଶିବଗଙ୍ଗା ପୁଷ୍କରିଣୀକୁ ଶୁଖାଇ ଦିଆଯାଇଥିବାରୁ ପାଣି ପାଇଁ ଡହଳବିକଳ ହୋଇଥିଲେ ଭକ୍ତ। ଯାହାକିଛି ମନ୍ଦିର ପରିସରରେ ପାନୀୟଜଳ ବ୍ୟବସ୍ଥା ହୋଇଛି ତାହା ମନ୍ଦିର ପ୍ରଶାସନ ପକ୍ଷରୁ ଠିକ୍ ଭାବେ ପରିଚାଳନା କରାଯାଉ ନ ଥିବାରୁ ହାତଗଣତି ପାଣିକଳରୁ ପାଣି ବାହାରୁ ଥିଲା। ଫଳରେ ଆଗନ୍ତୁକ ଭକ୍ତ ପିଇବା ପାଣି ପାଇଁ ହଟହଟା ହେବାକୁ ପଡ଼ିଥିଲା। ବାବାଙ୍କ ଦର୍ଶନ ପାଇଁ ମନ୍ଦିର ଭିତରେ ଓ ବାହାରେ କୌଣସି ବ୍ୟବସ୍ଥା ନ ଥିବାରୁ ଦୀର୍ଘ ୮ ଘଣ୍ଟା ଧରି ବ୍ୟାରିକେଡ୍‌ରେ ଅପେକ୍ଷା କରିଥିଲେ ଭକ୍ତ। ଏପରିକି ଆବଶ୍ୟକ ଅନୁଯାୟୀ, ପୁଲିସ ଓ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଭକ୍ତଙ୍କ ମଧ୍ୟରେ ଠେଲାପେଲା ଦୀର୍ଘ ଘଣ୍ଟା ଧରି ଲାଗି ରହିଥିବାରୁ ବହୁ ଭକ୍ତ ଧାଡ଼ିରେ ଛିଡ଼ା ହୋଇଥିଲେ ମଧ୍ୟ ବାବାଙ୍କ ଦର୍ଶନ ନ ପାଇ ଫେରିଯାଇଥିଲେ। ପୀଠର ଏପରି ଅବ୍ୟବସ୍ଥାକୁ ନେଇ ଭକ୍ତ ଓ ସେବାୟତଙ୍କ ମହଲରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏ ବାବଦରେ ମନ୍ଦିର ପ୍ରଶାସନିକ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳିପାରିନାହିଁ।

## ତିହିଡ଼ି ଯୁବମଞ୍ଚ ପକ୍ଷରୁ ରଜ ମହୋତ୍ସବ ଉଦ୍‌ଯାପିତ

ତିହିଡ଼ି,୧୫।୬(ସମିସ): ରଜ ହେଉଛି ମେଘ ଓ ମାଟିର ମିଳନ ପର୍ବ। ଏହି ପର୍ବ ଆସିଲେ ପୁରପଲ୍ଲୀ ମୁଖରିତ ହୋଇଉଠେ। ଏହି ପରିପ୍ରେକ୍ଷୀରେ ଅଗ୍ରଣୀ ସାମାଜିକ ସଂଗଠନ ତିହିଡ଼ି ଯୁବମଞ୍ଚ ପକ୍ଷରୁ ତିହିଡ଼ି ଟାଉନ୍ ହଲ୍ ପରିସରରେ ୨ଦିନ ଧରି ଆୟୋଜିତ ୧୧ତମ ବାର୍ଷିକ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଭଦ୍ରକ ଜିଲ୍ଲାର ସମାଜସେବୀମାନଙ୍କୁ ନେଇ ସେବା ସମସ୍ୟା ଆଳାପ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସଂଗଠନର ସମ୍ପାଦକ ନିରଞ୍ଜନ ବାରିକ ଏବଂ କବି ବିପ୍ଳବ ରଞ୍ଜନ ପତି ଏହି ଅଧିବେଶନକୁ ସଞ୍ଚାଳନ କରିଥିବାବେଳେ ସଦସ୍ୟ ସୁବ୍ରତ ମିଶ୍ର ମଞ୍ଚ ଆହ୍ୱାନ କରିବା ସହ ସାଂସ୍କୃତିକ ସଂଯୋଜକ ମନୋଜ ପାଣିଗ୍ରାହୀ ଶେଷ ସ୍ୱର୍ଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରଶ୍ମିରଞ୍ଜନ ସାହୁ, ବିସ୍ମୟ ବିହାରୀ ସାହୁ, ଧୀରେନ୍ଦ୍ର ସାହୁ, ଚିନ୍ମୟ ସ୍ୱାଇଁ, ଶେଖ୍ ରବୁ ସଲିମ ଓ ଦୀପକ ପରିଡ଼ା ପ୍ରମୁଖ ଅଂଶଗ୍ରହଣ କରି ସେବାର ମହତ୍ତ୍ୱ ଏବଂ ସମାଜସେବୀଙ୍କ ସଂଘର୍ଷ ଉପରେ ଆଲୋକପାତ କରିଥିଲେ। ନିମନ୍ତ୍ରିତ ସ୍ୱେଚ୍ଛାସେବୀମାନଙ୍କୁ ସମ୍ବର୍ଦ୍ଧିତ କରି ଉତ୍ସାହିତ କରାଯାଇଥିଲା। ଏହି ଅବସରରେ ଉପଦେଷ୍ଟା



ସଚ୍ଚିକାନ୍ତ ନାୟକ, ଶିକ୍ଷାବିତ୍ ସୋମନାଥ ପାଢ଼ୀ ଓ ଉପସଭାପତି ପ୍ରିୟବ୍ରତ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଦ୍ୱିତୀୟ ଅଧିବେଶନରେ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ୫୦ରୁ ଅଧିକ ପ୍ରତିଭାଶାଳୀ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପ୍ରେରଣା ପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ସଭାରେ ସଭାପତି କୈଳାସ ବେହେରା ସଭା ସଞ୍ଚାଳନ କରିଥିଲେ ଏବଂ ସମ୍ପାଦକ ନିରଞ୍ଜନ ବାରିକ କାର୍ଯ୍ୟକ୍ରମର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ବିଚାରକ ଭାବେ ନୃତ୍ୟ ପ୍ରଶିକ୍ଷିକା ତଥା ଆଇନଜୀବୀ ପ୍ରଗତିକା ଦାଶ, ଉପସ୍ଥାପିକା ବନ୍ଦେ ବିଶ୍ୱେଶ୍ୱରୀ ଦାସ, ସାଂସ୍କୃତିକ ସଂଯୋଜକ ମନୋଜ ପାଣିଗ୍ରାହୀ ଓ ସଦସ୍ୟ ସନାତନ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ରେଣୁବାଳା ନାଥ, ସହସମ୍ପାଦକ ଦିଲ୍ଲୀପ ପତି, ଜିତେନ୍ଦ୍ର ନାୟକ, ସୌମ୍ୟଗୋପାଳ ନାୟକ, ଅଜିତ୍ ଜେନା, ରଘୁନାଥ ସାହୁ, ଅଲେଖ ବଳ, ନୀଳାମ୍ବର ସେଠୀ ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

## କାଳୀମେଘା ମେଳଣ କମିଟି ସଭାପତିଙ୍କ ଶ୍ରଦ୍ଧାଞ୍ଜଳି ସଭା

ତିହିଡ଼ି,୧୫।୬(ସମିସ): ସୋମବାର ପୂର୍ବାହ୍ଣରେ ତିହିଡ଼ି ବ୍ଲକ୍ କାଳୀମେଘା ଦଧିବାମନଜୀଉ ପରିସରରେ ମେଳଣ କମିଟି ସଭାପତି ବାଣୀକଲ୍ୟାଣ ମହାପାତ୍ର(ଗୁଟୁ)ଙ୍କ ବିୟୋଗରେ କମିଟି ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ସମ୍ପାଦକ ଗଣେଶ ପ୍ରସାଦ ନାୟକ ସଂଯୋଜନା କରିଥିଲେ। ଉପସ୍ଥିତ ସମସ୍ତ ଠାକୁର ସେବାୟତ, ମେଳଣ ଶାନ୍ତି କମିଟି ସଦସ୍ୟ ଓ କାଳୀମେଘା ଗ୍ରାମବାସୀ ଉପସ୍ଥିତ ରହି ସଭାପତି ସ୍ୱର୍ଗତ ଗୁଟୁ ବାବୁଙ୍କ ଦୀର୍ଘ ୨୨ ବର୍ଷର ସଭାପତିତ୍ୱ କାଳରେ ମେଳଣ ଶାନ୍ତିଶୃଙ୍ଖଳା ତଥା ସୁଚାରୁରୂପେ ସମ୍ପାଦନ ହୋଇପାରୁଥିଲା ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଚିନ୍ତାମଣି ଦାସ, ରତିକାନ୍ତ ଦାସ, ଉମାକାନ୍ତ



ଦାସ, ସୁରେଶ ମହାପାତ୍ର, ରବିନାରାୟଣ ପଣ୍ଡା, ସୁଶାନ୍ତ ପଣ୍ଡା, ଲକ୍ଷ୍ମୀଧର ତ୍ରିପାଠୀ, ମୁରଲୀଧର ଦାସ, ପ୍ରଫୁଲ୍ଲ ରାଉତ, ତପନ ନାୟକ, ବିପ୍ଳବ ପତି, ପଦ୍ମଲୋଚନ ପତି, ସୁରେଶ ଦାସ, ଚିନ୍ମୟ ବେହେରା, ସୁବାସ ଚନ୍ଦ୍ର ବେହେରା, ନିତ୍ୟାନନ୍ଦ ପଟ୍ଟନାୟକ, ବିଜୟ ବଳ, ଗଣେଶ ଭଞ୍ଜ, ଅଶୋକ ବଳ, ମୃତ୍ୟୁଞ୍ଜୟ ସାମଲ, ନରହରି ସାହୁ, କ୍ଷୀରସିନ୍ଧୁ ଦାସ, ବିମ୍ବା ମହାଳିକ, ଚଗଲା ନାଥ, ତପ ଧଳ, ହରିଶ୍ଚନ୍ଦ୍ର ମିଶ୍ର, ଇନ୍ଦ୍ରମଣି ନାୟକ, ପଦ୍ମନାଭ ନାୟକ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ।

## ଭଦ୍ରକ ହାଇସ୍କୁଲ ପୁରାତନ ଛାତ୍ର ସଂଗଠନ ୭୪ ଡ୍ରିମ୍ସର ବାର୍ଷିକ ଉତ୍ସବ

ଭଦ୍ରକ,୧୫।୬(ସମିସ): ରଜ ଉତ୍ସବ ଅବସରରେ ଭଦ୍ରକ ହାଇସ୍କୁଲର ପୁରାତନ ଛାତ୍ର ସଂଗଠନ ୭୪ ଡ୍ରିମ୍ସ ତା'ର ୧୮ ତମ ବାର୍ଷିକ ଉତ୍ସବ ପାଳନ କରିଛି। ହାଇସ୍କୁଲ ସଭାଗୃହରେ ରାଜ୍ୟସଭା ସାଂସଦ ମନମୋହନ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଭଦ୍ରକ ହାଇସ୍କୁଲର ୧୯୬୨ ମସିହା ମାଟ୍ରିକ୍ ବ୍ୟାଚ୍‌ର ଛାତ୍ର ଅଭିମନ୍ୟୁ ମହାନ୍ତି ଯୋଗ



ଦେଇଥିବା ବେଳେ ଭଦ୍ରକ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମିଲି ପରିଡ଼ା ଅନ୍ୟତମ ଅତିଥି ଭାବରେ ଯୋଗଦେଇଥିଲେ। ମୁଖ୍ୟଅତିଥି ନିଜର ପୁରୁଣା ଛାତ୍ର ଜୀବନର ଅନୁଭୂତି ତଥା ୭୪ ଡ୍ରିମ୍ସର ଏତାଦୃଶ ଉନ୍ନତିମୂଳକ କାର୍ଯ୍ୟର ପ୍ରଶଂସା କରିଥିଲେ। ଉତ୍ସବ ଆରମ୍ଭରେ ପରିସରରେ ଥିôବା ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ପ୍ରାକ୍ତନ ପ୍ରଧାନଶିକ୍ଷକ ଗୋକୁଳାନନ୍ଦ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମୁଖ୍ୟଅତିଥି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିବାବେଳେ ବୃନ୍ଦାବନ କଳାକେନ୍ଦ୍ରର ଛାତ୍ରଛାତ୍ରୀ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଦିବସବ୍ୟାପୀ ଉତ୍ସବରେ ନିମନ୍ତ୍ରିତ ଅତିଥି ଭାବରେ ବରିଷ୍ଠ ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ, ଡ. ଦୁର୍ଯ୍ୟୋଧନ ଦାସ, ଇଂ ଅଖିଳଚନ୍ଦ୍ର ପାଢ଼ୀ, ଶିକ୍ଷକ ସତ୍ୟ ନାରାୟଣ ମଲ୍ଲିକ, ଅକ୍ଷୟକୁମାର ସେଠୀ, ପୁରତାନ ଛାତ୍ର ସଂଗଠନର ସଦସ୍ୟ ସୁଶାନ୍ତ ନାୟକ, ଇନ୍ଦ୍ରମଣି ପଣ୍ଡା, ପ୍ରଦୀପ ମିଶ୍ର, ଯାତ୍ରା ଅଭିନେତା ଲୋକନାଥ ଲେଙ୍କା, ପ୍ରଭାତ ଖିଲାର ପ୍ରମୁଖ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଗଠନର ସଂଯୋଜକ ସୌରେଶ ଚନ୍ଦ୍ର ମହାନ୍ତି ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସମାଜସେବୀ କିଶୋର ଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ଅଧିବକ୍ତା ସରୋଜ ତପନ ଦାସ ମାନପତ୍ର ପାଠ କରିଥିଲେ। ଦିବସବ୍ୟାପୀ ଉତ୍ସବରେ ପୂର୍ବତନ ପ୍ରଧାନଶିକ୍ଷକ ଗୟାଧର ପଣ୍ଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା ସଂଗଠନର ସଦସ୍ୟ କଳ୍ପତରୁ ସାହୁ, ଶଙ୍କର୍ଷଣ ମହାନ୍ତି, ଗଜେନ୍ଦ୍ର ପଣ୍ଡା, ରାଜକିଶୋର ପଣ୍ଡା, ବାଦଲ ବଳ, ବିନୟ ଭୂଷଣ ନାୟକ, ସୁଶାନ୍ତ ଜେନା, ଗୋଲାମ ମୁସ୍ତଫା, ପ୍ରମୋଦ ପଣ୍ଡା, ଇଦୁ ଖାନ୍, ରବି ମିଶ୍ର, ହେମନ୍ତ ପଣ୍ଡା, ଗୋପୀନାଥ ମହାପାତ୍ର, ଯୋଗେଶ ମହାପାତ୍ର, ରମେଶ ଦାସ ପ୍ରମୁଖ ଯୋଗଦେଇ ଉତ୍ସବକୁ ସଫଳ କରିଥିଲେ।

## ଚାନ୍ଦବାଲି ଜଳସମ୍ପଦ ବିଭାଗରେ ସ୍କ୍ରାପ୍ ଲୁହା ବିକ୍ରିକୁ ନେଇ ବିବାଦ

# ଘଟଣାର ତଦନ୍ତ କଲେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ

ଭଦ୍ରକ,୧୫।୬(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ଜଳସମ୍ପଦ ବିଭାଗର ପୁରୁଣା କାର୍ଯ୍ୟାଳୟ ପରିସରରେ ଦୀର୍ଘ ଦିନ ଧରି ପଡ଼ି ରହିଥିବା ସ୍କ୍ରାପ୍ ଲୁହା ବିକ୍ରିକୁ ନେଇ ବିବାଦ ସୃଷ୍ଟି ହୋଇଛି।



ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଉଛି ଯେ, ସରକାରୀ ସମ୍ପତ୍ତି ବିକ୍ରି ପାଇଁ ନିର୍ଦ୍ଧାରିତ ନିୟମ ଓ ଟେଣ୍ଡର ପ୍ରକ୍ରିୟାକୁ ଗ୍ରହଣ କରାଯାଇ ନ ଥିଲା। ଅନ୍ୟପକ୍ଷରେ, ଉକ୍ତ ଅଭିଯୋଗ ମୁତାବକ, ବିନା ଟେଣ୍ଡର ପ୍ରକ୍ରିୟାରେ ଏହି ସ୍କ୍ରାପ୍ ଲୁହାକୁ ବିକ୍ରି କରାଯାଉଥିଲା। ଏହି କାରବାରରେ କନିଷ୍ଠ ଯନ୍ତ୍ରୀ ବାଣୀଶ୍ରୀ ନାୟକ ସମ୍ପୃକ୍ତ ଥିବା ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ଲୋକେ। ଉକ୍ତ ଘଟଣାର ତଦନ୍ତ ପାଇଁ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ପ୍ରଣବ ନାୟକ ଘଟଣାସ୍ଥଳରେ ପହଞ୍ଚି ଉଭୟ କନିଷ୍ଠ ଯନ୍ତ୍ରୀ, ଆଖୁଆପଦା ଡିଭିଜନର ନିର୍ବାହୀ ଯନ୍ତ୍ରୀ ଓ ଚାନ୍ଦବାଲି ଥାନା ଅଧିକାରୀଙ୍କୁ ସାକ୍ଷାତ୍ କରି ଆଲୋଚନା କରିଥିଲେ। ସୂଚନା ଅନୁଯାୟୀ, ପୁରୁଣା ଅଫିସ ପରିସରରୁ ସ୍କ୍ରାପ୍ ଲୁହା ଏକ ଟ୍ରକ୍‌ରେ ଗତ ୧୩ ତାରିଖ ଦିନ ଲୋଡ୍ କରାଯାଉଥିବା ବେଳେ ସ୍ଥାନୀୟ ବାସିନ୍ଦା ଏହାକୁ ବିରୋଧ କରିଥିଲେ। ଟେଣ୍ଡର ବିନା ସରକାରୀ ସମ୍ପତ୍ତି ବିକ୍ରି ହେଉଥିବା ସନ୍ଦେହରେ ଲୋକେ ଟ୍ରକ୍‌କୁ ଅଟକାଇ ରଖିଥିଲେ। ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେବାରୁ ଟ୍ରକ୍‌କୁ ଚାନ୍ଦବାଲି ପୁଲିସ ଜିମା ଦିଆଯାଇଥିଲା। ଘଟଣାକୁ ନେଇ ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ବାଣୀଶ୍ରୀ ନାୟକ ଓ ଏସ୍‌ଡିଓ ସୁରଜ ମଲ୍ଲିକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଏସ୍‌ଡିଓ ସୁରଜ ମଲ୍ଲିକଙ୍କ ଅଜାଣତରେ ସ୍କ୍ରାପ୍ ଲୁହା ବିକ୍ରି ହେଉଥିବାରୁ ସେ ଚାନ୍ଦବାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିବାବେଳେ, ଯନ୍ତ୍ରୀ ବାଣୀଶ୍ରୀ ନାୟକ ଆଖୁଆପଦା ଡିଭିଜନର ନିର୍ବାହୀ ଯନ୍ତ୍ରୀ ସଞ୍ଜୀବ ସାମଲଙ୍କ ଅନୁମୋଦନ ଥିବା ଏକ ହାତଲେଖା ଦେଖାଉଛନ୍ତି। ତଦନ୍ତ ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଉକ୍ତ ଘଟଣାର ତଦନ୍ତ ପାଇଁ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ପ୍ରଣବ ନାୟକ ଘଟଣାସ୍ଥଳରେ ପହଞ୍ଚି ଉଭୟ ଅଧିକାରୀଙ୍କ କଥା ଶୁଣିବା ସହ ଚାନ୍ଦବାଲି ଥାନା ଅଧିକାରୀଙ୍କୁ ସାକ୍ଷାତ୍ କରିଥିଲେ। ଘଟଣାର ନିରପେକ୍ଷ ତଦନ୍ତ କରି ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

## ବିଶ୍ୱ ବୃଦ୍ଧ ନିର୍ଯ୍ୟାତନା ସଚେତନତା ଦିବସ

ଭଦ୍ରକ,୧୫।୬(ସମିସ): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକ ପକ୍ଷରୁ ବାସୁଦେବପୁର ସ୍ଥିତ ବାଲାଜୀ ବାସନ୍ତୀ ବୃଦ୍ଧାଶ୍ରମରେ ବିଶ୍ୱ ବୃଦ୍ଧ ନିର୍ଯ୍ୟାତନା ସଚେତନତା ଦିବସ ପାଳିତ ହୋଇଯାଇଛି।



ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ବୃଦ୍ଧବୃଦ୍ଧାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଶ୍ୱ ବୃଦ୍ଧ ନିର୍ଯ୍ୟାତନା ସଚେତନତା ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବୃଦ୍ଧବୃଦ୍ଧାଙ୍କ ପ୍ରତି ସମ୍ମାନ, ସୁରକ୍ଷା ଓ ସହାନୁଭୂତିଶୀଳ ବ୍ୟବହାର ନିଶ୍ଚିତ କରିବା ପାଇଁ ସମାଜର ସମସ୍ତ ବର୍ଗର ଲୋକଙ୍କ ସଚେତନତା ଓ ସହଯୋଗ ଆବଶ୍ୟକ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଆଭା ରଞ୍ଜିତା ପୁହାଣ, ପ୍ରତିପକ୍ଷ ଓକିଲ ତାପସ କୁମାର ମହାନ୍ତି ଏବଂ ଆଶ୍ରମର ପରିଚାଳିକା ବାସନ୍ତୀ ମଲ୍ଲିକ ଉପସ୍ଥିତ ରହି ବୃଦ୍ଧବୃଦ୍ଧାଙ୍କ କଲ୍ୟାଣ ସମ୍ପର୍କିତ ବିଭିନ୍ନ ବିଷୟରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବୃଦ୍ଧବୃଦ୍ଧାଙ୍କ ପାଇଁ ସରକାରଙ୍କ ପକ୍ଷରୁ ପ୍ରଚଳିତ ବିଭିନ୍ନ ଯୋଜନା, ସେମାନଙ୍କର ଆଇନଗତ ଅଧିକାର ଏବଂ ସାମାଜିକ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କାମକୁ ୬ ମାସ ପୂରିନି; ରାସ୍ତା ଫାଟି ଆଁ

ବାରିକପୁର,୧୫।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଆଖୁଆପଦାଠାରୁ ସରପଦା ଯାଏଁ ୩ ନମ୍ବର ହାଇଲେବୁଲ୍ କେନାଲ ବନ୍ଧର ପିଚୁ ନିର୍ମାଣ ଅତି ନିକୃଷ୍ଟମାନର ହୋଇଥିବା ଅଭିଯୋଗ ହୋଇଛି। ପ୍ରଥମେ ଆନିକଟଠାରୁ ପର୍ବତୀ ଅପୂଜା ମହାଦେବ ଯାଏଁ ଗୋଟିଏ ଠିକା ସଂସ୍ଥା ପିଚୁ ରାସ୍ତା ନିର୍ମାଣ କରିଥିଲା। ଗତବର୍ଷ ମାର୍ଚ୍ଚ ମାସରେ କାମ ଆରମ୍ଭ ହୋଇ ଡିସେମ୍ବର ମଧ୍ୟରେ ଶେଷ ହୋଇଥିଲା। ଉକ୍ତ ରାସ୍ତା ଏବେ ଧୀରେଧୀରେ ଦୁର୍ବଳ ହେଉଥିବା ସୂଚନା ମିଳିଛି। ଅନେକ ସ୍ଥାନରେ ରାସ୍ତ ଦବିଯିବା ସହ ପିଚୁ ଫାଟିଯାଇଛି। ବର୍ଷା ହେଲେ ରାସ୍ତା ଆହୁରି ଖରାପ ହେବା ଜଳଜଳ ଦେଖାଯାଉଛି। ଉକ୍ତ ରାସ୍ତା ଦେଇ ଦୈନିକ ଅନେକ ଭାରୀଯାନ ଚଳପ୍ରଚଳ କରୁଥିବା ହେତୁ ପିଚୁ ରାସ୍ତା ଦିନ କେଇଟାରେ ନଷ୍ଟ ହେବ ଏଥିରେ ସନ୍ଦେହ ନାହିଁ। ସେହିଭଳି ପର୍ବତୀଠାରୁ ସରପଦା



ଯାଏଁ ଅନ୍ୟ ଜଣେ ଠିକାଦାରଙ୍କ ଜରିଆରେ ଜଳସମ୍ପଦ ବିଭାଗ ପିଚୁ ରାସ୍ତା ନିର୍ମାଣ କରିଥିଲା। କାମକୁ ୬ ମାସ ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ଏବେ ରାସ୍ତା ଫାଟି ଆଁ କଲାଣି। ଦିନକୁ ଦିନ ଏହାର ପରିସୀମା ମଧ୍ୟ ବୃଦ୍ଧି ପାଉଛି। ରାସ୍ତା ନିର୍ମାଣବେଳେ ବଜ୍ରି, ପିଚୁ ଓ ରାସାୟନିକ ଅଠାର ବ୍ୟବହାର ସମାନୁପାତିକ ହୋଇନାହିଁ। ଫଳରେ ନିର୍ମାଣର କିଛିଦିନ ପରେ ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହେଉଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଜନସାଧାରଣ ଯାତାୟାତ କରୁଥିବାବେଳେ ବିଭାଗୀୟ ଯନ୍ତ୍ରୀମାନେ ନିଷ୍ଠାର ସହିତ କାମ କରୁନାହାନ୍ତି। କେତେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ କାର୍ଯ୍ୟ କରୁଛନ୍ତି ସତ କିନ୍ତୁ କାମର ସ୍ଥାୟିତ୍ୱ ରହୁନାହିଁ। କୋଟିକୋଟି ଟଙ୍କା ଖର୍ଚ୍ଚ ହୋଇ ରାସ୍ତା ନିର୍ମାଣ ହେଉଥିବାବେଳେ ସେଗୁଡ଼ିକ ଅଳ୍ପ ଦିନ ମଧ୍ୟରେ ନଷ୍ଟ ହେଉଛି। ଏଭଳି କାର୍ଯ୍ୟକୁ ନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ସର୍ଟସର୍କିଟ୍‌ରୁ ୩ ବଖରା ପୋଡ଼ି ଛାର୍‌ଖାର୍

କୋଠାର,୧୫।୬(ସମିସ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଅଧୀନସ୍ଥ କୋଠାର ପଞ୍ଚାୟତର ମହନ୍ତ ସାହିରେ ସୋମବାର ଏକ ଅଗ୍ନିକାଣ୍ଡ ଘଟିଛି। ଗ୍ରାମର ସୁବାସ ଚନ୍ଦ୍ର ସେଠୀଙ୍କ ୩ ବଖରା ଘର ବିଦ୍ୟୁତ୍ ସର୍ଟସର୍କିଟ୍ ଯୋଗୁଁ ଜଳିଲାଗିଥିବା ଜଣାପଡ଼ିଛି। ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ରଜ ପର୍ବ ଅବସରରେ ଗ୍ରାମରେ ବହୁ ସଂଖ୍ୟାରେ ଲୋକ ଉପସ୍ଥିତ ଥିବାରୁ ଅଗ୍ନିକାଣ୍ଡ ସମ୍ପର୍କରେ ତୁରନ୍ତ ଜଣାପଡ଼ିଥିଲା। ନିଆଁ ଦେଖି ଗ୍ରାମବାସୀ ଏକଜୁଟ ହୋଇ ପାଣି ଓ ଅନ୍ୟାନ୍ୟ ଉପାୟରେ ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ଖବର ପାଇ



ଅଗ୍ନିଶମ ବିଭାଗର ଏକ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲା। ସେମାନେ ପହଞ୍ଚିବା ପୂର୍ବରୁ ଗ୍ରାମବାସୀଙ୍କ ଉଦ୍ୟମରେ ନିଆଁ ଅଧିକାଂଶ ନିୟନ୍ତ୍ରଣକୁ ଆସିଯାଇଥିଲା। ପରେ ଅଗ୍ନିଶମ କର୍ମଚାରୀମାନେ ସମ୍ପୂର୍ଣ୍ଣ ଭାବେ ନିଆଁକୁ ଲିଭାଇ ପରିସ୍ଥିତିକୁ ସୁରକ୍ଷିତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଘରର ବିଭିନ୍ନ ଆସବାବପତ୍ର, ଘରୋଇ ସାମଗ୍ରୀ ଓ ଅନ୍ୟାନ୍ୟ ଜିନିଷପତ୍ର ପୋଡ଼ି ନଷ୍ଟ ହୋଇଥିବାବେଳେ କ୍ଷୟକ୍ଷତିର ସଠିକ୍ ପରିମାଣ ଜଣାପଡ଼ିନାହିଁ। ତେବେ ସରକାରଙ୍କ ପକ୍ଷରୁ ତୁରନ୍ତ ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଚରମ୍ପା ବରିଷ୍ଠ ନାଗରିକ ସଂଘର ବିଶ୍ୱ ବୟସ୍କ ନିର୍ଯ୍ୟାତନା ସଚେତନତା ଦିବସ

ଭଦ୍ରକ,୧୫।୬(ସମିସ): ଭଦ୍ରକ ଚରମ୍ପା ବରିଷ୍ଠ ନାଗରିକ ସଂଘର ବିଶ୍ୱ ବୟସ୍କ ନିର୍ଯ୍ୟାତନା ଦିବସ ଏରେଇଁ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ସଂଘର କାର୍ଯ୍ୟକାରୀ ସଭାପତି ପଦ୍ମଲୋଚନ ମହାଳିକଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ସଂଘ ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର ଆଜିର ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକଙ୍କୁ ନିଜର ବକ୍ତବ୍ୟ ଦ୍ୱାରା କହିଲେ କି ସମଗ୍ର ବିଶ୍ୱରେ ବରିଷ୍ଠମାନେ ନିର୍ଯ୍ୟାତନାର ଶିକାର ହେଉଥିବା ଯୋଗୁଁ ଏହା ନିରାକାରଣ ଓ ସଚେତନତା ପାଇଁ ଜୁନ୍ ୧୫ ତାରିଖ ବିଶ୍ୱ ବୟସ୍କ ନିର୍ଯ୍ୟାତନା ଦିବସଟି ମିଳିତ ଜାତିସଙ୍ଘ ୨୦୦୬ରେ ଆରମ୍ଭ କରିଥିଲେ ମଧ୍ୟ ଜାତିସଂଘର ସାଧାରଣ ପରିଷଦରେ ୨୦୧୧ରେ ବିଧିବଦ୍ଧ ସ୍ୱୀକୃତି ଲାଭ କରିଥିଲା। ଏହାର ମହତ୍ ଉଦ୍ଦେଶ୍ୟ ସମାଜରେ ଓ ପରିବାରରେ ବୟସ୍କ



ବ୍ୟକ୍ତିଙ୍କୁ ଉତ୍ତମ ଆଚରଣ, ସ୍ୱାସ୍ଥ୍ୟସେବା, ସାମାଜିକ, ଅର୍ଥନୈତିକ ଓ ପାରିବାରିକ ସମସ୍ୟାର ସମାଧାନ। ଯଦି ଏଥିରେ ଅବହେଳା ପରିଲକ୍ଷିତ କରାଯାଏ, ତାହେଲେ ବରିଷ୍ଠ ନାଗରିକ କଲ୍ୟାଣ ଆଇନ ୨୦୦୭ ଅନୁସାରେ ନ୍ୟାୟପାଳିକା ଓ ପୁଲିସ ପ୍ରଶାସନ ଉପଯୁକ୍ତ ନ୍ୟାୟ ପ୍ରଦାନ ପୂର୍ବକ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ। ବରିଷ୍ଠ ନାଗରିକଙ୍କୁ ଆଇନଗତ ସହଯୋଗ ଓ ସଚେତନ କରିବା ପାଇଁ ସାମାଜିକ ସଂଗଠନ ହେଲ୍ପ ଏଜ୍ ଇଣ୍ଡିଆ, ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଓ ଆପଣଙ୍କ ଦ୍ୱାରା ଗଢ଼ି ଉଠିଥିବା ବରିଷ୍ଠ ନାଗରିକ ସଂଗଠନ ଏ ଦିଗରେ କାର୍ଯ୍ୟକ୍ରମ କରି ସଚେତନତା ସୃଷ୍ଟି କରି ଆସୁଛନ୍ତି। ଚକେନ୍ଦ୍ର ଓ ରାଜ୍ୟ ସରକାର ବରିଷ୍ଠଙ୍କ ନିମନ୍ତେ ହେଲ୍ପ ଲାଇନ୍ ନମ୍ବର ୧୦୯୦ ଓ ୧୪୫୬୭ ଦ୍ୱାରା ନିଃଶୁଳ୍କ ସେବା ପ୍ରଦାନ କରିଆସୁଛନ୍ତି। ଶେଷରେ ସମସ୍ତ ବରିଷ୍ଠ ନାଗରିକ ରଜ ସଂକ୍ରାନ୍ତି ଅବସରରେ ସୁଦର୍ଶନ ବିଶ୍ୱାଳ, ରତ୍ନାକର ସାମଲ, ସନାତନ ଯେନା, ଗୋବିନ୍ଦ ପରିଡ଼ା, କାଳନ୍ଦୀ ପାତ୍ର, ପିତାମ୍ବର ରାଉତ, ନରସିଂହ ମିଶ୍ର, ଶଶିକାନ୍ତ ପାଢ଼ୀ, ଅରୁଣ କୁମାର ଲଖାନୀ, ଭାଗିରଥି ବେହେରା, ବିଶ୍ୱନାଥ ବାରିକ, ସୁବାସ ଚନ୍ଦ୍ର ସାହୁ, ମହେଶ ନାୟକ ନିଜ ମଧ୍ୟରେ ଖୁସି ବାଣ୍ଟି ପୋଡ଼ପିଠାର ମଜ୍ଜା ନେଇ ଏକ ନିଆରା ଅନୁଭୂତି ନେଇଥିଲେ।

## ହରିହଂସଠାରେ ମଦ ବିରୋଧୀ ମହାସଭା

# ଏକାଠି ହେଲେ ୪ ମୌଜାର ଶତାଧିକ ମହିଳା ଓ ପୁରୁଷ

ଅସୁରାଳି,୧୫।୬(ସମିସ)

ଧୂଷୁରୀ ଅଞ୍ଚଳରେ ବେଆଇନ ମଦ କାରବାର ଓ ନିଶା ସେବନ ବିରୋଧରେ ସ୍ଥାନୀୟ ଜନସାଧାରଣ ଏକଜୁଟ୍ ହୋଇଛନ୍ତି। ହରିହଂସଠାରେ ଏକ ବିଶାଳ ମଦ ବିରୋଧୀ ସଭା ଅନୁଷ୍ଠିତ ହୋଇଯାଇଛି। ଚତୁର୍ଭୁଜ ନାୟକଙ୍କ ନେତୃତ୍ୱ ଏବଂ ଚନ୍ଦ୍ରଶେଖର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସ୍ଥାନୀୟ ଅଞ୍ଚଳରେ ବଢ଼ି ଚାଲିଥିବା ନିଶା କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଦୃଢ଼ ଦାବି କରାଯାଇଛି। ଏହି ସଭାରେ ଅର୍ଜୁନପୁର, ନଦୀଗାଁ, ହସନାବାଦ ଏବଂ ଧୂଷୁରୀ ଆଦି ୪ଟି ମୌଜାର ଶତାଧିକ ମହିଳା, ପୁରୁଷ ଓ ଯୁବଗୋଷ୍ଠୀ ସାମିଲ୍ ହୋଇ ନିଶାମୁକ୍ତ ସମାଜ ଗଠନ ପାଇଁ ସଂକଳ୍ପ ନେଇଥିଲେ। ବିଶେଷ କରି ମହିଳାମାନେ ସ୍ଥାନୀୟ ଅଞ୍ଚଳରେ ମଦ ଯୋଗୁଁ ନଷ୍ଟ ହେଉଥିବା ପାରିବାରିକ ଶାନ୍ତି ଓ ବଢ଼ି ଚାଲିଥିବା ଅସାମାଜିକ କାର୍ଯ୍ୟକଳାପ ଉପରେ ଗଭୀର ଚିନ୍ତା ପ୍ରକଟ କରିଥିଲେ।



ଏହି ଜନଆନ୍ଦୋଳନ ତଥା ପ୍ରତିବାଦ ସଭାରେ ଅଞ୍ଚଳର ପ୍ରମୁଖ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଚନ୍ଦ୍ରଶେଖର ନାୟକ, ଚତୁର୍ଭୁଜ ନାୟକ, ଆଶିଷ ଜେନା, ନିରଞ୍ଜନ ମାଝୀ, ସୁଧୀର କୁମାର ନାୟକ, ପ୍ରଦୀପ ମାଝୀ, ଧରଣୀଧର ବସନ୍ତିଆ, ସନ୍ଦୀପ ଶଙ୍କର ସ୍ୱାଇଁ, ଗିରିଶ ନାୟକ, ପୃଥ୍ୱୀରାଜ ନାୟକ ଏବଂ ରଞ୍ଜନ ଭୂୟାଁ ପ୍ରମୁଖ ଉପସ୍ଥିତ ରହି ସ୍ୱର ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିଶିକାନ୍ତ ନାୟକ, ନିର୍ମଳ ନାୟକ, ନୃସିଂହ ତରାଇ, ହରିହର ସାହୁ, ଅଲେଖ ନାୟକ, କୈଳାସ ନାୟକ, ଆନନ୍ଦ ନାୟକ, ରୋହିତ ନାୟକ, ଧୁନ ନାୟକ, କାଳନ୍ଦୀ ନାୟକ, ନିମାଇଁ ନାୟକ, ତନ୍ମୟ ମହାପାତ୍ର, ବାପୁନୁ ନାୟକ, ଅରବିନ୍ଦ ଦାସ, ରମାକାନ୍ତ କୁଅଁର, ନମିତା ପଣ୍ଡା, ଜ୍ୟୋତ୍ସ୍ନାରାଣୀ ନାୟକ, କଳ୍ପନା ନାୟକ, ବୀଣାପାଣି ନାୟକ, ରାଧାଶ୍ୟାମ ସାମଲ ଓ ସୁଦର୍ଶନ ରାଉତଙ୍କ ସମେତ ହରିହଂସ ଗ୍ରାମର ସମସ୍ତ ମହିଳା, ପୁରୁଷ, ଯୁବଗୋଷ୍ଠୀ ଏବଂ ଧୂଷୁରୀ ବିଜ୍ଞପିତ ଅଞ୍ଚଳ, ହସନାବାଦ, ଅର୍ଜୁନପୁର ଓ ନଦୀଗାଁ ପଞ୍ଚାୟତର ଶତାଧିକ ଜନସାଧାରଣ ସାମିଲ୍ ହୋଇ ଏହି ମଦ ବିରୋଧୀ ଅଭିଯାନକୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ସ୍ଥାନୀୟ ପ୍ରଶାସନ ଏହି ବେଆଇନ ମଦ କାରବାର ଉପରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ସଭାରେ ଚେତାବନୀ ଦିଆଯାଇଛି।

# ସୋମନାଥପୁର ମହୋତ୍ସବ ଉଦ୍‌ଘାଟିତ



**ରେମୁଣା,୧୫।୬(ସମିସ):** ରେମୁଣା ଏନ୍‌ଏସି ଅନ୍ତର୍ଗତ ୧୩ନମ୍ବର ୱାର୍ଡ ସୋମନାଥପୁର ଠାରେ ୩ ଦିନିଆ ପାରମ୍ପରିକ ରଜ ଉତ୍ସବ ଓ ସୋମନାଥପୁର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ମହିଳା କମିଶନ ଅଧକ୍ଷା ଶୋଭାନା ମହାନ୍ତି, ସମ୍ମାନିତ ଅତିଥି ଭାବେ ହେମବତୀ ବେହେରା, ଶିଳ୍ପଦ୍ୟୋଗୀ ଜ୍ଞାନରଞ୍ଜନ ଦାସ, ଶିକ୍ଷାବିତ ଶ୍ୟାମସୁନ୍ଦର ମିଶ୍ର, ଆଇନଜୀବୀ ସରୋଜ ବେହେରା ପ୍ରମୁଖ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସୋମନାଥପୁର ଶାନ୍ତି କମିଟି ସଭାପତି ଧୀରେନ୍ଦ୍ର କୁମାର ମହାପାତ୍ର ପୌରୋହିତ୍ୟ କରିଥିବା ବେଳେ ରଜ ମହୋତ୍ସବ କମିଟି ସଭାପତି ଅବଦୁଲ କାସିମ ଖାଁ ଅତିଥିଙ୍କ ପରିଚୟ, ଶାନ୍ତି କମିଟି ସମ୍ପାଦକ ସୂର୍ଯ୍ୟକାନ୍ତ ପଣ୍ଡା ବିବରଣୀ ପ୍ରଦାନ, ରଜ ମହୋତ୍ସବ କମିଟି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାଲିକ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ କୁନି କୁନି ପିଲାଙ୍କ ଦ୍ୱାରା ନୃତ୍ୟ ସଂଗୀତ ପରିବେଷଣ କରାଯାଇଥିବାବେଳେ ସନ୍ତୋଷ ମଲିକ ସଂଗୀତ ପରିବେଷଣ କରିଥିଲେ। ଗ୍ରାମର ହାଇସ୍କୁଲ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖୁଥୁବା ଶ୍ରୀୟା ସୁମନ ଦାସ, ଉଚ୍ଚ ମାଧ୍ୟମିକ (କଳା)ରେ ଶବାନା ପରବିନ, ବିଜ୍ଞାନରେ ଆସିଫ ଅଲ୍ଲି ଖାଁଙ୍କୁ ସମ୍ମାନିତ କରାଯାଇଥିଲା।

# ଅସହାୟ ବୃଦ୍ଧାଙ୍କୁ ସମାଜସେବୀଙ୍କ ସହାୟତା



**ବିଶୋଇ,୧୫।୬ (ସମିସ):** ଜଣେ ଅସହାୟ ବୃଦ୍ଧାଙ୍କୁ ଯୁବ ସମାଜସେବୀ ତଥା ମୟୂରଭଞ୍ଜ-୨ ବିଜେଡି ଜିଲ୍ଲା ସମ୍ପାଦକ ଖେଲାରାମ ଟୁଡୁ ସହାୟତା ପ୍ରଦାନ କରିଛନ୍ତି। ଆଜି ରଜ ପର୍ବ ପାଳନ କରାଯାଉଥିବାବେଳେ ଦୁଃଖକଷ୍ଟରେ ଦିନ କାଟୁଥିବା ଜଣେ ଅସହାୟ ବୃଦ୍ଧାଙ୍କୁ ସାହା ହୋଇଛନ୍ତି ଖେଲାରାମ। ଆଜି ଏହି ବୃଦ୍ଧାଙ୍କ ନିକଟକୁ ଯାଇ ସେ ଖାଦ୍ୟ, ଶାଢ଼ୀ ସହିତ ରାସନ ସାମଗ୍ରୀ ପ୍ରଦାନ କରିଛନ୍ତି। ବିଶୋଇ ବ୍ଲକ ବାଙ୍କୀ ଗ୍ରାମର ୫୦ନଂ ରାଜ୍ୟ ରାଜପଥ କଡ଼ରେ ଶାନ୍ତି ହାଁସଦା ଭଙ୍ଗା ମାଟି ଚାଳ ପଲିଥିନି ଘରେ ବହୁଦିନ ଧରି ଦୁଃଖ ଦୁର୍ଦ୍ଦଶାରେ ଦିନ କାଟିଆସୁଛନ୍ତି। ଶାନ୍ତିଙ୍କ ଦୁଇ ଝିଅ ଥିବାବେଳେ ସେମାନେ ବିବାହ କରି ଅନ୍ୟତ୍ର ରହୁଛନ୍ତି। ବୃଦ୍ଧା ଅବସ୍ଥାରେ କାମ କରି ଟଙ୍କା ରୋଜଗାର କରିବାକୁ ଶାନ୍ତି ସକ୍ଷମ ହୋଇ ପାରୁନଥିବାବେଳେ କେବଳ ଭତ୍ତା ଟଙ୍କା ଓ ରାସନ କାର୍ଡରୁ ପାଉଥିବା ପାଞ୍ଚ କିଲୋ ଚାଉଳ ହିଁ ତାଙ୍କର ଏକମାତ୍ର ଭରସା। ନୂତନ ବସ୍ତ୍ର ପିନ୍ଧିବାକୁ ମଧ ସେ ସକ୍ଷମ ହୋଇପାରୁନାହାନ୍ତି। ତାଙ୍କର ଏହି ଅବସ୍ଥା ବିଷୟରେ ଖବର ପାଇ ଆଜି ଯୁବ ସମାଜସେବୀ ଖେଲାରାମ ତାଙ୍କ ନିକଟରେ ପହଞ୍ଚି ସହାୟତା ପ୍ରଦାନ କରିଛନ୍ତି।

# ଛେଳି ଚାଷୀଙ୍କ ପାଖରେ ପହଞ୍ଚିଲେ ଗୋଷ୍ଠୀ ପ୍ରାଣୀ ଅଧିକାରୀ



**ମହୁଲଡିହା,୧୫।୬(ସମିସ):** ଖବରକାଗଜରେ ମଣିଷ ଛେଳି ଗୋଟିଏ ଘରେ ପ୍ରକାଶ ପାଇବା ପରେ ତତ୍ପରତା ପ୍ରକାଶ ପାଇଛି। ଗୋଷ୍ଠୀ ପ୍ରାଣୀ ଅଧିକାରୀ ମନୋରଞ୍ଜନ ମହାପାତ୍ର ଜାଣିବା ପରେ ୧୪ ତାରିଖ ଦିନ ଛେଳି ଚାଷୀ ଅଜୟ ମହାନ୍ତଙ୍କ ଘରେ ପହଞ୍ଚିଛନ୍ତି। ଚାଷୀଙ୍କୁ କିପରି ସହାୟତା ଯୋଗାଇ ଦିଆଯାଇପାରିବ, ସେ ସମ୍ପର୍କରେ ଆଲୋଚନା କରିଛନ୍ତି। ସରପଞ୍ଚ ବ୍ରହ୍ମାନନ୍ଦ ଦେହୁରୀଙ୍କ ସହ ଆଲୋଚନା କରି ମନରେଗାରେ ଛେଳି ଘର ପାଇଁ ସହାୟତା ଦେବାକୁ ଅନୁରୋଧ କରିଛନ୍ତି। ଏଥିସହିତ ସିଡିଭିଓଙ୍କୁ ସ୍ଥିତି ସମ୍ପର୍କରେ ଅବଗତ କରିଛନ୍ତି। ପ୍ରାଣୀ ଅଧିକାରୀ ନିଜେ ଚାଷୀଙ୍କ ପାଖରେ ପହଞ୍ଚିଥିବାରୁ ଅଜୟ କୃତଜ୍ଞତା ଜଣାଇଛନ୍ତି। ତାଙ୍କ ସମସ୍ୟା ସମାଧାନର ବାଟ ଫିଟିବ ବୋଲି ଆଶା ରଖିଛନ୍ତି।

# ବ୍ୟାସକବି ଫକୀର ମୋହନ ସେନାପତିଙ୍କ ମହାପ୍ରୟାଣ ଦିବସ




**ଜଳେଶ୍ୱର ବ୍ଲକ,୧୫।୬(ସମିସ):** ରବିବାର ଅପରାହ୍ଣରେ ପବିତ୍ର ରଜପର୍ବ ତଥା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ମହାପ୍ରୟାଣ ଦିବସରେ ସମ୍ପର୍କରେ କବିତା ପାଠୋତ୍ସବ ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ପ୍ରାଣ ପ୍ରତିଷ୍ଠାତା ଚେୟାରମ୍ୟାନ ତଥା ଅଧକ୍ଷ ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ରଜ ସଂକ୍ରାନ୍ତିର ମହନୀୟତା ତଥା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ମହାପ୍ରୟାଣ ଦିବସ ଅବସର ରେ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ। ତଥା କବିତା ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବରେ ଦୀନକୃଷ୍ଣ ସ୍ମୃତି ପରିଷଦ ର ସମ୍ପାଦକ ତଥା ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ, ମୁଖ୍ୟ ବକ୍ତା ଭାବରେ ଓଡ଼ିଶା ହାଇକୋର୍ଟ ଆଇନଜୀବୀ ରାମଚନ୍ଦ୍ର ଜେନା, ବରେଣ୍ୟ ଅତିଥି ଭାବରେ ପ୍ରାକ୍ତନ ଏବିଇଓ ବନମାଳୀ ଧଳ, ସମ୍ମାନିତ ଅତିଥି ଭାବରେ କବି ବସନ୍ତ କୁମାର ଦାସ, ସମ୍ମାନିତ ଅତିଥି କବି ରଞ୍ଜନ କୁମାର ଘୋଷ, ଅତିଥି ସୁଶୀଲ କୁମାର ମାହାନା, ଆଇନଜୀବୀ ସତ୍ୟ ନାରାୟଣ ଦାସ, କବି ଲକ୍ଷ୍ମୀ ନାରାୟଣ ଶତପଥୀ, କବୟିତ୍ରୀ କମଳିନୀ ଦେ, ସାମ୍ବାଦିକ ସତ୍ୟବ୍ରତ ପ୍ରଧାନ, କବି ତଥା ସାମ୍ବାଦିକ ଦୁର୍ଗା ଶଙ୍କର ଗିରି, ସାମ୍ବାଦିକ ଜଗନ୍ନାଥଗୋଛାୟତ, କବି ପ୍ରଶାନ୍ତ କୁମାର ଜେନା, କବି ଭାସ୍କର ଚନ୍ଦ୍ର ବେହେରା ରଜଦୋଳି କବିତା ସହ ଗୀତ ନିଜସ୍ୱ ସ୍ୱରରେ ପରିବେଷଣ ସହିତ ଫକୀର ମୋହନ ସେନାପତିଙ୍କ ନିଜେ ଦୁଃଖ ଯନ୍ତ୍ରଣାରେ ରହି ଅମୂଲ୍ୟ ରତ୍ନ ଛଅ ମାଣ ଆଠଗୁଣ୍ଠ, ରେବତୀ, ଲଛମା , ମାମୁ, ପ୍ରଭୃତି ଆମ ସମାଜ ଅତ୍ୟନ୍ତ ଉପାଦେୟ ବୋଲି ଆଲୋକପାତ କରିଥିଲେ। ଓଡ଼ିଆ ର ରଜଦୋଳି ତଥା ତଥା ମାଆ ଯେମିତି ପୋଡପିଠା ପ୍ରସ୍ତୁତ କରି ଥାଆନ୍ତି ସେହିପରି ଅନୁଷ୍ଠାନର ସମ୍ପାଦିକା ମଧୁଛନ୍ଦା ମହାନ୍ତି ପିଲାମାନଙ୍କ ର ମାଆ ସଦୃଶ ୫ କେଜି ଚାଉଳ ତଥା ନଡ଼ିଆ, ବାଦାମ ରେ ପ୍ରସ୍ତୁତ ସୁଆଦିଆ ପୋଡ଼ ପିଠା ପ୍ରତିଷ୍ଠାତା ଡଃ ମହାନ୍ତି ମୁଖ୍ୟ ଅତିଥି ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ, ରାମଚନ୍ଦ୍ର ଜେନା, ବନମାଳୀ ଧଳ ପ୍ରମୁଖ କେକ କାଟି ସମସ୍ତ ଅତିଥି ତଥା ପିଲାମାନଙ୍କୁ ପରିବେଷଣ କଲାବେଳେ ପିଲାମାନଙ୍କର ଆଖି ଲୋତକପୂର୍ଣ୍ଣ (ଆନନ୍ଦାଶ୍ରୁ) ଝରି ପଡିଥିଲା। ସାଇ ସାରଳା ଡି ଫାର୍ମାସୀ କଲେଜ୍‌ର ମାନସ କୁମାର ମାଇତି, ସାଇ କ୍ରୀଷ୍ଣା ନର୍ସିଂ କଲେଜ ର ଅଧକ୍ଷ ବିଷ୍ଣୁପ୍ରିୟା ବେହେରା, ଅଧକ୍ଷ ପ୍ରକାଶ କୁମାର ଦିନ୍ଦା, ଅଧ୍ୟାପକ ସ୍ୱରାଜ କୁମାର ଜେନା,କୋଡିନେଟର ଗୌର ଗୋପାଳ ପରିଡ଼ା, ଅଧ୍ୟାପକ ଅକ୍ଷୟ କୁମାର ଜେନା, ଅଫିସ ସହାୟକ ରଂଜିତା ଦାସ, ମଧୁସୁଦନ ଭୋଳ, ସେକ୍ରେଟେରୀ ମଧୁଛନ୍ଦା ମହାନ୍ତି, ଫାଉଣ୍ଡର ଡ଼ଃ. ଅଜିତ କୁମାର ମହାନ୍ତି ସମସ୍ତ ଙ୍କୁ ଆଜିର ଦିବସ ସମ୍ପର୍କ ରେ ଅବଗତ କରିଥିଲେ। ଏଥିରେ ସହଯୋଗ କରିଥିଲେ।

■ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ରାଇରଙ୍ଗପୁର ଗସ୍ତ ଚୂଡ଼ାନ୍ତ

# ଗସ୍ତକୁ ନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ



**ରାଇରଙ୍ଗପୁର,୧୫।୬(ସମିସ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୯ ଓ ୨୦ ତାରିଖ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ଯାହାକୁ ନେଇ ପ୍ରଶାସନିକ ସ୍ତରରେ ଚଞ୍ଚଳତା ପ୍ରକାଶ ପାଇଛି। ଗସ୍ତ କାର୍ଯ୍ୟକ୍ରମକୁ ସୁପରିଚାଳନା ନେଇ ରାଇରଙ୍ଗପୁରସ୍ଥ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ସାଂସଦ ନବଚରଣ ମାଝି, ରାଇରଙ୍ଗପୁର ବିଧାୟକ ଜଳେନ ନାଏକ, ଏସପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର ପ୍ରମୁଖ ଉପସ୍ଥିତ ରହି ସମୀକ୍ଷା କରିଛନ୍ତି। ରାଇରଙ୍ଗପୁରକୁ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଏକ ଐତିହାସିକ ମୁହୂର୍ତ୍ତ ପାଲଟିବାକୁ ଯାଉଛି। ଏହି ମହତ୍ତ୍ୱପୂର୍ଣ୍ଣ ଗସ୍ତ ସୁଚାରୁ ଓ ସଫଳ ଭାବେ ସମ୍ପନ୍ନ କରିବା ନେଇ ଆଲୋଚନା ହୋଇଛି। ରାଷ୍ଟ୍ରପତି ଜୁନ ୧୯ ତାରିଖରେ ଆସିବାକୁ ଥିବାବେଳେ ଜୁନ ୨୦ ତାରିଖରେ ପ୍ରଧାନମନ୍ତ୍ରୀ ରାଇରଙ୍ଗପୁରରେ ପହଞ୍ଚିବେ। ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ରାଷ୍ଟ୍ରପତିଙ୍କ ବାଦାମପାହାଡ ନିକଟସ୍ଥ ପାହାଡପୁର ଗ୍ରାମ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ସେଠାରେ ରାଷ୍ଟ୍ରପତିଙ୍କ ସ୍ୱର୍ଗତ ସ୍ୱାମୀ ଓ ଦୁଇ ପୁଅଙ୍କ ସ୍ମୃତିରେ ନିର୍ମିତ ଏସଏଲଏସ ସ୍ମାରକୀ ଆବାସିକ ବିଦ୍ୟାଳୟକୁ ଯିବେ। ଏଥିସହିତ ଦକ୍ଷତା ବିକାଶ କେନ୍ଦ୍ର ପରିଦର୍ଶନ କରିବେ। ଏ ଅବସରରେ ଗ୍ରାମବାସୀ, ଛାତ୍ରଛାତ୍ରୀ ଓ ଯୁବକ/ଯୁବତୀଙ୍କ ସହ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଭାବବିନିମୟ କରିବାର ସୂଚନା ମିଳିଛି। ରାଷ୍ଟ୍ରପତିଙ୍କ ଗ୍ରାମ ପରିଦର୍ଶନ କରିବା ପରେ ରାଇରଙ୍ଗପୁରରେ ଆୟୋଜିତ ସାଧାରଣ ସଭାରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ପରେ ଉଭୟ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି। ସଭା ସ୍ଥଳ, ହେଲିପ୍ୟାଡ, ପାର୍କିଂ, ଟ୍ରାଫିକ ବ୍ୟବସ୍ଥା, ଗସ୍ତ ମାର୍ଗ, ଭିଡ଼ ନିୟନ୍ତ୍ରଣ, ସିସିଟିଭି ଆଦି ତଦାରଖ କରିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଗସ୍ତକୁ ଦୃଷ୍ଟିରେ ରଖି ରାଇରଙ୍ଗପୁରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ରାସ୍ତାରେ ଜଳିଗଲା କାର୍; ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



**ବାଲେଶ୍ୱର,୧୫।୬(ସମିସ):** ରାସ୍ତା ମଝିରେ ହୁତୁ ହୁତୁ ହୋଇ ଜଳିଗଲା କାର୍। ମାତ୍ର ସୌଭାଗ୍ୟକୁ ଏଥିରେ ଥିବା ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଚାନ୍ଦିପୁର ଥାନା ଅନ୍ତର୍ଗତ ପଟାପୋଲ ନିକଟ ମୁଖ ରାସ୍ତାରେ ଏଭଳି ଅଘଟଣ ଘଟିଛି। ସୂଚନା ଅନୁଯାୟୀ, ଏହି କାର୍ ଚାନ୍ଦିପୁର ଅଭିମୁଖେ ଯାଉଥିବା ସମୟରେ ପଟାପୋଲ ନିକଟରେ ହଠାତ୍ ଏହାର ଇଞ୍ଜିନରେ କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଗାଡ଼ିଟି ଆପେ ଆପେ ବନ୍ଦ ହୋଇଯାଇଥିଲା। ସେଥିରୁ ନିଆଁ ବାହାରିବାକୁ ଲାଗିଥିଲା। ତେବେ ସବୁଠାରୁ ଆଶ୍ୱାସନାର ବିଷୟ ହେଉଛି, ଗାଡ଼ିର ସମସ୍ତ ଲକ୍ ଠିକ୍ ସମୟରେ ଖୋଲିଯିବାରୁ ସେଥିରେ ଥିବା ସମସ୍ତ ଲୋକ ସୁରକ୍ଷିତ ଭାବେ ବାହାରକୁ ବାହାରି ଆସିଥିଲେ। ଗାଡ଼ିଟି ସମ୍ପୂର୍ଣ୍ଣ ଭାବେ ଜଳିଯାଇଥିବା ବେଳେ ଏଥିରେ କାହାରି କିଛି କ୍ଷତି ହୋଇନାହିଁ। ସ୍ଥାନୀୟ ଲୋକଙ୍କ ସହାୟତାରେ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଥିବାରୁ କିଛି ସମୟ ପାଇଁ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି।

# ଓମଫେଡ୍ ଟ୍ରକ-କାର୍ ଧକ୍କା, ୫ ଗୁରୁତର

**ରାଜଘାଟ,୧୫।୬(ସମିସ):** ପୁରୀ ଜଗନ୍ନାଥ ଦର୍ଶନ ସାରି ଘରକୁ ଫେରୁଥିବାବେଳେ ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଜାମଶୂଳୀ ଛକରେ ଘଟିଛି ମର୍ମନ୍ତୁଦ ଦୁର୍ଘଟଣା। ବାଲିଆପାଳ ଥାନା ଅନ୍ତର୍ଗତ ମାଣିକ ସିମୁଳିଆ ଗ୍ରାମର ଦେବାଶିଷ ଦତ୍ତ ଏକ କାର୍‌ରେ ପରିବାର ସହିତ ପୁରୀ ଯାଇ ଜଗନ୍ନାଥ ଦର୍ଶନ ସାରି ଘରକୁ ଫେରୁଥିବା ବେଳେ ଜାମଶୂଳୀ ଛକରେ



ବାଲିଆପାଳ ପଟୁ ଗାନ୍ଧିଛକ ଅଭିମୁଖେ ଯାଉଥିବା ଏକ ଓମଫେଡ କ୍ଷୀର ବୋଝେଇ ଟ୍ରକ ସହ ମୁହାଁ ମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ କାର୍‌ରେ ଥିବା ୫ ଜଣ ଯାତ୍ରୀ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ଗୁରୁତର ମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ସାହାଯ୍ୟରେ ହସ୍‌ପିଟାଲ ପଠାଇଥିଲେ। ଖବର ପାଇ ସିଂଲା ଥାନା ପୁଲିସ ଦୁଇଟି ଗାଡ଼ି ଜବତ କରି ଅଧିକ ତଦନ୍ତ ଜାରି ରଖିଛି।

# ରଜ ପରବ, ଆଉ ଦେଖିବାକୁ ମିଳୁନି ବାଉଁଶ ଦୋଳି

**ମୋରଡ଼ା,୧୫।୬(ସମିସ):** ମୋରଡ଼ା ବ୍ଲକ ଅଞ୍ଚଳରେ ରଜ ପର୍ବକୁ ଲୋକେ ଧୂମଧାମରେ ପାଳନ କରୁଛନ୍ତି। ବର୍ଷରେ ଥରେ ଲୋକେ ତାସ୍ ଖେଳ ସାଙ୍ଗକୁ ରଜ ଦୋଳିର ମଜା ନେଇଥା'ନ୍ତି। ସେଥିପାଇଁ ସହରରେ ଥିବା ଲୋକ ନିଜ ମନକୁ ହାଲ୍‌କା କରିବା ପାଇଁ ରଜ ଛୁଟିରେ ଗାଁ ପରିବେଶରେ କିଛିଦିନ କଟାଇବାକୁ ଆସନ୍ତି। ପୂର୍ବରୁ ବଡ଼ ବଡ଼ ଗଛ ଡାଳରେ ଦୋଳି ଖେଳ ସାଙ୍ଗକୁ ରଜଗୀତର ମହକ ପରିବେଶକୁ ଆନନ୍ଦମୟ କରୁଥିଲା। ଏବେ କିନ୍ତୁ ସମୟ ବଦଳିଛି। ଗାଁରେ ପୂର୍ବଭଳି ଝଙ୍କାଳିଆ ଗଛ ଦେଖିବାକୁ ମିଳୁନି କି ବଡ଼ ବାଉଁଶ ଦୋଳି ଲଗାଇବା ସମ୍ଭବ ହେଉନି। ଫଳରେ ବଜାରରେ ଏବେ ରଶି ଦୋଳିର ଚାହିଦା ବଢ଼ିବାରେ ଲାଗିଛି। କିଛି ଅଣଓଡ଼ିଆ ବେପାରୀ ପ୍ଲାଷ୍ଟିକ ରଶି ଦୋଳି ବିକ୍ରି କରିବାକୁ ଗାଁ ଗାଁରେ ବୁଲୁଥିବା ଦେଖିବାକୁ ମିଳିଛି। ଲୋକମାନେ ମଧ ପିଲାଙ୍କ ପାଇଁ ଏହି ଦୋଳି କିଣି ଘରେ ବାନ୍ଧି ଝୁଲାଉଥିବା ଦେଖିବାକୁ ମିଳିଛି। ତେବେ ପହିଲି ରଜ ରବିବାର ଥିବାବେଳେ ଆମିଷ ଦୋକାନରେ ଭିଡ଼ ଦେଖିବାକୁ ମିଳିଥିଲା। ହଳଦୀପାଳ ପଞ୍ଚାୟତର ପାରିଆଉଡାଠାରେ ଥିବା ଖାସି କଟା ଦୋକାନରେ ନାହିଁ ନ ଥିବା ଭିଡ଼ ହୋଇଥିଲା। ଉକ୍ତ ସ୍ଥାନରେ ଥିବା ଦୁଇଟି ଦୋକାନରେ ୭୦ରୁ ଊର୍ଦ୍ଧ୍ୱ ଖାସି କଟା ଯାଇଥିବାବେଳେ ଚଳିତବର୍ଷ ଅଧିକ ବେପାର ହୋଇଥିବା ଦୋକାନୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଚିତ୍ରଡା ପେଟ୍ରୋଲ ପମ୍ପ ନିକଟରେ ଥିବା ଶ୍ରବଣ ମହାନ୍ତଙ୍କ ପାନ ଦୋକାନରେ ଗ୍ରାହକଙ୍କ ଲମ୍ବା ଲାଇନ ଲାଗିଥିଲା। ଶ୍ରବଣ ବିଭିନ୍ନ ଡିଜାଇନର ପାନ ବିକ୍ରି କରି ଗ୍ରାହକଙ୍କୁ ଆକୃଷ୍ଟ କରିଛନ୍ତି। ଗୋଟାଏ ରାଜପାନର ମୂଲ୍ୟ ୧୦ ଟଙ୍କା ରହିଥିବାବେଳେ ପାଖାପାଖି ୧୨୦୦ ରାଜପାନ ସେ ବିକ୍ରି କରିଥିବା କହିଛନ୍ତି।

# ବଡ଼ଜାମବଣି ପଡ଼ିଆରେ ଚାଲିଛି ରଜଦୋଳି ଗୀତ ପ୍ରତିଯୋଗିତା



**ମୋରଡ଼ା,୧୫।୬(ସମିସ):** ମୋରଡ଼ା ବ୍ଲକ ଅନ୍ତର୍ଗତ ଦାନ୍ତିଆମୁହାଁ ପଞ୍ଚାୟତ ବଡ଼ଜାମବଣିର ଖଡ଼ିଆ ସାହି ପଡିଆରେ ରଜ ଉତ୍ସବ ଆୟୋଜିତ ହୋଇଛି। କେନ୍ଦୁଛାଟିଆ, ବଡ଼ଜୁଡ଼, ଦାମଦରପୁରର ଜଳବଣିରୁ ଅବିବାହିତ ଯୁବକ ଆସି ଦୋଳି ଖେଳର ମଜା ନେବା ସାଙ୍ଗକୁ ବଡ଼ଜାମବଣି ଝିଅଙ୍କ ସହିତ ଗୀତ ପ୍ରତିଯୋଗିତା କରୁଥିବା ଦେଖିବାକୁ ମିଳିଛି। ପରମ୍ପରା ମୁତାବକ ଖଡ଼ିଆ ସମ୍ପ୍ରଦାୟ ଅବିବାହିତ ଯୁବକ/ଯୁବତୀ ରଜଦୋଳି ବାଦୀଗୀତ ପ୍ରତିଯୋଗିତା ଚାଲିଛି। ଏହି ପ୍ରତିଯୋଗିତାରେ ଯୁବକ ଓ ଯୁବତୀ ଉଭୟ ଉଭୟଙ୍କୁ ହରାଇବାକୁ ଚେଷ୍ଟା କରନ୍ତି ଓ ଜିତିଥିବା ପ୍ରତିଯୋଗୀଙ୍କ ପସନ୍ଦ ହୋଇଥିବା ଯୋଡ଼ି ରଥଯାତ୍ରା ସମୟରେ ବିବାହ କରିଥା'ନ୍ତି। ରଜଦୋଳି ପୂଜକ କାଶୀନାଥ ଦେହୁରୀଙ୍କ କହିବା ମୁତାବକ ବଡ଼ଜାମବଣି ଗ୍ରାମର ସାଗର ଦେହୁରୀ ରଜରେ ଗୀତ ପ୍ରତିଯୋଗିତା ଜିତି ନିଜର ଜୀବନ ସାଥି ଭାବେ ଦଶ ବର୍ଷ ପୂର୍ବରୁ ଶୁଳିଆପଦାର ବେତନା ଗାଁରୁ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତରେ ସେଠାରୁ କବିତା ଦେହୁରୀଙ୍କୁ ବିବାହ କରି ଘରକୁ ଆଣିଥିଲେ। ଦଶବର୍ଷ ହେବ ସାଗର ଓ କବିତା ଦୁହେଁ ବହୁତ ଖୁସିରେ ଜୀବନଯାପନ କରୁଥିବା ସାଗର କହିଛନ୍ତି। ଉକ୍ତ ଖଡ଼ିଆ ଦମ୍ପତିଙ୍କର ଦୁଇଟି ଝିଅ ଥିବାବେଳେ ଗୋଟିଏ ପୁଅ ଅଛି। ସାଗର ସୁନ୍ଦର ଗୀତ ଗାଇ ଝିଅ ଗୋଷ୍ଠୀଙ୍କୁ ହରାଇ କବିତାଙ୍କୁ ବାଛି ବିବାହ କରିଥିଲେ। ତାହା ସେ ସମୟରେ ଅଞ୍ଚଳରେ ବେଶ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା ବୋଲି କାଶୀନାଥ କହିଛନ୍ତି। ତେବେ ଖଡ଼ିଆ ସମ୍ପ୍ରଦାୟର ଲୋକଙ୍କ ଏହି ବିବାହ ବହୁ ପୁରାତନ କାଳରୁ ରହିଆସିଛି। ଦୋଳି ଗୀତରେ ପରାଜିତ ଯୁବକ/ଯୁବତୀଙ୍କ ପସନ୍ଦ ହେଲେ ବିବାହ ବନ୍ଧନରେ ବାନ୍ଧି ହୋଇଥା'ନ୍ତି।

# ମେଧାବୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧନା

**ରାଇରଙ୍ଗପୁର,୧୫।୬(ସମିସ):** ରଜପର୍ବ ଅବସରରେ ମେଧାବୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତିରିଂ ବ୍ଲକର ବଡ଼ନାରିଣୀ ପଞ୍ଚାୟତ ଅନ୍ତର୍ଗତ ଆଦିବାସୀ ବହୁଳ ଗ୍ରାମ ଦେଓଗାମରେ ଚଳିତ ବର୍ଷ ମ୍ୟାଟ୍ରିକ ପାସ କରିଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଦେଓଗାମ୍ ଜୁଲୁଙ୍ଗ ସେପେଡ଼ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବାଦାମପାହାଡ଼ ନିକଟସ୍ଥ ହାଟବାଦଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, ହୋ, ସାନ୍ତାଳୀ ଆଲବମ୍ ଅଭିନେତା ରବୀନ୍ଦ୍ର ନାଥ ତିୟୁ, ଇଞ୍ଜିନିୟର କ୍ରିଷ୍ଣା ବୈପାଇ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ତିରିଂ ବ୍ଲକ ଚେୟାରମ୍ୟାନ ପରମେଶ୍ୱର ସାମାଡ଼, ସମ୍ମାନିତ ଅତିଥି ରୂପେ ସହକାରୀ ଶିକ୍ଷକ ହେମନ୍ତ କୁମାର ଗିରି, ସାମାଜିକ କର୍ମୀ ମନୋରଞ୍ଜନ ତିରିଆ, ଜାମଦା ବ୍ଲକ ତାରଣା ପଞ୍ଚାୟତର ସମିତି ସଭ୍ୟ ଦିକୁଲ ବାଗେ, ତୁଡ଼କାମ୍ ବାସିନ୍ଦା ରାମଚନ୍ଦ୍ର ସୟ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।




# ମୌସୁମୀ ବର୍ଷା ଅଦା ଚାଷୀଙ୍କ ମନରେ ଆଣିଦେଇଛି ଖୁସି

**ବାରିପଦା,୧୫।୬(ସମିସ):**

ମୟୂରଭଞ୍ଜ ଜିଲ୍ଲାରେ ପ୍ରବାହିତ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ସୋନ, ଗଙ୍ଗାହାର ଓ ଜଳକା ଆଦି ନଦୀ କୂଳରେ ବସବାସ କରୁଥିବା ଅଧିକାଂଶ ଲୋକ ପନିପରିବା ଚାଷ ଉପରେ ନିର୍ଭରଶୀଳ। ସେଥିମଧ୍ୟରୁ ଅଦା ଚାଷ ଅନ୍ୟତମ। ସକାଳର ଚାହା ତିଆରିରୁ ସମସ୍ତ ଘରେ ଦରକାର ପଡ଼େ ଅଦା। ବାହାଘରଠାରୁ ଆରମ୍ଭ କରି ବ୍ରତଘର, ପୂଜାପାର୍ବଣ ଓ ଭୋଜି ଆଦି କାମରେ ଅଦାକୁ ବ୍ୟବହାର କରାଯାଇଥାଏ। ଅଦାର ଔଷଧୀୟ ଗୁଣ ଥିବାରୁ ପ୍ରତ୍ୟେକ ପରିବାରରେ ଏହାର ଚାହିଦା ରହିଛି। ପାଟିରେ କଞ୍ଚା ଅଦା ଖଣ୍ଡିକ ଜାକି ରଖି ତା'ର ରସ ସେବନ କଲେ କାଶ ଥଣ୍ଡା ଭଳି ରୋଗରୁ ସାମୟିକ ଉପଶମ ମିଳିଥାଏ । ଔଷଧୀୟ ଗୁଣ ସହିତ ମସଲା ଭାବେ ପ୍ରତିଦିନ ଖାଦ୍ୟରେ ବ୍ୟବହାର ହେଉଥିବାରୁ ଅଦାର ଚାହିଦା ବର୍ଷର ବାର ମାସ ରହିଛି। ତେବେ ମୟୂରଭଞ୍ଜ ଜିଲ୍ଲାରେ ଉତ୍ପାଦିତ ଅଦାର ବଜାର ଓ ବଜାର ଦର ମୟୂରଭଞ୍ଜ ଚାଷୀ ଉଚିତ ଭାବରେ ପାଉ ନ ଥିବାରୁ ଏହି ଚାଷ ପ୍ରତି ବିମୁଖ ହେଉଛନ୍ତି। କିଛି ବର୍ଷ ଧରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଅମଳ ପୂର୍ବରୁ ଜମିରେ ଅଦା ଚାଷ ନଷ୍ଟ ହେଉଛି। ମୂଳ ଜମା ଫେରି ନ ପାଇବାରୁ ଅଦା ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ। ଅଦା ଚାଷ ଏକ ଅଳସୁଆଙ୍କ ଚାଷ। ଏଥିପାଇଁ ଖର୍ଚ୍ଚ ଓ ପରିଶ୍ରମ ଯଥେଷ୍ଟ କମ୍। ତତସହିତ ଛାଇ ସ୍ଥାନରେ ଯେଉଁଠାରେ ଅନ୍ୟ ଚାଷ ହୋଇ ନ ଥାଏ, ଚାଷୀ ଉକ୍ତ ସ୍ଥାନ ବା ଜମିର



ଉପଯୋଗ କରି ଦି'ପଇସା ପାଇଥାଏ। ମୌସୁମୀ ବର୍ଷାର ଆଗମନକୁ ନେଇ ବୈଶାଖ ମାସର ଶେଷ ଓ ଜ୍ୟେଷ୍ଠ ମାସର ପ୍ରାରମ୍ଭରେ କ୍ଷେତକୁ ପ୍ରସ୍ତୁତି କରି ପ୍ରାୟତଃ ରଜ ସଂକ୍ରାନ୍ତି ପୂର୍ବରୁ ଅଦା ଲଗାଯାଇଥାଏ। ଅଳ୍ପ ଖର୍ଚ୍ଚ ଓ କମ ପରିଶ୍ରମରେ ଏହି ଚାଷ ଏକ ଲାଭଦାୟକ ଚାଷ ହୋଇଥିଲେ ହେଁ ଉଚିତ ମୂଲ୍ୟ ଓ ବିକ୍ରୟ ବଜାର(ମଣ୍ଡି) ସାଙ୍ଗକୁ ସରକାରୀ ପ୍ରୋତ୍ସାହନ ନ ଥିବାରୁ ଏହି ଚାଷ ପାଇଁ ଚାଷୀ ଆଗ୍ରହ କମୁଛି। ତେବେ ଚଳିତ ବର୍ଷ ସହଳ ମୌସୁମୀ ପାଇଁ ବର୍ଷା ପାଇଁ ଅଦା ଚାଷୀଙ୍କ ମନରେ ଖୁସି ଦେଖାଦେଇଛି। ସଠିକ ସମୟରେ ଅଦା ବିହନ ରୋପଣ କରି ଏଥର ଦି'ପଇସା ପାଇବେ ବୋଲି ଆଶା ବାନ୍ଧିଛନ୍ତି।

ଏଣୁ ପୂର୍ବ ଭଳି ଜିଲ୍ଲାର ଦେଶୀ ଅଦାର ଚାହିଦା ରାଜ୍ୟ ଓ ବାହାର ରାଜ୍ୟକୁ ଚାଲାଣ ହେବା ଆଶା ରହିଛି। ବିଗତ ୫ ବର୍ଷ ଧରି କ୍ଷେତରେ ଅଦା ନଷ୍ଟ ହେଉଥିବାରୁ ଅନେକ ଚାଷୀ ବିହନ ମଧ ରଖିପାରୁନାହାନ୍ତି। ଏଥିରେ ଅତିଷ୍ଠ ହୋଇ ବହୁ ଚାଷୀ ଅଦା ଚାଷରୁ ମୁହଁ ଫେରାଇ ନେବା ଚାଷୀ ଏବେ ଆଗ୍ରହ ଦେଖାଉଛନ୍ତି। ବଡ଼ସାହି ବ୍ଲକ୍ ସିଂହଟିଆ ଗ୍ରାମର ଅଦା ଚାଷୀ ମୁରଲୀ ଘୋଷ କୁହନ୍ତି, ଗତ ୫ ବର୍ଷ ଧରି କ୍ଷତି ସହିବା ପରେ ଚଳିତ ବର୍ଷ ଅଦା ଚାଷ କରିନାହିଁ। କିଛି ବର୍ଷ ହେଲା ଗଛ ହଳଦିଆ ହେବା ସହିତ ପତ୍ର ପୋଡ଼ିଯିବା ଭଳି ହୋଇ ଗଛ ଭଲ ଭାବେ ବଢିପାରିଲାନାହିଁ। ଏଥର ଅନୁକୂଳ ପାଗ ଓ ଉନ୍ନତ ପ୍ରଣାଳୀରେ ଅଦା ଚାଷ ପାଇଁ ସରକାରଙ୍କ ପକ୍ଷରୁ ବିହନ ଯୋଗାଣ ପାଇଁ ଲାଭଦାୟକ ହେବ। ମୁରଲୀଙ୍କ ଭଳି ଅନ୍ୟମାନେ ଉନ୍ନତମାନର ବିଶୋଧିତ ବିହନ, ଉନ୍ନତ ଚାଷ ପ୍ରଣାଳୀରେ ଚାଷ ପାଇଁ ଯତ୍ନବାନ ହେଲେ ଅଦା ପ । ଇଁ ମୟୂରଭଞ୍ଜରେ ସ୍ୱତନ୍ତ୍ର ବଜାର ସୃଷ୍ଟି ହୋଇ ମୟୂରଭଞ୍ଜ ଚାଷୀଙ୍କ ପାଇଁ ଉତ୍ତମ ରୋଜଗାରର ବିକଳ୍ପ ହୋଇପାରିବ ବୋଲି କୁହାଯାଉଛି।

## ଡାକ୍ତରଙ୍କ ମତରେ ଅଦା

ଆୟୁଷ ଡାକ୍ତର ସନତ କୁମାର ଦାଶ କୁହନ୍ତି, ବିଭିନ୍ନ ସ୍ୱାସ୍ଥ୍ୟଜନିତ ସମସ୍ୟାରୁ ଉପଶମ ପାଇବା ପାଇଁ ଅଦାର ଅତି ଦରକାରୀ ଔଷଧ ଭାବେ କାର୍ଯ୍ୟରେ ଲାଗିଥାଏ। ଅଦାକୁ ଛୋଟ ଛୋଟ ଆକାରରେ କାଟି ଏହାର ରସକୁ ମଥାରେ ଦିନକୁ ୩/୪ ଥର ଲଗାଇଲେ ମୁଣ୍ଡବ୍ୟଥା ରୋଗରୁ ଉପଶମ ମିଳିଥାଏ। ଶରୀରର କୌଣସି ଅଙ୍ଗ ଦରଜ ହେଉଥିଲେ ଅଦା ରସ ସହ କର୍ପୁର ମିଶାଇ ଦରଜ ସ୍ଥାନରେ ଲଗାଇଲେ ଆରାମ ମିଳିଥାଏ। ଏକ ଚାମଚ ଅଦା ରସକୁ ଉଷୁମ ପାଣିରେ ମିଶାଇ ଖାଇଲେ ଶ୍ୱାସକ୍ରିୟାଜନିତ ରୋଗରୁ ଉପଶମ ମିଳିଥାଏ। ଦୁଇ ଚାମଚ ଅଦା ରସ ଓ ଦୁଇ ଚାମଚ ମହୁ ମିଶାଇ ପ୍ରତିଦିନ ସକାଳେ ଖାଇଲେ ରକ୍ତ ପରିଷ୍କାର ହୋଇଥାଏ। ସମ ପରିମାଣର ଏକ ଚାମଚ ଅଦା ରସ ଓ ପୋଦିନା ରସ ସହିତ ସାମାନ୍ୟ ବିଟ୍ ଲୁଣ ମିଶାଇ ପିଇଲେ ପେଟ ବ୍ୟଥା ଭଲ ହୋଇଥାଏ ଓ କାଶ ସମସ୍ୟାରୁ ମଧ ମୁକ୍ତି ମିଳିଥାଏ।

# ଦୁଇ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ରାସଗୋବିନ୍ଦପୁର,୧୫।୬(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଦୁଇଟି ପଞ୍ଚାୟତରେ ଦୁଇଜଣ ଅଜଣା ବ୍ୟକ୍ତିଙ୍କ ରହସ୍ୟଜନକ ମୃତ୍ୟୁ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୋମବାର ଅମର୍ଦା ପଞ୍ଚାୟତ ଅନ୍ତର୍ଗତ ତମ୍ବାଖୋରୀ ଅଞ୍ଚଳରେ ଜଣେ ଅଜଣା ବ୍ୟକ୍ତି ରକ୍ତବାନ୍ତି କରିବା ପରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଖବର ପାଇ ରାସଗୋବିନ୍ଦପୁର ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଗତକାଲି ତୋଟାପଡା ପଞ୍ଚାୟତର ତୋଟାପଡା ଅଞ୍ଚଳରେ ମଧ୍ୟ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ଉଭୟ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ। ରାସଗୋବିନ୍ଦପୁର ବ୍ଲକର ଦୁଇଟି ପଞ୍ଚାୟତରେ ଏଭଳି ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ଘଟଣା ଲୋକଙ୍କ ମନରେ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉଭୟ ଘଟଣାର ପ୍ରକୃତ କାରଣ ପୁଲିସ ତଦନ୍ତ ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି।

# ଜଙ୍ଗଲରୁ ମହିଳାଙ୍କ ମୃତଦେହ ଠାବ

ବୈଶିଙ୍ଗା, ୧୫।୬(ସମିସ): ବୈଶିଙ୍ଗା ଥାନା ଅଧୀନ ରାଇକମା ଗ୍ରାମ ପାଶ୍ୱର୍ ଜଙ୍ଗଲରୁ ମହିଳାଙ୍କ ଗଳିତ ମୃତଦେହ ଠାବ ହୋଇଛି। ସୋମବାର ପୂର୍ବାହ୍ନରେ ସ୍ଥାନୀୟ ଗଜସାଥୀ ଜଙ୍ଗଲକୁ ଯାଇଥିବାବେଳେ ମୃତଦେହ ଦେଖି ଗ୍ରାମବାସୀ ଓ ପୁଲିସକୁ ଖବର ଦେଇଥିଲେ। ତେବେ ମହିଳାଙ୍କ ମୃତଦେହ ପଚିସଢ଼ି ଯାଇଥିବାରୁ ତାଙ୍କର ପ୍ରକୃତ ପରିଚୟ ପ୍ରଥମେ ମିଳିପାରି ନ ଥିଲା। ଘଟଣା ପ୍ରଚାର ହେବ ପରେ ମୃତ ମହିଳାଙ୍କ ପିଲାମାନେ ମାଆକୁ ଚିହ୍ନିଲେ। ମୃତକ ସ୍ୱର୍ଗତ ଦୁଲା ହାଁସଦାଙ୍କ ସ୍ତ୍ରୀ ମଙ୍ଗୁଳି ହାଁସଦା। ସ୍ୱାମୀଙ୍କ ମୃତ୍ୟୁ ପରେ ସେ ଅନ୍ୟ ଜଣେ ପୁରୁଷ ମକରା ସୋରେନ ସହିତ ରହୁଥିଲେ। ଘଟଣାସ୍ଥଳରେ ବୈଶିଙ୍ଗା ଥାନା ଅଧିକାରୀ ସଦଳବଳ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ପ୍ରାଥମିକ ତଦନ୍ତରୁ ମହିଳାଙ୍କୁ କେହି ଦୁର୍ବୃତ୍ତ ୩-୪ ଦିନ ପୂର୍ବରୁ ହତ୍ୟା କରି ଜଙ୍ଗଲ ଭିତରେ ଫିଙ୍ଗିଦେଇଥିବା ଅନୁମାନ କରାଯାଉଛି। ଅନ୍ୟପଟେ ବାରିପଦାରୁ ସାଇଣ୍ଟିଫିକ ଟିମ ଆସିଲା ପରେ ହିଁ ଶବକୁ ଉଦ୍ଧାର ପରେ ବ୍ୟବଚ୍ଛେଦ ପାଇଁ ପଠାଯିବ ଓ ତଦନ୍ତକୁ ଜୋରଦାର କରାଯିବା ନେଇ ପୁଲିସ ସୂଚନା ଦେଇଛି।

## ରାଇରଙ୍ଗପୁରରେ ନାବାଳିକା ଗଣଦୁଷ୍କର୍ମ ଘଟଣା

# ନାବାଳିକାଙ୍କୁ ଭେଟିଲା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

ରାଇରଙ୍ଗପୁର,୧୫।୬(ସମିସ):



ରାଇରଙ୍ଗପୁରରେ ନାବାଳିକା ଗଣଦୁଷ୍କର୍ମ ଭଳି ଏକ ଲଜ୍ଜାଜନକ ଘଟଣା ଘଟିଛି। ଯାହାକୁ ନେଇ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ ନାବାଳିକାକୁ ଭେଟିଛନ୍ତି। ବିଜେଡି ମୟୂରଭଞ୍ଜ-୨ କାର୍ଯ୍ୟକାରୀ ସଭାପତି ରାଇସେନ୍ ମୁର୍ମୁଙ୍କ ନେତୃତ୍ୱରେ ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ଜିଲ୍ଲା ସଭାପତି ଦେବାଶିଷ ମାର୍ଣ୍ଡି, ଦୀପ୍ତିମାନ ବଳ, କାଶୀନାଥ ହେମ୍ବ୍ରମ, ତନୁଜା ମହାନ୍ତ, ନଗରପାଳ ଅଭିଷେକ ପଟ୍ଟନାୟକ, ଚକ୍ରଧର ହେମ୍ବ୍ରମ୍, ପୂର୍ଣ୍ଣିମା ମହାନ୍ତ, ଦୀପକ କୁମାର ମହୁଆଳ, ତିରିଂ ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସମାଡ, ବିକାଶ ମହାନ୍ତଙ୍କ ସମେତ ଅନ୍ୟ ମାନେ ସାମିଲ ଥିଲେ। ନାବାଳିକାକୁ ଗଣଦୁଷ୍କର୍ମ କରି ଘର ସମ୍ମୁଖରେ ଦୁର୍ବୃତ୍ତ ମାନେ ଚେତାଶୂନ୍ୟ ଅବସ୍ଥାରେ ଛାଡ଼ି ଦେଇଥିଲେ। ଯାହାକି ଓଡ଼ିଶାରେ ନାରୀ ସୁରକ୍ଷା ଓ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାର ସ୍ପଷ୍ଟ ଉଦାହରଣ ଅଟେ। ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଗଭୀର ଚିନ୍ତା ପ୍ରକଟ କରାଯାଇଛି।

- ପୁଲିସର ଅବହେଳାକୁ ନେଇ ଗର୍ଜିଲା ବିଜେଡି
- ନାବାଳିକା ସହମତିରେ ଘଟଣା ନେଇ ପୁଲିସର ପ୍ରତିକ୍ରିୟାକୁ ନିନ୍ଦା
- ଆଜି ନାବାଳିକାଙ୍କୁ ଭେଟିବ ରାଜ୍ୟ ବିଜେଡି ମହିଳା ଟିମ୍

ବିଶେଷ କରି ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଭଳି ଏକ ଶାନ୍ତିପ୍ରିୟ ତଥା ରାଷ୍ଟ୍ରପତିଙ୍କ ଅଞ୍ଚଳରେ ଜଣେ ୧୨ ବର୍ଷର ନାବାଳିକା ପ୍ରତି ହୋଇଥିବା ଅତ୍ୟାଚାର ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ସମ୍ବେଦନଶୀଳ ମାମଲାରେ ପୋଲିସର ଶିଥିଳତା ଓ ଅବହେଳାକୁ ନିନ୍ଦା କରିଛନ୍ତି। ପୀଡ଼ିତା ନାବାଳିକା ଓ ପରିବାର ଲୋକଙ୍କୁ ଭେଟି ଆଲୋଚନା କରିଥିଲେ। ହସ୍ପିଟାଲ୍ ଚିକିତ୍ସା କରୁଥିବା ଡାକ୍ତର ପକ୍ଷରୁ ଏହା ଏକ ଗୁରୁତ୍ୱର ଘଟଣା (ଏମଏଲସି) ବୋଲି ରାତିରେ ପୋଲିସକୁ ଜଣାଇଥିଲେ ସୁଦ୍ଧା ପଦକ୍ଷେପ ଶୂନ୍ୟ ରହିଥିଲା। ରାତି ପରିବର୍ତ୍ତେ ସୋମବାର ସକାଳ ୧୧:୫୦ରେ ମାମଲା ରୁଜୁ କରାଯାଇଛି। ଏହାସହିତ ନାବାଳିକାର ସହମତିରେ ଘଟଣା ନେଇ ପୋଲିସ ପକ୍ଷରୁ ଅତିରିକ୍ତ ଏସପିଙ୍କ ପ୍ରତିକ୍ରିୟାକୁ ବିଜେଡ଼ି ନିନ୍ଦା କରିଛନ୍ତି। ନାବାଳିକା ଜଣକ ସହମତି ପ୍ରଦାନ କରିବା କେତେ ପକ୍ଷେ ଯୁକ୍ତିଯୁକ୍ତି ଏବଂ ଏହାକୁ ଆଇନସଙ୍ଗତ ବୋଲି ପୋଲିସ ପକ୍ଷରୁ ମତପ୍ରକାଶ କରିବା ହାସ୍ୟସ୍ପଦ ଅଟେ। ପୋଲିସ ପକ୍ଷରୁ ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ଘଟଣା ଚପାଇବାକୁ ପ୍ରୟାସ କରାଯାଉଛି ବୋଲି ବିଜେଡ଼ି ପକ୍ଷରୁ କୁହାଯାଇଛି। ଯାହାକି ପୋଲିସର ପରିବା ପଣିଆକୁ ସମ୍ମୁଖକୁ ଆଣିଛି। ବିଜେପି ମହିଳା ସୁରକ୍ଷା ନେଇ ଡିଣ୍ଡିମ ପିଟୁଥିବା ବେଳେ ଏତେ ବେଳକୁ ଚୁପ ବସିଛନ୍ତି। ବିଜେଡ଼ି ଓ ଅନ୍ୟ ମାନେ ନାବାଳିକାକୁ ଭେଟିବା ପରେ ଲୋକ ଦେଖାଣିଆ ବିଜେପି ସାଂସଦ ଓ ବିଧାୟକ ଯାଇଛନ୍ତି। ଏହାକୁ ବିଜେଡ଼ି ପକ୍ଷରୁ ନିନ୍ଦା କରାଯାଇଛି। ବିଜେଡି ପ୍ରତିନିଧି ଦଳ ରାଇରଙ୍ଗପୁର ଟାଉନ୍ ଥାନା ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ବିଜେଡି ନେତୃବୃନ୍ଦଙ୍କ କହିବା ଅନୁଯାୟୀ, ଗତକାଲି ଦିନ ପ୍ରାୟ ୧ଟା ରୁ ୨ଟା ମଧ୍ୟରେ ନାବାଳିକା ଜଣକ ଦୁଷ୍କର୍ମର ଶିକାର ହୋଇଥିଲେ। ପରିବାର ଲୋକେ ଏହାକୁ ନେଇ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରିବା ସହ ମେଡିକାଲ୍ ଲିଗାଲ୍ କେସ୍ ପ୍ରକ୍ରିୟା ଆରମ୍ଭ କରିଥିଲେ। ମାତ୍ର ଦୁଃଖର ବିଷୟ, ଘଟଣାର ଦୀର୍ଘ ସମୟ ପରେ ପୋଲିସ ମାମଲା ରୁଜୁ କରିଛି। ଏହି ବିଳମ୍ବ ପୋଲିସ ପ୍ରଶାସନର କାର୍ଯ୍ୟଦକ୍ଷତା ଓ ଆନ୍ତରିକତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉକ୍ତ ଘଟଣା ନେଇ ପୋଲିସ ପକ୍ଷରୁ ସନ୍ତୋଷ ଜନକ ଉତ୍ତର ପ୍ରଦାନ କରାଯାଇ ପାରିନଥିଲେ। ତଥ୍ୟ ଅନୁସନ୍ଧାନକାରୀ ଦଳ କହିଛନ୍ତି ଯେ, ପୋଲିସ ଓ ଗୋଇନ୍ଦା ବିଭାଗ ଦିନ ଦୁଇ ପ୍ରହରରେ ଘଟୁଥିବା ଏଭଳି ସଂଘୀନ ଅପରାଧ ସମ୍ପର୍କରେ ସ୍ପଷ୍ଟ ସୂଚନା ପାଇବାରେ ବିଫଳ ହେଉଛନ୍ତି। ଏପରିକି ବର୍ତ୍ତମାନ ସୁଦ୍ଧା କେଉଁ କେଉଁ ଦଫା ଲଗାଯାଇଛି ଏବଂ ଅଟକ ଥିବା ବ୍ୟକ୍ତି ମାନେ ପ୍ରକୃତ ଅପରାଧୀ କି ନୁହଁନ୍ତି, ସେ ନେଇ ଜନସାଧାରଣଙ୍କ ମଧ୍ୟରେ ସନ୍ଦେହ ରହିଛି। "ଯେଉଁ ରାଜ୍ୟରେ ମା' କୁ ସମ୍ମାନ ଓ ସୁରକ୍ଷା ଦେବା କଥା କୁହାଯାଉଛି, ସେଠାରେ ଜଣେ ନାବାଳିକା ନ୍ୟାୟ ପାଇଁ ସଂଘର୍ଷ କରିବା ଅତ୍ୟନ୍ତ ପରିତାପର ବିଷୟ ଅଟେ। ଘଟଣାର ସଠିକ୍ ଓ ସ୍ୱଚ୍ଛ ତଦନ୍ତ କରାଯାଇ ଦୋଷୀ ମାନଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସରକାରଙ୍କ ତରଫରୁ ପୀଡ଼ିତାଙ୍କୁ ବିନା ବିଳମ୍ବରେ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଉ। ରାଜ୍ୟରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ପ୍ରଶାସନ ଯଦି ଏହି ମାମଲାରେ ନ୍ୟାୟ ଦେବାରେ ବିଫଳ ହୁଏ, ତେବେ ଆଗାମୀ ଦିନରେ ବିଜୁ ଜନତା ଦଳ ବ୍ୟାପକ ଆନ୍ଦୋଳନକ କରି ଜିଲ୍ଲା ବନ୍ଦ ଡାକରା ଦେବ ବୋଲି ଚେତାବନୀ ଦିଆଯାଇଛି। ତେବେ ନାବାଳିକାକୁ ଭେଟିବା ପାଇଁ ରାଜ୍ୟ ବିଜେଡ଼ି ମହିଳା ଟିମ୍ ମଙ୍ଗଳବାର ରାଇରଙ୍ଗପୁର ଗସ୍ତରେ ଆସୁଥିବାର ସୂଚନା ମିଳିଛି। ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପୂର୍ବତନ ଡେପୁଟି ମେୟର ଭାରତୀ ସିଂ, ପୂର୍ବତନ ସାଂସଦ ଡ଼ା ରାଜଶ୍ରୀ ମଲ୍ଲିକ, ମହିଳା କମିଶନର ପୂର୍ବତନ ଅଧ୍ୟକ୍ଷା ମିନତୀ ବେହେରା, ପ୍ରିତିନନ୍ଦା ରାଉତରାୟ ସମେତ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ସଭାପତି ସୁଦାମ ମାର୍ଣ୍ଡି, ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ଜିଲ୍ଲା ସଭାପତି ଡ଼ା ଦେବାଶିଷ୍ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ରହିବେ। ନାବାଳିକା ଓ ତାଙ୍କ ପରିବାରକୁ ଭେଟି ତଥ୍ୟ ସଂଗ୍ରହ କରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଜଣାଇବେ ବୋଲି ସୁଚନା ମିଳିଛି।"

# ବରିଷ୍ଠ ନିର୍ଯାତନା ସଚେତନତା ଶିବିର



ବଡବିଲ,୧୫।୬(ସମିସ): ବିଶ୍ୱ ବରିଷ୍ଠ ନିର୍ଯାତନା ସଚେତନତା ଦିବସ ଉପଲକ୍ଷେ ବଡବିଲ ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ଏକ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିର ମାଧ୍ୟମରେ ବରିଷ୍ଠ ନାଗରିକଙ୍କ ଅଧିକାର, ସଶକ୍ତିକରଣ ଏବଂ ମର୍ଯ୍ୟାଦା ଉପରେ ଆଲୋଚନା କରା ଯାଇଥିଲା। ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମଧୁସ୍ମିତା ନାୟକ ଏହି ଶିବିରରେ ଅଧ୍ୟକ୍ଷତା କରି ବରିଷ୍ଠ ନାଗରିକ ମାନେ ବିଜ୍ଞ, ଅଭିଜ୍ଞ, ଏବଂ ତାଙ୍କର ଅଭିଜ୍ଞତା କୌଣସି ଦେଶ ର ଅଗ୍ରଗତି ପାଇଁ ଅପରିହାର୍ଯ୍ୟ ଅଟେ ବୋଲି କହିଥିଲେ। କୌଣସି ଦେଶ ବା ଜାତିର ଉନ୍ନତି ପାଇଁ ବରିଷ୍ଠ ମାନଙ୍କ ଭୂମିକାର ଗୁରୁତ୍ୱ କୁ ଉପଲବ୍ôଧ କରି ସଂଯୁକ୍ତ ରାଷ୍ଟ୍ର ମହାସଭା ପ୍ରତ୍ୟେକ ବର୍ଷ ଜୁନ୍ ୧୫ ତାରିଖକୁ ବିଶ୍ୱ ବରିଷ୍ଠ ନିର୍ଯ୍ୟାତନା ସଚେତନତା ଦିବସ ପାଳନ ନିମନ୍ତେ ସ୍ୱୀକୃତି ପ୍ରଦାନ କରିଛନ୍ତି ବୋଲି ସେ ମଧ୍ୟ ସୂଚନା ଦେଇଥିଲେ। ବରିଷ୍ଠ ନିର୍ଯାତନାର ପ୍ରକାରଭେଦ ଏବଂ "ଜାଗୃତି' ଯୋଜନା ବିଷୟରେ ସେ ସମସ୍ତଙ୍କୁ ଅବଗତ କରାଇଥିଲେ। ଆଇନଜୀବୀ ଦେବପ୍ରିୟ ରଣା, ବିଭୂତି ଷଡ଼ଙ୍ଗୀ ଏହି ଶିବିର ରେ ଯୋଗଦାନ କରି ବରିଷ୍ଠ ନିର୍ଯ୍ୟାତନା ରୋକିବା ପାଇଁ ଯୁବ ପିଢ଼ି ମାନଙ୍କ ମଧ୍ୟରେ ସଚେତନତା ଅତ୍ୟନ୍ତ ଜରୁରୀ ବୋଲି ମତ ଦେଇଥିଲେ। ତାଲୁକ ଆଇନ ସେବା ସମିତି ପକ୍ଷରୁ ଜ୍ୟୋତି ରଞ୍ଜନ ସାହୁ ଏହାର କାର୍ଯ୍ୟକାରିତା ବାବଦରେ ସୂଚନା ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ବଡ଼ବିଲ ବାର୍ର ସଭାପତି ବଳରାମ ମହାନ୍ତି, ଅଦାଲତର ଆଇନଜୀବୀ ଓ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକ ଯୋଗଦାନ କରିଥିଲେ।








## ଆଜିର ରାଶିଫଳ

**ମେଷ:** ଅଟକି ଥିବା କାର୍ଯ୍ୟ ପୂରଣ କରିବେ। ସମୟ ବହୁତ ଭଲ। ନୂତନ ବନ୍ଧୁଙ୍କ ସହ ସାକ୍ଷାତ ହେବ। ପତି-ପତ୍ନୀଙ୍କ ମଧ୍ୟରେ ସୁସମ୍ପର୍କ ରହିବ। ଧନ ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।

**ବୃଷ:** ନୂତନ ବ୍ୟବସାୟରେ ନିବେଶ କରନ୍ତୁ, ସମୟ ଅନୁକୂଳ ରହିଛି। କାର୍ଯ୍ୟକ୍ଷେତ୍ରରେ ଉଚ୍ଚପଦସ୍ଥଙ୍କଠାରୁ ପ୍ରଶଂସିତ ହେବେ। ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିବେ।

**ମିଥୁନ:** ଆର୍ଥିକ ମାମଲାରେ ସାବଧାନ ରହିବେ। କଥାବାର୍ତ୍ତାରେ ସଂଯମତା ରକ୍ଷା କରନ୍ତୁ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ।

**କର୍କଟ:** ମନ ଭିତରେ ଯାହା କିଛି ଭାବୁଛନ୍ତି ତାହାକୁ ପ୍ରକାଶ କରନ୍ତୁ। ସାହିତ୍ୟ ସମାବେଶରେ ପ୍ରଶଂସିତ ହେବେ। ସମୟର ସଦୁପଯୋଗ କରନ୍ତୁ। ମାତାପିତାଙ୍କ କଥାକୁ ପାଳନ କରନ୍ତୁ।

**ସିଂହ:** ଆୟ ଅନୁସାରେ ବ୍ୟୟ ହେବ। ଅକସ୍ମାତ୍ ଧନ ଲାଭ ଯୋଗ ରହିଛି। ବିଦ୍ୟାର୍ଥୀମାନେ ପଢ଼ାମନସ୍କ ହେବେ। ଜୀବନସାଥୀଙ୍କ ଠାରୁ ମୂଲ୍ୟବାନ ଉପହାର ପାଇପାରନ୍ତି।

**କନ୍ୟା:** କାର୍ଯ୍ୟକ୍ଷେତ୍ରରେ ନିଜ ଟାର୍ଗେଟ୍‌କୁ ପୂରା କରନ୍ତୁ। ନୂତନ ଯାନବାହନ କ୍ରୟ କରିପାରନ୍ତି। ଅଯଥାରେ କାହା ସହିତ ଯୁକ୍ତିତର୍କ କରନ୍ତୁନି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।।

**ତୁଳା:** ଦିନଟି ବହୁତ ଭଲରେ କଟିବ। ବ୍ୟକ୍ତିଗତ ମାମଲା ବିଷୟରେ ପରିବାର ଲୋକଙ୍କ ସହ ଆଲୋଚନା କରନ୍ତୁ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଭଲ ସମୟ।

**ବିଛା:** ଅଟକି ଥିବା ଦିଗରୁ ଧନ ମିଳିପାରେ। ଆୟ ଅନୁସାରେ ବ୍ୟୟ ଅଧିକ ହେବ। ପିଲାମାନେ ଖେଳକୁଦରେ ସମୟ ବିତାଇବେ। ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ।

**ଧନୁ:** ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କଠିନ ପରିଶ୍ରମ କରିବେ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ପାଇପାରନ୍ତି। ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ।

**ମକର:** ବିଦ୍ୟାର୍ଥୀଙ୍କ ପ୍ରତିଭା ପ୍ରସ୍ଫୁଟିତ ହେବ। ସରକାରୀ ଚାକିରିଆଙ୍କ ପାଇଁ ଆଜିର ଦିନଟି ବହୁତ ଭଲ। ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ଦିନଟି ବେଶ୍ ହସଖୁସିରେ ବିତିବ।

**କୁମ୍ଭ:** ଅଚାନକ ମନରେ ପରିବର୍ତ୍ତନ ଆସିବ। ଆର୍ଥିକ ସମସ୍ୟା ରହିବନି। ଅନ୍ୟକୁ ଉଧାର ଦେଇ ଠକିପାରନ୍ତି। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ଜମି କିଣାବିକା ଯୋଗ ରହିଛି। ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି। ପାରିବାରିକ ସମସ୍ୟା ସମାଧାନ ହେବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

## ଆଜିର ଇତିହାସ

- ୧୭୭୯ - ସ୍ପେନ୍ ଗ୍ରେଟ୍ ବ୍ରିଟେନ୍ ବିରୋଧରେ ଯୁଦ୍ଧ ଆରମ୍ଭ କଲା।
- ୧୯୧୧ - ନ୍ୟୁୟର୍କରେ ଆଇବିଏମ୍ କମ୍ପାନିର ସ୍ଥାପନା ହେଲା।
- ୧୯୨୫- ରାଷ୍ଟ୍ରବାଦୀ ନେତା ଚିତ୍ତରଞ୍ଜନ ଦାସଙ୍କ ଦେହାନ୍ତ।
- ୨୦୦୭- ଭାରତୀୟ ବଂଶୋଦ୍ଭବ ସୁନିତା ୱିଲିୟମ୍ସ ମହାକାଶରେ ଅଧିକ ଦିନ ରହିଥିବା ମହିଳା ମହାକାଶଚାରୀ ହେବାର ଗୌରବ ଅର୍ଜନ କରିଥିଲେ।

# ଅହାନ୍-ଅନୀତଙ୍କ ମ୍ୟାଚିଂ ଟାଟୁ

ଅହାନ ପାଣ୍ଡେ ଏବଂ ଅନୀତ ପଡ୍ଡାଙ୍କ 'ସୈୟାରା' ଫିଲ୍ମ ବକ୍ସ ଅଫିସ୍‌ରେ ବ୍ଲକ୍‌ବଷ୍ଟର ସାବ୍ୟସ୍ତ ହୋଇଛି। ଏହି ଫିଲ୍ମରୁ ଅହାନ ଓ ଅନୀତ ରାତାରାତି ଷ୍ଟାର୍ ପାଲଟି ଯାଇଥିଲେ। କେବଳ ସେତିକି ନୁହେଁ, ଏହାପରଠାରୁ ଏହି ଯୋଡ଼ିଙ୍କୁ ବିମାନବନ୍ଦର, ସପିଂ ମଲ୍‌ଗୁଡ଼ିକରେ ଏକାଠି ଦେଖାଯିବା ପରେ ସେମାନଙ୍କର ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ହେବାକୁ ଲାଗିଲା। ଏବେ ପୁଣି ଥରେ ଏହି ଯୋଡ଼ି ଚର୍ଚ୍ଚାକୁ ଆସିଛି। ଏଥର ସେମାନେ କୌଣସି ଫିଲ୍ମ ପାଇଁ ନୁହେଁ, ବରଂ ନିଜ ବେକର ପଛ ପଟରେ କରିଥିବା ଧ୍ରୁବ ତାରା ଟାଟୁ ଯୋଗୁଁ ପ୍ରଶଂସକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମାନ୍ୟତା ଅନୁଯାୟୀ, ଧ୍ରୁବ ତାରାକୁ ସଠିକ୍ ରାସ୍ତା ଦେଖାଉଥିବା ଶକ୍ତି ଏବଂ ପ୍ରେରଣାର ପ୍ରତୀକ ବୋଲି ମନାଯାଏ। ଏହା ଜୀବନରେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ, ସ୍ଥିରତା ଏବଂ ବିଶ୍ୱସ୍ତତାକୁ ମଧ୍ୟ ଦର୍ଶାଇଥାଏ। ପ୍ରଶଂସକମାନଙ୍କର ବିଶ୍ୱାସ ଯେ, ଉଭୟଙ୍କର ଏହି ମ୍ୟାଚିଂ ଟାଟୁ ସେମାନଙ୍କର ଏକ ବିଶେଷ ସମ୍ପର୍କକୁ ଦର୍ଶାଉଛି। ଅହାନ ଏବେ ନିର୍ଦ୍ଦେଶକ ଅଲି ଅବ୍ବାସ ଜାଫରଙ୍କ ଏକ ରୋମାଣ୍ଟିକ୍ ଫିଲ୍ମର ସୁଟିଂ ୟୁକେରେ କରୁଛନ୍ତି। ଏହି ଫିଲ୍ମଟି ୨୦୨୭ ର ଆରମ୍ଭରେ ରିଲିଜ୍ ହୋଇପାରେ। ସେହିଭଳି ଅନୀତ ଏବେ 'ମ୍ୟାଡକ୍ ହରର୍ କମେଡି ୟୁନିଭର୍ସ'ର ଫିଲ୍ମ 'ଶକ୍ତିଶାଳିନୀ'ରେ ନଜର ଆସିବେ। ଆଦିତ୍ୟ ସରପୋତଦାରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମରେ ତାଙ୍କ ସହ ନାନା ପାଟେକର, ବିନୀତ କୁମାର ସିଂ ଏବଂ ବିଶାଳ ଜେଠୱା ମଧ୍ୟ ଅଛନ୍ତି। ଏହି ଫିଲ୍ମଟି ପୂର୍ବରୁ ୨୦୨୬ କ୍ରିସ୍‌ମାସରେ ରିଲିଜ୍ ହେବାର ଥିଲା, କିନ୍ତୁ ଏବେ ଏହାର ରିଲିଜ୍ ତାରିଖ ଆଗକୁ ଘୁଞ୍ଚିପାରେ। ଉଭୟ ନିଜ ନିଜ ଫିଲ୍ମର ସୁଟିଂ ଶେଷ କରିବା ପରେ ଅହାନ ଏବଂ ଅନୀତ ପୁଣି ଥରେ ନିର୍ଦ୍ଦେଶକ ମୋହିତ ସୁରୀଙ୍କ ଅନ୍ୟ ଏକ ରୋମାଣ୍ଟିକ ମ୍ୟୁଜିକାଲ ଫିଲ୍ମରେ ଏକାଠି ନଜର ଆସିବେ।



## ନିଆରା ଚାକିରି

# ଭ୍ୟାନ୍‌ରେ ଶୋଇ ରୋଜଗାର

ଆଜିର ବ୍ୟସ୍ତବହୁଳ ଜୀବନରେ ଲୋକେ ଦିନରାତି ପରିଶ୍ରମ କରି ଅର୍ଥ ଉପାର୍ଜନ କରୁଛନ୍ତି। ଆଉ ଏବେ ଏଆଇ ବା କୃତ୍ରିମ ବୁଦ୍ଧିମତା ଯୋଗୁଁ ଚାକିରି ଚାଲିଯିବାର ଭୟ ସାରା ବିଶ୍ୱରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଏହି ପରିପ୍ରେକ୍ଷୀରେ ଯଦି କାହାକୁ କେବଳ ଶୋଇବା ପାଇଁ ଟଙ୍କା ମିଳିବ ଏକଥା ଶୁଣି ନିଶ୍ଚୟ ଆଶ୍ଚର୍ଯ୍ୟ ଲାଗିବ। ସୋସିଆଲ ମିଡିଆରେ ଭାଇରାଲ୍ ହେଉଥିବା ଏକ ଭିଡିଓ ଲୋକଙ୍କ ସାମ୍ନାରେ ଏଭଳି କିଛି ଦାବି କରୁଥିବାର ଦେଖାଯାଉଛି। ଏହି କାରଣରୁ ଉକ୍ତ ଭିଡିଓଟି ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ଇଣ୍ଡୋନେସିଆରୁ ସାମ୍ନାକୁ ଆସିଥିବା ଏହି ଭାଇରାଲ୍ ଭିଡିଓରେ ଜଣେ ବ୍ୟକ୍ତି ଆରାମରେ ଗଭୀର ନିଦରେ ଶୋଇଥିବାର ଦେଖିବାକୁ ମିଳୁଛି। ଆଶ୍ଚର୍ଯ୍ୟର କଥା ହେଉଛି,ସେ କୌଣସି ରୁମ୍, ହୋଟେଲ କିମ୍ବା ଘରେ ନୁହେଁ, ବରଂ ସହରର ରାସ୍ତାରେ ଚାଲୁଥିବା ଏକ ଭ୍ୟାନ୍ ଭିତରେ ଶୋଇଛନ୍ତି। ଭିଡିଓ ଦେଖିବା ପରେ ଲୋକେ ଏହି 'ଡ୍ରିମ୍ ଜବ୍'କୁ ନେଇ ମଜାଦାର ପ୍ରତିକ୍ରିୟା ଦେବାକୁ ଲାଗିଲେ। ଭାଇରାଲ୍ ଭିଡିଓରେ ରାସ୍ତାରେ ଏକ ଧଳା ରଙ୍ଗର ଭ୍ୟାନ୍ ଯାଉଥିବା ଦେଖିବାକୁ ମିଳୁଛି। ଏହା ଏକ ସାଧାରଣ ଗାଡ଼ି ପରି ଲାଗୁଥିଲେ ମଧ୍ୟ କ୍ୟାମେରାରେ ଭ୍ୟାନ୍ ଭିତରର ଦୃଶ୍ୟ ପୂରା ବଦଳି ଯାଉଛି। ଭିତରେ ସିଟ୍ ବଦଳରେ ଏକ ବଡ଼ ବେଡ୍ ପଡ଼ିଛି। ଏଥିରେ ଜଣେ ବ୍ୟକ୍ତି କମ୍ବଳ ଘୋଡ଼ାଇ ହୋଇ ବେଶ୍ ଆରାମରେ ଶୋଇଥିବା ଦେଖିବାକୁ ମିଳୁଛି। ମଜାଦାର କଥା ହେଉଛି, ରାସ୍ତାର ଟ୍ରାଫିକ୍, ହର୍ଣ୍ଣ ଏବଂ ବାହାରର କୋଳାହଳ ତାଙ୍କ ଉପରେ କୌଣସି ପ୍ରଭାବ ପକାଉନାହିଁ। ସେ ଗଭୀର ନିଦରେ ଶୋଇଛନ୍ତି। ଭିଡିଓରେ ଦାବି କରାଯାଇଛି ଯେ, ଏହି ବ୍ୟକ୍ତିଙ୍କୁ କେବଳ ଶୋଇବା ପାଇଁ ଟଙ୍କା ଦିଆଯାଉଛି। ସେ ପ୍ରତିଦିନ ପ୍ରାୟ ୯ ଘଣ୍ଟା ଏହିପରି ଭ୍ୟାନ୍ ଭିତରେ ଶୋଇଥାନ୍ତି। ଇଣ୍ଡୋନେସିଆର ମ୍ୟାଟ୍ରେସ କମ୍ପାନି 'ଡୋମି ବେଡ୍'ର ପ୍ରଚାର ଅଭିଯାନର ଏହା ଏକ ଅଂଶ ବୋଲି କୁହାଯାଉଛି। କମ୍ପାନି ନିଜ ଗଦିର ଗୁଣବତ୍ତା ଦେଖାଇବା ପାଇଁ ଏହି ଅନନ୍ୟ ଉପାୟ ଆପଣାଇଛି। କମ୍ପାନି ଲୋକଙ୍କୁ ଏହା ଜଣାଇବାକୁ ଚାହୁଁଥିଲା ଯେ, ସେମାନଙ୍କ ମ୍ୟାଟ୍ରେସ୍ ଏତେ ଆରାମଦାୟକ ଯେ, ଜଣେ ବ୍ୟକ୍ତି ଚଳନ୍ତା ଗାଡ଼ିରେ ବି ଗଭୀର ନିଦରେ ଶୋଇ ପାରିବେ। ଲୋକେ ଏହାକୁ ଦୁନିଆର ସବୁଠାରୁ ଆରାମଦାୟକ ଚାକିରି ବୋଲି କହୁଛନ୍ତି।




# ଗୋରା ନୁହେଁ ଶ୍ୟାମଳ ରଙ୍ଗ କ୍ରେଜ୍

ଭାରତୀୟ ସମାଜରେ ଗୋରା ରଙ୍ଗ ପ୍ରତି ଏକ ସ୍ୱତନ୍ତ୍ର ଦୁର୍ବଳତା ବା ଆକର୍ଷଣ ରହିଛି। ଗୋରା ରଙ୍ଗ ପାଇଁ ଲୋକେ ଦାମୀ ଫେୟାରନେସ୍ କ୍ରିମ୍ ବ୍ୟବହାର କରିବା ସହ ଲେଜର ଟ୍ରିଟ୍‌ମେଣ୍ଟ ଏବଂ ଇଞ୍ଜେକ୍ସନ୍ ଆଦିର ସାହାଯ୍ୟ ନେଉଥିବାର ଦେଖାଯାଉଛି। ଅନେକ ସମୟରେ ଏହିସବୁ ଜିନିଷ ବ୍ୟବହାର କରିବା ପରେ ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ଦେଖାଯାଉଛି। ହେଲେ ଆମେରିକା ତଥା ପାଶ୍ଚାତ୍ୟ ଦେଶଗୁଡ଼ିକରେ ଏହାର ସମ୍ପୂର୍ଣ୍ଣ ବିପରୀତ ଟ୍ରେଣ୍ଡ ଦେଖିବାକୁ ମିଳୁଛି। ସେଠାରେ ଗୋରା ଲୋକମାନେ ଜାଣିଶୁଣି ନିଜ ଚର୍ମକୁ ଶ୍ୟାମଳ ତଥା କଳା କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ଆମେରିକା ଭଳି ଦେଶଗୁଡ଼ିକରେ ଟ୍ୟାନିଂ ସେଣ୍ଟରଗୁଡ଼ିକର ବ୍ୟବସାୟ ବେଶ୍ ଦ୍ରୁତଗତିରେ ବୃଦ୍ଧି ପାଇଛି। ଏହି ସେଣ୍ଟରଗୁଡ଼ିକରେ ଲୋକେ ସନବାଥ୍, ଟ୍ୟାନିଂ ବେଡ୍, ସ୍ପ୍ରେ ଟ୍ୟାନିଂ ଏବଂ କୃତ୍ରିମ ଆଲୋକ ସାହାଯ୍ୟରେ ନିଜ ଚର୍ମକୁ ତମ୍ବାଳିଆ କିମ୍ବା ବାଦାମୀ ରଙ୍ଗରେ ପରିବର୍ତ୍ତନ କରୁଥିବାର ଦେଖାଯାଉଛି। ଗ୍ରୀଷ୍ମ ଋତୁରେ ଏହି ଟ୍ରେଣ୍ଡ ଆହୁରି ବଢ଼ିଯାଏ। ଯୁବପିଢ଼ି, ମଡେଲ୍, କଳାକାର ଏବଂ ସାଧାରଣ ଲୋକ ସମସ୍ତେ ଏଭଳି ରଙ୍ଗ ପାଇବାକୁ ଚେଷ୍ଟା କରୁଛନ୍ତି। ଶ୍ୟାମଳ ରଙ୍ଗ ଆକର୍ଷଣୀୟ ଏବଂ ସେକ୍ସି ଲୁକ୍ ଦେଇଥାଏ ବୋଲି ସେମାନେ ଭାବନ୍ତି। ଗୋରା ଚର୍ମ ଉପରେ ଟ୍ୟାନ୍ ଭଲ ଦେଖାଯାଏ ଏବଂ ଏହା ଶରୀରକୁ ଆକର୍ଷଣୀୟ କରିଥାଏ ବୋଲି ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଲୋକେ ଭାବୁଛନ୍ତି। ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଲୋକେ ସ୍ପ୍ରେ ଟ୍ୟାନିଂ ପାଇଁ ପ୍ରତି ସେସନ୍‌ରେ ଭାରତୀୟ ମୁଦ୍ରାରେ ୪,୦୦୦ ରୁ ୧୭,୦୦ ଟଙ୍କା ଖର୍ଚ୍ଚ କରନ୍ତି। ବର୍ଷକୁ ସେମାନେ ଏବାବଦରେ ୫୦ ହଜାର ଲକ୍ଷେ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିଥାନ୍ତି। ଭାରତୀୟ ଲୋକେ ଗୋରା ହେଲେ ଚାକିରି, ବିବାହ କରିବା ସହଜ ହୋଇଯାଏ ବୋଲି ଭାବନ୍ତି। ଅପରପକ୍ଷରେ, ଆମେରିକାରେ ଶ୍ୟାମଳ ରଙ୍ଗକୁ ଆଭିଜାତ୍ୟର ପ୍ରତୀକ ମନାଯାଏ। ସେଠାରେ ଅନେକ ଲୋକ ସନ୍‌ବର୍ଣ୍ଣ ସମସ୍ୟାକୁ ସାମ୍ନା କରିବା ସତ୍ତ୍ୱେ ଟ୍ୟାନିଂ ଜାରି ରଖନ୍ତି। ଅଧିକ ଟ୍ୟାନିଂ କରିବା ଦ୍ୱାରା ଚର୍ମ କର୍କଟର ଆଶଙ୍କା ବଢ଼ିଯାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦିଅନ୍ତି। ଆମେରିକାର ଅନେକ ରାଜ୍ୟରେ ଯୁବପିଢ଼ିଙ୍କ ପାଇଁ ଟ୍ୟାନିଂ ବେଡ୍ ଉପରେ ପ୍ରତିବନ୍ଧକ ମଧ୍ୟ ଲଗାଯାଇଛି। ତଥାପି ଏହି ଟ୍ରେଣ୍ଡ ଥମିବା ନାଁ ଧରୁନି।




# ଧାନ ବିହନ ଚୟନ ଓ ବିଶୋଧନ



ବର୍ତ୍ତମାନ ରାଜ୍ୟରେ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଛି। ଏହାର ସୁଯୋଗ ନେଇ ଚାଷୀଭାଇ ଖରିଫ ଚାଷ ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଏଥିପାଇଁ ଜମି ଅନୁସାରେ ଧାନ ବିହନ କିସମ ଚୟନ କରିବା ଆବଶ୍ୟକ। ହେଲେ ଚଳିତ ବର୍ଷ ଦୁର୍ବଳ ମୌସୁମୀ, ମୌସୁମୀ ବର୍ଷାର ପରିମାଣ ଅପେକ୍ଷାକୃତ କମ୍ ହେବାର ସମ୍ଭାବନା ଅଛି। ସେଥିପାଇଁ ଚାଷୀମାନେ ଅଧିକ ଅବଧିର ଧାନ କିସମ କଲେ ମରୁଡ଼ିର ସମ୍ଭାବନା ଯୋଗୁଁ କ୍ଷତି ହେବାର ଆଶଙ୍କା ଅଛି। ଏଥିପାଇଁ ମଧ୍ୟମ ଧରଣର କିସମ ଚାଷ କରିବା ଆବଶ୍ୟକ। ମରୁଡ଼ି ସହନଶୀଳ କିସମ ବ୍ୟବହାର କଲେ କମ୍ ବୃଷ୍ଟିପାତ ଯୋଗୁଁ କ୍ଷତିକୁ ଏଡ଼ାଇ ଦେଇ ପାରିବେ। ଅଧିକ ଅମଳକ୍ଷମ/ସଙ୍କର କିସମ ଧାନ ବିହନ ନିର୍ଭରଯୋଗ୍ୟ ସଂସ୍ଥାଠାରୁ ପ୍ରାମାଣିକ ବିହନ ଟ୍ୟାଗ୍ ଦେଖି କ୍ରୟ କରିବା ଆବଶ୍ୟକ। ଧାନ ବିହନକୁ ୧୦୦ଟି ନବାଛି ଗଜା ପରୀକ୍ଷା କରି ଚାଷ କରିବା ଆବଶ୍ୟକ। ୫ମ, ଷଷ୍ଠ ଓ ୭ମ ଦିନ ଗଜାଧାନ ଗଣି ୮୫%ରୁ ଅଧିକ ଅଙ୍କୁରୋଦଗମକ୍ଷମ ବିହନକୁ ଚୟନ କରନ୍ତୁ। ଧାନ ଖରୁଡ଼ି ବୁଣା/ ବତୁରୁବୁଣା/ଧାନ ତଳି ପାଇଁ ଧାନ ବିହନ କିସମକୁ ବିଶୋଧନ କରିବା ଦ୍ୱାରା ପ୍ରାଥମିକ ଅବସ୍ଥାରେ ରୋଗପୋକରୁ ଫସଲକୁ ସୁରକ୍ଷା ମିଳିଥାଏ। ତେଣୁ ବିହନକୁ ଖରାରେ ଶୁଖାଇ ଭୌତିକ ଉପାୟରେ ବିହନ ବିଶୋଧନ କରିପାରିବେ। ବିହନ ବିଶୋଧନ ଜୈବିକ ବା ରାସାୟନିକ ଉପାୟରେ କରି ପାରିବେ। ପ୍ରାକୃତିକ କୃଷି କରୁଥିଲେ ବିହନକୁ ଜୀବାମୃତରେ ବିଶୋଧନ କରିବା ଆବଶ୍ୟକ। ଜୈବିକ ଉପାୟରେ ଜୈବ ଫିମ୍ପିନାଶକ ଟ୍ରାଇକୋଗାମାଭିରିଡ଼ି ୫ଗ୍ରାମ/ପ୍ରତି କିଗ୍ରା ବିହନରେ ମିଶାଇ ବିଶୋଧନ କରାଯାଏ। ରାସାୟନିକ ଉପାୟରେ କ୍ୟାପଟାନ୍ କିମ୍ବା ଥିରମ କିମ୍ବା ଭିଟାଭେକ୍ସ ପାୱାର କିମ୍ବା କାର୍ବେଣ୍ଡାଜିମ୍ ଆଦି ଅନୁମୋଦିତ ପରିମାଣରେ ପ୍ରୟୋଗ କରି ବିହନ ବିଶୋଧନ କରାଯାଇପାରେ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ଷା ହେବାର ସମ୍ଭାବନା ଥିବାରୁ ଚାଷୀଭାଇମାନଙ୍କୁ ଫସଲରେ କୀଟନାଶକ ଔଷଧ ସିଞ୍ଚନ ଓ ଜଳ ସେଚନ ଆଗାମୀ ପାଞ୍ଚଦିନ ପାଇଁ ବନ୍ଦ ରଖିବାକୁ ପରାମର୍ଶ ଦିଆଯାଇଛି।
- ଲଙ୍କାଫସଲରେ ଝାଉଁଳା ରୋଗର ପରିଚାଳନା ପାଇଁ ଶୁଖିଲା ପାଗଦେଖି ଏକର ପ୍ରତି ୪୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଓ ମାଙ୍କୋଜେବ୍‌ର ମିଳିତ ଔଷଧକୁ ୨୦୦ ଲିଟର ପାଣିରେ ମିଶାଇ ଗଛର ମୂଳକୁ ଭଲ ଭାବରେ ଭିଜାନ୍ତୁ।
- ପରିପକ୍ୱ ଫଳକୁ ଅମଳ କରି ନିଅନ୍ତୁ।
- ଆଖୁ ଫସଲରେ ସଅଳ କାଣ୍ଡବିନ୍ଧା ପୋକର ପରିଚାଳନା ପାଇଁ ନିୟମିତ ରୂପେ ଜଳ ସେଚନ କରନ୍ତୁ। ପୋକ ଓ ଅଣ୍ଡାପୁଞ୍ଜାକୁ ନଷ୍ଟ କରି ଦିଅନ୍ତୁ।
- ଶୁଖିଲା ପାଗ ଦେଖି ସଜନା ଗଛରେ ଛୁଇଁବିନ୍ଧା ପୋକର ଦମନ ପାଇଁ ସାଇପରମେଥ୍ରିନ୍ @ ୮୦ ଗ୍ରାମ୍ ଏକର ପ୍ରତି ୧୫ ଦିନ ଅନ୍ତରରେ ୨ ଥର ପ୍ରୟୋଗ କରନ୍ତୁ।




# ବାଇଗଣ ଚାଷ



ଆମ ରାଜ୍ୟର ଅଧିକାଂଶ ଚାଷୀ ବାଇଗଣ ଚାଷକୁ ଗୁରୁତ୍ୱ ଦିଅନ୍ତି। ଜାନୁଆରୀରୁ ଫେବୃୟାରୀ, ଜୁନ୍‌ରୁ ଜୁଲାଇ ଏବଂ ସେପ୍ଟେମ୍ବରରୁ ଅକ୍ଟୋବର ମଧ୍ୟରେ ବାଇଗଣ ଲଗାଯାଇଥାଏ। ବାଇଗଣ ଚାଷ ପାଇଁ ସର୍ବଦା ନୂଆ ନୂଆ ସ୍ଥାନ ବାଛିବା ଆବଶ୍ୟକ। ଏକ ଏକର ଜମିରେ ଚାରା ଲଗାଇବା ପାଇଁ ୪ ଟି ନର୍ସରୀ ବେଡ୍ ବା ତଳି ପଟାଳି ଆବଶ୍ୟକ। ଏକ ଏକର ବାଇଗଣ ଚାଷ ପାଇଁ ୨୦୦ ଗ୍ରାମ୍ ଉନ୍ନତ କିସମ ବିହନ କିମ୍ବା ୮୦ ଗ୍ରାମ୍ ସଙ୍କର କିସମ ବିହନ ଆବଶ୍ୟକ ହୋଇଥାଏ। ଆମ ରାଜ୍ୟର ଜଳବାୟୁ ପାଇଁ ବାଇଗଣର କିଛି ଉନ୍ନତ କିସମ ହେଉଛି ଉତ୍କଳ ତାରିଣୀ, ଉତ୍କଳ ମାଧୁରୀ, ସଫେଦ ମୋତି, ଭିଏନ୍‌ଆର୍ ଲଙ୍ଗ ପର୍ପଲ, ଅଙ୍କିତା, ଭିଏନ୍ ଆର୍ -ବି୫, ଭୈରବୀ, ବୋରୀଗୁମ୍ମା ରାଉଣ୍ଡ ଇତ୍ୟାଦି। ବିହନ ବୁଣିବା ୧୦ ଦିନ ଆଗରୁ ପ୍ରତି ପଟାଳିରେ ୨୦ କେଜି ଭାବରେ ଶୁଖିଥିବା ଗୁଣ୍ଡ ଖତକୁ ମାଟିରେ ମିଶାଯାଏ। ଏହା ଦ୍ୱାରା ଗଛ ବୃଦ୍ଧି ସହଜ ହୋଇଥାଏ। ତେଣୁ ପାଣିପାଗକୁ ପୂର୍ବାନୁମାନ କରି ଗଛରେ ଜଳ ସେଚନ ଓ ରୋଗପୋକ ନିୟନ୍ତ୍ରଣ କରିବା ଦ୍ୱାରା ଦେଢ଼ ମାସ ମଧ୍ୟରେ ବାଇଗଣ ଫଳିଥାଏ।

# ମାଛ ଚାଷରେ କାଳବୈଶାଖୀର ପ୍ରଭାବ



କାଳବୈଶାଖୀକୁ ସ୍ଥଳ ବିଶେଷରେ ଘୂର୍ଣ୍ଣିଝଡ଼ ବା ଘୂର୍ଣ୍ଣି ବଳୟ ବୋଲି କୁହାଯାଏ। ଏହା ବହୁଦିନ ବ୍ୟବଧାନରେ ଅଦିନିଆ ବର୍ଷା ଭାବେ ହେଉଥିବାରୁ ଏହାର ଜଳ ଅଧିକ ଅମ୍ଳୀୟ ରହିଥାଏ। ଏହି ଅମ୍ଳବର୍ଷା ଯୋଗୁଁ ମାଛଚାଷ ପୋଖରୀ ପାଣିର ପି.ଏଚ୍. ହଠାତ୍ କମିଯାଏ ଏବଂ କୁଆପଥର ବର୍ଷା ହେଲେ ପାଣିର ଉତ୍ତାପ ମଧ୍ୟ ହଠାତ୍ କମିଯାଏ। ପାଣିର ଗୁଣବତ୍ତାମାନରେ ହଠାତ୍ ପରିବର୍ତ୍ତନ ଯୋଗୁଁ ମାଛଙ୍କ ପ୍ରାକୃତିକ ଖାଦ୍ୟ ଜୁପ୍ଲାଙ୍କଟନ୍ ଓ ଫାଇଟୋପ୍ଲାଙ୍କଟନ୍ ହଠାତ୍ ତାରତମ୍ୟକୁ ସହି ନପାରି ମରି ଯାଇ ତଳେ ବସିଯାଇଥାନ୍ତି। ମାଛମାନେ ମଧ୍ୟ ପରିବେଶଜନିତ ଚାପର ବଶବର୍ତ୍ତୀ ହୋଇ ଖାଦ୍ୟ ଗ୍ରହଣ କରି ନଥାନ୍ତି। ତେଣୁ ଯେଉଁଦିନ କାଳବୈଶାଖୀ ହେବାର ସମ୍ଭାବନା ରହିଛି, ସେହିଦିନ ଉପରବେଳା ମାଛଙ୍କୁ କୃତ୍ରିମ ଖାଦ୍ୟ ପରିବେଷଣ କରାଯିବା ଅନୁଚିତ। ଘୂର୍ଣ୍ଣିଝଡ଼ ସମୟରେ ଗଛର ଡାଳପତ୍ର ଭାଙ୍ଗି ପୋଖରୀ ପାଣି ଭିତରେ ଉଡ଼ିଆସି ପଡ଼ିଥାଏ। ଝଡ଼ର ପରବର୍ତ୍ତୀ ଦିନ ଏଗୁଡିକୁ ଜାଲଦ୍ୱାରା ଟାଣି ବାହାର କରିଦେବା ଉଚିତ। ପାଣିର ପିଏଚ୍ ଏବଂ ମୋଟ୍ କ୍ଷାରତ୍ୱକୁ ପରୀକ୍ଷା କରି ଏହା ଯଦି ଚାଷ ପୋଖରୀରେ ଯଥାକ୍ରମେ ୭.୫ ଏବଂ ୧୨୦ ପିପିଏମ୍‌ରୁ କମ୍ ରୁହେ ତାହେଲେ ଏକର ମିଟର ପିଛା ୩୦ କିଗ୍ରା ହିସାବରେ ଚୂନ ପ୍ରୟୋଗ କରାଯିବା ବିଧେୟ।

# ପଲିହାଉସ୍‌ରେ ଚାଷ କରୁଥିଲେ...



ପଲିହାଉସ୍‌ରେ ଚାଷ ଏକ ଅତ୍ୟାଧୁନିକ କୃଷି ପ୍ରଣାଳୀ। ପଲିହାଉସ୍ ମଧ୍ୟରେ ପ୍ଲାଷ୍ଟିକ୍ ଢାଙ୍କି ତାପମାତ୍ରା, ଆର୍ଦ୍ରତା ଏବଂ ଆଲୋକ ନିୟନ୍ତ୍ରଣ କରାଯାଉଥିବାରୁ ପନିପରିବା, ଫୁଲ ଓ ଛତୁ ଚାଷ ଭଲ ହୋଇଥାଏ। ତେଣୁ ପଲିହାଉସ୍‌ରେ ଚାଷ କରିବା ପୂର୍ବରୁ କିଛି ଦିଗକୁ ଧ୍ୟାନ ଦେବା ଜରୁରି।

ପଲିହାଉସ୍ ଲଗାଇବା ପୂର୍ବରୁ ଚାଷୀଭାଇମାନେ ପ୍ରଥମେ ମାଟି ଓ ଜଳ ପରୀକ୍ଷା କରାଇନେବା ଆବଶ୍ୟକ। ଏହାସହ ମାଟିରେ ପୋଷକତତ୍ତ୍ୱ ଚାଷ ପାଇଁ ଅନୁକୂଳ କି ନାହିଁ ତାହା ପରଖିବା ଆବଶ୍ୟକ। କାରଣ ମାଟିରେ ଅମ୍ଳ କିମ୍ବା କ୍ଷାରୀୟ ଅଧିକ ରହିଲେ ଗଛ ବୃଦ୍ଧି ଠିକ୍ ହୁଏନାହିଁ। ସେଥିପାଇଁ ମାଟିରେ ପିଏଚ୍ ସନ୍ତୁଳନ ରହିବା ଆବଶ୍ୟକ। ଏହାସହିତ ମାଟିରେ ଯବକ୍ଷାରଜାନ, ଫସ୍‌ଫରସ୍ ଏବଂ ପୋଟାସିୟମ ପରି ଜରୁରି ପୋଷକତତ୍ତ୍ୱ ରହିବା ଆବଶ୍ୟକ। ମାଟି କେତେ ଜଳ ଗ୍ରହଣ କରିପାରୁଛି ତାହା ଚାଷ ପୂର୍ବରୁ ଜାଣି ଏହି ଦିଗ ପ୍ରତି ଧ୍ୟାନ ଦେଲେ ଚାଷରୁ ଲାଭ ମିଳେ। ପଲିହାଉସ୍‌ରେ ଚାଷ ଦ୍ୱାରା ଫସଲକୁ ବର୍ଷା, କୁଆପଥର, ଖରା ଏବଂ କୀଟପତଙ୍ଗ ଆକ୍ରମଣରୁ ସୁରକ୍ଷା ମିଳିଥାଏ। ସାଧାରଣ ଚାଷ ତୁଳନାରେ ଏଥିରେ ଲାଭ ଅଧିକ।

# ନିମ୍ବ ପିଡ଼ିଆ

ନିମ୍ବଜାତ କୀଟନାଶକ ପ୍ରକୃତି ମିତ୍ର, ଗଛ ଓ ଲତା ପ୍ରତି ଏହା କୌଣସି କ୍ଷତି ଘଟାନ୍ତି ନାହିଁ। ତେଣୁ ନିମ୍ବରୁ ପ୍ରସ୍ତୁତ ବିଭିନ୍ନ କୀଟନାଶକ ମଧ୍ୟରୁ ନିମ୍ବ ପିଡ଼ିଆ ଫଳପ୍ରଦ।

ନିମ୍ବପତ୍ରକୁ ଆବଶ୍ୟକ ଅନୁଯାୟୀ ପାଣିରେ ବୁଡାଇ ପରେ ଏହି ପାଣିକୁ ଛାଣି ଏଥିରେ ସାବୁନ ଗୁଣ୍ଡ କିମ୍ବା ସର୍ଫ ଫେଣ ମିଶାଇ ଫସଲରେ ସିଞ୍ଚନ କଲେ, ରୋଗପୋକର ଭୟ ନ ଥାଏ। ଲିଟର ପାଣିରେ ୧୦୦ ଗ୍ରାମ ନିମ୍ବପିଡ଼ିଆକୁ ୧୨ଘଣ୍ଟା ଭିଜାଇ ପରେ ସରୁଜାଲି କନାରେ ଛାଣି ପ୍ରତି ଲିଟର ପାଚନରେ ୧ଗ୍ରାମ୍ ହିସାବରେ ସାବୁନଗୁଣ୍ଡ ମିଶାଇ ଫସଲରେ ସିଞ୍ଚି ପାରିବେ। ଶେଷ ଓଡ଼ ଜମିଚାଷ ସମୟରେ ଏକରପ୍ରତି ୨୦୦ରୁ ୪୦୦ କିଗ୍ରା. ନିମ୍ବ ପିଡ଼ିଆ ମାଟିରେ ମିଶାଇଲେ ସୂତ୍ରଜୀବ ଆକ୍ରମଣରୁ ଫସଲକୁ ସୁରକ୍ଷା ମିଳେ।








# ଆଇଭରୀ କୋଷ୍ଟର ଲଢୁଆ ଜିତ୍

ଫିଲାଡେଲଫିଆ,୧୫।୬(ଏଜେନ୍ସି): ଆମାଦ ଡିଆଲୋଙ୍କ ଶେଷ ମୁହୂର୍ତ୍ତ ଗୋଲ ବଳରେ ଏଠାରେ ଖେଳାଯାଇଥିବା ଗ୍ରୁପ୍-ଇ'ର ଦ୍ୱିତୀୟ ମ୍ୟାଚ୍‌ରେ ଆଇଭରୀ କୋଷ୍ଟ ୧-୦ ଗୋଲ୍‌ରେ ଇକ୍ୱେଡରକୁ ପରାସ୍ତ କରିଛି। ୧୨ବର୍ଷ ପରେ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିବା ଏହି ପଶ୍ଚିମ ଆଫ୍ରିକୀୟ ରାଷ୍ଟ୍ର ଆଇଭରୀ କୋଷ୍ଟ ଏବଂ ଦକ୍ଷିଣ ଆମେରିକାର ବିଶ୍ୱସନୀୟ ଦେଶ ଇକ୍ୱେଡର ମଧ୍ୟରେ ମୁକାବିଲା ଆକର୍ଷଣୀୟ ହୋଇଥିଲା। ଉଭୟ ଦଳ ଗୋଲ ଦେବାର ଏକାଧିକ ସୁଯୋଗ ପାଇଥିଲେ ମଧ୍ୟ କେହି ଗୋଲ କରିବାରେ ସମର୍ଥ ହୋଇ ନ ଥିଲେ। ବିଶେଷ କରି ଇକ୍ୱେଡର ଦୁଇଟି ସଟ୍ ଗୋଲପୋଷ୍ଟ ବାର୍‌ରେ ବାଜି ଫେରିଆସିଥିଲା। ଯାହାକି ଦଳକୁ ନିରାଶ କରିଥିଲା। ଦଳର ଭେଟେରାନ ଷ୍ଟ୍ରାଇକର ଏନ୍ନର ଭାଲେନ୍ସିଆ, ସେଣ୍ଟର ବ୍ୟାକ୍ ଇମାନୁଏଲ ଆଗବାଦୋଉ ଏପରି ଖେଳିଥିଲେ ଯେ ଗୋଲ ଦେଇ ନ ପାରିବା ଫଳରେ ଇକ୍ୱେଡର ନିରାଶ ହୋଇଥିଲା। ଅନ୍ୟପକ୍ଷରେ ଆଇଭରୀ କୋଷ୍ଟ ମଧ୍ୟ ପ୍ରତ୍ୟାକ୍ରମ କରିଥିଲା। ବାଜୋଉମାନା ବାମପଟୁ ମାରିଥିବା ସଟ୍‌ଟି ପୋଷ୍ଟକୁ ଛୁଇଁ ବାହାରକୁ ଚାଇଯାଇଥିଲା। ୨୩ତମ ମିନିଟ୍‌ରେ ସେ ଏତେ ଜୋରରେ ପୋଷ୍ଟକୁ ବଲ ମାରିଥିଲେ ଯେ ପୋଷ୍ଟ ବାର୍‌ରେ ବଲ ବାଜି ବିକଟାଳ ଶବ୍ଦ କରିଥିଲା। ପ୍ରତିପକ୍ଷ ଇକ୍ୱେଡର ଗୋଲକିପର ଭୟରେ କମ୍ପିଥିଲେ। ଶେଷରେ ୯୦ତମ ମିନିଟ୍‌ରେ ଏହି ମ୍ୟାଚର ଫଳାଫଳ ମିଳିଥିଲା। ଆଇଭରୀ କୋଷ୍ଟର ୱିଲଫ୍ରେଡ୍ ସିଙ୍ଗୋଙ୍କ ଏକ ପାସ ପୋଷ୍ଟ ଆଡକୁ ଯାଇଥିଲା। ସେଠାରେ ଉପସ୍ଥିତ ଥିବା ୱିଙ୍ଗର ଆମାଦ ଡିଆଲୋ ଚମତ୍କାର ଭାବେ ବଲ୍‌କୁ ପୋଷ୍ଟ ମଧ୍ୟକୁ ଠେଲିଦେଇ ମ୍ୟାଚ୍‌ର ଏକମାତ୍ର ତଥା ଆଇଭରୀ କୋଷ୍ଟ ଲାଗି ବିଜୟସୂଚକ ଗୋଲ ସ୍କୋର କରିଥିଲେ। ପୂର୍ବରୁ ଏହି ଗ୍ରୁପ୍‌ରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଜର୍ମାନୀ ୭-୧ ଗୋଲରେ ଡେବ୍ୟୁଟାଣ୍ଟ କ୍ୟୁରାସିଆକୁ ଶୋଚନୀୟ ଭାବେ ପରାଜିତ କରିଥିଲା।

### ଫିଫାର ବଡ଼ ନିଷ୍ପତ୍ତି

## ରେଫରୀ ଆର୍ତାନଙ୍କୁ ମିଳିବ ବିଶ୍ୱକପ୍‌ର ସମ୍ପୂର୍ଣ୍ଣ ପାଉଣା

ଜୁରିକ୍, ୧୫।୬ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍ ଆରମ୍ଭରୁ ଏକ ବିବାଦୀୟ ଘଟଣା ଦେଖିବାକୁ ମିଳିଥିଲା। ସୋମାଲି ରେଫରୀ ଓମର ଅବଦୁଲକାଦିର ଆର୍ତାନଙ୍କୁ ମ୍ୟାଚ୍ ପରିଚାଳନା ପାଇଁ ଆମେରିକାରେ ପ୍ରବେଶ କରିବାରୁ ବାରଣ କରାଯାଇଥିଲା। ଆମେରିକା କଷ୍ଟମ୍ସ ଏବଂ ସୀମା ସୁରକ୍ଷା ବିଭାଗ ଦ୍ୱାରା ତାଙ୍କୁ ୧୧ ଘଣ୍ଟା ଧରି ପଚରାଉଚରା କରିବା ପରେ ଦେଶରେ ପ୍ରବେଶ କରିବାକୁ ମନା କରାଯାଇଥିଲା। ଫଳରେ ଆର୍ତାନ ଆମେରିକାରେ ପ୍ରବେଶ କରି ନ ପାରି ସ୍ୱଦେଶ ଫେରିଯାଇଥିଲେ। ଏହି ଘଟଣାରେ ଫିଫା ପକ୍ଷରୁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ବିଶ୍ୱକପ୍‌ରେ ଗୋଟିଏ ହେଲେ ମ୍ୟାଚ୍ ପରିଚାଳନା କରିବାରୁ ବଞ୍ଚିତ ହୋଇଥିଲେ ମଧ୍ୟ ଆର୍ତାନଙ୍କୁ ଟୁର୍ଣ୍ଣାମେଣ୍ଟର ପୂର୍ଣ୍ଣ ଦରମା ମିଳିବ। ଫିଫାର ଏହି ନିଷ୍ପତ୍ତି ୩୪ ବର୍ଷୀୟ ଆର୍ତାନଙ୍କୁ କିଛି ମାତ୍ରାରେ ଆଶ୍ୱସ୍ତି ଦେଇଛି। ଉଲ୍ଲେଖଯୋଗ୍ୟ, ଆର୍ତାନଙ୍କୁ ଆଫ୍ରିକୀୟ ଫୁଟବଲ୍ କନଫେଡେରେସନରୁ ୨୦୨୫ ବର୍ଷର ଶ୍ରେଷ୍ଠ ରେଫରୀ ପୁରସ୍କାର ମିଳିଥିଲା।

### ଦାଇଚି କାମାଡାଙ୍କ ଶେଷ ମୁହୂର୍ତ୍ତ ଗୋଲ୍

# ନେଦରଲ୍ୟାଣ୍ଡସ- ଜାପାନ ମ୍ୟାଚ୍ ଅମୀମାଂସିତ

ଆର୍ଲିଙ୍ଗଟନ,୧୫।୬(ଏଜେନ୍ସି)

ଟାଇଟଲ ଫେବରାଇଟ ନେଦରଲ୍ୟାଣ୍ଡସ ଓ ଜାପାନ ମଧ୍ୟରେ ଏଠାରେ ରବିବାର ଖେଳାଯାଇଥିବା ଫିଫା ବିଶ୍ୱକପ୍ ଗ୍ରୁପ୍-ଏଫ୍ ମୁକାବିଲା ୨-୨ ଗୋଲରେ ଅମୀମାଂସିତ ରହିଛି। ଶକ୍ତିଶାଳୀ ନେଦରଲ୍ୟାଣ୍ଡସ ବିପକ୍ଷରେ ଜାପାନ ସମ୍ମାନର ସହ ପଏଣ୍ଟ ଭାଗ କରିଛି। ଡଲାସ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମୁକାବିଲାରେ ନେଦରଲ୍ୟାଣ୍ଡର ଖେଳାଳିମାନେ ଯେତେ ସୁଯୋଗ ସୃଷ୍ଟିକରି ଆକ୍ରମଣ କରିଥିଲା, ଠିକ ସେହିପରି ଜାପାନ ଗୋଲ ରକ୍ଷକ ଜିଓନ ସୁଜୁକି ଏହାକୁ ପ୍ରତିହତ କରିବାରେ ସମର୍ଥ ହୋଇଥିଲେ। ଭର୍ଜିଲ ଭାନ ଡିକ୍ ଓ ସାଇରେସେନ୍ସିଓ ସମରଭିଲେଙ୍କ ଗୋଲ ବଳରେ ନେଦରଲ୍ୟାଣ୍ଡସ ୨-୧ଗୋଲରେ ଆଗୁଆ ଥାଇ ମ୍ୟାଚ୍ ଜିତିବାକୁ ଯୋଜନା କରୁଥିଲାବେଳେ ଦାଇଚି କାମାଡା ସବୁ ଓଲଟପାଲଟ କରିଦେଇଥିଲେ। ଖେଳର ଶେଷ ମୁହୂର୍ତ୍ତ ମା ୮୯ତମ ମିନିଟ୍‌ରେ ଗୋଲ ଦେଇ କାମାଡା ଏହି ମ୍ୟାଚ୍‌କୁ ଅମୀମାଂସିତ କରାଇବାରେ ସଫଳ ହୋଇଥିଲେ। ପୂର୍ବରୁ କେଇଟୋ ନାକାମୁରା ଗୋଟିଏ ଗୋଲ ଶୁଝାଇଥିଲେ। ଜାପାନର ଲଢୁଆ ଖେଳ ପରେ ସମର୍ଥକ ମାନେ ଷ୍ଟାଡିୟମ୍ ସଫା କରି ସମସ୍ତଙ୍କ ପ୍ରଶଂସା ସାଉଁଟିବାରେ ସମର୍ଥ ହୋଇଛନ୍ତି।



ଡଲାସ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ନେଦରଲ୍ୟାଣ୍ଡସ ୬୦ ଶତକଡ଼ା ବଲ ନିୟନ୍ତ୍ରଣ ଓ ଜାପାନ ଅପେକ୍ଷା ବହୁ ଅଧିକ ବା ୫୧୬ଟି ସଠିକ ପାସ୍ ଦେଇଥିଲେ ମଧ୍ୟ ଗୋଲ ଦେବାରେ ସଫଳ ହୋଇପାରି ନ ଥିଲା। ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା କେହି କାହାରିକୁ ଗୋଲ ଦେଇ ନ ଥିଲେ। ନେଦରଲ୍ୟାଣ୍ଡସର ପ୍ରାଧାନ୍ୟ ସତ୍ତ୍ୱେ ଜାପାନ ଏଥିରେ ଦବି ଯାଇ ନ ଥିଲା ଓ ଶେଷରେ ପଏଣ୍ଟ ଛଡାଇନେବାରେ ସଫଳ ହୋଇଥିଲା। ଦୁଇ ଗୋଲ ସ୍କୋରରଙ୍କ ବ୍ୟତୀତ ଯଦି ଜାପାନର ଆଉଜଣେ ଖେଳାଳି ଭଲ ଖେଳିଥିଲେ, ସେ ହେଉଛନ୍ତି ଗୋଲ ରକ୍ଷକ ଜିଓନି ସୁଜୁକି। ସେ ନେଦରଲ୍ୟାଣ୍ଡସର ଡଜନେ ଆକ୍ରମଣକୁ ପ୍ରତିହତ କରି ଜାପାନ ଲାଗି ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ। ଏହି ଗ୍ରୁପ୍‌ର ଅନ୍ୟ ଏକ ମ୍ୟାଚ୍‌ରେ ସ୍ୱିଡେନ ୫-୧ ଗୋଲରେ ଟ୍ୟୁନିସିଆକୁ ପରାଜିତ କରିବାରେ ସଫଳ ହୋଇଥିଲା।

# ଟ୍ୟୁନିସିଆ ବିପକ୍ଷରେ ସ୍ୱିଡେନର ବିଜୟ

ଗୌଦାଲଜରା,୧୫।୬(ଏଜେନ୍ସି): ଟ୍ୟୁନିସିଆକୁ ୫-୧ ଗୋଲରେ ପରାସ୍ତ କରି ଫିଫା ବିଶ୍ୱକପ୍ ଗ୍ରୁପ୍-ଏଫ୍'ର ଅନ୍ୟ ଏକ ମ୍ୟାଚ୍‌ରେ ସ୍ୱିଡେନ୍ ୫-୧ ଗୋଲରେ ବୃହତ୍ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଏହି ବିଜୟ ଫଳରେ ନେଦରଲ୍ୟାଣ୍ଡସକୁ ପଛରେ ପକାଇ ସ୍ୱିଡେନ ଗ୍ରୁପ୍‌ର ପ୍ରଥମ ସ୍ଥାନରେ ରହିଛି। ମଣ୍ଟେରୀ ଷ୍ଟାଡିୟମ୍‌ରେ ସୋମବାର ସକାଳେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ୟସିନ ଆୟାରୀ ଖେଳର ୭ମ ମିନିଟ୍‌ରେ ଗୋଲପୋଷ୍ଟ ବାହାରୁ ଏକ ଶକ୍ତିଶାଳୀ ସଟ୍ ଜରିଆରେ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ପୂର୍ବରୁ ଆଲେକ୍‌ଜାଣ୍ଡର ଇସାକ ଆଉ ଏକ ଗୋଲ ଦେଇଥିଲେ। ଏହି ଆକ୍ରମଣର ମୁକାବିଲା କରିବାକୁ ଯାଇ ଟ୍ୟୁନିସିଆ ପକ୍ଷରୁ ଓମାର ରେକିକି ପ୍ରଥମାର୍ଦ୍ଧ ଖେଳ ଶେଷ ସମୟରେ ହେଡର ଜରିଆରେ ଗୋଲ ପରିଶୋଧ କରିଦେଇଥିଲେ। ୨-୧ ଗୋଲରେ ସ୍ୱିଡେନ ଆଗରେ ଥିଲେ ମଧ୍ୟ ଟ୍ୟୁନିସିଆ ମ୍ୟାଚ୍‌କୁ ଫେରିବା ଆଶା ନେଇ ଦ୍ୱିତୀୟାର୍ଦ୍ଧରେ ଖେଳିଥିଲା। କିନ୍ତୁ ସ୍ୱିଡେନ ପକ୍ଷରୁ ଭିକ୍ଟର ଗ୍ୟୋକେରେସ୍ ଦ୍ୱିତୀୟାର୍ଦ୍ଧ ଖେଳର ୧୪ତମ ମିନିଟ୍‌ରେ ତୃତୀୟ ଗୋଲ ଦେଇ ଟ୍ୟୁନିସିଆ ଆତ୍ମବିଶ୍ୱାସରେ ଚେକ୍ ଦେଇଥିଲେ। ବଦଳ ଖେଳାଳିଭାବେ ଖେଳିବାକୁ ଆସି ମାଟିଆସ୍ ଭାନବର୍ଗ ମାତ୍ର ୧୮ ସେକେଣ୍ଡରେ ଚତୁର୍ଥ ଗୋଲ ସ୍କୋର କରିଥିଲେ। ଇଞ୍ଜୁରୀ ଟାଇମ୍ ବା ୯୬ତମ ମିନିଟ୍‌ରେ ୟାସିନ ଆୟାରୀ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେବା ଫଳରେ ସ୍ୱିଡେନ ୫-୧ ଗୋଲରେ ବୃହତ୍ ବିଜୟ ସହ ଅଭିଯାନ ଆରମ୍ଭ କରିବାରେ ସମର୍ଥ ହୋଇଥିଲା।






**ଫିଫା ବିଶ୍ୱକପ୍ ମୁକାବିଲା**

**ଜୁନ୍-୧୬, ମଙ୍ଗଳବାର ରାତି**

ଫ୍ରାନ୍ସ-ସେନେଗାଲ
ନ୍ୟୁ ଜର୍ସି,ରାତି ୧୨.୩୦

ଇରାକ୍-ନରୱେ
ଫକ୍ସବର୍ଗ,ରାତି ୩.୩୦

**ଜୁନ୍-୧୭ ବୁଧବାର**

ଆର୍ଜେଣ୍ଟିନା-ଆଲଜେରିଆ
କାନସାସ ସିଟି, ସକାଳ ୬.୩୦

ଅଷ୍ଟ୍ରିଆ-ଜୋର୍ଡାନ
ସାଣ୍ଟା କ୍ଲାରା, ସକାଳ ୯.୩୦

ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫

## ଦୋହା ଡାଇମଣ୍ଡ ଲିଗ୍ ଖେଳିବେ ନୀରଜ

ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି): ଭାରତର ତାରକା ଜାଭେଲିନ୍ ଫିଙ୍ଗାଳୀ ନୀରଜ ଚୋପ୍ରା ପ୍ରତିଦ୍ୱନ୍ଦ୍ୱୀତାମୂଳକ ପ୍ରତିଯୋଗିତାକୁ ଫେରିବେ। ଜୁନ ୧୯ରେ ଅନୁଷ୍ଠିତ ହେବାକୁ ଥିବା ଦୋହା ଡାଇମଣ୍ଡ ଲିଗ୍‌ରେ ନୀରଜ ଅଂଶଗ୍ରହଣ କରିବେ। ସୋମବାର ଦୋହା ଡାଇମଣ୍ଡ ଲିଗ୍ ଲାଗି ଏଣ୍ଟ୍ରି ତାଲିକା ଜାରି ହେବାପରେ ନୀରଜଙ୍କ ଅଂଶଗ୍ରହଣ ନେଇ ସ୍ପଷ୍ଟ ହୋଇଛି। ଫଳରେ ଆଘାତଜନିତ ସମସ୍ୟା ଲାଗି ଦୀର୍ଘ ଦିନ ଧରି ଟ୍ରାକ୍‌ରୁ ଦୂରେଇ ରହିଥିବା ନୀରଜଙ୍କୁ ପୁଣିଥରେ ଆକ୍ସନରେ ଦେଖିବାକୁ ମିଳିବ। ଦୁଇଥରର ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଗତ ବର୍ଷ ୱାର୍ଲ୍ଡ ଚାମ୍ପିଅନସିପ୍ ପରେ ଆଉ କୌଣସି ପ୍ରତିଯୋଗିତାରେ ଅଂଶଗ୍ରହଣ କରିନାହାନ୍ତି। ପିଠି ଯନ୍ତ୍ରଣାରୁ ସୁସ୍ଥ ହେବାପରେ ନୀରଜ ଏବେ ସୁଇଜରଲାଣ୍ଡରେ ଅଭ୍ୟାସ ଜାରି ରଖିଛନ୍ତି। ଉଲ୍ଲେଖଯୋଗ୍ୟ, ଗତକାଲି ଭାରତୀୟ ଆଥ୍‌ଲେଟିକ୍ସ ମହାସଂଘ (ଏଏଫଆଇ) ପକ୍ଷରୁ ଆଗାମୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଲାଗି ଭାରତୀୟ ଦୌଡ଼କୁଦ ଦଳ ଘୋଷଣା କରାଯାଇଥିଲା। ଏଥିରେ ମଧ୍ୟ ନୀରଜଙ୍କୁ ସ୍ଥାନ ମିଳିଛି।

**ତ୍ରିରାଷ୍ଟ୍ରୀୟ-ଏ' ଦିନିକିଆ ସିରିଜ୍**

## ସୁପର ଓଭରରେ ଜିତିଲା ଶ୍ରୀଲଙ୍କା

ଦାମ୍ବୁଲା,୧୫।୬(ଏଜେନ୍ସି): ଏଠାରେ ଚାଲିଥିବା ତ୍ରିରାଷ୍ଟ୍ରୀୟ-ଏ' ଦିନିକିଆ ସିରିଜ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଶ୍ରୀଲଙ୍କା-ଏ' ସୁପର ଓଭରରେ ଭାରତ-ଏ'କୁ ପରାସ୍ତ କରିଛି। ଉଭୟ ଦଳ ନିର୍ଦ୍ଧାରିତ ୫୦ ଓଭରରେ ୨୬୫ ରନ୍ ଲେଖାଏଁ କରି ମ୍ୟାଚ୍‌କୁ ଟାଇ ରଖିଥିଲେ। ମ୍ୟାଚ୍‌ର ଫଳାଫଳ ଲାଗି ସୁପର ଓଭରର ସହାୟତା ନିଆଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୧୬ ରନ୍ କରିଥିଲାବେଳେ ଭାରତ ୧୦ ରନ୍ କରିବାକୁ ସମର୍ଥ ହୋଇଥିଲା। ଏହା ଫଳରେ ଭାରତ ପଏଣ୍ଟ ଟେବଲରେ ଶ୍ରୀଲଙ୍କା ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ତୃତୀୟସ୍ଥାନରେ ଥିବା ଆଫଗାନିସ୍ତାନ ଏହି ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ଖେଳିବ। ଏହି ମ୍ୟାଚ୍‌ର ଫଳାଫଳ ପରେ କେଁ ଦୁଇଦଳ ଫାଇନାଲ ଖେଳିବେ ତାହା ପରେ ସ୍ଥିର ହେବ। ପୂର୍ବରୁ ଖେଳାଯାଇଥିବା ମ୍ୟାଚ୍‌ରେ ସୂର୍ଯ୍ୟାଂଶ ଶେଡ୍‌ଗେ ୭୨ ଓ ବିପରାଜ ନିଗମ ୫୧ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଭାରତ-ଏ ୪୯.୨ ଓଭରରେ ୨୬୫ ରନ୍ କରିଆଉଟ ହୋଇଥିଲା। ଜବାବରେ ଶ୍ରୀଲଙ୍କା-ଏ' ସାଦୀର ସମରବିକ୍ରମଙ୍କ ୯୩ ରନ୍ ସତ୍ତ୍ୱେ ୨୬୫ ରନ୍ କରିବାକୁ ସମର୍ଥ ହୋଇଥିଲା। ଫଳରେ ମ୍ୟାଚ୍ ଟାଇ ରହିବାରୁ ସୁପର ଓଭରର ସହାୟତା ନିଆଯାଇଥିଲା।

**ସାମରା ଯୋଶେଫ୍‌ଙ୍କ ଘାତକ ବୋଲିଂ**

## ୱେଷ୍ଟଇଣ୍ଡିଜ୍‌ର ସିରିଜ୍ କବ୍‌ଜା

କିଙ୍ଗସ୍ଟନ,୧୫।୬(ଏଜେନ୍ସି): ଫାଷ୍ଟ ବୋଲର ସାମରା ଯୋଶେଫ୍‌ଙ୍କ ଘାତକ ବୋଲିଂ ବଳରେ ଏଠାରେ ରବିବାର ରାତିରେ ଖେଳାଯାଇଥିବା ତୃତୀୟ ତଥା ଶେଷ ଟି-୨୦ରେ ୱେଷ୍ଟଇଣ୍ଡିଜ୍ ୫ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଘରୋଇ ଦଳ ୨-୧ରେ ଜିତିନେଇଛି। ସମାରା ଯୋଶେଫଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ସିରିଜ୍ ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ସେ ୩୩ ରନ୍ ଦେଇ ୫ଟି ଓ ସିରିଜ୍‌ରେ ମୋଟ ୧୧ଟି ୱିକେଟ ନେଇଥିଲେ। ପୂର୍ବରୁ ଖେଳାଯାଇଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ୨ଟି ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲାବେଳେ ଏକମାତ୍ର ଖେଳାଯାଇଥିବା ମ୍ୟାଚ ଜିତି ଶ୍ରୀଲଙ୍କା ସିରିଜ୍ ଜିତିଥିଲା। ଏହା ପରେ ଦୁଇ ଦେଶ ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଜୁନ୍ ୨୫ରୁ ଜୁଲାଇ ୭ ତାରିଖଯାଏ ଚାଲିବ।

■ ନେସନ୍ସ କପ୍ ମହିଳା ହକି

## ଭାରତୀୟ ଦଳର ବିଜୟ ଅଭିଯାନ

ଅକ୍‌ଲାଣ୍ଡ, ୧୫।୬ (ଏଜେନ୍ସି): ନ୍ୟୁଜିଲାଣ୍ଡରେ ଚାଲିଥିବା ଏଫ୍‌ଆଇଏଚ୍ ନେସନ୍ସ କପ୍ ମହିଳା ହକି ଟୁର୍ଣ୍ଣାମେଣ୍ଟରେ ଭାରତ ବିଜୟରୁ ଅଭିଯାନ ଆରମ୍ଭ କରିଛି। ସୋମବାର ଅନୁଷ୍ଠିତ ପୁଲ୍-ଏ'ର ଏକ ମ୍ୟାଚରେ ଭାରତୀୟ ମହିଳା ଦଳ ୩-୨ ଗୋଲରେ ଆମେରିକାକୁ ପରାସ୍ତ କରିଛି। ବିଜୟୀ ଭାରତୀୟ ଦଳ ପକ୍ଷରୁ ଦୀପିକା ଦୁଇଟି ଓ ନବନୀତ କୌର ଗୋଟିଏ ଗୋଲ୍ ଦେଇଥିଲେ। ଏକଦା ପ୍ରଥମ କ୍ୱାର୍ଟରରେ ଦୁଇଟି ଗୋଲ୍ ଦେଇ ଆମେରିକା ୨-୦ରେ ଅଗ୍ରଣୀ ରହିଥିଲା। କିନ୍ତୁ ଭାରତ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରି ଶେଷରେ ମ୍ୟାଚକୁ ହାତେଇ ନେଇଥିଲା। ଦୀପିକାଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ସାଲିମା ଟେଟେଙ୍କ ନେତୃତ୍ୱାଧୀନ ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ଜାପାନକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।



## ଜର୍ମାନୀର ବୃହତ୍ ବିଜୟ

ହଷ୍ଟନ୍,୧୫।୬(ଏଜେନ୍ସି): ଡେବ୍ୟୁଟାଣ୍ଟ କ୍ୟୁରାସାଓକୁ ୭-୧ ଗୋଲେ ପରାସ୍ତ କରି ୪ଥରର ଫିଫା ବିଶ୍ୱକପ୍ ଚାମ୍ପିଅନ ଜର୍ମାନୀ ବୃହତ୍ ବିଜୟରୁ ୨୦୨୬ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ହଷ୍ଟନ ଷ୍ଟାଡିୟମ୍‌ରେ ରବିବାର ରାତିରେ ଖେଳାଯାଇଥିବା ଗ୍ରୁପ୍-ଇ'ର ପ୍ରଥମ ମ୍ୟାଚ୍‌ରେ ଜର୍ମାନୀକୁ ଅଟକାଇବା କ୍ୟୁରାସାଓ ଖେଳାଳିଙ୍କ ପକ୍ଷେ କଷ୍ଟକର ହୋଇଥିଲା। ଯାହା ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଏହି ଚାମ୍ପିଅନ ଦଳ ୩-୧ ଗୋଲରେ ଅଗ୍ରଣୀ ରହିଥିଲା। ବିଜୟୀ ଜର୍ମାନୀ ଦଳ ପକ୍ଷରୁ କାଇ ହାର୍ଭେଜ୍ ୨ଟି ଗୋଲ ଦେଇଥିଲେ। ସେ ପ୍ରଥମାର୍ଦ୍ଧ ଷ୍ଟପେଜ୍ ଟାଇମ୍‌ରେ ପେନାଲ୍ଟିରୁ ଓ ୮୮ତମ ମିନିଟ୍‌ରେ ଫିଲ୍ଡ ଗୋଲ ଭାବେ ୨ଟି ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖେଳର ୬ଷ୍ଠ ମିନିଟରେ ଫେଲିକ୍ସ ଏନ୍‌ମେଚା, ୩୮ତମ ମିନିଟ୍‌ରେ ନିକୋ ସ୍କୋଲଟରବେକ୍, ୪୭ତମ ମିନିଟ୍‌ରେ ଜମାଲ ମୁସିଆଲା, ୬୮ତମ ମିନିଟ୍‌ରେ ନାଥାନିଲ ବ୍ରାଉନ୍, ୭୮ତମ ମିନିଟ୍‌ରେ ଡେନିଜ ଉଣ୍ଡାଭ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ।

୨୦୦୨ ଫିଫା ବିଶ୍ୱକପ୍‌ରେ ଜର୍ମାନୀ ୮-୦ ଗୋଲରେ ସାଉଦି ଆରବକୁ ହରାଇ ନିଜ ଲାଗି ବୃହତ ବିଜୟର ରେକର୍ଡ କରିଛି। ସେହିପରି ୧୯୮୨ ବିଶ୍ୱକପ୍‌ରେ ଏଲ୍ ସାଲଭାଡରକୁ ୧୦-୧ ଗୋଲରେ ହରାଇ ହଙ୍ଗେରୀ ଫିଫା ବିଶ୍ୱକପ୍ ଇତିହାସରେ ସର୍ବବୃହତ୍ ବିଜୟର ରେକର୍ଡ କରିଛି।

## ପ୍ରଭଞ୍ଜନ, ବସନ୍ତଙ୍କୁ ଓଡ଼ିଶା କୋଚିଂ ଦାୟିତ୍ୱ

ଭୁବନେଶ୍ୱର,୧୫।୬(ସମିସ): ଓଡ଼ିଶା ବରିଷ୍ଠ କ୍ରିକେଟ ଦଳର ହେଡ୍ କୋଚ୍ ଭାବେ ପୂର୍ବତନ ଅଧିନାୟକ ପ୍ରଭଞ୍ଜନ ମଲ୍ଲିକଙ୍କୁ ନିଯୁକ୍ତି ଦେବା ପରେ ଏଥର ପ୍ରାୟ ସମସ୍ତ ଏଜ୍‌ଗ୍ରୁପ୍ ଓ ମହିଳା କ୍ରିକେଟରେ ଓଡ଼ିଶାର ପୂର୍ବତନ ଖେଳାଳିମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି କ୍ରମରେ ପ୍ରୀତମଜିତ ଦାସଙ୍କୁ ବରିଷ୍ଠ ଦଳର ବୋଲିଂ, ୨୩ବର୍ଷରୁ କମ୍ ଦଳରେ ସୁବିତ ବିଶ୍ୱାଳଙ୍କୁ ହେଡ ଓ ବିଭୁଦତ୍ତ ପଣ୍ଡାଙ୍କୁ ବୋଲିଂ, ୧୯ ବର୍ଷରୁ କମ୍ ଦଳରେ ରାଜ୍ୟର ପୂର୍ବତନ ନଂ-୧ ଫାଷ୍ଟ ବୋଲର ବସନ୍ତ ମହାନ୍ତିଙ୍କୁ ହେଡ୍ ଓ ରାକେଶ ମହାନ୍ତିଙ୍କୁ ବ୍ୟାଟିଂ, ୧୬ ବର୍ଷରୁ କମ୍ ଦଳରେ ରଶ୍ମିରଞ୍ଜନ ଦାସଙ୍କୁ ହେଡ ଓ ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ବୋଲିଂ କୋଚ୍ ଦାୟିତ୍ୱ ଦିଆଯାଇଛି।

### ଖଣ୍ଡିତର ସର୍ବଭାରତୀୟ କବାଡ଼ି

# ମହିଳା ସେମିରେ କିଟ୍-ପଟ୍ଟନାୟକ ଏକାଡେମୀ

କୁଆଖିଆ,୧୫।୬(ସମିସ)

ଯାଜପୁରଜିଲ୍ଲାର ଖଣ୍ଡିତରଠାରେ ଯାଜପୁର କବାଡି ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ କବାଡି ପ୍ରତିଯୋଗିତାର ମହିଳା ବିଭାଗ ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଛି। ଆସନ୍ତାକାଲି ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ରାୟପୁର ସହ ରାଜନନ୍ଦନଗାଁର ମୁକାବିଲା ହେବ। ସେହିପରି ଦ୍ୱିତୀୟ ସେମିଫାଇନାଲରେ ଭୁବନେଶ୍ୱରର ଦୁଇ ଦଳ ମଧ୍ୟରେ ଖେଳାଯିବ। ଏହି ମୁକାବିଲାଟି କିଟ୍ ଓ ପଟ୍ଟନାୟକ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ପୁରୁଷ ବିଭାଗରେ ମଧ୍ୟ କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ପ୍ରଥମ କ୍ୱାର୍ଟର ଫାଇନାଲରେ ପୁଲ-ଏ' ବିଜେତା ବିଳାସପୁର ସହ ପୁଲ୍- ଡିରେ ରନର୍ସ ଅପ୍ ହୋଇଥିବା ଜବଲପୁର ଖେଳିବ। ଦ୍ୱିତୀୟ କ୍ୱାର୍ଟରରେ ଭୋପାଳ ସହ ଜବଲପୁର, ତୃତୀୟ କ୍ୱାର୍ଟରରେ ନାଗପୁର ସହ ପଟ୍ଟନାୟକ ଏକାଡେମୀ ଓ ଚତୁର୍ଥ କ୍ୱାର୍ଟର ଫାଇନାଲରେ କୋଲକାତା ପୁଲିସ୍ ସହ ରୋହତକର ମୁକାବିଲା ହେବ। ଗତକାଲି ବର୍ଷା ଯୋଗୁଁ ଅନେକ ମ୍ୟାଚ୍ ବାତିଲ କରାଯାଇଥିଲା। ଆଜି ସମସ୍ତଙ୍କ ସହଯୋଗ ବଳରେ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଶେଷ ହୋଇଛି। ଆସନ୍ତାକାଲି ନକ୍‌ଆଉଟ ସହ ପ୍ରତିଯୋଗିତା ଶେଷହେବ। ଯାଜପୁରର ଉଭୟ ପୁରୁଷ ଓ ମହିଳା ଦଳଠାରୁ ଉନ୍ନତ ଆଶା ରଖାଯାଇଥିଲେ ମଧ୍ୟ ସେଥିରେ ସଫଳ ହୋଇ ପାରି ନାହାନ୍ତି।

ଆଜିର ଖେଳରେ ଓଡ଼ିଶା କବାଡ଼ି ସଂଘର ସମ୍ପାଦକ ଅଜୟ ବେହେରା, ଯୁଗ୍ମ ସମ୍ପାଦକ ସୂର୍ଯ୍ୟନାରାୟଣ ମହାନ୍ତି , ସାମାଜିକ କର୍ମୀ ମିନତୀ ସାହୁ ଅତିଥିଭାବେ ଉପସ୍ଥିତ ଥିଲେ। ଏଠାରେ ଅନ୍ତର୍ଜାତୀୟ ଖେଳାଳିମାନଙ୍କର ଉପସ୍ଥିତି ଦେଖି ସମ୍ପାଦକ ବେହେରା ଉତ୍ସାହିତ ହେବା ସହ ଯାଜପୁର କବାଡ଼ି ସଂଘକୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ଘୋଷଣା କରିଛନ୍ତି।



## ଆଇପିଏଲ୍ ଫାଇନାଲକୁ ଦେଖିଛନ୍ତି ୪୦ କୋଟି ଦର୍ଶକ

ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି): ନିକଟରେ ଶେଷ ହୋଇଥିବା ଆଇପିଏଲ୍‌ର ୧୯ତମ ସଂସ୍କରଣ ଭିୟୁଅରସିପ୍ (ଦର୍ଶକଙ୍କ ଦେଖିବା ସଂଖ୍ୟା)ରେ ସମସ୍ତ ପୂର୍ବ ରେକର୍ଡ ଭଙ୍ଗ କରିଛି। ସବୁଠାରୁ ଅଧିକ ଦର୍ଶକ ଦେଖିଥିବା ସିଜନ ହୋଇଛି ଆଇପିଏଲ୍-୧୯। ବ୍ରଡକାଷ୍ଟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଟିଭି ଏବଂ ଡିଜିଟାଲକୁ ମିଶାଇ ଏଥର ମୋଟ୍ ୧.୨ ବିଲିୟନ (୧୨୦ କୋଟି) ଦର୍ଶକ ମ୍ୟାଚ୍ ଉପଭୋଗ କରିଥିଲେ। ଯାହାକି ୨୦୨୫ ସଂସ୍କରଣଠାରୁ ୭ ପ୍ରତିଶତ ଅଧିକ ରହିଛି। ୧୯ତମ ସଂସ୍କରଣରେ ୱାଚ୍ ଟାଇମ୍ (ଦେଖିବା ସମୟ) ୮୭୦ ବିଲିୟନ ମିନିଟରେ ପହଞ୍ଚିଛି। ସେହିଭଳି ଏଥର ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଓ ଗୁଜରାଟ ଟାଇଟାନ୍ସ ମଧ୍ୟରେ ଖେଳାଯାଇଥିବା ଫାଇନାଲ ମ୍ୟାଚକୁ ରେକର୍ଡ ସଂଖ୍ୟକ ୪୦ କୋଟି ଲୋକ ଟିଭି ଓ ଅନଲାଇନରେ ଦେଖିଥିଲେ। ଯାହାକି ଆଇପିଏଲ୍ ଇତିହାସରେ ଗୋଟିଏ ମ୍ୟାଚକୁ ସର୍ବାଧିକ ଦର୍ଶକ ଦେଖିଥିବା ମ୍ୟାଚ୍ ହୋଇଛି।

ସକାଳ
THE SAKALA
www.thesakala.in

The Sakala require the following post for Head Office urgently.

MARKETING EXECUTIVE

Qualification: MBA with 5 yrs. experience.

Send your CV by 20.06.2026 to
DGM, HR
Email: hr@thesakala.com
Mob.: 9437016499

THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS